ଉତ୍କଳ ସାହିତ୍ୟ ସମାଜ

ଚିତ୍ର ଚରିତ

ରତ୍ନାକର ଚଇନି

Digitized by srujan ka@gmail.com

ଉତ୍କଳ ସାହିତ୍ୟ ସମାଜ

ଚିତ୍ର ଚରିତ

ଉତ୍କଳ ସାହିତ୍ୟ ସମାଜ ଆନୁକୂଲ୍ୟରେ
ସଂଗ୍ରହ ଓ ସଂପାଦନା

ଡକ୍ଟର ରତ୍ନାକର ଚଇନି

ସଭାପତି, ଉତ୍କଳ ସାହିତ୍ୟ ସମାଜ
ଶ୍ରୀରାମଚନ୍ଦ୍ର ଭବନ, କଟକ

ବିଦ୍ୟାପୁରୀ

Digitized by srujan ka@gmail.com

Utkal Sahitya Samaj
CHITRA CHARITA
On behalf of Utkal Sahitya Samaj
Collected and Edited
by Dr. Ratnakar Chaini
President, Utkal Sahitya Samaj
Sriram chandra Bhawan, Cuttack
Published by Vidyapuri, Cuttack 753002
First Published, 7 May 2002

ISBN 81-7411-405-X

ପ୍ରଥମ ପ୍ରକାଶ ୭ ମେ ୨୦୦୨

ପ୍ରକାଶକ
ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

ଲିପିସଂଯୋଜନ
ବିଦ୍ୟାଶ୍ରୀ ଡିଟିପି ସେଣ୍ଟର
ଆଲାମଚାନ୍ଦବଜାର, କଟକ ୭୫୩୦୦୨

ମୁଦ୍ରଣ
ଜଗନ୍ନାଥ ଅଫ୍‌ସେଟ୍, କଟକ

ମୂଲ୍ୟ ୮୦.୦୦

Digitized by srujan ka@gmail.com

ଅଗ୍ରଲେଖା

ଓଡ଼ିଶା ସାହିତ୍ୟ ଓ ସଂସ୍କୃତି ଜଗତର ଅଗ୍ରଗଣ୍ୟ ଅନୁଷ୍ଠାନ ହେଉଛି 'ଉତ୍କଳ ସାହିତ୍ୟ ସମାଜ' । ଓଡ଼ିଶାର ଯୋଗଜନ୍ମା ବରପୁତ୍ରମାନଙ୍କର ତୈଳଚିତ୍ର ଏହି ଅନୁଷ୍ଠାନର ସ୍ଥାୟୀ କକ୍ଷ ଶ୍ରୀରାମଚନ୍ଦ୍ର ଭବନରେ ସ୍ଥାନିତ । ପ୍ରାୟ ବାର ବର୍ଷ ତଳୁ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟକାରୀ ସମିତିରେ ସ୍ଥିର ହୋଇଥିଲା, ଏହି ତୈଳଚିତ୍ରମାନଙ୍କର ପରିଚୟାତ୍ମକ ଗ୍ରନ୍ଥଟିଏ ପ୍ରକାଶିତ ହେଉ । ମାତ୍ର ସେ କାର୍ଯ୍ୟରେ ବିଶେଷ କିଛି ଅଗ୍ରଗତି ହୋଇପାରିଲା ନାହିଁ । ଡଃ ବ୍ରଜମୋହନ ମହାନ୍ତି ସଭାପତି ଓ ମୁଁ ସାଧାରଣ ସଂପାଦକ ଥିଲାବେଳେ ପୁଣି ଥରେ ଏ କାର୍ଯ୍ୟପାଇଁ ପ୍ରୟାସ କରାଗଲା । ଡଃ ଶ୍ରୀଚରଣ ଦାସ ଅନେକ ତଥ୍ୟ ସଂଗ୍ରହକରି ବ୍ରଜବାବୁଙ୍କୁ ଦେଇଥିଲେ । ଏଥିପାଇଁ ଅଧିକ ପ୍ରଚେଷ୍ଟା ଆବଶ୍ୟକ ବୋଲି ଆମେ ଆଲୋଚନା କରିଥିଲୁ । ଦୁଃଖର କଥା, ବ୍ରଜବାବୁଙ୍କ ଅକାଳ-ବିୟୋଗ ଫଳରେ ତାହା ମଧ୍ୟ ଦୁଷ୍ପ୍ରାପ୍ୟ ହୋଇଗଲା । ଶ୍ରୀଯୁକ୍ତ ପଠାଣି ପଟ୍ଟନାୟକ ସଭାପତି ଥିବା ସମୟରେ ଏ କାର୍ଯ୍ୟ ସଂପାଦନ କରିବାପାଇଁ ମତେ ବାରଂବାର କହିଥିଲେ ।

ସେ ଯାହାହେଉ, ଏତେ ଦିନର ସ୍ୱପ୍ନ ଆଜି ସାକାର ହେବାକୁ ଯାଉଛି । ଯେଉଁମାନେ ଏ କାମପାଇଁ ଗୁଣ୍ଡୁଚିମୂଷାଭଳି ଲାଗିପଡ଼ିଥିଲେ, ମତେ ସାହାଯ୍ୟ ଓ ସହଯୋଗ କରିଥିଲେ, ସମସ୍ତଙ୍କୁ ଏହି ଅବସରରେ ମୁଁ କୃତଜ୍ଞତା ଜଣାଉଛି । ଉତ୍କଳ ସାହିତ୍ୟ ସମାଜ ଏକ ଶତାୟୁ ଅନୁଷ୍ଠାନ । ଏଠାରେ ସ୍ଥାନିତ ଚିତ୍ରପଟଗୁଡ଼ିକ ଆମର ଜାତୀୟ ସମ୍ପଦ । ସେଗୁଡ଼ିକର ସୁରକ୍ଷା କରିବା ଓ ପରିଚୟାତ୍ମକ ବିବରଣୀ ପ୍ରଦାନ କରିବା ଆମର ଉତ୍ତର-ଦାୟିତ୍ୱ । ଶ୍ରୀରାମଚନ୍ଦ୍ର ଭବନର କାନ୍ଥ ଇଟା-କାଦୁଅରେ ତିଆରି । ଉଇ ବାରଂବାର ବହୁ ମୂଲ୍ୟବାନ ଦଲିଲ ଓ ଚିତ୍ରପଟ ଧ୍ୱଂସ କରିଚାଲିଛନ୍ତି । ସେମାନଙ୍କ କବଳରୁ ଆମର ଐତିହ୍ୟ-ସଂପନ୍ନ ସଂପତ୍ତିକୁ ରକ୍ଷା କରିବାର ପ୍ରୟାସ ବଳବତ୍ତର ଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ନୁହେଁ । ତା'ଛଡ଼ା ଏହି କକ୍ଷରେ ଚିତ୍ରପଟ ରଖିବାପାଇଁ ସ୍ଥାନାଭାବ ଘଟିଲାଣି । ସବୁ କଥାକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବାକୁ ପଡ଼ିବ । 'ଦାସ ଆଣ୍ଡ ଦାସ'ର ମୁଖିଆ ହୃଦୟାନନ୍ଦ ଦାସ ଯଥାସମୟରେ କଠିନ ପରିଶ୍ରମକରି ଫଟୋ ଉଠାଇ ଯୋଗାଇ ଦେଇଥିବାରୁ ମୁଁ ତାଙ୍କୁ ଧନ୍ୟବାଦ ଜଣାଉଛି ।

ଚିତ୍ର-ଚରିତ ପ୍ରକାଶନ ବେଳେ ସବୁଠାରୁ ଅଧିକ ଆଗ୍ରହ ପ୍ରକାଶ କରିଥିଲେ 'ବିଦ୍ୟାପୁରୀ'ର ଶ୍ରୀଯୁକ୍ତ ପୀତାମ୍ବର ମିଶ୍ର । ତାଙ୍କରି ଯୋଗୁଁ ଖୁବ୍ କମ୍ ସମୟ ଭିତରେ ଏ ଗ୍ରନ୍ଥ ପ୍ରକାଶ ପାଇବା ସମ୍ଭବ ହେଲା । ତାଙ୍କୁ ସାଧୁବାଦ ଜଣାଉଛି । ସଂଗ୍ରହ କାର୍ଯ୍ୟରେ ବିଶେଷ ସାହାଯ୍ୟ କରିଥିବାରୁ ଭାବଗ୍ରାହୀ, ଚିତ୍ତରଂଜନ ଓ ଅଜୁ ଆଦିଙ୍କୁ ଧନ୍ୟବାଦ ଜଣାଉଛି । ଯେଉଁମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ସାହାଯ୍ୟ-ସହଯୋଗ କରିଛନ୍ତି ସେମାନଙ୍କ ନିକଟରେ କୃତଜ୍ଞ ।

ତା ୨.୫.୨୦୦୨ — ରତ୍ନାକର ଚଇନି

Digitized by srujan ka@gmail.com

ଶତାବ୍ଦୀର ସ୍ମାରକୀ 'ଚିତ୍ର-ଚରିତ'

'ଉତ୍କଳ ସାହିତ୍ୟ ସମାଜ' ଉତ୍କଳୀୟ ସ୍ୱାଭିମାନ, ଜାତୀୟ ଚେତନା ସର୍ବୋପରି ଆମ ସାହିତ୍ୟ ସଂସ୍କୃତିର ପ୍ରାଚୀନତମ ଅନୁଷ୍ଠାନ । ଉତ୍କଳ ସାହିତ୍ୟ ସମାଜର ବାଣୀମନ୍ଦିର-ଶ୍ରୀରାମଚନ୍ଦ୍ର ଭବନ । ଓଡ଼ିଆ ଭାଷା, ସାହିତ୍ୟର ସୁରକ୍ଷା ଓ ବିକାଶରେ କେବଳ ନୁହେଁ, ଓଡ଼ିଆ ଜାତିକୁ ଦିଗ୍‌ଦର୍ଶନ ଦେବାରେ ଏହି ଅନୁଷ୍ଠାନ ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଛି ।

ଶତାବ୍ଦୀର ସାଧନାପୀଠ-ଶ୍ରୀରାମଚନ୍ଦ୍ର ଭବନ ଆମର ମହାନ୍ ଅତୀତକୁ ସ୍ମରଣ କରାଇଦେବା ସହିତ ଉତ୍ତରପୁରୁଷମାନଙ୍କୁ ପ୍ରେରଣା, ଉତ୍ସାହ ଯୋଗାଇ ଆସିଛି । ଏହି ଭବନ ବାସ୍ତବରେ ଓଡ଼ିଆ ଜାତିର ଗର୍ବ, ଗୌରବର ପ୍ରତୀକ । ଶ୍ରୀରାମଚନ୍ଦ୍ର ଭବନ ଓଡ଼ିଆ ସାହିତ୍ୟର ପ୍ରଖ୍ୟାତ ସାରସ୍ୱତ ସାଧକ, ପ୍ରତିଭାଧର ବ୍ୟକ୍ତିମାନଙ୍କ ପ୍ରତିକୃତିରେ ସୁଶୋଭିତ ହୋଇଛି । ଓଡ଼ିଶା କାହିଁକି, ଓଡ଼ିଶା ବାହାରର ବହୁ ବିଦ୍ୱାନ୍, ପର୍ଯ୍ୟଟକ, ଲେଖକ ଏହି ପ୍ରତିକୃତିଗୁଡ଼ିକୁ ଦେଖି ମୁଗ୍ଧ ହୋଇଛନ୍ତି । ଏହା ଏକ ବିରଳ ସାରସ୍ୱତ ସଂଗ୍ରହାଳୟ ବୋଲି କେହି କେହି ମତ ପ୍ରକାଶ କରିଛନ୍ତି । କିନ୍ତୁ ଏହି ଭବନରେ ସ୍ଥାନିତ ବାଣୀପୁତ୍ରମାନଙ୍କ ପ୍ରତିକୃତିଗୁଡ଼ିକର କୃତି, ଜୀବନୀ ସୁସଂଯୋଜିତ ହୋଇ ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇ ନ ଥିଲା । ଏହାର ଆବଶ୍ୟକତା ବହୁଦିନରୁ ଉପଲବ୍ଧ ହେଉଥିଲା । ଗତ ଜୁଲାଇ ମାସରେ 'ଉତ୍କଳ ସାହିତ୍ୟ ସମାଜ'ର ନବନିର୍ବାଚିତ କର୍ମକର୍ତ୍ତା ଦାୟିତ୍ୱ ଗ୍ରହଣ କଲା ପରେ ଏହି ଗ୍ରନ୍ଥର ପ୍ରକାଶନପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା । ଏହାର ସୁଯୋଗ୍ୟ ସଭାପତି ତଥା ସାଂପ୍ରତିକ ଓଡ଼ିଆ ସାହିତ୍ୟର ଖ୍ୟାତନାମା ସାରସ୍ୱତ ସ୍ରଷ୍ଟା ଡକ୍ଟର ରତ୍ନାକର ଚଇନିଙ୍କୁ ଏହି ଗ୍ରନ୍ଥ ରଚନାପାଇଁ କାର୍ଯ୍ୟକାରୀ ସମିତି ବୈଠକରେ ନିବେଦନ କରାଯାଇଥିଲା । ଅଧ୍ୟାପକ ଚଇନି ବହୁ ପ୍ରତିକୂଳ ପରିସ୍ଥିତି ଭିତରେ ରହି ମଧ୍ୟ ଗ୍ରନ୍ଥ ରଚନାପାଇଁ ନିରନ୍ତର ଚେଷ୍ଟା ଅବ୍ୟାହତ ରଖିଲେ । ତାଙ୍କର ନିଷ୍ଠା, ଉଦ୍ୟମ ସଫଳ ହେଲା ଓ 'ଚିତ୍ର-ଚରିତ' ଗ୍ରନ୍ଥ ଆତ୍ମପ୍ରକାଶ କଲା । ଏହି ଗ୍ରନ୍ଥ ଓଡ଼ିଆ ଜାତିର ଅମୂଲ୍ୟ ସଂପଦ ହୋଇ ରହିବ ।

ଶତାବ୍ଦୀର ସ୍ମାରକୀ 'ଚିତ୍ର-ଚରିତ' ଗ୍ରନ୍ଥ ଯୋଗୁଁ 'ଉତ୍କଳ ସାହିତ୍ୟ ସମାଜ'ର ଶତବାର୍ଷିକୀ ପାଳନ ଅବସରରେ ବହୁଦିନର ସ୍ୱପ୍ନ ସଫଳ ହୋଇଛି । ଏକ ଐତିହାସିକ କର୍ତ୍ତବ୍ୟ ସଂପାଦନ କରି ଡଃ ରତ୍ନାକର ଚଇନି ଧନ୍ୟବାଦର ପାତ୍ର । ଏହି ଶୁଭ ଅବସରରେ ଆମେ ଆମ ସାରସ୍ୱତ ପରିବାରର ସମସ୍ତଙ୍କୁ ଗଭୀର କୃତଜ୍ଞତା ଜଣାଉଛୁ । ଆମ ଜାତିର ବରପୁତ୍ରମାନଙ୍କର ପରିଚୟଧର୍ମୀ ଗ୍ରନ୍ଥ 'ଚିତ୍ର-ଚରିତ' ଗବେଷକ, ଆଲୋଚକ, ସୁଧୀ ସାହିତ୍ୟିକ, ଶ୍ରଦ୍ଧାଳୁ ପାଠକ-ପାଠିକାମାନଙ୍କ ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିବ ବୋଲି ମୁଁ ବିଶ୍ୱାସ ରଖୁଛି ।

ବିଜୟାନନ୍ଦ ସିଂହ
ସାଧାରଣ ସଂପାଦକ, ଉତ୍କଳ ସାହିତ୍ୟ ସମାଜ

Digitized by srujan ka@gmail.com

ଉତ୍କଳ ସାହିତ୍ୟ ସମାଜ
'ପଶ୍ୟେମ ଶରଦଃ ଶତମ୍'

ଶ୍ରୀ ପଠାଣି ପଟ୍ଟନାୟକ

ଭାରତର ପ୍ରାଚୀନତମ ଶାସ୍ତ୍ର ହେଉଛି ବେଦ । ଏଥିରେ ପୁଣ୍ୟଶ୍ଳୋକ ହିନ୍ଦୁ ଋଷିମାନଙ୍କର ଚିରନ୍ତନ ଭାବନା ଲିପିବଦ୍ଧ ହୋଇଅଛି । ''ଆମେ ଶହେ ବର୍ଷ ଅକ୍ଷୁଣ୍ଣ ଭାବରେ ଦେଖୁ'' ବୋଲି ସେମାନେ କାମନା କରି ଯାଇଛନ୍ତି । ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ଅନ୍ୟତମ ପ୍ରାଚୀନ ସାହିତ୍ୟ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ' ତାହାର ନିରବଚ୍ଛିନ୍ନ ଏକଶତ ବର୍ଷର ଗୌରବମୟ ଜୀବନର ସ୍ମୃତିଚାରଣ କରୁଅଛି ।

ଭୋଇ ରାଜବଂଶର ପତନ ପରେ ଓଡ଼ିଶାଭୂମି ଦୀର୍ଘକାଳ ପରାଧୀନତାର ତୀବ୍ର କଷାଘାତରେ ସନ୍ତୁଳି ହୋଇଥିଲେ ହେଁ ତାହାର ଆତ୍ମାଭିମାନ ବିସ୍ମୃତ ହୋଇ ନ ଥିଲା । ମାତ୍ର ଇଂରେଜ ଅଧିକାର ପରେ ଓଡ଼ିଶାରେ ଏହି ବିଦେଶୀ ଶାସନକୁ ଅସ୍ୱୀକାର କରି ଦୀର୍ଘକାଳ ବିଦ୍ରୋହ ଲାଗିରହିବାରୁ ଇଂରେଜ କୂଟନୀତି ଏହି ପ୍ରଦେଶକୁ ଚରମ ଅବହେଳା ପ୍ରଦର୍ଶନ କଲେ । ଓଡ଼ିଶାର ସାମାଜିକ ଜୀବନରେ ଅବକ୍ଷୟର ଅମା-ଅନ୍ଧକାର ରାଜପଣ କଲା ବହୁକାଳ ପର୍ଯ୍ୟନ୍ତ । ଓଡ଼ିଆମାନେ ଏକ ଆତ୍ମବିସ୍ମୃତ ଜାତିରେ ପରିଣତ ହୋଇଗଲେ । ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଜୀବନର ଚରମ ଅଧୋଗତି ମଧ୍ୟରେ ଅବସ୍ଥିତ ହୋଇ ମଧ୍ୟ ଓଡ଼ିଆମାନେ ଏକାଠିହୋଇ ନିଜର ସମସ୍ୟା ଆଲୋଚନା କରିବା ଅଥବା ନିଜର ଅଧିକାର ଦାବିକରିବାର ସତ୍‌ସାହସ ହରାଇ ବସିଥିଲେ । ଏହିପରି ଏକ ସନ୍ଧିକ୍ଷଣରେ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମୁଷ୍ଟିମେୟ ବୁଦ୍ଧିଜୀବୀ ଏକାଠିହୋଇ ସାମୟିକ ଆଲୋଚନା କରିବା ଦେଖାଯାଇଥିଲା । ଏହିପରି ଏକ ଅନୁଷ୍ଠାନ 'ଆଲୋଚନା ସଭା' ତତ୍‌କାଳୀନ କଟକ ଟ୍ରେନିଂସ୍କୁଲ ପରିସର ମଧ୍ୟରେ ପ୍ରତିଷ୍ଠିତ ହେଲା । ଏହାର ପ୍ରଧାନ ପ୍ରେରଣାଦାତା ଓ ପ୍ରଥମ ସଭାପତି ଥିଲେ ଭକ୍ତକବି ମଧୁସୂଦନ ରାଓ ଓ ସଂପାଦକ ଥିଲେ ବିଶିଷ୍ଟ ଶିକ୍ଷାବିତ୍ ଚନ୍ଦ୍ରମୋହନ ମହାରଣା । ଏହି ଆଲୋଚନା ସଭାରେ ଅଂଶଗ୍ରହଣ କରୁଥିଲେ 'ଉତ୍କଳ ସାହିତ୍ୟ' ପତ୍ରିକାର ସଂପାଦକ ବିଶ୍ୱନାଥ କର । ଶିକ୍ଷକ ମଧୁସୂଦନ ଦାଶ, କବି ନନ୍ଦକିଶୋର ବଳ, ସୁଲେଖକ ଦାମୋଦର ଦାସ, ପ୍ରାବନ୍ଧିକ କୃଷ୍ଣପ୍ରସାଦ ଚୌଧୁରୀ, ସୁସାହିତ୍ୟିକ ଆର୍ତ୍ତତ୍ରାଣ ଶତପଥୀ, ଶ୍ୟାମସୁନ୍ଦର ନନ୍ଦ, ଦୈତାରୀ କର ଓ ମୃତ୍ୟୁଞ୍ଜୟ ରଥ । ଟ୍ରେନିଂସ୍କୁଲରେ ଅଧ୍ୟୟନ କରୁଥିବା ଛାତ୍ରମାନେ ମଧ୍ୟ ଏହି ଆଲୋଚନା

Digitized by srujan ka@gmail.com

ସଭାରେ ଅଂଶଗ୍ରହଣ କରୁଥିଲେ । ଏଠାରେ ବିଭିନ୍ନ ଅଧିବେଶନରେ ପଠିତ ପ୍ରବନ୍ଧଗୁଡ଼ିକ 'ଉତ୍କଳ ସାହିତ୍ୟ' ପତ୍ରିକାରେ ସ୍ଥାନିତ ହେଉଥିଲା । ଖଣ୍ଡବିଖଣ୍ଡିତ ଓଡ଼ିଆଭାଷୀ ଅଞ୍ଚଳ ପଡ଼ୋଶୀ ପ୍ରଦେଶରେ ଅବହେଳିତ ହେଉଥିବାରୁ ଓଡ଼ିଆଭାଷୀ ଅଞ୍ଚଳର ଏକୀକରଣ ଉଦ୍ଦେଶ୍ୟରେ ଉତ୍କଳ ସମ୍ମିଳନୀ ଜନ୍ମ ଗ୍ରହଣ କଲା ଏବଂ ଏହାର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା ୧୯୦୩ ସାଲ ଡିସେମ୍ବର ମାସ ୩୦ ତାରିଖରେ କଟକର ଇଦ୍‌ଗା ପଡ଼ିଆରେ । ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ଜନନେତାଗଣ ଏହି ଅଧିବେଶନରେ ଏକାଠି ହୋଇଥିଲେ । ଉତ୍କଳ ସମ୍ମିଳନୀର କେବଳ ଲକ୍ଷ୍ୟ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନ ଥିଲା; ଓଡ଼ିଆମାନେ ଶିକ୍ଷା, ବାଣିଜ୍ୟ ଓ ସାହିତ୍ୟ ପ୍ରଭୃତି ବିଭିନ୍ନ କ୍ଷେତ୍ରରେ କିପରି ପ୍ରଗତି ପଥରେ ଅଗ୍ରସର ହେବେ, ସେଥିପାଇଁ ମଧ୍ୟ ଅଭିଯାନ ଆରମ୍ଭ ହୋଇଥିଲା । ତେଣୁ ଏହି ପ୍ରଥମ ଅଧିବେଶନର ପଞ୍ଚମ ପ୍ରସ୍ତାବରେ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ତାହାର ଭାଷା ଥିଲା ଏହିପରି - ''ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ସାଧନାର୍ଥେ ସମ୍ମିଳିତ ଓ ସୁଚାଳିତ ଚେଷ୍ଟାର ଆବଶ୍ୟକତା ଏହି ସମ୍ମିଳନୀ ଉପଲବ୍ଧି କରୁଅଛନ୍ତି । ସେହି ଉଦ୍ଦେଶ୍ୟ ସାଧନାର୍ଥେ ନିମ୍ନୋକ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଗୋଟିଏ ସ୍ଥାୟୀ ସମିତି ଗଠିତ ହେଉ ।''

ଏହି କମିଟିରେ ସଭ୍ୟ ମନୋନୀତ ହୋଇଥିଲେ '' ରାଧାନାଥ ରାୟ, ମଧୁସୂଦନ ରାଓ, ଫକୀରମୋହନ ସେନାପତି, ବିଶ୍ୱନାଥ କର, ଅଭିରାମ ଭଞ୍ଜ, ନନ୍ଦକିଶୋର ବଳ, ମଧୁସୂଦନ ଦାଶ (ଶିକ୍ଷକ) ଓ ଗୋପାଳଚନ୍ଦ୍ର ପ୍ରହରାଜ ।''

ସେତେବେଳେ ବଙ୍ଗପ୍ରଦେଶରେ ନବଜାଗରଣର ଯୁଗ ଚାଲିଥାଏ । ବଙ୍ଗଦେଶରେ 'ଦି ବେଙ୍ଗଲ ଏକାଡେମୀ ଅଫ୍ ଲିଟରେଚର, ନାମରେ ଏକ ସାଂସ୍କୃତିକ ଅନୁଷ୍ଠାନ 'ବଙ୍ଗୀୟ ସାହିତ୍ୟ ପରିଷଦ' ନାମରେ ପରିଚିତ ହୁଏ ୧୮୯୪ ମସିହାରେ । ଠିକ୍ ସେହିପରି ୧୮୯୩ରେ ଟ୍ରେନିଂସ୍କୁଲରେ ପ୍ରତିଷ୍ଠିତ 'ଆଲୋଚନା ସଭା' ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ରୂପାନ୍ତରିତ ହୋଇଯାଏ ଆଜିର କୁଳବୃଦ୍ଧ ସାରସ୍ୱତ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ' ନାମରେ । ପ୍ରଥମରୁ ଏହି ଅନୁଷ୍ଠାନକୁ ଯେଉଁମାନେ ନେତୃତ୍ୱ ପ୍ରଦାନ କରି ଆସିଥିଲେ, ସେମାନଙ୍କ ମଧ୍ୟରେ ଥିଲେ ମଧୁସୂଦନ ରାଓ, ବିଶ୍ୱନାଥ କର, ଫକୀରମୋହନ ସେନାପତି, ଗୋପାଳଚନ୍ଦ୍ର ପ୍ରହରାଜ, ବ୍ରଜସୁନ୍ଦର ଦାସ, କୃଷ୍ଣପ୍ରସାଦ ଚୌଧୁରୀ, ଲକ୍ଷ୍ମୀନାରାୟଣ ସାହୁ, ଶଶିଭୂଷଣ ରାୟ, ଭିକାରୀଚରଣ ପଟ୍ଟନାୟକ, ସରଳା ଦେବୀ, ଆର୍ତ୍ତବଲ୍ଲଭ ମହାନ୍ତି, କାଳିନ୍ଦୀଚରଣ ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ପ୍ରାଣକୃଷ୍ଣ ପରିଜା, ଚିନ୍ତାମଣି ଆଚାର୍ଯ୍ୟ ପ୍ରଭୃତି ବହୁ କୃତବିଦ୍ୟ ସାହିତ୍ୟ ସାଧକ । ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ସାହିତ୍ୟିକଗଣ ଏହି ଅନୁଷ୍ଠାନର ବିଭିନ୍ନ ଅଧିବେଶନରେ ଯୋଗଦାନ

Digitized by srujan ka@gmail.com

କରି ନିଜକୁ ଗୌରବାନ୍ୱିତ ମନେ କରୁଥିଲେ । ସାହିତ୍ୟ ସମାଜର ଆନୁକୂଲ୍ୟରେ ବର୍ଷ ପରେ ପରେ ବିଭିନ୍ନ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶ ଗ୍ରହଣକରି ସମ୍ମାନିତ ହେଉଥିଲେ ଓଡ଼ିଶାର ବିଶିଷ୍ଟ ପ୍ରାବନ୍ଧିକ ଓ ଗବେଷକଗଣ । ପ୍ରସିଦ୍ଧ 'ଉତ୍କଳ ସାହିତ୍ୟ' ପତ୍ରିକା ସତେଯେପରି ଥିଲା ଉତ୍କଳ ସାହିତ୍ୟ ସମାଜର ମୁଖପତ୍ର । ବିଗତ ଏକଶତ ବର୍ଷ ମଧ୍ୟରେ ଓଡ଼ିଆ ସାହିତ୍ୟ ସଂସାରର ବହୁ ସ୍ମରଣୀୟ ବ୍ୟକ୍ତିତ୍ୱଙ୍କର ତୈଳଚିତ୍ର ରାମଚନ୍ଦ୍ର ଭବନକୁ ଶୋଭନୀୟ କରିଅଛି । ଏହାକୁ ଓଡ଼ିଆ ଲେଖକ ସଂସାରର ଏକ ଚମତ୍କାର ଯାଦୁଘର ବୋଲି ଗ୍ରହଣ କରାଯାଇପାରେ । ଭାରତର କୌଣସି ପ୍ରାନ୍ତରେ ଏକ ନିର୍ଦ୍ଦିଷ୍ଟ ସାହିତ୍ୟର ବ୍ୟକ୍ତିତ୍ୱମାନଙ୍କର ଏପରି ତୈଳଚିତ୍ରର ସମାବେଶ ଦେଖିବାକୁ ମିଳେ ନାହିଁ । ସୁଖର ବିଷୟ ଯେ ଶତବାର୍ଷିକୀ ଉତ୍ସବ ବର୍ଷରେ ଏହି ତୈଳଚିତ୍ରମାନଙ୍କର ଏକ ପରିଚିତି-ଗ୍ରନ୍ଥ ପ୍ରକାଶିତ ହେଉଅଛି । ଶତବାର୍ଷିକୀ ଉତ୍ସବ ପାଳନ ଅବସରରେ ଅନେକ ଗଠନମୂଳକ କାର୍ଯ୍ୟାନୁଷ୍ଠାନ ମଧ୍ୟରେ ସାରସ୍ୱତ-ଚରିତର ଏହି ଅଭିନବ ପ୍ରକାଶନ ଅତ୍ୟନ୍ତ ଉଲ୍ଲେଖନୀୟ ହେବ ବୋଲି ଆଶା କରାଯାଏ ।

ଉତ୍କଳ ସାହିତ୍ୟ ସମାଜ ଏକ ଜାତୀୟ ଅନୁଷ୍ଠାନ । ସମଗ୍ର ଓଡ଼ିଆଭାଷୀ ଅଞ୍ଚଳର ସାହିତ୍ୟସେବୀଙ୍କର ସହଯୋଗ ଓ ସଦିଚ୍ଛାକୁ ସମ୍ବଳକରି ଦୀର୍ଘଜୀବନ ପଥରେ ସେ ଅଗ୍ରସର ହେବ ବୋଲି ଆଶା କରାଯାଏ । ଜୟ ମା' କଳିଙ୍ଗ ଭାରତୀ ।

Digitized by srujan ka@gmail.com

ସୂଚିପତ୍ର

ବାଣୀ ବନ୍ଦନା	୧
ମହାକବି ସାରଳା ଦାସ	୨
ମହାପୁରୁଷ ଅଚ୍ୟୁତାନନ୍ଦ ଦାସ	୩
ଅତିବଡ଼ୀ ଜଗନ୍ନାଥ ଦାସ	୪
କବି-ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ	୫
ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର	୬
କବିସୂର୍ଯ୍ୟ ବଳଦେବ ରଥ	୭
ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ)	୮
ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତ	୯
ଜଗନ୍ନାଥ ପାଣି	୧୦
କର୍ମବୀର ଗୌରୀଶଙ୍କର ରାୟ	୧୧
ଆଦି-ନାଟ୍ୟକାର ଜଗନ୍ମୋହନ ଲାଲ	୧୨
ବ୍ୟାସକବି ଫକୀରମୋହନ ସେନାପତି	୧୩
କବିବର ରାଧାନାଥ ରାୟ	୧୪
ଉତ୍କଳ-ଗୌରବ ମଧୁସୂଦନ ଦାସ	୧୫
ପଣ୍ଡିତ ଗୋବିନ୍ଦ ରଥ	୧୬
ସନ୍ଥକବି ଭୀମ ଭୋଇ	୧୭
ପ୍ୟାରୀମୋହନ ଆଚାର୍ଯ୍ୟ	୧୮
ବାସୁଦେବ ସୁଢ଼ଳଦେବ	୧୯
ଭକ୍ତକବି ମଧୁସୂଦନ ରାଓ	୨୦
ରାମଶଙ୍କର ରାୟ	୨୧
ସ୍ୱଭାବ-କବି ଗଙ୍ଗାଧର ମେହେର	୨୨
ବାଗ୍ମୀ ବିଶ୍ୱନାଥ କର	୨୩
କବି-ଶେଖର ଚିନ୍ତାମଣି ମହାନ୍ତି	୨୪
ଚନ୍ଦ୍ରମୋହନ ମହାରଣା	୨୫
ନୀଳମଣି ବିଦ୍ୟାରତ୍ନ	୨୬
ବିଦ୍ୟା-ବିନୋଦ ମଧୁସୂଦନ ଦାଶ	୨୭
ପଣ୍ଡିତ ଗୋପୀନାଥ ନନ୍ଦ	୨୮
ରାଜା ବିକ୍ରମ ଦେବ ବର୍ମା	୨୯

Digitized by srujan ka@gmail.com

ସଂସ୍କାରକ ଶ୍ରୀବତ୍ସ ପଣ୍ଡା	୩୦
ରାଜର୍ଷି ଶ୍ରୀରାମଚନ୍ଦ୍ର ଭଞ୍ଜଦେବ	୩୧
ଗୋକୁଳ ଶ୍ରୀଚନ୍ଦନ	୩୨
ଜଳନ୍ଧର ଦେବ	୩୩
ଗଦ୍ୟ-କବି ଶଶିଭୂଷଣ ରାୟ	୩୪
ବାଳକୃଷ୍ଣ ପଟ୍ଟନାୟକ	୩୫
ପଲ୍ଲୀକବି ନନ୍ଦକିଶୋର ବଳ	୩୬
ଗୋପାଳଚନ୍ଦ୍ର ପ୍ରହରାଜ	୩୭
ଜଗବନ୍ଧୁ ସିଂହ	୩୮
ଭିକାରୀ ଚରଣ ପଟ୍ଟନାୟକ	୩୯
ଜନକବି ଗୋପାଳ ଦାଶ	୪୦
ଉତ୍କଳମଣି ଗୋପବନ୍ଧୁ ଦାସ	୪୧
କୃଷ୍ଣମୋହନ ପଟ୍ଟନାୟକ	୪୨
ଆଚାର୍ଯ୍ୟ ହରିହର ଦାଶ	୪୩
ବ୍ରଜସୁନ୍ଦର ଦାସ	୪୪
ଗଣକବି ବୈଷ୍ଣବ ପାଣି	୪୫
ତାରିଣୀ ଚରଣ ରଥ	୪୬
ଅନ୍ନପୂର୍ଣ୍ଣା ଦେବୀ	୪୭
ସଂସ୍କାରକ ବୈରାଗୀ ଚରଣ ମିଶ୍ର	୪୮
ଗୋବିନ୍ଦ ଚନ୍ଦ୍ର ଶୂରଦେଓ	୪୯
ପଣ୍ଡିତ ନୀଳକଣ୍ଠ ଦାସ	୫୦
ପଣ୍ଡିତ ଗୋଦାବରୀଶ ମିଶ୍ର	୫୧
ନାରାୟଣ ମୋହନ ଦେ	୫୨
ପଣ୍ଡିତ କୃପାସିନ୍ଧୁ ମିଶ୍ର	୫୩
ବାଳକୃଷ୍ଣ କର	୫୪
ଆର୍ତ୍ତବଲ୍ଲଭ ମହାନ୍ତି	୫୫
ବିପିନ ବିହାରୀ ରାୟ	୫୬
କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର	୫୭
ପଣ୍ଡିତ ବାସୁଦେବ ମହାପାତ୍ର	୫୮
ବୃନ୍ଦାବନ ନାଥଶର୍ମା	୫୯
ରତ୍ନାକର ପତି	୬୦
ବ୍ରଜମୋହନ ପଣ୍ଡା	୬୧

Digitized by srujan ka@gmail.com

ଲକ୍ଷ୍ମୀନାରାୟଣ ସାହୁ ୬୨
ଗୋବିନ୍ଦ ଚନ୍ଦ୍ର ମିଶ୍ର ୬୩
ପ୍ରାଣକୃଷ୍ଣ ପରିଜା ୬୪
ଚିନ୍ତାମଣି ଆଚାର୍ଯ୍ୟ ୬୫
ନାଟ୍ୟ-ଭାରତୀ ଅଶ୍ୱିନୀ କୁମାର ଘୋଷ ୬୬
ନିମାଇଁ ଚରଣ ଦାସ ୬୭
ସୁଧାକର ପଟ୍ଟନାୟକ ୬୮
ପରମାନନ୍ଦ ଆଚାର୍ଯ୍ୟ ୬୯
ବିରୂପାକ୍ଷ କର ୭୦
ପଣ୍ଡିତ ବିନାୟକ ମିଶ୍ର ୭୧
କବି-ମଞ୍ଜୁଳ କୃଷ୍ଣପ୍ରସାଦ ବସୁ ୭୨
ସଂଗ୍ରାମୀ ନିରଞ୍ଜନ ପଟ୍ଟନାୟକ ୭୩
ଗିରିଜାଶଙ୍କର ରାୟ ୭୪
ପଣ୍ଡିତ ରାଘବ ମିଶ୍ର ୭୫
ଉତ୍କଳ-ରତ୍ନ ରାଧାନାଥ ରଥ ୭୬
ଜାତୀୟ କବି ବାଞ୍ଛାନିଧି ମହାନ୍ତି ୭୭
ଜାତୀୟ କବି ବୀରକିଶୋର ଦାସ ୭୮
ଲକ୍ଷ୍ମୀକାନ୍ତ ଚୌଧୁରୀ ୭୯
ପଣ୍ଡିତ ଆକୁଳି ମିଶ୍ର ୮୦
ପଣ୍ଡିତ ସୋମନାଥ ମିଶ୍ର ୮୧
ଗୋଦାବରୀଶ ମହାପାତ୍ର ୮୨
କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ୮୩
ମର୍ଦ୍ଦରାଜ ରାୟ ୮୪
ଡାକ୍ତର ରାଧାଚରଣ ପଣ୍ଡା ୮୫
ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେବ ୮୬
ଉତ୍କଳ-କେଶରୀ ହରେକୃଷ୍ଣ ମହତାବ ୮୭
ଅପର୍ଣ୍ଣା ଦେବୀ ୮୮
ଉତ୍କଳ-ଭାରତୀ କୁନ୍ତଳାକୁମାରୀ ସାବତ ୮୯
ଶିଳ୍ପୀଗୁରୁ ବିଦ୍ୟାଧର ବର୍ମା ୯୦
ବିଚ୍ଛନ୍ଦ ଚରଣ ପଟ୍ଟନାୟକ ୯୧
ପଣ୍ଡିତ ଭୁବନେଶ୍ୱର ମିଶ୍ର ୯୨
ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ୯୩

Digitized by srujan ka@gmail.com

ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନ	୯୪
କାଳିନ୍ଦୀଚରଣ ପାଣିଗ୍ରାହୀ	୯୫
ପଣ୍ଡିତ ଶ୍ରୀଧର ଦାସ	୯୬
ସୀତାଦେବୀ ଖାଡ଼ଙ୍ଗା	୯୭
ଚିର-ଶିଶୁ ଉପେନ୍ଦ୍ର ତ୍ରିପାଠୀ	୯୮
ସରଳା ଦେବୀ	୯୯
ଚିନ୍ତାମଣି ମିଶ୍ର	୧୦୦
ବୈକୁଣ୍ଠନାଥ ପଟ୍ଟନାୟକ	୧୦୧
ଜଷ୍ଟିସ୍ ହରିହର ମହାପାତ୍ର	୧୦୨
ମାୟାଧର ମାନସିଂହ	୧୦୩
ଉଦୟନାଥ ଷଡ଼ଙ୍ଗୀ	୧୦୪
କମଳାକାନ୍ତ ଦାସ	୧୦୫
ଗୋକୁଳାନନ୍ଦ ମହାନ୍ତି	୧୦୬
ଅନନ୍ତ ପ୍ରସାଦ ପଣ୍ଡା	୧୦୭
ରାମକୃଷ୍ଣ ନନ୍ଦ	୧୦୮
କାହ୍ନୁଚରଣ ମହାନ୍ତି	୧୦୯
ପଣ୍ଡିତ କୃଷ୍ଣଚନ୍ଦ୍ର କର	୧୧୦
ଭଗବତୀଚରଣ ପାଣିଗ୍ରାହୀ	୧୧୧
ପୁଳିନବିହାରୀ ରାୟ	୧୧୨
ସିଂହାରୀ ଶ୍ୟାମସୁନ୍ଦର କର	୧୧୩
ଚକ୍ରଧର ମହାପାତ୍ର	୧୧୪
ପରଶୁରାମ ହରିଚନ୍ଦନ	୧୧୫
ପଣ୍ଡିତ ବାଇକୋଳି ମହାପାତ୍ର	୧୧୬
ମନମୋହିନୀ ଦେବୀ	୧୧୭
ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ	୧୧୮
ଅର୍ଥନୀତିଜ୍ଞ ସଦାଶିବ ମିଶ୍ର	୧୧୯
ପ୍ରାଣକୃଷ୍ଣ ସାମଲ	୧୨୦
ଅନନ୍ତ ପଟ୍ଟନାୟକ	୧୨୧
ବିନୋଦ କାନୁନ୍‌ଗୋ	୧୨୨
ଗୋବର୍ଦ୍ଧନ ମହାନ୍ତି	୧୨୩
ରାଜକିଶୋର ରାୟ	୧୨୪
ବାମାଚରଣ ମିତ୍ର	୧୨୫

Digitized by srujan ka@gmail.com

ମାର୍କଣ୍ଡେୟ ମହାପାତ୍ର	୧୨୬
ହରିପ୍ରିୟା ଦେବୀ	୧୨୭
ହାସ୍ୟରସିକ ଫତୁରାନନ୍ଦ	୧୨୮
ଜ୍ଞାନୀନ୍ଦ୍ର ବର୍ମା	୧୨୯
ଶ୍ରୀହର୍ଷ ମିଶ୍ର	୧୩୦
ପ୍ରଜ୍ଞା-ପୁରୁଷ ଶ୍ରୀରାମଚନ୍ଦ୍ର ଦାଶ	୧୩୧
ଡାକ୍ତର ଗିରିଜାଶଙ୍କର ଦାସମହାପାତ୍ର	୧୩୨
ରଘୁନାଥ ଦାସ (ଜଟାୟୁ)	୧୩୩
ଜୀବାନନ୍ଦ ଆଚାର୍ଯ୍ୟ	୧୩୪
ସଦାଶିବ ରଥ ଶର୍ମା	୧୩୫
ରାମଚନ୍ଦ୍ର ମିଶ୍ର	୧୩୬
ନବୀନ କୁମାର ସାହୁ	୧୩୭
ମନମୋହନ ମିଶ୍ର	୧୩୮
ସାର୍ଥକ-ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି	୧୩୯
ବ୍ରହ୍ମାନନ୍ଦ ପଣ୍ଡା	୧୪୦
ଭଞ୍ଜକିଶୋର ପଟ୍ଟନାୟକ	୧୪୧
ସଂଗୀତ-ସୁଧାକର ବାଳକୃଷ୍ଣ ଦାଶ	୧୪୨
ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ)	୧୪୩
ବିଦ୍ୟୁତ୍‌ପ୍ରଭା ଦେବୀ	୧୪୪
ଅଖିଳମୋହନ ପଟ୍ଟନାୟକ	୧୪୫
ଶୁକଦେବ ସାହୁ	୧୪୬
ବିଚିତ୍ରାନନ୍ଦ କର	୧୪୭
ନଗେନ୍ ବେଉରିଆ	୧୪୮
ଡାକ୍ତର ବସନ୍ତକୁମାର ମହାପାତ୍ର	୧୪୯
ଦେବେନ୍ଦ୍ର ମହାନ୍ତି	୧୫୦
ସୁଧାଂଶୁମୋହନ ରାଉତରାୟ	୧୫୧
ମୁରାରିମୋହନ ଜେନା	୧୫୨
ପ୍ରଦ୍ୟୁମ୍ନ କିଶୋର ବଳ	୧୫୩
କୃଷ୍ଣପ୍ରସାଦ ମିଶ୍ର	୧୫୪
ରବି ପଟ୍ଟନାୟକ	୧୫୫
କ୍ଷେତ୍ରବାସୀ ନାୟକ	୧୫୬

Digitized by srujan ka@gmail.com

ବାଣୀ ବନ୍ଦନା

ଯା କୁନ୍ଦେନ୍ଦୁ ତୁଷାରହାର ଧବଳା ଯା ଶୁଭ୍ର ବସ୍ତ୍ରାବୃତା
ଯା ବୀଣାବରଦଣ୍ଡମଣ୍ଡିତକରା ଯା ଶ୍ୱେତପଦ୍ମାସନା ।
ଯା ବ୍ରହ୍ମାଚ୍ୟୁତଶଙ୍କର ପ୍ରଭୃତିଭିର୍ଦ୍ଦେବୈଃ ସଦା ବନ୍ଦିତା
ସା ମାଂ ପାତୁ ସରସ୍ୱତୀ ଭଗବତୀ ନିଃଶେଷଜାଡ୍ୟାପହା ।।
ଶୁକ୍ଳାଂ ବ୍ରହ୍ମାବିଚାରସାର ପରମାମାଦ୍ୟାଂ ଜଗଦ୍‌ବ୍ୟାପିନୀଂ
ବୀଣାପୁସ୍ତକଧାରିଣୀମଭୟଦାଂ ଜାଡ୍ୟାନ୍ଧକାରାପହାମ୍ ।
ହସ୍ତେ ସ୍ଫାଟିକମାଳିକାଂ ବିଦଧତୀଂ ପଦ୍ମାସନେ ସଂସ୍ଥିତାମ୍
ବନ୍ଦେ ତାଂ ପରମେଶ୍ୱରୀଂ ଭଗବତୀଂ ବୁଦ୍ଧିପ୍ରଦାଂ ଶାରଦାମ୍ ।।

Digitized by srujan ka@gmail.com

ମହାକବି ସାରଳା ଦାସ

୧୪୦୦ — ୧୪୭୦ ଆନୁମାନିକ

ମାଟିର ମହାକବି ସାରଳା ଦାସ 'ଶୂଦ୍ର ମୁନି', 'ଉତ୍କଳ-ବ୍ୟାସ' ଓ 'ଆଦିକବି' ରୂପେ ଓଡ଼ିଶାରେ ସୁପରିଚିତ । ସେ 'ଉତ୍କଳର ବିକ୍ରମାଦିତ୍ୟ' ଭାବେ ପରିଚିତ ଗଜପତି କପିଳେନ୍ଦ୍ର ଦେବଙ୍କ ସମସାମୟିକ । ଅବିଭକ୍ତ କଟକ ଜିଲ୍ଲା (ବର୍ତ୍ତମାନ ଜିଲ୍ଲା-ଜଗତସିଂହପୁର)ର ଝଙ୍କଡ଼ ପ୍ରଗଣାସ୍ଥ କନକପୁର ଗ୍ରାମ ତାଙ୍କର ଜନ୍ମସ୍ଥାନ । ତାଙ୍କର ପିତୃଦତ୍ତ ନାମ ଥିଲା ସିଦ୍ଧେଶ୍ୱର ପରିଡ଼ା । ସେ ଶାରଳା ଠାକୁରାଣୀଙ୍କ କୃପାଲାଭ କରି ନିଜକୁ 'ସାରଳା ଦାସ' ନାମରେ ପରିଚିତ କରିଥିଲେ । ମହାକବି ସୁଲଭ ବିନୟ ଓ ନମ୍ରତା ପ୍ରଦର୍ଶନ କରିବାକୁ ଯାଇ ସେ ତାଙ୍କ ଗ୍ରନ୍ଥମାନଙ୍କରେ ନିଜକୁ 'ମୂର୍ଖ', 'ଅପଣ୍ଡିତ', 'ଶୂଦ୍ର' ଓ 'କୁସ୍ଥାନବାସୀ' ବୋଲି ଅଭିହିତ କରିଥିବା ପରିଲକ୍ଷିତ । ତାଙ୍କ କୌଳିକ ବୃତ୍ତି ଥିଲା କୃଷି କର୍ମ । ତାଙ୍କର କାଳଜୟୀ କୃତି ମଧ୍ୟରୁ (କ) ସାରଳା ମହାଭାରତ- ୧୮ ଖଣ୍ଡ, (ଖ) ଚଣ୍ଡୀ ପୁରାଣ, (ଗ) ବିଲଙ୍କା ରାମାୟଣ ଓ ଅନେକ କ୍ଷୁଦ୍ର କବିତା ଉଲ୍ଲେଖଯୋଗ୍ୟ । ତାଙ୍କର ବିଶାଳକାୟ କାଳଜୟୀ କୃତି ମହାଭାରତ ଓଡ଼ିଆ ସଭ୍ୟତା, ସଂସ୍କୃତି ଓ ସାହିତ୍ୟର ଜ୍ଞାନକୋଷ । ସେ ବ୍ୟାସକୃତ ମହାଭାରତର କଙ୍କାଳକୁ ନେଇ ନିଜସ୍ୱ କଳ୍ପନା-ଶକ୍ତିରେ ରକ୍ତମାଂସ ବୋଳି ପ୍ରାଣବନ୍ତ କରିଯାଇଛନ୍ତି । ସେ ଓଡ଼ିଆ ଭାଷା-ସାହିତ୍ୟର ଯଥାର୍ଥରେ ଜନକ । ଓଡ଼ିଆ ଭାଷା-ଶବ୍ଦ-ଶିଳ୍ପର ସେ ବିସ୍ମୟକର ଭାସ୍କର ।

Digitized by srujan ka@gmail.com

ମହାପୁରୁଷ ଅଚ୍ୟୁତାନନ୍ଦ ଦାସ

୧୪୮୨ --- ୧୬୦୧

ପଞ୍ଚସଖା ଚେତନାର ପ୍ରମୁଖ ସୂତ୍ରଧାର ଏବଂ ସନ୍ତୁଳିତ ଓଡ଼ିଶୀ ଜନଜୀବନର ତ୍ରାଣକର୍ତ୍ତା ଅଚ୍ୟୁତାନନ୍ଦ ଦାସ ଏକ ବିସ୍ମୟକର ପ୍ରତିଭା । ତାଙ୍କର ଜନ୍ମସ୍ଥାନ କଟକ ଜିଲ୍ଲାର ନେମାଳ ନିକଟସ୍ଥ ତିଳକଣା ଗ୍ରାମ । ପିତା- ଦୀନବନ୍ଧୁ ଖୁଣ୍ଟିଆ; ମାତା- ପଦ୍ମାବତୀ ଦେବୀ । ସନ୍ତାନହୀନ ଦମ୍ପତିଙ୍କ ଦୁଃଖମୟ ପରିବେଶରେ ଜଗନ୍ନାଥଙ୍କ କୃପାରୁ ପୁତ୍ରସନ୍ତାନର ଆବିର୍ଭାବ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ବଢ଼ିଲା ତାଙ୍କର ନିଃସଙ୍ଗ ଓ ଉଦାସୀନ ଭାବ । ତା'ପରେ ଚୈତନ୍ୟଙ୍କ ଅନୁଗାମୀ ସନାତନ ଗୋସାଇଁଙ୍କଠାରୁ ଦୀକ୍ଷା ଗ୍ରହଣ ଓ ଦ୍ୱାଦଶ ଗୋପାଳଙ୍କ ସହ ଭାରତ ଭ୍ରମଣ । ବାରବର୍ଷ କାଳ ବୁଲି ଶ୍ରୀକ୍ଷେତ୍ର ପ୍ରତ୍ୟାବର୍ତ୍ତନ ଏବଂ ଯଶୋବନ୍ତ ଦାସଙ୍କ ଝିଆରୀ (ଅଡ଼ଙ୍ଗ ରାଜା ରଘୁରାମ ଚମ୍ପତିଙ୍କ କନ୍ୟା) ଚମ୍ପାବତୀଙ୍କ ସହ ବିବାହ, ପ୍ରାୟ ୪୦ ବର୍ଷ ବୟସରେ । ଦୀର୍ଘଜୀବୀ ଅଚ୍ୟୁତାନନ୍ଦଙ୍କ ସାଧନାପୀଠ ଥିଲା ଚିତ୍ରୋତ୍ପଳା କୂଳ ନେମାଳ ଗ୍ରାମ । ବିପୁଳ ରଚନା ସମ୍ଭାର ଏବଂ ଭବିଷ୍ୟତ ମାଳିକାପାଇଁ ଜନଚକ୍ଷୁରେ ସେ ହେଲେ 'ମହାପୁରୁଷ' । ସେ ଗୋପାଳ ସଂପ୍ରଦାୟଙ୍କ 'ଜ୍ଞାନଗୁରୁ' ହୋଇ ଲେଖିଲେ ଅସଂଖ୍ୟ ନଉଡ଼ି ଗୀତ ଓ ହରିବଂଶ (୭ ଖଣ୍ଡ) । କୈବର୍ତ୍ତ ସଂପ୍ରଦାୟଙ୍କ ତ୍ରାଣକର୍ତ୍ତା ସାଜି ସେ ଲେଖିଲେ କୈବର୍ତ୍ତ ଗୀତା । ଉତ୍କଳୀୟ ବୈଷ୍ଣବ ଚେତନାର ପ୍ରବକ୍ତା ଭାବରେ ସେ ୩୬ ସଂହିତା, ୭୨ ଗୀତା ଓ ସହସ୍ରାଧିକ କବିତା ରଚନା କରିଯାଇଛନ୍ତି ।

Digitized by srujan ka@gmail.com

ଅତିବଡ଼ୀ ଜଗନ୍ନାଥ ଦାସ

୧୪୮୭ — ୧୫୫୭ ଆନୁମାନିକ

ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସ ଓଡ଼ିଶାରେ ସର୍ବତ୍ର ସୁପରିଚିତ । ପୁରୀ ଶ୍ରୀକ୍ଷେତ୍ର ନିକଟବର୍ତ୍ତୀ କପିଳେଶ୍ୱରପୁର ଶାସନ ତାଙ୍କର ଜନ୍ମସ୍ଥାନ । ତାଙ୍କ ପିତା ଭଗବାନ୍ ଦାସ ଶ୍ରୀମନ୍ଦିରରେ ପୁରାଣ ପଣ୍ଡା କର୍ମ କରୁଥିଲେ । ଧର୍ମପ୍ରାଣା ମାତା ପଦ୍ମାବତୀ ଦେବୀଙ୍କର ଭାଗବତ ଶ୍ରବଣର ଅଭିଳାଷ ଥିଲା ଶେଷହୀନ । ପିତାଙ୍କ ଅକାଳ ମୃତ୍ୟୁ ପରେ ପଦ୍ମାବତୀଙ୍କର ସେଇ ଭାଗବତ-ଶ୍ରବଣେଚ୍ଛା ବହୁବାର ହେଲା ତିଳ ତଣ୍ଡୁଳିତ । ଅଭାବ ଓ ଦୈନ୍ୟ ଯୋଗୁଁ ଅନ୍ୟ ପୁରାଣପଣ୍ଡାଙ୍କୁ ସଞ୍ଚା ଦେଇ ନ ପାରି ସେ ହୋଇଥିଲେ ଲାଞ୍ଛିତା ଓ ଅପମାନିତା । ଅଶ୍ରୁସିକ୍ତା ମାଆଙ୍କର ଅନୁରୋଧ ଜଗନ୍ନାଥ ଦାସଙ୍କୁ କାଳଜୟୀ ପ୍ରେରଣା ଯୋଗାଇଥିଲା । ସେ ସଂସ୍କୃତ ଭାଗବତକୁ ଭାବାନୁବାଦ କରି ଓଡ଼ିଆରେ ନୂତନ ଭାଗବତ ସୃଷ୍ଟି କଲେ । ସହଜ, ସରଳ, ବୋଧଗମ୍ୟ ଭାଷାରେ ସେ ଭାଗବତକୁ ଲୋକମୁଖୀ କଲେ । ଭାଗବତ ପାଲଟିଗଲା ଓଡ଼ିଆଙ୍କ ଜୀବନ-ବେଦ । ତାଙ୍କ ଭାଗବତକୁ କେନ୍ଦ୍ରକରି ଲୋକେ ଗାଁ-ଗାଁରେ ଗଢ଼ିଲେ 'ଭାଗବତ ଘର' । ନବାକ୍ଷରୀ ବୃତ୍ତରେ ରଚିତ ଭାଗବତର ଭାଷା ଯେପରି ସାବଲୀଳ ସେହିପରି ମାର୍ଜିତ ଓ ମନୋଜ୍ଞ । ଭାଗବତ ବ୍ୟତୀତ ସେ ତୁଳାଭିଣା, ଗଜସ୍ତୁତି, ଶୈବାଗମ ଭାଗବତ, ରାସକ୍ରୀଡ଼ା, ଷୋଳ ଚଉପଦୀ ଓ ଅସଂଖ୍ୟ ଭଜନ, ଜଣାଣ ତଥା ଭାବମୟ ଗୀତିକବିତାର ଯଶସ୍ୱୀ ସ୍ରଷ୍ଟା । ଶ୍ରୀଚୈତନ୍ୟ ତାଙ୍କ ବିଦ୍ୱତ୍ତା ଓ କବିତ୍ୱରେ ମୁଗ୍ଧ ହୋଇ ତାଙ୍କୁ 'ଅତିବଡ଼ୀ' ଉପାଧି ପ୍ରଦାନ କରିଥିଲେ ।

Digitized by srujan ka@gmail.com

କବି-ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ

୧୬୮୦ — ୧୭୨୦ ଆନୁମାନିକ

କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଓଡ଼ିଆ କାବ୍ୟ-ଯୁଗର ସର୍ବଶ୍ରେଷ୍ଠ ସାରସ୍ୱତ ବିନ୍ଧାଣୀ । ଗଞ୍ଜାମ ଜିଲ୍ଲାର ତତ୍‌କାଳୀନ ଘୁମୁସର ରାଜ୍ୟସ୍ଥ କୁଲାଡ଼ ଦୁର୍ଗରେ ତାଙ୍କର ଜନ୍ମ । ପିତାମହ ରାଜକବି ଧନଞ୍ଜୟ ଭଞ୍ଜ; ପିତା- ନୀଳକଣ୍ଠ ଭଞ୍ଜ । ଧନଞ୍ଜୟଙ୍କ ପ୍ରେରଣାରେ ସେ କିଶୋର ବୟସରୁ ବାଣୀ ଆରାଧନାରେ ନିଜକୁ ନିୟୋଜିତ କରିଥିଲେ । ସିଂହାସନପାଇଁ ପାରିବାରିକ କଳହ ଓ ପତ୍ନୀ ବିରହ ଶୋକରେ ଅଧୀର ହୋଇ କବି ଉପେନ୍ଦ୍ର ଘୁମୁସର ଛାଡ଼ି ନୂଆଗଡ଼ର ମାଳିସାହିରେ ଅବସ୍ଥାନ କରିଥିଲେ । ରାମ-ତାରକ ମନ୍ତ୍ର ସାଧନ କରିଥିବା ହେତୁ ତାଙ୍କର କବିତ୍ୱର ଉତ୍ତରଣ ଘଟିଥିବା କଥା ସେ ଉଲ୍ଲେଖ କରିଛନ୍ତି । ତାଙ୍କପରି ପଣ୍ଡିତ-କବି ଓ ସଙ୍ଗୀତ-କବି ଓଡ଼ିଆ ସାହିତ୍ୟରେ ବିରଳ । ଶବ୍ଦ ବୈଭବ, ଆଳଙ୍କାରିକତା, କଳ୍ପନା-ବିଳାସ ଓ ଉପମା ପ୍ରୟୋଗରେ ତାଙ୍କ କାବ୍ୟ-ସଂସାର ଅତ୍ୟନ୍ତ ସମୃଦ୍ଧ । ତାଙ୍କର ବିପୁଳ କାବ୍ୟ-ସମ୍ପଦ ମଧ୍ୟରୁ (କ) ବୈଦେହୀଶ ବିଳାସ, (ଖ) ଲାବଣ୍ୟବତୀ, (ଗ) କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, (ଘ) ରସିକ ହାରାବଳୀ, (ଙ) ପ୍ରେମ ସୁଧାନିଧି, (ଚ) ସୁଭଦ୍ରା ପରିଣୟ, (ଛ) କଳା କଉତୁକ, (ଜ) ଅବନା ରସ ତରଙ୍ଗ, (ଝ) ଚିତ୍ରକାବ୍ୟ ବନ୍ଧୋଦୟ ବ୍ୟତୀତ ଅଜସ୍ର ସଂଗୀତ, ଚଉପଦୀ, ପୋଇ ଆଦି ଉଲ୍ଲେଖଯୋଗ୍ୟ । ଯୁଗାନ୍ତକାରୀ ସ୍ରଷ୍ଟା ଉପେନ୍ଦ୍ର ରୀତି-ଯୁଗର ମଧ୍ୟମଣି ।

Digitized by srujan ka@gmail.com

ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର

୧୭୫୭ — ୧୮୦୬

ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ଏକାଧାରରେ ଜଣେ କବି, ଭକ୍ତ, ଦାର୍ଶନିକ ଓ ରସିକ ଶିରୋମଣି । ଅବିଭକ୍ତ କଟକ ଜିଲ୍ଲା (ବର୍ତ୍ତମାନ ଯାଜପୁର ଜିଲ୍ଲା)ର ବାଲିଆ ଜମିଦାରୀ ଅନ୍ତର୍ଗତ ଗୋଲକୁଣ୍ଡ ଗ୍ରାମରେ ତାଙ୍କର ଜନ୍ମ । ପିତା-ଇନ୍ଦ୍ରଜିତ ସାମନ୍ତସିଂହାର; ମାତା-ତୁଳସୀ ଦେବୀ । ଶୈଶବାବସ୍ଥାରୁ ତାଙ୍କ କବିତ୍ୱର ହୋଇଥିଲା ଆଦ୍ୟ ଉନ୍ମେଷ । ପରବର୍ତ୍ତୀ କାଳରେ ସେ ବୈଷ୍ଣବ କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ଶିଷ୍ୟତ୍ୱ ଗ୍ରହଣ କରିବା ଯୋଗୁଁ ତାଙ୍କ କାବ୍ୟ-କବିତାଗୁଡ଼ିକ ହେଲା ଭକ୍ତି ରସସିକ୍ତ । ତାଙ୍କ ସୃଷ୍ଟିରେ ଓଡ଼ିଆ ଛାନ୍ଦର ମଧୁର ମୂର୍ଚ୍ଛନା, ବୈଷ୍ଣବୀୟ ତତ୍ତ୍ୱରାଜିର ଅପୂର୍ବ ପ୍ଲାବନ ଓ ସଂଗୀତର ଅମୃତ ଝଙ୍କାର-ଭିତ୍ତିକ ସମନ୍ୱୟ ଏକାନ୍ତ ଆକର୍ଷଣୀୟ । ଅଭିମନ୍ୟୁଙ୍କ ସୃଷ୍ଟି ସଂପଦ ମଧ୍ୟରୁ (କ) ବିଦଗ୍ଧ ଚିନ୍ତାମଣି, (ଖ) ପ୍ରୀତି ଚିନ୍ତାମଣି, (ଗ) ସୁଲକ୍ଷଣା, (ଘ) ପ୍ରେମ ତରଙ୍ଗିଣୀ, (ଙ) ରସବତୀ, (ଚ) ବୋଲେ ହୁଁଟି ଓ ଅସୁମାରି କ୍ଷୁଦ୍ର ଗୀତ ବିଶେଷ ଉଲ୍ଲେଖଯୋଗ୍ୟ । ବିଦଗ୍ଧ ଚିନ୍ତାମଣି ମହାକାବ୍ୟ କବି ଜୀବନର ଚରମ ପରିପ୍ରକାଶ । ଏହା ତାଙ୍କ ପରିପକ୍ୱ ଶାସ୍ତ୍ରଜ୍ଞାନ ଓ ଅଟଳ ଭକ୍ତିର ସର୍ବଶ୍ରେଷ୍ଠ ନିଦର୍ଶନ । ଆଳଙ୍କାରିକତା, ଭାବ ଗମ୍ଭୀରତା, ବର୍ଣ୍ଣନାର ଚମତ୍କାରିତା, ରସ ପ୍ରାଚୁର୍ଯ୍ୟ ଓ ସୁକୁମାର ପଦାବଳୀ ସଂଯୋଜନା ତାଙ୍କ ରଚନାଶୈଳୀର ବୈଶିଷ୍ଟ୍ୟ ।

Digitized by srujan ka@gmail.com

କବିସୂର୍ଯ୍ୟ ବଳଦେବ ରଥ

୧୭୭୯ — ୧୮୪୫

ବଳଦେବ ରଥ ଓଡ଼ିଆ ପଦାବଳୀ ସାହିତ୍ୟ-ଧାରାର ଜଣେ ତୁଙ୍ଗ ପ୍ରତିଭାଶାଳୀ ବ୍ୟକ୍ତି । ସେ ଗଞ୍ଜାମ ଜିଲ୍ଲାର ବଡ଼ଖେମୁଣ୍ଡି ରାଜ୍ୟରେ ଜନ୍ମଲାଭ କରିଥିଲେ । ପିତା- ପଣ୍ଡିତ ଉଜ୍ଜ୍ୱଳ ରଥ; ମାତା- ରତନୀ ଦେବୀ । ସେ ବାଲ୍ୟ ଶିକ୍ଷାଲାଭ କରିଥିଲେ ଆଠଗଡ଼ସ୍ଥ ତାଙ୍କ ଅଜା ବିଶିଷ୍ଟ ତାନ୍ତ୍ରିକ ପଣ୍ଡିତ ତ୍ରିପୁରାରି ହୋତାଙ୍କ ତତ୍ତ୍ୱାବଧାନରେ । ପିଲାଟି ଦିନରୁ ତାଙ୍କର ଅପୂର୍ବ ଧୀ-ଶକ୍ତିର ପରିଚୟ ମିଳିଥିଲା । ଯୌବନରେ ସେ ଜଣେ ସୁପଣ୍ଡିତ, ସଙ୍ଗୀତଜ୍ଞ ଓ ଅସାଧାରଣ କବି ରୂପେ ପ୍ରତିଷ୍ଠିତ ହୋଇଥିଲେ । ସେ ସ୍ୱୀୟ କର୍ମନିଷ୍ଠା ଯୋଗୁଁ ଜଳନ୍ତର, ଆଠଗଡ଼, ମହୁରୀ ଓ ପାରଳାଖେମୁଣ୍ଡି ରାଜ୍ୟର ରାଜକର୍ମଚାରୀ ରୂପେ ଦକ୍ଷତାର ସହ କାର୍ଯ୍ୟ ସଂପାଦନ କରି ସୁନାମ ଅର୍ଜନ କରିଥିଲେ । ତାଙ୍କର ବିଚକ୍ଷଣ ପାଣ୍ଡିତ୍ୟ ଓ କବିତ୍ୱ ଯୋଗୁଁ ସେ ଜଳନ୍ତରରୁ 'କବିସୂର୍ଯ୍ୟ', ଆଠଗଡ଼ରୁ 'ରାୟଗୁରୁ' ଓ ପୁରୀ ଗଜପତି ରାଜାଙ୍କଠାରୁ 'ମହାପାତ୍ର' ଉପାଧି ଲାଭ କରିଥିଲେ । କବିସୂର୍ଯ୍ୟଙ୍କ ଶ୍ରେଷ୍ଠତମ କୃତି 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' ଉତ୍କଳୀୟ ସାରସ୍ୱତ ଜଗତର ଅମ୍ଳାନ କୀର୍ତ୍ତି । ଏହା ବ୍ୟତୀତ ସେ 'ଚନ୍ଦ୍ରକଳା' 'ରତ୍ନାକର ଚମ୍ପୂ', 'ହାସ୍ୟ କଲ୍ଲୋଳ' ଓ ସହସ୍ରାଧିକ ଚଉତିଶା, ଚଉପଦୀ, ଭଜନ, ଜଣାଣ, କ୍ଷୁଦ୍ରଗୀତିକା ଓ ଢୁମ୍ପା ରଚନା କରିଯାଇଛନ୍ତି । ଓଡ଼ିଶୀ ସଙ୍ଗୀତ ରଚନାରେ ସେ ସର୍ବାଧିକ କୃତିତ୍ୱର ଅଧିକାରୀ ।

Digitized by srujan ka@gmail.com

ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ)

୧୮୨୭ — ୧୮୯୦

ଇତିହାସର ଏକ ଚର୍ଚ୍ଚିତ ଚରିତ୍ର ପାଲଟି ଯାଇଥିବା ଚାଖି ଖୁଣ୍ଟିଆ 'ଉତ୍କଳ ମଲ୍ଲ' ରୂପେ ପରିଚିତ । ପୁରୀ ସହରରେ ତାଙ୍କର ଜନ୍ମ । ତାଙ୍କ ପିତାଙ୍କ ନାମ ଭୀମସେନ ହଜୁରୀ ଓରଫ ରଘୁନାଥ ଖୁଣ୍ଟିଆ । ବଂଶାନୁଗତ ବୃତ୍ତି ଜଗନ୍ନାଥ ସେବକ । ଜଗନ୍ନାଥଙ୍କ ଚନ୍ଦନ ଲାଗି ସମୟରେ ଶିଶୁଟି ଜନ୍ମ ହେତୁ ତାଙ୍କ ନାମ ଦିଆଯାଇଥିଲା ଚନ୍ଦନ ହଜୁରୀ । ଡାକ ନାମ ଚାଖି ବା ଚାଖିଆ । ପୁରୀର ଜାଗାଘରେ କୁସ୍ତି କସରତ୍ ଅଭ୍ୟାସ କରିଥିଲେ ସେ । ବିଦେଶୀ ବିଧର୍ମୀଙ୍କ କବଳରୁ ଜଗନ୍ନାଥ ମନ୍ଦିରର ସୁରକ୍ଷା କରିବା ଥିଲା ତାଙ୍କ ଜୀବନର ବ୍ରତ । ସିପାହି ବିଦ୍ରୋହରେ ଜଡ଼ିତ ଥିବା ହେତୁ ଇଂରେଜ ସରକାର ତାଙ୍କୁ କିଛିକାଳ ବନ୍ଦୀ କରି ରଖିଥିଲେ । ଉତ୍ତର ଭାରତରୁ ପୁରୀ ଜଗନ୍ନାଥ କ୍ଷେତ୍ରକୁ ଯାତ୍ରୀ ଆଣିବା କାର୍ଯ୍ୟରେ ରତ ଥିବାବେଳେ ତାଙ୍କର ଝାନ୍ସୀ ରାଣୀଙ୍କ ସହିତ ପରିଚିତି ଘଟିଥିଲା । ଦୁର୍ଗମ ଅଞ୍ଚଳକୁ ଯାଉଥିବା ହେତୁ ବୀରପୁରୁଷ ଭଳି ସେ ଖଣ୍ଡା ଧରି ଯାତାୟତ କରୁଥିଲେ । ସେ 'ସିପାହି ପଣ୍ଡା' ରୂପେ ମଧ୍ୟ ପରିଚିତ ଥିଲେ । ଝାନ୍ସୀ ରାଣୀଙ୍କ ମୃତ୍ୟୁବେଳେ ଚନ୍ଦନ ହଜୁରୀ ତାଙ୍କ ପାଖରେ ଥିଲେ । ଫଳରେ ତାଙ୍କର ମଧ୍ୟ ମୃତ୍ୟୁ ହେଲା ଭାବି ତାଙ୍କ ସ୍ତ୍ରୀ ବିଧବା ହୋଇଥିଲେ । ମାତ୍ର ଶେଷରେ ସେ ଶ୍ରୀକ୍ଷେତ୍ରକୁ ଫେରିଆସି ଆଧ୍ୟାତ୍ମିକ ଜୀବନ ବିତାଇଥିଲେ ଓ ବହୁ ଭଜନ ଜଣାଣ ରଚନା କରିଥିଲେ ।

Digitized by srujan ka@gmail.com

ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତ

୧୮୩୫ — ୧୯୦୪

ଚନ୍ଦ୍ରଶେଖର ସିଂହ ସାମନ୍ତ ସମଗ୍ର ଦେଶରେ ପଠାଣି ସାମନ୍ତ ନାମରେ ବିଶେଷ ଭାବେ ପରିଚିତ । ଅବିଭକ୍ତ ପୁରୀ ଜିଲ୍ଲା (ବର୍ତ୍ତମାନ ନୟାଗଡ଼ ଜିଲ୍ଲା)ର ଖଣ୍ଡପଡ଼ା ଗଡ଼ରେ ତାଙ୍କର ଜନ୍ମ । ପ୍ରତିକୂଳ ପରିବେଶ ଓ ବୈଜ୍ଞାନିକ ସାଧନ ଅଭାବ ଥିବା ସତ୍ତ୍ୱେ ସେ ଯେଉଁ ଯୁଗାନ୍ତକାରୀ ବିଜ୍ଞାନ-ବିଭବ ବିଶ୍ୱରେ ଉପସ୍ଥାପନ କରିଗଲେ ତାହା କିନ୍ତୁ ଚିରସ୍ମରଣୀୟ । କୈଶୋର ଅବସ୍ଥାରୁ ସାମାନ୍ୟ ବାଉଁଶ ନଳ ଓ କାଠି ସାହାଯ୍ୟରେ ଆକାଶର ଗ୍ରହ ନକ୍ଷତ୍ରମାନଙ୍କୁ ଚିହ୍ନି, ସେମାନଙ୍କ ଗତିବିଧି ନିରୀକ୍ଷଣ କରିବାରେ ସେ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ବିଜ୍ଞାନ କ୍ଷେତ୍ରରେ, ବିଶେଷକରି ଜ୍ୟୋତିଷ ବିଦ୍ୟାର ସେ ଯେଉଁ ପ୍ରସାର ଘଟାଇଥିଲେ, ସେଥିପାଇଁ ତାଙ୍କୁ ୧୮୯୬ ମସିହାରେ କଟକ ବାରବାଟୀ ଦୁର୍ଗ ପରିସରରେ ମର୍ଯ୍ୟାଦାଜନକ 'ମହାମହୋପାଧ୍ୟାୟ' ଉପାଧି ପ୍ରଦାନ କରାଯାଇଥିଲା । ଦୀର୍ଘ ତେଇଶି ବର୍ଷ କାଳ କଠୋର ପରିଶ୍ରମ କରି ସେ ବିଶ୍ୱର ଅମୂଲ୍ୟ ଗ୍ରନ୍ଥ 'ସିଦ୍ଧାନ୍ତ ଦର୍ପଣ' ରଚନା କରିଥିଲେ । କବିବର ରାଧାନାଥ ତାଙ୍କ ଉଦ୍ଦେଶ୍ୟରେ ଯଥାର୍ଥରେ ଲେଖିଯାଇଛନ୍ତି :

''ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ,
ନର ଦେହେ ଥିବ ଯାବତ ହୃଦୟ ।''

Digitized by srujan ka@gmail.com

ଜଗନ୍ନାଥ ପାଣି

୧୮୩୬ — ୧୮୯୭

ନାଟ୍ୟକାର ଜଗନ୍ନାଥ ପାଣି ଭଦ୍ରକ ଜିଲ୍ଲାର ନଳାଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ପ୍ରାଚୀନ ଓଡ଼ିଆ ସାହିତ୍ୟ ଓ ସଂସ୍କୃତ କାବ୍ୟ-କବିତା ଉପରେ ତାଙ୍କର ଗଭୀର ଦକ୍ଷତା ଥିଲା । ରୀତିକାବ୍ୟ ପରମ୍ପରାର ପୃଷ୍ଠଭୂମି ଓ ସାହିତ୍ୟ ସଂପ୍ରୀତି ତାଙ୍କୁ ଗୀତାଭିନୟ ସୃଷ୍ଟିପାଇଁ ଅଫୁରନ୍ତ ପ୍ରେରଣା ଯୋଗାଇଥିଲା । ଓଡ଼ିଶାରେ ପ୍ରଥମ ସଫଳ ଗୀତାଭିନୟ ରଚନା କରି ତାହାକୁ ମଞ୍ଚାୟନ କରିବା କ୍ଷେତ୍ରରେ ତାଙ୍କ ଭୂମିକା ଏକାନ୍ତ ସ୍ମରଣୀୟ । ୨୮ ବର୍ଷ ବୟସରେ ଏକ ନାଟ୍ୟଦଳ ଗଠନ କରି ସେ ଓଡ଼ିଶାରେ ଭିନ୍ନ ଭିନ୍ନ ସ୍ଥାନ ବୁଲି ଗୀତାଭିନୟ ପରିବେଷଣ କରିଥିଲେ । ତାଙ୍କର ଲୋକପ୍ରିୟ ଗୀତାଭିନୟ ମଧ୍ୟରୁ ଦକ୍ଷ ଯଜ୍ଞ, ଧ୍ରୁବ ଚରିତ, ପ୍ରହ୍ଲାଦ ଚରିତ, ସୀତା ବନବାସ, ବିଲଙ୍କା ଚରିତ, ସୁଭଦ୍ରା ପରିଣୟ, ହାରାବତୀ ହରଣ, ଉଷାବତୀ ହରଣ, ପାରିଜାତ ହରଣ ପ୍ରଭୃତି ବିଶେଷ ଉଲ୍ଲେଖଯୋଗ୍ୟ । ଏହା ବ୍ୟତୀତ ସେ 'ପ୍ରମୋଦ ଚନ୍ଦ୍ରମଣି' ନାମକ ଏକ କାବ୍ୟ ମଧ୍ୟ ରଚନା କରିଥିଲେ । ଏହି କଳାପ୍ରାଣ ନାଟ୍ୟକାରଙ୍କର ଅଭିନୟ କଳା ତାଙ୍କ ସୃଜନ ସ୍ୱପ୍ନ ଭଳି ବେଶ୍ ଆକର୍ଷଣୀୟ ଥିଲା ।

Digitized by srujan ka@gmail.com

କର୍ମବୀର ଗୌରୀଶଙ୍କର ରାୟ

୧୮୩୮ — ୧୯୧୭

କର୍ମବୀର ଗୌରୀଶଙ୍କର ଉତ୍କଳମାତାଙ୍କର ଜଣେ ଯୋଗ୍ୟତମ ସନ୍ତାନ । ସେ କଟକ ଜିଲ୍ଲାର ଅସୁରେଶ୍ୱର ଅଞ୍ଚଳର ଦୀକ୍ଷିତପଡ଼ାରେ ଜନ୍ମଗ୍ରହଣ କରିଥିଲେ । ଇଂରେଜ ସରକାରଙ୍କ ଅଧୀନରେ ଜଣେ ସାଧାରଣ କିରାଣି ଭାବେ କାର୍ଯ୍ୟ କରିଥିଲେ ମଧ୍ୟ ସେ ଥିଲେ ଅତ୍ୟନ୍ତ ସ୍ୱାଧୀନଚେତା ଲୋକସେବକ । କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠା କରି ସେ 'ଉତ୍କଳ ଦୀପିକା' ପତ୍ରିକା ପ୍ରକାଶ କରିଥିଲେ । ଓଡ଼ିଶାରେ ନବ ଜାଗରଣ ସୃଷ୍ଟି କରିବା କ୍ଷେତ୍ରରେ ଏ ପତ୍ରିକାର ଭୂମିକା ସର୍ବାଦୌ ସ୍ମରଣୀୟ । ସାହିତ୍ୟର ବିଭିନ୍ନ ଦିଗରେ ତାଙ୍କର ଲେଖନୀ ଥିଲା ଚଳଚଞ୍ଚଳ । ସେ କଟକ ମ୍ୟୁନିସିପାଲିଟିର ଥିଲେ ପ୍ରଥମ ଚେୟାରମ୍ୟାନ୍ । ପ୍ରସିଦ୍ଧ ନାଟ୍ୟକାର ରାମଶଙ୍କର ରାୟଙ୍କର ସେ ଥିଲେ ଅଗ୍ରଜ । ନାଟକ, ସଙ୍ଗୀତ ଓ ସାହିତ୍ୟ ପ୍ରତି ତାଙ୍କର ଅହେତୁକ ପ୍ରେମ ଥିଲା । ତାଙ୍କର କର୍ମକ୍ଷେତ୍ର ଥିଲା ବହୁମୁଖୀ । ଓଡ଼ିଶାର ତଥା ଓଡ଼ିଆ ଭାଷାର ଉନ୍ନତିପାଇଁ ସେ ସର୍ବଦା କର୍ମତତ୍ପର ଥିଲେ । ସମ୍ବାଦପତ୍ରର ଇତିହାସରେ ଗୌରୀଶଙ୍କରଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । 'ଓଡ଼ିଆ ଆନ୍ଦୋଳନ'ର ସେ ଥିଲେ ବରେଣ୍ୟ ପୁରୋଧା ।

Digitized by srujan ka@gmail.com

ଅତିବଡ଼ୀ ଜଗନ୍ନାଥ ଦାସ

୧୪୮୭ — ୧୫୫୭ ଆନୁମାନିକ

ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସ ଓଡ଼ିଶାରେ ସର୍ବତ୍ର ସୁପରିଚିତ । ପୁରୀ ଶ୍ରୀକ୍ଷେତ୍ର ନିକଟବର୍ତ୍ତୀ କେପିଳେଶ୍ୱରପୁର ଶାସନ ତାଙ୍କର ଜନ୍ମସ୍ଥାନ । ତାଙ୍କ ପିତା ଭଗବାନ୍ ଦାସ ଶ୍ରୀମନ୍ଦିରରେ ପୁରାଣ ପଣ୍ଡା କର୍ମ କରୁଥିଲେ । ଧର୍ମପ୍ରାଣା ମାତା ପଦ୍ମାବତୀ ଦେବୀଙ୍କର ଭାଗବତ ଶ୍ରବଣର ଅଭିଳାଷ ଥିଲା ଶେଷହୀନ । ପିତାଙ୍କ ଅକାଳ ମୃତ୍ୟୁ ପରେ ପଦ୍ମାବତୀଙ୍କର ସେଇ ଭାଗବତ-ଶ୍ରବଣେଚ୍ଛା ବହୁବାର ହେଲା ତିଳ ତଣ୍ଡୁଳିତ । ଅଭାବ ଓ ଦୈନ୍ୟ ଯୋଗୁଁ ଅନ୍ୟ ପୁରାଣପଣ୍ଡାଙ୍କୁ ସଞ୍ଜା ଦେଇ ନ ପାରି ସେ ହୋଇଥିଲେ ଲାଞ୍ଛିତା ଓ ଅପମାନିତା । ଅଶ୍ରୁସିକ୍ତା ମାଆଙ୍କର ଅନୁରୋଧ ଜଗନ୍ନାଥ ଦାସଙ୍କୁ କାଳଜୟୀ ପ୍ରେରଣା ଯୋଗାଇଥିଲା । ସେ ସଂସ୍କୃତ ଭାଗବତକୁ ଭାବାନୁବାଦ କରି ଓଡ଼ିଆରେ ନୂତନ ଭାଗବତ ସୃଷ୍ଟି କଲେ । ସହଜ, ସରଳ, ବୋଧଗମ୍ୟ ଭାଷାରେ ସେ ଭାଗବତକୁ ଲୋକମୁଖୀ କଲେ । ଭାଗବତ ପାଲଟିଗଲା ଓଡ଼ିଆଙ୍କ ଜୀବନ-ବେଦ । ତାଙ୍କ ଭାଗବତକୁ କେନ୍ଦ୍ରକରି ଲୋକେ ଗାଁ-ଗାଁରେ ଗଢ଼ିଲେ 'ଭାଗବତ ଘର' । ନବାକ୍ଷରୀ ବୃତ୍ତରେ ରଚିତ ଭାଗବତର ଭାଷା ଯେପରି ସାବଲୀଳ ସେହିପରି ମାର୍ଜିତ ଓ ମନୋଜ୍ଞ । ଭାଗବତ ବ୍ୟତୀତ ସେ ତୂଳାଭିଣା, ଗଜସ୍ତୁତି, ଶୈବାଗମ ଭାଗବତ, ରାସକ୍ରୀଡ଼ା, ଷୋଳ ଚଉପଦୀ ଓ ଅସଂଖ୍ୟ ଭଜନ, ଜଣାଣ ତଥା ଭାବମୟ ଗୀତିକବିତାର ଯଶସ୍ୱୀ ସ୍ରଷ୍ଟା । ଶ୍ରୀଚୈତନ୍ୟ ତାଙ୍କ ବିଦ୍ୱତ୍ତା ଓ କବିତ୍ୱରେ ମୁଗ୍ଧ ହୋଇ ତାଙ୍କୁ 'ଅତିବଡ଼ୀ' ଉପାଧି ପ୍ରଦାନ କରିଥିଲେ ।

Digitized by srujan ka@gmail.com

କବି-ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ

୧୬୮୦ — ୧୭୨୦ ଆନୁମାନିକ

କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଓଡ଼ିଆ କାବ୍ୟ-ଯୁଗର ସର୍ବଶ୍ରେଷ୍ଠ ସାରସ୍ୱତ ବିଦ୍ଧାଣୀ । ଗଞ୍ଜାମ ଜିଲ୍ଲାର ତତ୍‌କାଳୀନ ଘୁମୁସର ରାଜ୍ୟସ୍ଥ କୁଲାଡ଼ ଦୁର୍ଗରେ ତାଙ୍କର ଜନ୍ମ । ପିତାମହ ରାଜକବି ଧନଞ୍ଜୟ ଭଞ୍ଜ; ପିତା- ନୀଳକଣ୍ଠ ଭଞ୍ଜ । ଧନଞ୍ଜୟଙ୍କ ପ୍ରେରଣାରେ ସେ କିଶୋର ବୟସରୁ ବାଣୀ ଆରାଧନାରେ ନିଜକୁ ନିୟୋଜିତ କରିଥିଲେ । ସିଂହାସନପାଇଁ ପାରିବାରିକ କଳହ ଓ ପତ୍ନୀ ବିରହ ଶୋକରେ ଅଧୀର ହୋଇ କବି ଉପେନ୍ଦ୍ର ଘୁମୁସର ଛାଡ଼ି ନୂଆଗଡ଼ର ମାଳିସାହିରେ ଅବସ୍ଥାନ କରିଥିଲେ । ରାମ-ତାରକ ମନ୍ତ୍ର ସାଧନ କରିଥିବା ହେତୁ ତାଙ୍କର କବିତ୍ୱର ଉତ୍ତରଣ ଘଟିଥିବା କଥା ସେ ଉଲ୍ଲେଖ କରିଛନ୍ତି । ତାଙ୍କପରି ପଣ୍ଡିତ-କବି ଓ ସଙ୍ଗୀତ-କବି ଓଡ଼ିଆ ସାହିତ୍ୟରେ ବିରଳ । ଶବ୍ଦ ବୈଭବ, ଆଳଙ୍କାରିକତା, କଳ୍ପନା-ବିଳାସ ଓ ଉପମା ପ୍ରୟୋଗରେ ତାଙ୍କ କାବ୍ୟ-ସଂସାର ଅତ୍ୟନ୍ତ ସମୃଦ୍ଧ । ତାଙ୍କର ବିପୁଳ କାବ୍ୟ-ସମ୍ପଦ ମଧ୍ୟରୁ (କ) ବୈଦେହୀଶ ବିଳାସ, (ଖ) ଲାବଣ୍ୟବତୀ, (ଗ) କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, (ଘ) ରସିକ ହାରାବଳୀ, (ଙ) ପ୍ରେମ ସୁଧାନିଧି, (ଚ) ସୁଭଦ୍ରା ପରିଣୟ, (ଛ) କଳା କଉତୁକ, (ଜ) ଅବନା ରସ ତରଙ୍ଗ, (ଝ) ଚିତ୍ରକାବ୍ୟ ବନ୍ଧୋଦୟ ବ୍ୟତୀତ ଅଜସ୍ର ସଂଗୀତ, ଚଉପଦୀ, ପୋଇ ଆଦି ଉଲ୍ଲେଖଯୋଗ୍ୟ । ଯୁଗାନ୍ତକାରୀ ସ୍ରଷ୍ଟା ଉପେନ୍ଦ୍ର ରୀତି-ଯୁଗର ମଧ୍ୟମଣି ।

Digitized by srujan ka@gmail.com

ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର

୧୭୫୭ — ୧୮୦୬

ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ଏକାଧାରରେ ଜଣେ କବି, ଭକ୍ତ, ଦାର୍ଶନିକ ଓ ରସିକ ଶିରୋମଣି । ଅବିଭକ୍ତ କଟକ ଜିଲ୍ଲା (ବର୍ତ୍ତମାନ ଯାଜପୁର ଜିଲ୍ଲା)ର ବାଲିଆ ଜମିଦାରୀ ଅନ୍ତର୍ଗତ ଗୋଳକୁଣ୍ଡ ଗ୍ରାମରେ ତାଙ୍କର ଜନ୍ମ । ପିତା-ଇନ୍ଦ୍ରଜିତ ସାମନ୍ତସିଂହାର; ମାତା-ତୁଳସୀ ଦେବୀ । ଶୈଶବାବସ୍ଥାରୁ ତାଙ୍କ କବିତ୍ୱର ହୋଇଥିଲା ଆଦ୍ୟ ଉନ୍ମେଷ । ପରବର୍ତ୍ତୀ କାଳରେ ସେ ବୈଷ୍ଣବ କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ଶିଷ୍ୟତ୍ୱ ଗ୍ରହଣ କରିବା ଯୋଗୁଁ ତାଙ୍କ କାବ୍ୟ-କବିତାଗୁଡ଼ିକ ହେଲା ଭକ୍ତି ରସସିକ୍ତ । ତାଙ୍କ ସୃଷ୍ଟିରେ ଓଡ଼ିଆ ଛାନ୍ଦର ମଧୁର ମୂର୍ଚ୍ଛନା, ବୈଷ୍ଣବୀୟ ତତ୍ତ୍ୱରାଜିର ଅପୂର୍ବ ପ୍ଲାବନ ଓ ସଂଗୀତର ଅମୃତ ଝଙ୍କାର-ଭିତ୍ତିକ ସମନ୍ୱୟ ଏକାନ୍ତ ଆକର୍ଷଣୀୟ । ଅଭିମନ୍ୟୁଙ୍କ ସୃଷ୍ଟି ସଂପଦ ମଧ୍ୟରୁ (କ) ବିଦଗ୍ଧ ଚିନ୍ତାମଣି, (ଖ) ପ୍ରୀତି ଚିନ୍ତାମଣି, (ଗ) ସୁଲକ୍ଷଣା, (ଘ) ପ୍ରେମ ତରଙ୍ଗିଣୀ, (ଙ) ରସବତୀ, (ଚ) ବୋଲେ ହୁଁଟି ଓ ଅସୁମାରି କ୍ଷୁଦ୍ର ଗୀତ ବିଶେଷ ଉଲ୍ଲେଖଯୋଗ୍ୟ । ବିଦଗ୍ଧ ଚିନ୍ତାମଣି ମହାକାବ୍ୟ କବି ଜୀବନର ଚରମ ପରିପ୍ରକାଶ । ଏହା ତାଙ୍କ ପରିପକ୍ୱ ଶାସ୍ତ୍ରଜ୍ଞାନ ଓ ଅଟଳ ଭକ୍ତିର ସର୍ବଶ୍ରେଷ୍ଠ ନିଦର୍ଶନ । ଆଳଙ୍କାରିକତା, ଭାବ ଗମ୍ଭୀରତା, ବର୍ଣ୍ଣନାର ଚମତ୍କାରିତା, ରସ ପ୍ରାଚୁର୍ଯ୍ୟ ଓ ସୁକୁମାର ପଦାବଳୀ ସଂଯୋଜନା ତାଙ୍କ ରଚନାଶୈଳୀର ବୈଶିଷ୍ଟ୍ୟ ।

Digitized by srujan ka@gmail.com

କବିସୂର୍ଯ୍ୟ ବଳଦେବ ରଥ

୧୭୭୯ — ୧୮୪୫

ବଳଦେବ ରଥ ଓଡ଼ିଆ ପଦାବଳୀ ସାହିତ୍ୟ-ଧାରାର ଜଣେ ତୁଙ୍ଗ ପ୍ରତିଭାଶାଳୀ ବ୍ୟକ୍ତି । ସେ ଗଞ୍ଜାମ ଜିଲ୍ଲାର ବଡ଼ଖେମୁଣ୍ଡି ରାଜ୍ୟରେ ଜନ୍ମଲାଭ କରିଥିଲେ । ପିତା- ପଣ୍ଡିତ ଉଜ୍ଜ୍ୱଳ ରଥ; ମାତା- ରତନୀ ଦେବୀ । ସେ ବାଲ୍ୟ ଶିକ୍ଷାଲାଭ କରିଥିଲେ ଆଠଗଡ଼ସ୍ଥ ତାଙ୍କ ଅଜା ବିଶିଷ୍ଟ ତାନ୍ତ୍ରିକ ପଣ୍ଡିତ ତ୍ରିପୁରାରି ହୋତାଙ୍କ ତତ୍ତ୍ୱାବଧାନରେ । ପିଲାଟି ଦିନରୁ ତାଙ୍କର ଅପୂର୍ବ ଧୀ-ଶକ୍ତିର ପରିଚୟ ମିଳିଥିଲା । ଯୌବନରେ ସେ ଜଣେ ସୁପଣ୍ଡିତ, ସଙ୍ଗୀତଜ୍ଞ ଓ ଅସାଧାରଣ କବି ରୂପେ ପ୍ରତିଷ୍ଠିତ ହୋଇଥିଲେ । ସେ ସ୍ୱୀୟ କର୍ମନିଷ୍ଠା ଯୋଗୁଁ ଜଳନ୍ତର, ଆଠଗଡ଼, ମହୁରୀ ଓ ପାରଳାଖେମୁଣ୍ଡି ରାଜ୍ୟର ରାଜକର୍ମଚାରୀ ରୂପେ ଦକ୍ଷତାର ସହ କାର୍ଯ୍ୟ ସଂପାଦନ କରି ସୁନାମ ଅର୍ଜନ କରିଥିଲେ । ତାଙ୍କର ବିଚକ୍ଷଣ ପାଣ୍ଡିତ୍ୟ ଓ କବିତ୍ୱ ଯୋଗୁଁ ସେ ଜଳନ୍ତରରୁ 'କବିସୂର୍ଯ୍ୟ', ଆଠଗଡ଼ରୁ 'ରାୟଗୁରୁ' ଓ ପୁରୀ ଗଜପତି ରାଜାଙ୍କଠାରୁ 'ମହାପାତ୍ର' ଉପାଧି ଲାଭ କରିଥିଲେ । କବିସୂର୍ଯ୍ୟଙ୍କ ଶ୍ରେଷ୍ଠତମ କୃତି 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' ଉତ୍କଳୀୟ ସାରସ୍ୱତ ଜଗତର ଅମ୍ଳାନ କୀର୍ତ୍ତି । ଏହା ବ୍ୟତୀତ ସେ 'ଚନ୍ଦ୍ରକଳା' 'ରତ୍ନାକର ଚମ୍ପୂ', 'ହାସ୍ୟ କଲ୍ଲୋଳ' ଓ ସହସ୍ରାଧିକ ଚଉତିଶା, ଚଉପଦୀ, ଭଜନ, ଜଣାଣ, କ୍ଷୁଦ୍ରଗୀତିକା ଓ ଚୁମ୍ପା ରଚନା କରିଯାଇଛନ୍ତି । ଓଡ଼ିଶୀ ସଙ୍ଗୀତ ରଚନାରେ ସେ ସର୍ବାଧିକ କୃତିତ୍ୱର ଅଧିକାରୀ ।

Digitized by srujan ka@gmail.com

ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ)

୧୮୨୭ — ୧୮୯୦

ଇତିହାସର ଏକ ଚର୍ଚ୍ଚିତ ଚରିତ୍ର ପାଲଟି ଯାଇଥିବା ଚାଖି ଖୁଣ୍ଟିଆ 'ଉତ୍କଳ ମଲ୍ଲ' ରୂପେ ପରିଚିତ । ପୁରୀ ସହରରେ ତାଙ୍କର ଜନ୍ମ । ତାଙ୍କ ପିତାଙ୍କ ନାମ ଭୀମସେନ ହଜୁରୀ ଓରଫ ରଘୁନାଥ ଖୁଣ୍ଟିଆ । ବଂଶାନୁଗତ ବୃତ୍ତି ଜଗନ୍ନାଥ ସେବକ । ଜଗନ୍ନାଥଙ୍କ ଚନ୍ଦନ ଲାଗି ସମୟରେ ଶିଶୁଟି ଜନ୍ମ ହେତୁ ତାଙ୍କ ନାମ ଦିଆଯାଇଥିଲା ଚନ୍ଦନ ହଜୁରୀ । ଡାକ ନାମ ଚାଖି ବା ଚାଖିଆ । ପୁରୀର ଜାଗାଘରେ କୁସ୍ତି କସରତ୍ ଅଭ୍ୟାସ କରିଥିଲେ ସେ । ବିଦେଶୀ ବିଧର୍ମୀଙ୍କ କବଳରୁ ଜଗନ୍ନାଥ ମନ୍ଦିରର ସୁରକ୍ଷା କରିବା ଥିଲା ତାଙ୍କ ଜୀବନର ବ୍ରତ । ସିପାହି ବିଦ୍ରୋହରେ ଜଡ଼ିତ ଥିବା ହେତୁ ଇଂରେଜ ସରକାର ତାଙ୍କୁ କିଛିକାଳ ବନ୍ଦୀ କରି ରଖିଥିଲେ । ଉତ୍ତର ଭାରତରୁ ପୁରୀ ଜଗନ୍ନାଥ କ୍ଷେତ୍ରକୁ ଯାତ୍ରୀ ଆଣିବା କାର୍ଯ୍ୟରେ ରତ ଥିବାବେଳେ ତାଙ୍କର ଝାନ୍ସୀ ରାଣୀଙ୍କ ସହିତ ପରିଚିତି ଘଟିଥିଲା । ଦୁର୍ଗମ ଅଞ୍ଚଳକୁ ଯାଉଥିବା ହେତୁ ବୀରପୁରୁଷ ଭଳି ସେ ଖଣ୍ଡା ଧରି ଯାତାୟତ କରୁଥିଲେ । ସେ 'ସିପାହି ପଣ୍ଡା' ରୂପେ ମଧ୍ୟ ପରିଚିତ ଥିଲେ । ଝାନ୍ସୀ ରାଣୀଙ୍କ ମୃତ୍ୟୁବେଳେ ଚନ୍ଦନ ହଜୁରୀ ତାଙ୍କ ପାଖରେ ଥିଲେ । ଫଳରେ ତାଙ୍କର ମଧ୍ୟ ମୃତ୍ୟୁ ହେଲା ଭାବି ତାଙ୍କ ସ୍ତ୍ରୀ ବିଧବା ହୋଇଥିଲେ । ମାତ୍ର ଶେଷରେ ସେ ଶ୍ରୀକ୍ଷେତ୍ରକୁ ଫେରିଆସି ଆଧ୍ୟାତ୍ମିକ ଜୀବନ ବିତାଇଥିଲେ ଓ ବହୁ ଭଜନ ଜଣାଣ ରଚନା କରିଥିଲେ ।

Digitized by srujan ka@gmail.com

ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତ

୧୮୩୫ — ୧୯୦୪

ଚନ୍ଦ୍ରଶେଖର ସିଂହ ସାମନ୍ତ ସମଗ୍ର ଦେଶରେ ପଠାଣି ସାମନ୍ତ ନାମରେ ବିଶେଷ ଭାବେ ପରିଚିତ । ଅବିଭକ୍ତ ପୁରୀ ଜିଲ୍ଲା (ବର୍ତ୍ତମାନ ନୟାଗଡ଼ ଜିଲ୍ଲା)ର ଖଣ୍ଡପଡ଼ା ଗଡ଼ରେ ତାଙ୍କର ଜନ୍ମ । ପ୍ରତିକୂଳ ପରିବେଶ ଓ ବୈଜ୍ଞାନିକ ସାଧନ ଅଭାବ ଥିବା ସତ୍ତ୍ୱେ ସେ ଯେଉଁ ଯୁଗାନ୍ତକାରୀ ବିଜ୍ଞାନ-ବିଭବ ବିଶ୍ୱରେ ଉପସ୍ଥାପନ କରିଗଲେ ତାହା କିନ୍ତୁ ଚିରସ୍ମରଣୀୟ । କୈଶୋର ଅବସ୍ଥାରୁ ସାମାନ୍ୟ ବାଉଁଶ ନଳ ଓ କାଠି ସାହାଯ୍ୟରେ ଆକାଶର ଗ୍ରହ ନକ୍ଷତ୍ରମାନଙ୍କୁ ଚିହ୍ନି, ସେମାନଙ୍କ ଗତିବିଧି ନିରୀକ୍ଷଣ କରିବାରେ ସେ ଅକ୍ଲାନ୍ତ ପରିଶ୍ରମ କରିଥିଲେ । ବିଜ୍ଞାନ କ୍ଷେତ୍ରରେ, ବିଶେଷକରି ଜ୍ୟୋତିଷ ବିଦ୍ୟାର ସେ ଯେଉଁ ପ୍ରସାର ଘଟାଇଥିଲେ, ସେଥିପାଇଁ ତାଙ୍କୁ ୧୮୯୬ ମସିହାରେ କଟକ ବାରବାଟୀ ଦୁର୍ଗ ପରିସରରେ ମର୍ଯ୍ୟାଦାଜନକ 'ମହାମହୋପାଧ୍ୟାୟ' ଉପାଧି ପ୍ରଦାନ କରାଯାଇଥିଲା । ଦୀର୍ଘ ତେଇଶି ବର୍ଷ କାଳ କଠୋର ପରିଶ୍ରମ କରି ସେ ବିଶ୍ୱର ଅମୂଲ୍ୟ ଗ୍ରନ୍ଥ 'ସିଦ୍ଧାନ୍ତ ଦର୍ପଣ' ରଚନା କରିଥିଲେ । କବିବର ରାଧାନାଥ ତାଙ୍କ ଉଦ୍ଦେଶ୍ୟରେ ଯଥାର୍ଥରେ ଲେଖିଯାଇଛନ୍ତି :

''ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ,
ନର ଦେହେ ଥିବ ଯାବତ ହୃଦୟ ।''

Digitized by srujan ka@gmail.com

ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ)

୧୮୨୭ — ୧୮୯୦

ଇତିହାସର ଏକ ଚର୍ଚ୍ଚିତ ଚରିତ୍ର ପାଲଟି ଯାଇଥିବା ଚାଖି ଖୁଣ୍ଟିଆ 'ଉତ୍କଳ ମଲ୍ଲ' ରୂପେ ପରିଚିତ । ପୁରୀ ସହରରେ ତାଙ୍କର ଜନ୍ମ । ତାଙ୍କ ପିତାଙ୍କ ନାମ ଭୀମସେନ ହଜୁରୀ ଓରଫ ରଘୁନାଥ ଖୁଣ୍ଟିଆ । ବଂଶାନୁଗତ ବୃତ୍ତି ଜଗନ୍ନାଥ ସେବକ । ଜଗନ୍ନାଥଙ୍କ ଚନ୍ଦନ ଲାଗି ସମୟରେ ଶିଶୁଟି ଜନ୍ମ ହେତୁ ତାଙ୍କ ନାମ ଦିଆଯାଇଥିଲା ଚନ୍ଦନ ହଜୁରୀ । ଡାକ ନାମ ଚାଖି ବା ଚାଖିଆ । ପୁରୀର ଜାଗାଘରେ କୁସ୍ତି କସରତ୍ ଅଭ୍ୟାସ କରିଥିଲେ ସେ । ବିଦେଶୀ ବିଧର୍ମୀଙ୍କ କବଳରୁ ଜଗନ୍ନାଥ ମନ୍ଦିରର ସୁରକ୍ଷା କରିବା ଥିଲା ତାଙ୍କ ଜୀବନର ବ୍ରତ । ସିପାହି ବିଦ୍ରୋହରେ ଜଡ଼ିତ ଥିବା ହେତୁ ଇଂରେଜ ସରକାର ତାଙ୍କୁ କିଛିକାଳ ବନ୍ଦୀ କରି ରଖିଥିଲେ । ଉତ୍ତର ଭାରତରୁ ପୁରୀ ଜଗନ୍ନାଥ କ୍ଷେତ୍ରକୁ ଯାତ୍ରୀ ଆଣିବା କାର୍ଯ୍ୟରେ ରତ ଥିବାବେଳେ ତାଙ୍କର ଝାନ୍ସୀ ରାଣୀଙ୍କ ସହିତ ପରିଚିତି ଘଟିଥିଲା । ଦୁର୍ଗମ ଅଞ୍ଚଳକୁ ଯାଉଥିବା ହେତୁ ବୀରପୁରୁଷ ଭଳି ସେ ଖଣ୍ଡା ଧରି ଯାତାୟତ କରୁଥିଲେ । ସେ 'ସିପାହି ପଣ୍ଡା' ରୂପେ ମଧ୍ୟ ପରିଚିତ ଥିଲେ । ଝାନ୍ସୀ ରାଣୀଙ୍କ ମୃତ୍ୟୁବେଳେ ଚନ୍ଦନ ହଜୁରୀ ତାଙ୍କ ପାଖରେ ଥିଲେ । ଫଳରେ ତାଙ୍କର ମଧ୍ୟ ମୃତ୍ୟୁ ହେଲା ଭାବି ତାଙ୍କ ସ୍ତ୍ରୀ ବିଧବା ହୋଇଥିଲେ । ମାତ୍ର ଶେଷରେ ସେ ଶ୍ରୀକ୍ଷେତ୍ରକୁ ଫେରିଆସି ଆଧ୍ୟାତ୍ମିକ ଜୀବନ ବିତାଇଥିଲେ ଓ ବହୁ ଭଜନ ଜଣାଣ ରଚନା କରିଥିଲେ ।

Digitized by srujan ka@gmail.com

ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତ

୧୮୩୫ — ୧୯୦୪

ଚନ୍ଦ୍ରଶେଖର ସିଂହ ସାମନ୍ତ ସମଗ୍ର ଦେଶରେ ପଠାଣି ସାମନ୍ତ ନାମରେ ବିଶେଷ ଭାବେ ପରିଚିତ । ଅବିଭକ୍ତ ପୁରୀ ଜିଲ୍ଲା (ବର୍ତ୍ତମାନ ନୟାଗଡ଼ ଜିଲ୍ଲା)ର ଖଣ୍ଡପଡ଼ା ଗଡ଼ରେ ତାଙ୍କର ଜନ୍ମ । ପ୍ରତିକୂଳ ପରିବେଶ ଓ ବୈଜ୍ଞାନିକ ସାଧନ ଅଭାବ ଥିବା ସତ୍ତ୍ୱେ ସେ ଯେଉଁ ଯୁଗାନ୍ତକାରୀ ବିଜ୍ଞାନ-ବିଭବ ବିଶ୍ୱରେ ଉପସ୍ଥାପନ କରିଗଲେ ତାହା କିନ୍ତୁ ଚିରସ୍ମରଣୀୟ । କୈଶୋର ଅବସ୍ଥାରୁ ସାମାନ୍ୟ ବାଉଁଶ ନଳ ଓ କାଠି ସାହାଯ୍ୟରେ ଆକାଶର ଗ୍ରହ ନକ୍ଷତ୍ରମାନଙ୍କୁ ଚିହ୍ନି, ସେମାନଙ୍କ ଗତିବିଧି ନିରୀକ୍ଷଣ କରିବାରେ ସେ ଅକ୍ଲାନ୍ତ ପରିଶ୍ରମ କରିଥିଲେ । ବିଜ୍ଞାନ କ୍ଷେତ୍ରରେ, ବିଶେଷକରି ଜ୍ୟୋତିଷ ବିଦ୍ୟାର ସେ ଯେଉଁ ପ୍ରସାର ଘଟାଇଥିଲେ, ସେଥିପାଇଁ ତାଙ୍କୁ ୧୮୯୬ ମସିହାରେ କଟକ ବାରବାଟୀ ଦୁର୍ଗ ପରିସରରେ ମର୍ଯ୍ୟାଦାଜନକ 'ମହାମହୋପାଧ୍ୟାୟ' ଉପାଧି ପ୍ରଦାନ କରାଯାଇଥିଲା । ଦୀର୍ଘ ତେଇଶି ବର୍ଷ କାଳ କଠୋର ପରିଶ୍ରମ କରି ସେ ବିଶ୍ୱର ଅମୂଲ୍ୟ ଗ୍ରନ୍ଥ 'ସିଦ୍ଧାନ୍ତ ଦର୍ପଣ' ରଚନା କରିଥିଲେ । କବିବର ରାଧାନାଥ ତାଙ୍କ ଉଦ୍ଦେଶ୍ୟରେ ଯଥାର୍ଥରେ ଲେଖିଯାଇଛନ୍ତି :

''ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ,
ନର ଦେହେ ଥିବ ଯାବତ ହୃଦୟ ।''

Digitized by srujan ka@gmail.com

ଜଗନ୍ନାଥ ପାଣି

୧୮୩୬ — ୧୮୯୭

ନାଟ୍ୟକାର ଜଗନ୍ନାଥ ପାଣି ଭଦ୍ରକ ଜିଲ୍ଲାର ନଳାଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ପ୍ରାଚୀନ ଓଡ଼ିଆ ସାହିତ୍ୟ ଓ ସଂସ୍କୃତ କାବ୍ୟ-କବିତା ଉପରେ ତାଙ୍କର ଗଭୀର ଦକ୍ଷତା ଥିଲା । ରୀତିକାବ୍ୟ ପରମ୍ପରାର ପୃଷ୍ଠଭୂମି ଓ ସାହିତ୍ୟ ସଂପ୍ରୀତି ତାଙ୍କୁ ଗୀତାଭିନୟ ସୃଷ୍ଟିପାଇଁ ଅଫୁରନ୍ତ ପ୍ରେରଣା ଯୋଗାଇଥିଲା । ଓଡ଼ିଶାରେ ପ୍ରଥମ ସଫଳ ଗୀତାଭିନୟ ରଚନା କରି ତାହାକୁ ମଞ୍ଚାୟନ କରିବା କ୍ଷେତ୍ରରେ ତାଙ୍କ ଭୂମିକା ଏକାନ୍ତ ସ୍ମରଣୀୟ । ୨୮ ବର୍ଷ ବୟସରେ ଏକ ନାଟ୍ୟଦଳ ଗଠନ କରି ସେ ଓଡ଼ିଶାରେ ଭିନ୍ନ ଭିନ୍ନ ସ୍ଥାନ ବୁଲି ଗୀତାଭିନୟ ପରିବେଷଣ କରିଥିଲେ । ତାଙ୍କର ଲୋକପ୍ରିୟ ଗୀତାଭିନୟ ମଧ୍ୟରୁ ଦକ୍ଷ ଯଜ୍ଞ, ଧ୍ରୁବ ଚରିତ, ପ୍ରହ୍ଲାଦ ଚରିତ, ସୀତା ବନବାସ, ବିଲଙ୍କା ଚରିତ, ସୁଭଦ୍ରା ପରିଣୟ, ହାରାବତୀ ହରଣ, ଉଷାବତୀ ହରଣ, ପାରିଜାତ ହରଣ ପ୍ରଭୃତି ବିଶେଷ ଉଲ୍ଲେଖଯୋଗ୍ୟ । ଏହା ବ୍ୟତୀତ ସେ 'ପ୍ରମୋଦ ଚନ୍ଦ୍ରମଣି' ନାମକ ଏକ କାବ୍ୟ ମଧ୍ୟ ରଚନା କରିଥିଲେ । ଏହି କଳାପ୍ରାଣ ନାଟ୍ୟକାରଙ୍କର ଅଭିନୟ କଳା ତାଙ୍କ ସୃଜନ ସ୍ୱପ୍ନ ଭଳି ବେଶ୍ ଆକର୍ଷଣୀୟ ଥିଲା ।

Digitized by srujan ka@gmail.com

କର୍ମବୀର ଗୌରୀଶଙ୍କର ରାୟ

୧୮୩୮ — ୧୯୧୭

କର୍ମବୀର ଗୌରୀଶଙ୍କର ଉତ୍କଳମାତାଙ୍କର ଜଣେ ଯୋଗ୍ୟତମ ସନ୍ତାନ । ସେ କଟକ ଜିଲ୍ଲାର ଅସୁରେଶ୍ୱର ଅଞ୍ଚଳର ଦୀକ୍ଷିତପଡ଼ାରେ ଜନ୍ମଗ୍ରହଣ କରିଥିଲେ । ଇଂରେଜ ସରକାରଙ୍କ ଅଧୀନରେ ଜଣେ ସାଧାରଣ କିରାଣି ଭାବେ କାର୍ଯ୍ୟ କରିଥିଲେ ମଧ୍ୟ ସେ ଥିଲେ ଅତ୍ୟନ୍ତ ସ୍ୱାଧୀନଚେତା ଲୋକସେବକ । କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠା କରି ସେ 'ଉତ୍କଳ ଦୀପିକା' ପତ୍ରିକା ପ୍ରକାଶ କରିଥିଲେ । ଓଡ଼ିଶାରେ ନବ ଜାଗରଣ ସୃଷ୍ଟି କରିବା କ୍ଷେତ୍ରରେ ଏ ପତ୍ରିକାର ଭୂମିକା ସର୍ବାଦୌ ସ୍ମରଣୀୟ । ସାହିତ୍ୟର ବିଭିନ୍ନ ଦିଗରେ ତାଙ୍କର ଲେଖନୀ ଥିଲା ଚଳଚଞ୍ଚଳ । ସେ କଟକ ମ୍ୟୁନିସିପାଲିଟିର ଥିଲେ ପ୍ରଥମ ଚେୟାରମ୍ୟାନ୍ । ପ୍ରସିଦ୍ଧ ନାଟ୍ୟକାର ରାମଶଙ୍କର ରାୟଙ୍କର ସେ ଥିଲେ ଅଗ୍ରଜ । ନାଟକ, ସଙ୍ଗୀତ ଓ ସାହିତ୍ୟ ପ୍ରତି ତାଙ୍କର ଅହେତୁକ ପ୍ରେମ ଥିଲା । ତାଙ୍କର କର୍ମକ୍ଷେତ୍ର ଥିଲା ବହୁମୁଖୀ । ଓଡ଼ିଶାର ତଥା ଓଡ଼ିଆ ଭାଷାର ଉନ୍ନତିପାଇଁ ସେ ସର୍ବଦା କର୍ମତତ୍ପର ଥିଲେ । ସମ୍ବାଦପତ୍ରର ଇତିହାସରେ ଗୌରୀଶଙ୍କରଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । 'ଓଡ଼ିଆ ଆନ୍ଦୋଳନ'ର ସେ ଥିଲେ ବରେଣ୍ୟ ପୁରୋଧା ।

Digitized by srujan ka@gmail.com

ଆଦି-ନାଟ୍ୟକାର ଜଗନ୍‌ମୋହନ ଲାଲ

୧୮୩୮ — ୧୯୧୩

ଜଗନ୍‌ମୋହନ ଆଧୁନିକ ଓଡ଼ିଆ ନାଟ୍ୟଧାରାର ଜନକ । ସେ କଟକ ଜିଲ୍ଲାର ମାହାଙ୍ଗା ଗ୍ରାମ୍‌ରେ ଜନ୍ମଲାଭ କରିଥିଲେ । ମାଟ୍ରିକ ପର୍ଯ୍ୟନ୍ତ ଶିକ୍ଷା ଲାଭ କରି ସେ ତତ୍‌କାଳରେ ଡେପୁଟି କଲେକ୍ଟର ପଦବୀରେ ଅଧିଷ୍ଠିତ ହୋଇଥିଲେ । ସରକାରୀ ଚାକିରିରେ ରହି ସେ ସାହିତ୍ୟ ଚର୍ଚ୍ଚା କରିବା ସହିତ ବହୁ ସମାଜ ହିତସାଧନକାରୀ କାର୍ଯ୍ୟ କରିଥିଲେ । ଦୃଷ୍ଟି ଓ ଦର୍ଶନରେ ସେ ଥିଲେ ପରମ୍ପରା-ବିରୋଧୀ ତଥା ସମାଜ ସଂସ୍କାରକ । ସମାଜର କୁସଂସ୍କାର ବିରୋଧରେ ସଂଗ୍ରାମ କରିବାକୁ ଯାଇ ସେ ତାଙ୍କର ବିଧବା କନ୍ୟା ଲାବଣ୍ୟକୁ ପୁନର୍ବିବାହ ଦେଇଥିଲେ । ସାମାଜିକ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ପ୍ରବଳ ବିରୋଧ କରୁଥିବା ଜଗନ୍‌ମୋହନଙ୍କର ଖ୍ରୀ. ୧୮୭୭ରେ ଲିଖିତ 'ବାବାଜି' ନାଟକ ହେଉଛି ତାଙ୍କର ପ୍ରଥମ ସଂସ୍କାରବାଦୀ ଅସ୍ତ୍ର । କଳାପ୍ରେମୀ ଅଭିନେତା ନାଟ୍ୟକାର ଜଗନ୍‌ମୋହନ ମଞ୍ଚ ଆନ୍ଦୋଳନର ଥିଲେ ଅନ୍ୟତମ ସୂତ୍ରଧାର । ୧୮୭୫ ମସିହାରେ ସେ 'ରାଧାକାନ୍ତ ରଙ୍ଗମଞ୍ଚ' ସ୍ଥାପନ କରି ସପରିବାର ଅଭିନୟରେ ଜଡ଼ିତ ହୋଇ ପଡ଼ିଥିଲେ । ସେ 'ବାବାଜି' ନାଟକ ବ୍ୟତୀତ 'ସତୀ', 'ପ୍ରୀତି', 'ବୃଦ୍ଧ ବିବାହ' ନାଟକ ଏବଂ 'ଭ୍ରମ ଭଞ୍ଜନ' ଭଳି ଉଲ୍ଲେଖନୀୟ ଆଧୁନିକ କାବ୍ୟ ରଚନା କରି ଯାଇଛନ୍ତି ।

Digitized by srujan ka@gmail.com

ବ୍ୟାସକବି ଫକୀରମୋହନ ସେନାପତି

୧୮୪୩ — ୧୯୧୮

ଫକୀରମୋହନ ସେନାପତି ଆଧୁନିକ ଓଡ଼ିଆ କଥା-ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା । ସେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଯେପରି ଅସପତ୍ନ ଖ୍ୟାତିର ଅଧିକାରୀ, ଓଡ଼ିଆ ଜାତିର ସେହିପରି ଗର୍ବ ଓ ଗୌରବ । ଓଡ଼ିଆ ଜାତି ଓ ଓଡ଼ିଆ ଭାଷାର ମାନବୃଦ୍ଧିପାଇଁ ତାଙ୍କ ଜୀବନ ଥିଲା ଉତ୍ସର୍ଗୀକୃତ । ସେ ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ବାଲ୍ୟକାଳରୁ ମାତୃହରାହୋଇ ଦାରିଦ୍ର୍ୟ ଓ ପାରିବାରିକ ଅବହେଳାର କଷାଘାତ ସହି, ଅଳ୍ପ-ଶିକ୍ଷିତ 'ସେନାପତି' ଜୀବନରେ ଏକ ମହାଦ୍ରୁମ ପାଲଟି ଯାଇଥିଲେ । ସେ ଓଡ଼ିଆ ଭାଷା-ବିଲୋପ ଆନ୍ଦୋଳନ ବେଳେ ସାଜିଥିଲେ ବିରୋଧକାରୀଙ୍କ ପ୍ରମୁଖ ସେନାପତି । ତାଙ୍କ ଅମୃତ-ଲେଖନୀ ସାହିତ୍ୟର ଯେଉଁ ବିଭାଗକୁ ସ୍ପର୍ଶ କରିଛି ତହିଁରେ ଅପୂର୍ବ ସଫଳତା ମିଳିଛି । ତାଙ୍କର ଉଲ୍ଲେଖନୀୟ କୃତି ମଧ୍ୟରୁ- ''ଛମାଣ ଆଠଗୁଣ୍ଠ, ମାମୁଁ, ଲଛମା, ପ୍ରାୟଶ୍ଚିତ୍ତ, ଗଳ୍ପସଳ୍ପ ୧ମ ଓ ୨ୟ, 'ଆତ୍ମଜୀବନ ଚରିତ', ବୌଦ୍ଧାବତାର କାବ୍ୟ, ଉତ୍କଳ ଭ୍ରମଣଂ'' ଆଦି ଏକାନ୍ତ ସ୍ମରଣୀୟ । ସମାଜ-ସଂସ୍କାର ଭାବଧାରା ସହିତ ହାସ୍ୟବ୍ୟଙ୍ଗରେ ତାଙ୍କ କୃତି ରସୋଚ୍ଛଳ । ତାଙ୍କର ଉଚ୍ଚକୋଟୀର ସାରସ୍ୱତ କୃତି ଯୋଗୁଁ ସେ 'ବ୍ୟାସକବି' ରୂପେ ଖ୍ୟାତ । ସେ 'ଉତ୍କଳ ସାହିତ୍ୟ ସମାଜ'ର ସଭାପତି ରୂପେ ଖ୍ରୀ. ୧୯୧୪-୧୮ ପର୍ଯ୍ୟନ୍ତ ଦାୟିତ୍ୱ ବହନ କରିଥିଲେ ।

Digitized by srujan ka@gmail.com

କବିବର ରାଧାନାଥ ରାୟ

୧୮୪୮ — ୧୯୦୮

ଆଧୁନିକ ଓଡ଼ିଆ କାବ୍ୟ-ସାହିତ୍ୟର ଅନ୍ୟତମ ନିର୍ମାତା ହେଉଛନ୍ତି କବିବର ରାଧାନାଥ ରାୟ । ରୀତିଯୁଗୀୟ କାବ୍ୟଧାରାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣି ସେ ଆଧୁନିକ ଚେତନାର ପ୍ରାଣ-ପ୍ରତିଷ୍ଠା କରିଥିଲେ । ବାଲେଶ୍ୱର ଜିଲ୍ଲାର ସୋରୋ ନିକଟସ୍ଥ କେଦାରପୁର ଗ୍ରାମ ତାଙ୍କର ଜନ୍ମସ୍ଥାନ । ଏଫ୍.ଏ. ପର୍ଯ୍ୟନ୍ତ ଆନୁଷ୍ଠାନିକ ଶିକ୍ଷା ଲାଭକରି ସେ ଶିକ୍ଷା ବିଭାଗର ଡେପୁଟି ଇନିସ୍‌ପେକ୍ଟର ଓ ପରେ ଜଏଣ୍ଟ ଇନିସ୍‌ପେକ୍ଟର ଭାବେ ଉଚ୍ଚତମ ପଦବୀକୁ ଉନ୍ନୀତ ହୋଇଥିଲେ । ବ୍ୟକ୍ତିଗତ ଅଧ୍ୟବସାୟ ବଳରେ ସେ ଇଂରାଜୀ, ସଂସ୍କୃତ ଓ ହିନ୍ଦୀ ସାହିତ୍ୟ ସହିତ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ସେ ବଙ୍ଗୀୟ କାୟସ୍ଥ ହୋଇଥିବାରୁ ବଙ୍ଗଳା ଭାଷାରେ ତାଙ୍କର ଗଭୀର ପ୍ରବେଶ ଥିଲା । ତାଙ୍କର ଉଚ୍ଚକୋଟୀର ସାହିତ୍ୟିକ କୃତି ମଧ୍ୟରୁ (କ) କେଦାରଗୌରୀ, (ଖ) ଚନ୍ଦ୍ରଭାଗା, (ଗ) ଚିଲିକା, (ଘ) ନନ୍ଦିକେଶରୀ, (ଙ) ଉଷା, (ଚ) ପାର୍ବତୀ, (ଛ) ମହାଯାତ୍ରା, (ଜ) ଯଯାତିକେଶରୀ ଆଦି କାବ୍ୟକୃତି ବିଶେଷ ଉଲ୍ଲେଖଯୋଗ୍ୟ । ସେ ପ୍ରଧାନତଃ କବି ହେଲେ ହେଁ ଆଧୁନିକ ଓଡ଼ିଆ ପ୍ରବନ୍ଧର ସେ ହେଉଛନ୍ତି ପ୍ରଥମ ସାର୍ଥକ ସ୍ରଷ୍ଟା । 'ବିବେକୀ' ୧୮୭୩ ମସିହାରେ ପ୍ରକାଶିତ ପ୍ରଥମ ପ୍ରବନ୍ଧ । ତାଙ୍କର ସାରସ୍ୱତ ସାଧନାପାଇଁ ଇଂରେଜ ସରକାର ତାଙ୍କୁ 'ରାୟ ବାହାଦୁର' ଉପାଧି ପ୍ରଦାନ କରିଥିଲେ ।

Digitized by srujan ka@gmail.com

ଉତ୍କଳ-ଗୌରବ ମଧୁସୂଦନ ଦାସ

୧୮୪୮ — ୧୯୩୪

ନବ ଉତ୍କଳର ନିର୍ମାତା ମଧୁସୂଦନ ଦାସ କଟକ ଜିଲ୍ଲାର ସତ୍ୟଭାମାପୁରଠାରେ ଜନ୍ମଗ୍ରହଣ କରିଥିଲେ । ସେ ଓଡ଼ିଶାର ଘରେ ଘରେ ସାଧାରଣ ଜନତା ନିକଟରେ 'ମଧୁ ବାରିଷ୍ଟର' ଓ 'କୁଳବୃଦ୍ଧ' ନାମରେ ପରିଚିତ । କଲିକତା ବିଶ୍ୱବିଦ୍ୟାଳୟରୁ ଏମ୍.ଏ. ପାସ୍ କଲା ପରେ ସେ କିଛିକାଳ ଶିକ୍ଷକତା କରିଥିଲେ । ବି.ଏଲ୍. ପାସ୍ କରିବା ପରେ ସେ ଶିକ୍ଷକତା ଛାଡ଼ି କଲିକତାରେ ଓକିଲାତି କରିଥିଲେ । ସେହିଠାରେ ସେ ହିନ୍ଦୁଧର୍ମ ଛାଡ଼ି ଖ୍ରୀଷ୍ଟଧର୍ମ ଗ୍ରହଣ କଲେ । ବାରିଷ୍ଟରୀ ପଢ଼ିବାପାଇଁ ସେ ଇଂଲଣ୍ଡ ଯାଇଥିଲେ । ଓଡ଼ିଆ ଓ ଓଡ଼ିଶାର ସ୍ୱାଭିମାନ ପ୍ରତିଷ୍ଠାପାଇଁ ସେ ଗଢ଼ିଥିଲେ 'ଉତ୍କଳ ସମ୍ମିଳନୀ' । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସେ ଥିଲେ ମୁଖ୍ୟ କର୍ଣ୍ଣଧାର । ୧୯୨୧ ମସିହାରେ ମଧୁବାବୁ ବିହାର-ଓଡ଼ିଶା ମନ୍ତ୍ରୀ ରୂପେ ନିଯୁକ୍ତ ହୋଇଥିଲେ । ଜଣେ ବାଗ୍ମୀ, ନେତା ତଥା ଅସାଧାରଣ ପ୍ରତିଭା-ସଂପନ୍ନ ବ୍ୟକ୍ତି ଭାବରେ ସେ ସୁବିଦିତ । ତାଙ୍କର ଉପାର୍ଜିତ ଧନକୁ ସେ ଅକାତରରେ ଦରିଦ୍ର ଜନତାକୁ ମୁକ୍ତହସ୍ତରେ ଦାନ କରୁଥିଲେ । ଉତ୍କଳ ଗୌରବ ମଧୁସୂଦନ ବ୍ରିଟିଶ ସରକାରଙ୍କ ଦ୍ୱାରା ସି.ଆଇ.ଇ. ଉପାଧିରେ ଭୂଷିତ ହୋଇଥିଲେ । ତାଙ୍କର ଦେଶାତ୍ମବୋଧକ କବିତାଗୁଡ଼ିକ କାଳଜୟୀ ।

Digitized by srujan ka@gmail.com

ପଣ୍ଡିତ ଗୋବିନ୍ଦ ରଥ

୧୮୪୮ — ୧୯୧୮

କଟକ ଜିଲ୍ଲାର ବାଙ୍କୀ ନିକଟସ୍ଥ ପଦ୍ମନାଭପୁର ଗ୍ରାମରେ ଗୋବିନ୍ଦ ରଥଙ୍କ ଜନ୍ମ । ସମ୍ଭ୍ରାନ୍ତ ବ୍ରାହ୍ମଣ ପରିବାର ଜାତ ଏହି ବ୍ୟକ୍ତି ସଂସ୍କୃତ ଓ ଓଡ଼ିଆ ଭାଷାରେ ବେଶ୍ ଦକ୍ଷତା ଅର୍ଜନ କରିଥିଲେ । ସେ ଅନ୍ୟୂନ ଦୁଇଶହ ଖଣ୍ଡ ପୁସ୍ତକର ଶୁଦ୍ଧ ସଂସ୍କରଣକାରୀ ପ୍ରକାଶକ । 'ସତ୍ୟେଶ୍ୱର' ତାଙ୍କର ଏକମାତ୍ର ଗଦ୍ୟ ପୁସ୍ତକ । ତାଙ୍କର ପଦ୍ୟ ସଂକଳନଗୁଡ଼ିକ ମଧ୍ୟରୁ 'କୁସୁମ କଳିକା', 'କବିତା କଳାପ', 'ମହାମେଳା ଦର୍ଶନ', 'କରତାଳି', 'କଟକ ନଗରୀ' ଓ 'ଫ୍ୟୁଚର୍ ସାହେବ' ପ୍ରଭୃତି ସୃଷ୍ଟି ବିଶେଷ ଉଲ୍ଲେଖଯୋଗ୍ୟ । ଟୀକା ସହ ଗ୍ରନ୍ଥ ସଂପାଦନ ଓ ପ୍ରକାଶନ କ୍ଷେତ୍ରରେ ପଣ୍ଡିତ ଗୋବିନ୍ଦ ରଥ ହିଁ ଓଡ଼ିଆ ଭାଷାର ପଥ ପ୍ରଦର୍ଶକ । ସେ ଥିଲେ ଜଣେ ସ୍ପଷ୍ଟବାଦୀ ତଥା ନିର୍ଭୀକମନା ବ୍ୟକ୍ତି । 'ଉତ୍କଳ ସମ୍ମିଳନୀ'ର ଜଣେ ପ୍ରତିଷ୍ଠିତ ସଭ୍ୟ ଭାବରେ ସେ ଏହାର ଅଧିକାଂଶ ଅଧିବେଶନରେ ଯୋଗ ଦେଉଥିଲେ । ପଣ୍ଡିତ ଗୋବିନ୍ଦ ରଥଙ୍କ ସ୍ୱାଭିମାନ ଜାତୀୟ ଚେତନା ପ୍ରଣୋଦିତ ଥିଲା । ତାଙ୍କ ରଚନାଶୈଳୀ ସରଳ, ସ୍ୱାଭାବିକ ଓ ସର୍ବଜନବୋଧ । ଭାଷା କେତେବେଳେ ଭାବର ବାଧକ ନ ହେଉ ବୋଲି ସେ ଯୁକ୍ତି କରି ଆସିଥିଲେ ।

Digitized by srujan ka@gmail.com

ସନ୍ଥକବି ଭୀମ ଭୋଇ

୧୮୫୦ — ୧୮୯୫

ଭୀମଭୋଇ ଥିଲେ ଜଣେ ଏକନିଷ୍ଠ ସାଧକ, ନିଷ୍ଠାପର ଧର୍ମନେତା ତଥା ଅଲୌକିକ କବି ପ୍ରତିଭା-ସଂପନ୍ନ ବ୍ୟକ୍ତିତ୍ୱ । ସେ ରେଢ଼ାଖୋଲସ୍ଥ ଗ୍ରାମଡିହ ଗ୍ରାମରେ ଏକ କନ୍ଧ ପରିବାରରେ ଜନ୍ମ ହୋଇଥିଲେ । ପ୍ରତିକୂଳ ପରିବେଶରେ ଏହି ସ୍ୱଳ୍ପାୟୁ ବ୍ୟକ୍ତି ସାଂପ୍ରଦାୟିକ ସଂକୀର୍ଣ୍ଣତାରୁ ମୁକ୍ତ ହୋଇ ଯେଉଁ ମାନବବାଦୀ ଉଦାର ଧର୍ମ ପ୍ରଚାର କରିଯାଇଛନ୍ତି ତାହା ଅସାଧାରଣ ଓ ଅଭୂତପୂର୍ବ । ଏହି ପ୍ରବାଦ-ପୁରୁଷଙ୍କ ଜୀବନର ପ୍ରତିଟି ପୃଷ୍ଠା କିମ୍ବଦନ୍ତୀମୟ । ମାୟାପୂର୍ଣ୍ଣ ଜଗତର ବାସ୍ତବତାକୁ ଦେଖିପାରୁ ନ ଥିବା ଏହି କବି ଆଧ୍ୟାତ୍ମିକ ବିନୟଭାବ ପ୍ରକାଶ କରି ନିଜକୁ ଅନ୍ଧ ବୋଲି ଘୋଷଣା କରି ଯାଇଛନ୍ତି । ଶୈଶବରୁ ପିତୃମାତୃହୀନ ଓ ପାରମ୍ପରିକ ଶିକ୍ଷାରୁ ବଞ୍ଚିତ ଦିବ୍ୟଦ୍ରଷ୍ଟା କବି ସତ୍ୟ, ଅହିଂସା ଓ ଆଦର୍ଶ ଜୀବନର ଉଦ୍‌ଘୋଷକ । ସେ ଅଲେଖ, ନିରଞ୍ଜନ ଓ ମହିମା ଗୋସେଇଁଙ୍କ ଉପାସକ । ତାଙ୍କର ସହସ୍ର ଭଜନ, ଜଣାଣ ଓ ଚଉତିଶା ଉତ୍କଳୀୟ ଜନଜୀବନ ଉପରେ ଅଖଣ୍ଡ ପ୍ରଭାବ ବିସ୍ତାର କରି ରହିଛି । ତାଙ୍କର ଯଶସ୍ୱୀ କାବ୍ୟ-କୃତି ମଧ୍ୟରୁ 'ସ୍ତୁତି ଚିନ୍ତାମଣି', 'ଶ୍ରୁତି ନିଷେଧ ଗୀତା', 'ଆଦି ଅନ୍ତ ଗୀତା', 'ବ୍ରହ୍ମ ନିରୂପଣ ଗୀତା', 'ନିର୍ବେଦ ସାଧନ' ଓ 'ପଦ୍ମ କଳ୍ପ' ବିଶେଷ ଉଲ୍ଲେଖନୀୟ ।

Digitized by srujan ka@gmail.com

ପ୍ୟାରୀମୋହନ ଆଚାର୍ଯ୍ୟ

୧୮୫୧ - ୧୮୮୧

ଆଚାର୍ଯ୍ୟ ପ୍ୟାରୀମୋହନ ଜଣେ ଯୋଗଜନ୍ମା ସୁପୁରୁଷ । ସେ କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳର 'ପଶଲୁଣ୍ଡା' ଗ୍ରାମରେ ଜନ୍ମଲାଭ କରିଥିଲେ । ରେଭେନ୍‌ସା କଲେଜରେ ପାଠ ପଢୁଥିବା ସମୟରେ ସେ କଟକ ସହରର ରାସ୍ତାଘାଟ ଅବ୍ୟବସ୍ଥା ପ୍ରତି ବିଦ୍ରୂପ କରି ଏକ ଲେଖା ଲେଖିବାରୁ ଇଂରେଜ ସରକାରଙ୍କ ଦ୍ୱାରା କଲେଜ ପଢ଼ାରୁ ବଞ୍ଚିତ ହୋଇଥିଲେ । ତାଙ୍କରି ପ୍ରଚେଷ୍ଟାରେ କଟକ ସହରରେ ଗଢ଼ି ଉଠିଥିଲା ଏକ ଉଚ୍ଚ ବିଦ୍ୟାଳୟ, ଯାହା ଏବେ ପ୍ୟାରୀମୋହନ ଏକାଡେମୀ ନାମରେ ପରିଚିତ । ଓଡ଼ିଆ ଜାତିର ଐତିହାସିକ ଆତ୍ମ ପରିଚୟ ଦେବା ଉଦ୍ଦେଶ୍ୟରେ ସେ 'ଓଡ଼ିଶାର ଇତିହାସ' (୧୮୭୯) ଲେଖିଥିଲେ । ସେ ଗଦ୍ୟ ସାହିତ୍ୟର ବିଚିତ୍ର ସମ୍ଭାବନାର ଆଶାବାଦୀ ବ୍ୟକ୍ତିତ୍ୱ । ସମକାଳୀନ ପ୍ରାୟ ପ୍ରତ୍ୟେକ ପତ୍ରିକାରେ ତାଙ୍କର ବଳିଷ୍ଠ ଗଦ୍ୟ ଲେଖାମାନ ପ୍ରକାଶ ପାଉଥିଲା । ସେ ଆଧୁନିକ ସାହିତ୍ୟର ସପକ୍ଷବାଦୀ ଥିଲେ । ତାଙ୍କ ମତରେ ପ୍ରାଚୀନ ସାହିତ୍ୟ ଶବ୍ଦାଡ଼ମ୍ବର ପୂର୍ଣ୍ଣ, ସାତ୍ତ୍ୱିକ ଭାବମୟ, ଅଶ୍ଳୀଳ ଭାଷାଯୁକ୍ତ ହେତୁ ଯୌବନୋନ୍ମୁଖ ବାଳକ ହସ୍ତରେ ନିରାପଦ ନୁହେଁ । ସ୍ୱଳ୍ପ ଜୀବନ କାଳ ମଧ୍ୟରେ ଜାତି ଉଦ୍ଦେଶ୍ୟରେ ତାଙ୍କର ଅବଦାନ ଅବିସ୍ମରଣୀୟ ।

Digitized by srujan ka@gmail.com

ବାସୁଦେବ ସୁଢଳଦେବ

୧୮୫୧ — ୧୯୦୩

ବାମଣ୍ଡାଧିପ ମହାରାଜ ବାସୁଦେବ ସୁଢଳଦେବ ଥିଲେ ଜଣେ ବିଦ୍ୟା-ଉତ୍ସାହୀ, ଯଶସ୍ୱୀ ପୁରୁଷ ଓ କଳା-ସଂସ୍କୃତିର ପୃଷ୍ଠପୋଷକ । ତାଙ୍କରି ପ୍ରଚେଷ୍ଟାରେ ଆଧୁନିକ କାଳରେ ଓଡ଼ିଆ ସାହିତ୍ୟର ଭୂୟୋବିକାଶ ଘଟିଥିଲା । ସାହିତ୍ୟାନୁରାଗ ଓ ସାହିତ୍ୟ ପୃଷ୍ଠପୋଷକତା ତାଙ୍କ ରାଜ୍ୟ ଶାସନର ଦୁଇଟି ପ୍ରମୁଖ ଅଙ୍ଗ ହୋଇପଡ଼ିଥିଲା । କବିବର ରାଧାନାଥ ବହୁବାର ଏହାଙ୍କର ଆତିଥ୍ୟ ଗ୍ରହଣ କରିଥିଲେ । ସେ ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ବ୍ୟକ୍ତିତ୍ୱରେ ଆକର୍ଷିତ ହୋଇ ତାଙ୍କର ଭୂୟସୀ ପ୍ରଶଂସା କରିଯାଇଛନ୍ତି । ମହାରାଜା ବାସୁଦେବ ଜଣେ ଉଚ୍ଚକୋଟୀର କବି ଥିଲେ । ତାଙ୍କର ରଚନାବଳୀ ମଧ୍ୟରୁ 'ଚିତ୍ରୋତ୍ପଳା' ଓ 'ବୀର ବାମା' ଉଲ୍ଲେଖଯୋଗ୍ୟ । ସାରସ୍ୱତ ଜଗତର ଏହି ଦୀପ୍ତିମାନ ବ୍ୟକ୍ତିତ୍ୱ ଜାତିପାଇଁ ସୃଷ୍ଟି କରି ଯାଇଥିବା ସାହିତ୍ୟିକ ପରିବେଶ ଲାଗି ଚିର ସ୍ମରଣୀୟ ହୋଇ ରହିବେ । ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ ପୃଷ୍ଠାରେ 'ବାମଣ୍ଡା' ଯେଉଳି ଏକ ତୀର୍ଥକ୍ଷେତ୍ର ରୂପେ ସ୍ଥାନିତ ହୋଇଛି, ଠିକ୍ ସେହିଭଳି ଚିରକାଳପାଇଁ ଅଭୁଲା ହୋଇ ରହିଛି ବାସୁଦେବ ସୁଢଳଦେବଙ୍କ ନାମ ।

Digitized by srujan ka@gmail.com

ଭକ୍ତକବି ମଧୁସୂଦନ ରାଓ

୧୮୫୩ — ୧୯୧୨

ଭକ୍ତକବି ଋଷିପ୍ରାଣ ମଧୁସୂଦନ ରାଓ ଓଡ଼ିଆ ସାହିତ୍ୟରେ ଏକ ବିରଳ ବ୍ୟକ୍ତିତ୍ୱ । ବ୍ୟକ୍ତିଗତ ଜୀବନରେ ସେ ଥିଲେ ରାଧାନାଥ ରାୟଙ୍କର ପଟ୍ଟଶିଷ୍ୟ । ବୃତ୍ତିରେ ସେ ଜଣେ ଆଦର୍ଶ ଶିକ୍ଷକ; ମାତ୍ର ଆତ୍ମାରେ ସେ ଥିଲେ ବ୍ରାହ୍ମଧର୍ମର ପରିପ୍ରସାରକ । ତାଙ୍କ କବିତାର ଛତ୍ରେ ଛତ୍ରେ ଉପନିଷଦୀୟ ଚିନ୍ତାଧାରା ପ୍ରତିଫଳିତ । ଆନନ୍ଦରୁ ଏ ଜଗତ ସୃଷ୍ଟି, ଆନନ୍ଦରେ ଏହାର ପରିବୃଦ୍ଧି ଓ ଆନନ୍ଦରେ ଏହାର ପରିସମାପ୍ତି- ଏହି ଅମୃତବାଣୀ ଥିଲା ବ୍ରହ୍ମଜ୍ଞ ମଧୁସୂଦନଙ୍କ ଜୀବନାଦର୍ଶ । ସେ ପୁରୀର ପଥୁରିଆ ସାହିରେ ଜନ୍ମ । ଓଡ଼ିଶାରେ ପାଠ୍ୟପୁସ୍ତକ ଅଭାବ ଅନୁଭବ କରି ସେ ଅନେକ ପାଠ୍ୟ-ପୁସ୍ତକ ରଚନା କରିଥିଲେ । ତାଙ୍କ 'ବର୍ଣ୍ଣବୋଧ' ଓଡ଼ିଆ ଶିଖିବାର ଶିଶୁ-ବେଦ । ସେ କଟକରେ ଭିକ୍ଟୋରିଆ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ,- ଯାହା ପରବର୍ତ୍ତୀ କାଳରେ ଭକ୍ତମଧୁ ବିଦ୍ୟାପୀଠ ରୂପେ ପରିଚିତ ହେଲା । ତାଙ୍କର ସାହିତ୍ୟିକ ଅବଦାନ ମଧ୍ୟରୁ ଉଲ୍ଲେଖନୀୟ ହେଲା- ''କୁସୁମାଂଜଳି, ବସନ୍ତଗାଥା, ଉତ୍ତର ରାମଚରିତ, ବାଳ ରାମାୟଣ, କବିତାବଳି, ସାହିତ୍ୟ କୁସୁମ, ବାଳବୋଧ, ଶିଶୁବୋଧ'' ଇତ୍ୟାଦି । ତାଙ୍କୁ ଇଂରେଜ ସରକାର 'ରାୟ ବାହାଦୁର' ଉପାଧି ପ୍ରଦାନ କରିଥିଲେ । ସେ 'ଉତ୍କଳ ସାହିତ୍ୟ ସମାଜ'ର ପ୍ରଥମ ସଭାପତି ଥିଲେ ।

Digitized by srujan ka@gmail.com

ରାମଶଙ୍କର ରାୟ

୧୮୫୮ — ୧୯୩୧

ନାଟ୍ୟକାର, ଔପନ୍ୟାସିକ ରାମଶଙ୍କର ରାୟ ହେଉଛନ୍ତି କର୍ମବୀର ଗୌରୀଶଙ୍କର ରାୟଙ୍କର ସାନଭାଇ । ତାଙ୍କର ଜନ୍ମସ୍ଥାନ କଟକ ଜିଲ୍ଲାର ଅସୁରେଶ୍ୱରସ୍ଥ ଦୀକ୍ଷିତପଡ଼ା । ସେ କଟକ ସହରରେ ଓଡ଼ିଆ ନାଟକ ଅଭିନୟ ପ୍ରଦର୍ଶନପାଇଁ ରଚନା କରିଥିଲେ ପ୍ରଥମ ମଞ୍ଚ ସଫଳ ନାଟକ 'କାଞ୍ଚି କାବେରୀ' (୧୮୮୧ ମସିହା) । ଏହି ନାଟକରେ ସେ ଅମିତ୍ରାକ୍ଷର ଛନ୍ଦ ବ୍ୟବହାର କରିଥିଲେ ଏବଂ ସେଥିପାଇଁ ତାଙ୍କୁ ବହୁ ପ୍ରଶଂସା ମିଳିଥିଲା । ଜଗନ୍ନାଥ ଭାବ-ଭାବନା ଓ ଓଡ଼ିଶାର ଜାତୀୟ ଗୌରବ ଆଖ୍ୟାୟିକା ଲାଗି ଏହି ନାଟକ ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଥିଲା । ଓଡ଼ିଶାର ରାଜନୀତି ଓ ମରହଟ୍ଟା ଶାସନକାଳର ଅରାଜକତା, ଲୁଣ୍ଠନ ତଥା ଅତ୍ୟାଚାର ହିଁ ତାଙ୍କ କଥା-ସାହିତ୍ୟର ଭିତ୍ତିଭୂମି । 'ବିବାସିନୀ' ଉପନ୍ୟାସ ତତ୍‌କାଳୀନ ଶାସନର ଏକ ନିଚ୍ଛକ ପ୍ରତିଛବି । ତାଙ୍କ ସାହିତ୍ୟ-ସଂପଦ ମଧ୍ୟରେ ଦଶଖଣ୍ଡ ନାଟକ, ଦୁଇଟି ପ୍ରହସନ, ଦୁଇଟି ଗୀତିନାଟ୍ୟ ବ୍ୟତୀତ କେତେଖଣ୍ଡ ସଂପୂର୍ଣ୍ଣ ଓ ଅସଂପୂର୍ଣ୍ଣ ଉପନ୍ୟାସ ଅନ୍ତର୍ଭୁକ୍ତ । ଏହା ସତ୍ତ୍ୱେ 'କାଞ୍ଚି କାବେରୀ' ନାଟକକୁ ତାଙ୍କର ସର୍ବଶ୍ରେଷ୍ଠ କୃତି ରୂପେ ବିବେଚନା କରାଯାଏ । ରାମଶଙ୍କର ରାୟ ଖ୍ରୀ. ୧୯୧୪ - ୧୯ ପର୍ଯ୍ୟନ୍ତ 'ଉତ୍କଳ ସାହିତ୍ୟ ସମାଜ'ର ସହ-ସଭାପତି ଓ ଖ୍ରୀ. ୧୯୧୯-୨୯ ପର୍ଯ୍ୟନ୍ତ ସଭାପତି ଦାୟିତ୍ୱ ବହନ କରିଥିଲେ ।

Digitized by srujan ka@gmail.com

ସ୍ୱଭାବ-କବି ଗଙ୍ଗାଧର ମେହେର

୧୮୬୨ — ୧୯୨୪

ରଙ୍ଗାଜୀବ ଗଙ୍ଗାଧର ମେହେର ଓଡ଼ିଶାରେ ସ୍ୱଭାବ୍-କବି ରୂପେ ସୁବିଦିତ । ସେ ଗୋଟିଏ ହାତରେ ତନ୍ତ୍ରଚର୍ଚ୍ଚା ଏବଂ ଅନ୍ୟ ହାତରେ ଗ୍ରନ୍ଥ ରଚନା କରି ଉତ୍କଳ-ଭାରତୀଙ୍କ ଶ୍ରୀ ବୃଦ୍ଧି କରିଯାଇଛନ୍ତି । ସେ ଅବିଭକ୍ତ ସମ୍ବଲପୁର ଜିଲ୍ଲା (ବର୍ତ୍ତମାନ ବରଗଡ଼ ଜିଲ୍ଲା)ର ବରପାଲିଠାରେ ଏକ ତନ୍ତୁବାୟ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଦାରିଦ୍ର୍ୟ-ନିଷ୍ପେଷିତ ଗଙ୍ଗାଧରଙ୍କ ସାଧନା ଥିଲା ବହୁମୁଖୀ । ମାତ୍ର ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଆନୁଷ୍ଠାନିକ ଶିକ୍ଷାଲାଭ କରିଥିଲେ ହେଁ ସେ ନିଜ ଅଧ୍ୟବସାୟ ଓ ପ୍ରଗାଢ଼ ନିଷ୍ଠା ବଳରେ ସଂସ୍କୃତ ଓ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ବ୍ୟୁତ୍ପତ୍ତି ଲାଭ କରିଥିଲେ । ଗଙ୍ଗାଧର ଥିଲେ ରୁଚିବୋଧର କବି ଏବଂ ଭାରତୀୟ ପରମ୍ପରା-ବିଶ୍ୱାସୀ । ପ୍ରକୃତିର ଅଭିନବ ଜୀବନ୍ୟାସ, ଆଦର୍ଶ ଚରିତ୍ର ଚିତ୍ରଣ ଏବଂ ପ୍ରାଚୀନ ଓ ଆଧୁନିକ ଧାରାର ସମନ୍ୱୟ ତାଙ୍କ ସାହିତ୍ୟ କୃତିର ବିଶେଷତ୍ୱ । ଈଶ୍ୱର ବିଶ୍ୱାସ ଓ ଭକ୍ତି ଭାବନା ତାଙ୍କ ସୃଷ୍ଟିର ଅନ୍ୟତମ ମହନୀୟ ଦିଗ । ତାଙ୍କର ଅମ୍ଳାନ କୃତି ମଧ୍ୟରୁ (କ) ରସ ରତ୍ନାକର, (ଖ) ଇନ୍ଦୁମତୀ, (ଗ) ପ୍ରଣୟ ବଲ୍ଲରୀ, (ଘ) ଅର୍ଘ୍ୟଥାଳୀ, (ଙ) କୀଚକବଧ, (ଚ) ତପସ୍ୱିନୀ, (ଛ) ଅହଲ୍ୟାସ୍ତବ ଆଦି ଉଲ୍ଲେଖଯୋଗ୍ୟ । କୃଷିଭିତ୍ତିକ କବିତାଗୁଡ଼ିକରେ ଗଙ୍ଗାଧରଙ୍କ ପଲ୍ଲୀପ୍ରାଣତାର ଚମତ୍କାର ରୂପ ଦେଖିବାକୁ ମିଳେ ।

Digitized by srujan ka@gmail.com

ବାଗ୍ମୀ ବିଶ୍ୱନାଥ କର

୧୮୬୪ — ୧୯୩୪

ନିଷ୍ପାପର ସାହିତ୍ୟସାଧକ ବାଗ୍ମୀ ବିଶ୍ୱନାଥ କର କଟକ ଜିଲ୍ଲାର ମୂଳ ବସନ୍ତ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଛାତ୍ର ଜୀବନରୁ ସେ ଥିଲେ ନିର୍ଭୀକ ଓ ସ୍ୱାଧୀନଚେତା । ରେଭେନ୍‌ସା କଲେଜରୁ ସ୍ନାତକ ଶିକ୍ଷା ଶେଷ କରି ସେ କୁଆଁପାଳ ପ୍ରାଇମେରୀ ସ୍କୁଲ, ପ୍ୟାରୀମୋହନ ଏକାଡେମୀ ଓ ମିସନ୍ ସ୍କୁଲରେ ଶିକ୍ଷକତା କରିଥିଲେ । 'ସଂସ୍କାର' ନାମକ ଏକ ପତ୍ରିକା ତାଙ୍କ ସଂପାଦନାରେ ପ୍ରକାଶିତ ହେଉଥିଲା । ୧୮୯୭ ମସିହାରେ ସେ 'ଉତ୍କଳ ସାହିତ୍ୟ ପ୍ରେସ' ପ୍ରତିଷ୍ଠା କରି 'ଉତ୍କଳ ସାହିତ୍ୟ' ନାମକ ମର୍ଯ୍ୟାଦାଜନକ ସାହିତ୍ୟ ପତ୍ରିକା ପ୍ରକାଶ କରିଥିଲେ । ଓଡ଼ିଶାର ବିଶିଷ୍ଟ ସାହିତ୍ୟାନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ'ର ସେ ପ୍ରଥମ ସଂପାଦକ ଥିଲେ । ପରେ ସେ ଏହାର ସଭାପତି ଦାୟିତ୍ୱ ତୁଲାଇଥିଲେ । ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାର ସେ ପ୍ରତିନିଧି ଥିଲେ । ଜୀବନର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ସେ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ । ସାହିତ୍ୟ, ସଂସ୍କୃତି, ଧର୍ମ ଓ ଲୋକାଚାର ପ୍ରଭୃତି ଯାବତୀୟ ବିଷୟରେ ତାଙ୍କଦ୍ୱାରା ଲିଖିତ ଓ ବିଭିନ୍ନ ସମୟରେ ପ୍ରକାଶିତ ପ୍ରବନ୍ଧାବଳୀର ଏକ ମନୋଜ୍ଞ ସଂକଳନ ହେଲା 'ବିବିଧ ପ୍ରବନ୍ଧ' । ରୀତି, ନୀତି ଓ ରୁଚିରେ ବିଶ୍ୱନାଥ ଥିଲେ ଅତ୍ୟନ୍ତ ସମ୍ଭ୍ରାନ୍ତ । ଜଣେ ଆଦର୍ଶ ପତ୍ରିକା ସଂପାଦକ ଭାବରେ ତାଙ୍କର ସୁନାମ ଅନତିକ୍ରମଣୀୟ ।

Digitized by srujan ka@gmail.com

କବି-ଶେଖର ଚିନ୍ତାମଣି ମହାନ୍ତି

୧୮୬୭ — ୧୯୪୩

ଚିନ୍ତାମଣି ମହାନ୍ତିଙ୍କ ଲେଖନୀ ଥିଲା ଅଜସ୍ରସ୍ରାବୀ । ଭଦ୍ରକ ଜିଲ୍ଲାରେ ସେ ଜନ୍ମ । ଶିକ୍ଷାଗତ ଯୋଗ୍ୟତା ଥିଲା ଭର୍ଣ୍ଣାକୁଲାର ବା ଏମ୍.ଇ.ପାସ୍ । ବୃତ୍ତିରେ ଶିକ୍ଷକ; ୧୯୦୩ ମସିହାରୁ ସାମ୍ବାଦିକ । ଦାରିଦ୍ର୍ୟ ଓ ବ୍ୟାଧି ତାଙ୍କର ଚିର ସହଚର । ସେ ଥିଲେ ରାଧାନାଥ ରାୟଙ୍କର ପରମ ଭକ୍ତ ଏବଂ ଭଞ୍ଜଙ୍କର ବଡ଼ ସ୍ତାବକ । ତାଙ୍କ ସାହିତ୍ୟରେ ରାଧାନାଥୀୟ କଳ୍ପନାବିଳାସତା, ଫକୀରମୋହନୀୟ ବାସ୍ତବବାଦିତା ତଥା ସଂସ୍କାରବାଦିତା ଏବଂ ମଧୁସୂଦନୀୟ ଆଧ୍ୟାତ୍ମିକତାର ତ୍ରିବେଣୀ ସଙ୍ଗମ ଘଟିଥିଲା । ତାଙ୍କର ଭାଷା କେତେବେଳେ ଗାମ୍ଭୀର୍ଯ୍ୟ ଭାବପ୍ରକାଶକାରୀ ତ କେତେବେଳେ ଗ୍ରାମୀଣ ଭାବବିଭବର ସଂବାହକ । ମହାରାଜା ବିକ୍ରମଦେବ ବର୍ମାଙ୍କ ଉଦ୍ୟମରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ତରଫରୁ ତାଙ୍କୁ 'କବି-ଶେଖର' ଉପାଧି ମିଳିଥିଲା । 'ମୋହିନୀ' ତାଙ୍କର ପ୍ରଥମ ମୁଦ୍ରିତ କାବ୍ୟଗ୍ରନ୍ଥ । ୧୯୩୮ ମସିହାରେ ତାଙ୍କର ଗ୍ରନ୍ଥାବଳୀ ୪ ଖଣ୍ଡରେ ପ୍ରକାଶିତ । ସେ ୪୮ଟି କାବ୍ୟଗ୍ରନ୍ଥ, ପାଞ୍ଚଖଣ୍ଡ ଉପନ୍ୟାସ, ତିନୋଟି ବଡ଼ ଗଳ୍ପ ଓ ଆହୁରି ଅନେକ ଗଦ୍ୟ-ପଦ୍ୟର ସ୍ରଷ୍ଟା । ତାଙ୍କର କୃତିମାନଙ୍କ ମଧ୍ୟରୁ ''ଟଙ୍କା ଗଛ, ଯୁଗଳ ମଠ, ଶନିସପ୍ତା, ବୁଲା ଫକୀର ଓ ରୁପାଚୁଡ଼ି'' ଉପନ୍ୟାସ ଏବଂ ''ଘୁମୁସର କାବ୍ୟ, ମେଘାସନ, ସୁରଙ୍ଗୀ, ଉତ୍କଳ କମଳା'' ଆଦି କାବ୍ୟଗ୍ରନ୍ଥ ଉଲ୍ଲେଖନୀୟ ।

Digitized by srujan ka@gmail.com

ଚନ୍ଦ୍ରମୋହନ ମହାରଣା

୧୮୬୭ — ୧୯୨୯

ଏକ ଦରିଦ୍ର ସ୍ୱର୍ଣ୍ଣକାର ପରିବାରରେ ଚନ୍ଦ୍ରମୋହନଙ୍କ ଜନ୍ମ । ତାଙ୍କ ଜନ୍ମସ୍ଥାନ ବାଲେଶ୍ୱର ଜିଲ୍ଲାର ରେମୁଣା ନିକଟସ୍ଥ ପୁରୁଷୋତ୍ତମପୁର ଗ୍ରାମ । ଶୈଶବରୁ ଉଚ୍ଚାଭିଳାଷୀ ଚନ୍ଦ୍ରମୋହନଙ୍କର ବିଦ୍ୟାର୍ଜନ ପାଇଁ ଥିଲା ପ୍ରବଳ ଆଗ୍ରହ । ଗ୍ରାମଠାରୁ ଦଶମାଇଲ ଦୂର ବାଲେଶ୍ୱରକୁ ଚାଲି ଚାଲି ଯାଇ ସେ ବିଦ୍ୟାଧ୍ୟୟନ କରୁଥିଲେ । ୧୮୮୬ରେ ସେ କଲିକତା ବିଶ୍ୱବିଦ୍ୟାଳୟରେ ଚତୁର୍ଥ ସ୍ଥାନ ଅଧିକାର କରି ଏଣ୍ଟ୍ରାନ୍ସ ପାସ୍ କରିଥିଲେ । ରେଭେନ୍ସା କଲେଜରେ ଏଫ୍.ଏ. ପଢ଼ି ଛାତ୍ରବୃତ୍ତି ଲାଭ କରିଥିଲେ ଏବଂ ସେହି ଅର୍ଥରେ ସେ ବି.ଏ. ପଢ଼ି ଶେଷ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ରାଧାନାଥ ରାୟଙ୍କ ପ୍ରେରଣାରେ ସେ ଅନ୍ୟାନ୍ୟ ଲୋଭନୀୟ ଚାକିରି ଛାଡ଼ି ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକ ଭାବେ ଯୋଗ ଦେଇଥିଲେ । ସେ କଟକ ଟ୍ରେନିଂ ସ୍କୁଲର ଶିକ୍ଷକ ରୂପେ ଯୋଗଦେବା ପରେ ସାହିତ୍ୟ ସେବାର ସୁଯୋଗ ଲାଭ କଲେ । ତାଙ୍କରି ଉଦ୍ୟମରେ ମଧୁସୂଦନ ରାଓ ଓ ବିଶ୍ୱନାଥ କରଙ୍କ ସହ ଟ୍ରେନିଂ ସ୍କୁଲରେ ଆରମ୍ଭ ହୋଇଥିଲା 'ଆଲୋଚନା ସଭା' ୧୮୯୪ ମସିହାରେ । ପରବର୍ତ୍ତୀ କାଳରେ ତାହା ହେଲା 'ଉତ୍କଳ ସାହିତ୍ୟ ସମାଜ' । ଏହି ନିଷ୍ଠାପର ସାହିତ୍ୟ ସାଧକଙ୍କ କୃତି ମଧ୍ୟରୁ ଓଡ଼ିଆ ବ୍ୟାକରଣ, କଥାବଳୀ ଓ ଅନେକ ମୂଲ୍ୟବାନ ପ୍ରବନ୍ଧ ତଥା କବିତା ଉଲ୍ଲେଖଯୋଗ୍ୟ ।

Digitized by srujan ka@gmail.com

ନୀଳମଣି ବିଦ୍ୟାରତ୍ନ

୧୮୬୭ — ୧୯୨୩

ନୀଳମଣିଙ୍କ ଜନ୍ମସ୍ଥାନ କଟକ ଜିଲ୍ଲା ବାଙ୍କି ବୈଦ୍ୟେଶ୍ୱର ନିକଟସ୍ଥ ବ୍ରଜବିହାରୀପୁର ଶାସନ । ପିତା- ଗୌରୀଚରଣ ମିଶ୍ର; ମାତା- ରୋହିଣୀ ଦେବୀ । ସେ ଭର୍ଣ୍ଣାକୁଲାରରେ ଏମ୍.ଇ. ପାସ୍ କରି ବୃତ୍ତି ପାଇଥିଲେ । ଅଧିକ ପଢ଼ିବା ତାଙ୍କ ଭାଗ୍ୟରେ ନ ଥିଲା । ନୀଳମଣିଙ୍କ ହସ୍ତାକ୍ଷର ଖୁବ୍ ସୁନ୍ଦର । କବିବର ରାଧାନାଥ, ତାଙ୍କ ବିଦ୍‌ବତ୍ତା ଓ ହସ୍ତାକ୍ଷର ଦେଖି ତାଙ୍କୁ ବଡ଼ମ୍ବା ରାଜ୍ୟର ଗୋପୀନାଥପୁର ଗ୍ରାମରେ ଶିକ୍ଷକ କର୍ମରେ ନିଯୁକ୍ତି ଦେଇଥିଲେ । ବଡ଼ମ୍ବାରେ ତାଙ୍କର ସଂସ୍କାରମୂଳକ କର୍ମ ଓ ବିଦ୍ୟାଧ୍ୟୟନର ନିଷ୍ଠା ସମସ୍ତଙ୍କୁ ଚମତ୍କୃତ କରିଥିଲା । ବଡ଼ମ୍ବା ରାଣୀ ସିଂହନାଥ ବିଦ୍ୱଜ୍ଜନ ମେଳାରେ ତାଙ୍କୁ 'ବିଦ୍ୟାରତ୍ନ' ଉପାଧି ପ୍ରଦାନ କରିଥିଲେ । ଏକ ଚକ୍ରାନ୍ତର ଶିକାରହୋଇ ନୀଳମଣି ବଡ଼ମ୍ବା ଛାଡ଼ି ବାମଣ୍ଡା ଗଲେ । ବାମଣ୍ଡା ରାଜା ବାସୁଦେବ ସୁଢଳଦେବଙ୍କ ସହିତ ହେଲା ମଣିକାଞ୍ଚନ ସଂଯୋଗ । ନୀଳମଣିଙ୍କ ସାହିତ୍ୟାନୁରାଗ, କର୍ମୋଦ୍ୟମ ଓ ପରିଚାଳନା ତଥା ସଂପାଦନାର ଦକ୍ଷତା ନେଇ ବାମଣ୍ଡା ରାଜାଙ୍କ ପୃଷ୍ଠପୋଷକତାରେ ପ୍ରକାଶ ପାଇଲା 'ସମ୍ବଲପୁର ହିତୈଷିଣୀ' । ଏହା ଓଡ଼ିଆ ସାହିତ୍ୟର ମର୍ଯ୍ୟାଦାଜନକ ପତ୍ରିକା ଥିଲା । ୧୯୦୨ ମସିହାରେ ନୀଳମଣି ବାମଣ୍ଡା ଛାଡ଼ି ଆସି ଖଲ୍ଲିକୋଟ ମହାରାଜାଙ୍କ ପୃଷ୍ଠପୋଷକତାରେ 'ପ୍ରଜାବନ୍ଧୁ' ପତ୍ରିକା ପ୍ରକାଶ କରିଥିଲେ । ସେ ଅନେକ ଉଚ୍ଚକୋଟୀ ପ୍ରବନ୍ଧର ସ୍ରଷ୍ଟା ।

Digitized by srujan ka@gmail.com

ବିଦ୍ୟା-ବିନୋଦ ମଧୁସୂଦନ ଦାଶ

୧୮୬୮ — ୧୯୪୯

ବହୁଶାସ୍ତ୍ରଦର୍ଶୀ, ଚିନ୍ତାଶୀଳ, ମନସ୍ୱୀ ମଧୁସୂଦନ ଦାଶ ଜଣେ ବିଶିଷ୍ଟ ଶିକ୍ଷାବିତ୍ ରୂପେ ଖ୍ୟାତିଲାଭ କରିଥିଲେ । ପୁରୀ ଜିଲ୍ଲା ନିମାପଡ଼ା ନିକଟସ୍ଥ ଭୁବନପୁର ଗ୍ରାମରେ ତାଙ୍କର ଜନ୍ମ । ପିତା- ଦୀନବନ୍ଧୁ ଦାଶ; ମାତା- ହାରାମଣୀ ଦେବୀ । ସେ ପୁରୀ ଜିଲ୍ଲା ସ୍କୁଲରେ ପଢୁଥିଲା ସମୟରେ ତାଙ୍କର ଶିକ୍ଷକ ଥିଲେ କବିବର ରାଧାନାଥ ରାୟ । ମଧୁସୂଦନ ୧୮୯୨ ମସିହାରେ କଟକ ରେଭେନ୍‌ସା କଲେଜରୁ ବି.ଏ. ପାସ୍ କରିଥିଲେ । ତା'ପରେ ତାଙ୍କର କର୍ମମୟ ଜୀବନ ଆରମ୍ଭ ହୋଇଥିଲା । ସେ ପ୍ରଥମେ ଖୋର୍ଦ୍ଧାରେ ସ୍କୁଲ ସବ୍‌ଇନିସ୍‌ପେକ୍ଟର ଓ ପରେ କଟକ ଟ୍ରେନିଂ ସ୍କୁଲରେ ଶିକ୍ଷକ ଭାବେ ଯୋଗ ଦେଇଥିଲେ । ସେତେବେଳେ ଭକ୍ତକବି ମଧୁସୂଦନ ରାଓ ଥିଲେ ଟ୍ରେନିଂ ସ୍କୁଲର ପ୍ରଧାନ ଶିକ୍ଷକ । ଫଳରେ ଏଇଠି ତାଙ୍କୁ ସାହିତ୍ୟ ସେବାର ଅପୂର୍ବ ସୁଯୋଗ ମିଳିଥିଲା । କର୍ମ ତାଡ଼ନାରେ ସେ ଓଡ଼ିଶାର ଅନ୍ୟ ଅଞ୍ଚଳକୁ ସ୍ଥାନାନ୍ତରିତ ହୋଇଥିଲେ ମଧ୍ୟ ସାହିତ୍ୟସେବାରୁ ନିବୃତ୍ତ ହୋଇ ନ ଥିଲେ । ସେ 'ଉତ୍କଳ ସାହିତ୍ୟ ସମାଜ'ର କିଛିବର୍ଷ ସଂପାଦକ ଥିଲେ । ସେ ଅନେକ ଉଚ୍ଚକୋଟୀ ପ୍ରବନ୍ଧର ସ୍ରଷ୍ଟା । 'ନୀଳାଚଳ' ତାଙ୍କର ଏକ ବହୁଚର୍ଚ୍ଚିତ କାବ୍ୟଗ୍ରନ୍ଥ ।

Digitized by srujan ka@gmail.com

ପଣ୍ଡିତ ଗୋପୀନାଥ ନନ୍ଦ

୧୮୬୯ — ୧୯୨୪

ଓଡ଼ିଆ ଭାଷା ଓ ସାହିତ୍ୟର ପରମ ବିଦ୍ୱାନ ଗୋପୀନାଥ ନନ୍ଦ ଶର୍ମା ଅବିଭକ୍ତ ଗଞ୍ଜାମ ଜିଲ୍ଲା (ବର୍ତ୍ତମାନ ଗଜପତି ଜିଲ୍ଲା)ର ପାରଳାଖେମୁଣ୍ଡି ସହରରେ ଜନ୍ମଗ୍ରହଣ କରିଥିଲେ । ସେ ପଞ୍ଚମ ଶ୍ରେଣୀ ଯାଏ ଆନୁଷ୍ଠାନିକ ଶିକ୍ଷା ଲାଭ କରିଥିଲେ ମଧ୍ୟ ସଂସ୍କୃତ, ପାଲି, ପ୍ରାକୃତ, ତେଲୁଗୁ, ତାମିଲ, ବଙ୍ଗଳା, ହିନ୍ଦୀ, କନ୍ନଡ଼ ଓ ପାର୍ଶୀ ଆଦି ୧୧ଟି ଭାଷାରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ଇଂରାଜୀ ଭାଷାରେ ମଧ୍ୟ ତାଙ୍କର ସାଧାରଣ ପରିଚିତି ଥିଲା । ଓଡ଼ିଆ ଭାଷା ସାହିତ୍ୟକୁ ତାଙ୍କର ଦାନ ଅତୁଳନୀୟ । ଏହି ମହାନ୍ ବାଣୀପୁତ୍ର ଅନେକ ଅନୁବାଦ ଗ୍ରନ୍ଥ ପ୍ରକାଶ କରିବା ସହିତ ମୌଳିକ ସାହିତ୍ୟ ସୃଷ୍ଟିରେ ବ୍ରତୀ ହୋଇଥିଲେ । ତାଙ୍କର ସାରସ୍ୱତ କୃତି ମଧ୍ୟରୁ- ''ସୀତା ବନବାସ ନାଟକ, ବିକ୍ରମୋର୍ବଶୀୟ ନାଟକ, ଦ୍ରୌପଦୀ ବସ୍ତ୍ରହରଣ ନାଟକ, ରାମାଶ୍ୱମେଧ ନାଟକ, ଉନ୍ମତ୍ତ ରାଘବ ନାଟକ, ଜାନକୀ ପରିଣୟ ନାଟକ, ଉଦ୍ଧବ ଦୂତ, ମେଘଦୂତ (ଅନୁବାଦ), ବିହ୍ଲଣୀୟ କାବ୍ୟ ଓ ପୀୟୂଷଧାରା'' ଅନ୍ୟତମ । ଏହା ବ୍ୟତୀତ ତାଙ୍କର ଓଡ଼ିଆ ଭାଷା ସାହିତ୍ୟକୁ ସର୍ବପ୍ରଧାନ ଅବଦାନ ହେଉଛି- 'ଶବ୍ଦ ତତ୍ତ୍ୱବୋଧ ଅଭିଧାନ,' 'ଓଡ଼ିଆ ଭାଷାତତ୍ତ୍ୱ' ଏବଂ ସାରଳା ମହାଭାରତର ସମୀକ୍ଷାଧର୍ମୀ ଗ୍ରନ୍ଥ 'ଭାରତ ଦର୍ପଣ' । ଏହି ଗ୍ରନ୍ଥତ୍ରୟ ପାଇଁ ସେ କାଳଜୟୀ ହୋଇ ରହିବେ ।

Digitized by srujan ka@gmail.com

ରାଜା ବିକ୍ରମ ଦେବ ବର୍ମା

୧୮୬୯ — ୧୯୪୮

ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ରାଜପରିବାରମାନଙ୍କର ଭୂମିକା ଅବିସ୍ମରଣୀୟ । ଜୟପୁର ରାଜା ବିକ୍ରମ ଦେବ ବର୍ମା ସେମାନଙ୍କ ମଧ୍ୟରୁ ଅନ୍ୟତମ । ସାହିତ୍ୟ ଓ କଳାପ୍ରେମୀ ରାଜା ନିଜ ଜୀବନର ଅନେକ ଗୁରୁତ୍ୱପୂର୍ଣ୍ଣ ସମୟ ଏହି ଉଦ୍ଦେଶ୍ୟରେ ବିନିଯୋଗ କରିଥିଲେ । ତେଲୁଗୁ ଭାଷା ପ୍ରଭାବିତ ଅଞ୍ଚଳରେ ଓଡ଼ିଆତ୍ୱର ମର୍ଯ୍ୟାଦା ରକ୍ଷାପାଇଁ ସେ ସର୍ବଦା ସଚେଷ୍ଟ ଥିଲେ । ସେ କବିବର ରାଧାନାଥ ରାୟଙ୍କ କାବ୍ୟଶୈଳୀ ଦ୍ୱାରା ପ୍ରଭାବିତ ହୋଇ ସାହିତ୍ୟ ସାଧନା କରିଥିଲେ । ତାଙ୍କ ସାହିତ୍ୟ ସୃଷ୍ଟିର ପରିସର ମୁଖ୍ୟତଃ କବିତା ଓ ନାଟକ । ବିକ୍ରମଦେବ ବର୍ମାଙ୍କ ସାରସ୍ୱତ କୃତି ମଧ୍ୟରୁ 'ବୁଦ୍ଧି ଚରିତ', 'ଭଣ୍ଡ ଧର୍ମ', 'ଉତ୍କଳ କୁଳମାଳା' ପ୍ରଭୃତି ଉଲ୍ଲେଖନୀୟ । ବିକ୍ରମ ଦେବଙ୍କ ସାହିତ୍ୟ ସୃଷ୍ଟି ଅପେକ୍ଷା ତାଙ୍କର ସାହିତ୍ୟ ପୃଷ୍ଠପୋଷକତାକୁ ଓଡ଼ିଆ ଜାତି ଚିରଦିନ ମନେ ରଖିବ । ସେ ଅନେକ ସାହିତ୍ୟିକଙ୍କୁ ପ୍ରୋତ୍ସାହନ ଦେବା ସହିତ ବିଭିନ୍ନ ପଦପଦବୀଦ୍ୱାରା ମଧ୍ୟ ଭୂଷିତ କରାଇଥିଲେ । କବିଂଶେଖର ଚିନ୍ତାମଣି ମହାନ୍ତି ତାହାର ଏକ ବଳିଷ୍ଠ ଉଦାହରଣ ।

Digitized by srujan ka@gmail.com

ସଂସ୍କାରକ ଶ୍ରୀବସ୍ତ ପଣ୍ଡା

୧୮୭୦ — ୧୯୪୩

ଶ୍ରୀବସ୍ତ ପଣ୍ଡା ଜଣେ ସ୍ୱାଭିମାନୀ ଦେଶପ୍ରେମୀ ବ୍ୟକ୍ତି । ସେ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ନିକଟବର୍ତ୍ତୀ ମନ୍ଦାର ଗ୍ରାମରେ ଜନ୍ମ ହୋଇଥିଲେ । ଭଞ୍ଜନଗରରେ ମାଟ୍ରିକ ପର୍ଯ୍ୟନ୍ତ ପଢ଼ି ବ୍ରହ୍ମପୁର ଖଲ୍ଲିକୋଟ କଲେଜରୁ ଏଫ୍.ଏ. ପାସ୍ କରିଥିଲେ । ୧୮୯୭ ମସିହାରେ ସେ ମାନ୍ଦ୍ରାଜରୁ ଦର୍ଶନ ଶାସ୍ତ୍ରରେ ବି.ଏ. ପାସ୍ କରିଥିଲେ । ପ୍ରଥମେ ସେ ଛତ୍ରପୁର କଲଟେରୀରେ କିରାଣି ଚାକିରି ଆରମ୍ଭ କରି ୧୯୦୧ରେ ସେ ସବ୍‌ରେଜିଷ୍ଟର ହୋଇଥିଲେ । ୧୯୨୦ ମସିହାରେ ସେ ଚାକିରି ଜୀବନରୁ ବିଦାୟ ନେଇଥିଲେ । ତା'ପରେ ସେ ଜାତୀୟ କଂଗ୍ରେସରେ ଯୋଗଦେଇ ଦେଶ-ହିତକର କାର୍ଯ୍ୟରେ ଲାଗିପଡ଼ିଥିଲେ । ସେ ୧୯୦୪ରେ 'ସଂସ୍କାର', ୧୯୦୯ରେ 'ଗୁଣ ଦର୍ପଣ' ଏବଂ 'ପ୍ରଜା ମିତ୍ର' ଓ 'ସ୍ୱଦେଶୀ' ପତ୍ରିକା ପ୍ରକାଶ କରିଥିଲେ । ସ୍ୱାମୀ ଦୟାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଓଡ଼ିଶାରେ 'ଆର୍ଯ୍ୟ ସମାଜ'ର ପ୍ରଚାର ଓ ପ୍ରସାରରେ ଅଗ୍ରଣୀ ଭୂମିକା ନେଇଥିଲେ । ସେ ଏକାଧାରରେ ସଂପାଦକ, ପ୍ରାବନ୍ଧିକ, ଅନୁବାଦକ ଓ ସୁବକ୍ତା ଥିଲେ । ସେ ୩୦ ଖଣ୍ଡରୁ ଊର୍ଦ୍ଧ୍ୱ ଗ୍ରନ୍ଥର ଲେଖକ । ତାଙ୍କୁ 'ଓଡ଼ିଶାର ବିଦ୍ୟାସାଗର' କୁହାଯାଉଥିଲା । ତାଙ୍କ ତ୍ୟାଗପୂତ ସେବାମୟ ଜୀବନ ଏବେବି ଜାତି ଆଗରେ ଏକ ବିରଳ ଉଦାହରଣ ହୋଇ ରହିଛି ।

Digitized by srujan ka@gmail.com

ରାଜର୍ଷି ଶ୍ରୀରାମଚନ୍ଦ୍ର ଭଞ୍ଜଦେବ

୧୮୭୦ — ୧୯୧୨

ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ ଜଣେ ଅସାଧାରଣ ପ୍ରତିଭାଧାରୀ ବ୍ୟକ୍ତି । ଓଡ଼ିଆ ଜାତିପାଇଁ ସେ ଚିରସ୍ମରଣୀୟ । ତାଙ୍କ ଜୀବନ-ପରିଧିର ଉଲ୍ଲେଖନୀୟ ଘଟଣା ହେଲା- ୧୮୮୨ ମସିହାରେ ପିତୃମାତୃ ବିୟୋଗ; ୧୮୯୦ ମସିହାରେ ଏଫ୍.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ; ୧୮୯୨ ଅଗଷ୍ଟ ୧୫ ତାରିଖରେ ରାଜାଭିଷେକ; ୧୮୯୬ ମସିହାରେ ମହାରାଣୀ ଲକ୍ଷ୍ମୀକୁମାରୀଙ୍କ ସହିତ ବିବାହ; ୧୯୦୨ ମସିହାରେ ପତ୍ନୀ ବିୟୋଗ; ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସଭାପତି; ୧୯୦୪ ମସିହାରେ ରାଣୀ ସୁଚାରୁ ଦେବୀଙ୍କ ସହ ଦ୍ୱିତୀୟ ବିବାହ; ୧୯୧୦ ମସିହାରେ ପୃଥିବୀ ଭ୍ରମଣ ଉଦ୍ଦେଶ୍ୟରେ ଜଳଯାତ୍ରା — ଚୀନ, ହଂକଂ, ଜାପାନ ଭ୍ରମଣ; ଜାପାନ ସମ୍ରାଟ୍‌ଙ୍କ ସହ ସାକ୍ଷାତ; ଇଂଲଣ୍ଡରେ ପଦାର୍ପଣ, ପୁରୁଷାନୁକ୍ରମିକ ମହାରାଜା ଉପାଧିପ୍ରାପ୍ତ; ୧୯୧୧ ମସିହାରେ ସମ୍ରାଟ୍ ପଞ୍ଚମ ଜର୍ଜଙ୍କ ଭାରତ ଆଗମନ ସମୟରେ ଦିଲ୍ଲୀରେ ତାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତକାର; ୧୯୧୨ ମସିହା ଜାନୁୟାରୀ ୩୧ ତାରିଖରେ ଶିକାରବେଳେ ଆକସ୍ମିକ ଗୁଳିବିଦ୍ଧ ଏବଂ ଫେବୃୟାରୀ ୨୨ ତାରିଖରେ ଦେହାବସାନ । କଟକରେ ମେଡିକାଲ କଲେଜ, ଉତ୍କଳ ସାହିତ୍ୟ ସମାଜର ମୁଖ୍ୟ ଘର, ବାଲେଶ୍ୱର ରାମଚନ୍ଦ୍ର ଟୋଲ୍, ଉତ୍କଳ ବିଶ୍ୱବିଦ୍ୟାଳୟ ଛାପାଖାନା ଆଦି ବହୁ ରାଷ୍ଟ୍ର ହିତକର କାର୍ଯ୍ୟ ତାଙ୍କଦ୍ୱାରା ସଂପାଦିତ ହୋଇଥିଲା ।

Digitized by srujan ka@gmail.com

ଗୋକୁଳ ଶ୍ରୀଚନ୍ଦନ

୧୮୭୦ — ୧୯୪୭

ଗୋକୁଳ ଶ୍ରୀଚନ୍ଦନ ଅବିଭକ୍ତ କଟକ ଜିଲ୍ଲାର କେନ୍ଦ୍ରାପଡ଼ା ଜମିଦାର ବଂଶରେ ଜନ୍ମଗ୍ରହଣ କରିଥିଲେ । ଓଡ଼ିଶୀ ସଙ୍ଗୀତକୁ ଏକ ମର୍ଯ୍ୟାଦାଜନକ ଆସନରେ ଉପସ୍ଥାପନ କରିବା ଦିଗରେ ତାଙ୍କ ପ୍ରୟାସ ଅବିସ୍ମରଣୀୟ । ସେ ସର୍ବଭାରତୀୟ ସ୍ତରରେ 'ଜଳ ତରଙ୍ଗ' ବାଦ୍ୟର ଉଦ୍‌ଭାବକ । ସୀତାର ବାଦନ କ୍ଷେତ୍ରରେ ତାଙ୍କ ଦକ୍ଷତା ଅସାଧାରଣ । ସେ ତାଙ୍କ ଯୌବନ କାଳରେ ନିଜ ଖର୍ଚ୍ଚରେ ଥରେ କାଶ୍ମୀରରେ, ଥରେ ଲକ୍ଷ୍ନୌରେ, ଥରେ ବନାରସରେ ଓ ଆଉ ଥରେ କଲିକତା ଆଲବଟ୍ ହଲ୍‌ରେ ସଙ୍ଗୀତ ସଭା କରିଥିଲେ । ପୂର୍ବ ଭାରତୀୟ ସଙ୍ଗୀତ ପଦ୍ଧତି ପ୍ରଦର୍ଶନ କରିବା ଥିଲା ତାଙ୍କର ମୂଳ ଉଦ୍ଦେଶ୍ୟ । ସେ ଲକ୍ଷ୍ମୀକାନ୍ତ ସଙ୍ଗୀତ ବିଦ୍ୟାଳୟର ଅଧ୍ୟକ୍ଷ ଭାବରେ ଯୋଗ ଦେଇଥିଲେ । ଉତ୍କଳ ସଙ୍ଗୀତ ସମାଜ ତାଙ୍କ ସ୍ୱପ୍ନର ଅନ୍ୟ ଏକ ସ୍ୱାକ୍ଷର । ଓଡ଼ିଶୀ ସଙ୍ଗୀତ ପରମ୍ପରାପାଇଁ ସେ ଛାଡ଼ିଯାଇଛନ୍ତି ଏକ ବୃହତ୍ତର ଶିଷ୍ୟ ସମାଜ । ବାଳକୃଷ୍ଣ ଦାଶ ତାଙ୍କର ପ୍ରିୟ ଶିଷ୍ୟ ଏବଂ ସହଚର ଥିଲେ ଅନେକ ବର୍ଷ ଧରି । ସେ ସର୍ବପ୍ରଥମେ ଓଡ଼ିଶୀ ସଙ୍ଗୀତକୁ ରେକର୍ଡ କରି ପ୍ରସାରଣ ଦିଗରେ ବଳିଷ୍ଠ ପଦକ୍ଷେପ ନେଇଥିଲେ । ଭାରତର ବିଭିନ୍ନ ପ୍ରାନ୍ତରେ ଖ୍ୟାତି ଅର୍ଜନ କରିଥିବା ଏହି ଯଶସ୍ୱୀ କଳାକାର ବାସ୍ତବରେ ଥିଲେ ମନୁଷ୍ୟୋତ୍ତର ଜୀବନର ସଙ୍ଗୀତକାର ।

Digitized by srujan ka@gmail.com

ଜଳନ୍ଧର ଦେବ

୧୮୭୦ — ୧୯୫୨

ଜଳନ୍ଧର ଦେବ ବାମଣ୍ଡା ରାଜା ବାସୁଦେବ ସୁଢଳଦେବଙ୍କ ପାଳିତ ପୁତ୍ର । କଳା ଓ ସଂସ୍କୃତିର ପୃଷ୍ଠପୋଷକ ବାମଣ୍ଡା ରାଜାଙ୍କ ପ୍ରଶାସନରେ ଜଳନ୍ଧର ଦେବ ବହୁ ଦାୟିତ୍ୱପୂର୍ଣ୍ଣ କର୍ମରେ ନିଯୁକ୍ତ ହୋଇଥିଲେ । ସେ ବହୁଶାସ୍ତ୍ରଦର୍ଶୀ ଥିଲେ । 'ଶଙ୍ଖ' ଓ 'ଆଲୋଚନା' ପତ୍ରିକାର ସଂପାଦନା କର୍ମ ସଂପନ୍ନ କଲାବେଳେ ସେ ବେଶ୍ ଦକ୍ଷତାର ପରିଚୟ ଦେଇଥିଲେ । ବାମଣ୍ଡାର ସାହିତ୍ୟିକ ଓ ସାଂସ୍କୃତିକ ପରିବେଶ ତାଙ୍କ ସାହିତ୍ୟ ସାଧନାରେ ସହାୟକ ହୋଇଥିଲା । ଭ୍ରମଣ ବୃତ୍ତାନ୍ତ, ଗଳ୍ପ, ରାମାୟଣ ଓ ମହାଭାରତର ଆଲୋଚନାତ୍ମକ ପ୍ରବନ୍ଧ ଲେଖକ ଭାବରେ ସେ ଉତ୍କଳ ସାହିତ୍ୟ କ୍ଷେତ୍ରରେ ପରିଚିତ । ତାଙ୍କର 'ଜଳନ୍ଧର ରଚନାବଳୀ' ଓ 'ଡାଏରୀର କିୟଦଂଶ' ଦୁଇଟି ସ୍ମରଣୀୟ କୃତି । ତାଙ୍କ ଗଳ୍ପଗୁଡ଼ିକରେ ଆଞ୍ଚଳିକ ଜୀବନଧାରାର ଚମତ୍କାର ରୂପ ପ୍ରତିଫଳିତ । ସେ ଅଧ୍ୟାତ୍ମବାଦୀ ହେଲେ ମଧ୍ୟ ତାଙ୍କର ଅନୁଧ୍ୟାନ ଓ ଅଧ୍ୟୟନ କରିବାର ଦୃଷ୍ଟିଭଙ୍ଗୀ ଥିଲା ବୈଜ୍ଞାନିକ । ସେ ଥିଲେ ଜଣେ ହିନ୍ଦୁ ପୁନରୁତ୍‌ଥାନବାଦୀ ଲେଖକ । ଅନେକ ବର୍ଷ ପରେ ତାଙ୍କର କୃତି ସକଳକୁ ଗ୍ରନ୍ଥାବଳୀ ଆକାରରେ ପ୍ରକାଶ କରିବା ତାଙ୍କ ସ୍ମୃତି ପ୍ରତି ଏକ ଶ୍ରଦ୍ଧାଞ୍ଜଳି ।

Digitized by srujan ka@gmail.com

ଗଦ୍ୟ-କବି ଶଶିଭୂଷଣ ରାୟ

୧୮୭୪ — ୧୯୫୩

ଆଧୁନିକ ଓଡ଼ିଆ ସାହିତ୍ୟର ମହାନ୍ ପ୍ରତିଭା କବିବର ରାଧାନାଥ ରାୟଙ୍କର ସୁଯୋଗ୍ୟ ସନ୍ତାନ ହେଉଛନ୍ତି ଶଶିଭୂଷଣ ରାୟ । ପିତାଙ୍କ ସହିତ ସେ ବିଭିନ୍ନ ସ୍ଥାନ ଭ୍ରମଣକରି ବିପୁଳ ଅଭିଜ୍ଞତା ଅର୍ଜନ କରିଥିଲେ । ଦୀର୍ଘ ଅର୍ଦ୍ଧଶତାବ୍ଦୀ କାଳ ଓଡ଼ିଶାର ବିଭିନ୍ନ ସାହିତ୍ୟ ପତ୍ରିକାରେ ସେ ଧାରାବାହିକ ଭାବରେ ପ୍ରବନ୍ଧ ରଚନା କରି ପ୍ରକାଶ କରାଉଥିଲେ । ଶତାଧିକ ମୌଳିକ ପ୍ରବନ୍ଧ ରଚନା କରି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରି ଯାଇଛନ୍ତି । ତାଙ୍କର ସୃଷ୍ଟି ସଂପଦ ମଧ୍ୟରୁ- ''ଦାକ୍ଷିଣାତ୍ୟ ଭ୍ରମଣ, ଉତ୍କଳର ଋତୁଚିତ୍ର, ଉତ୍କଳ ପ୍ରକୃତି, କନିକା ଦର୍ଶନ ଚିଲିକା ଦର୍ଶନ, ପିତୃସ୍ମୃତି, ଆର୍ଯ୍ୟାବର୍ତ୍ତ ଦର୍ଶନ, ବଡ଼ମ୍ବା ପ୍ରକୃତି, ଆଧୁନିକ ତାଳଚେର, ପ୍ରବନ୍ଧ ପ୍ରବାହ, ପ୍ରବନ୍ଧ ପ୍ରସୂନ, ଚେତନ ଚିନ୍ତା'' ପ୍ରଭୃତି ଉଲ୍ଲେଖଯୋଗ୍ୟ । ତାଙ୍କର ବହୁ ପ୍ରବନ୍ଧ ଏ ପର୍ଯ୍ୟନ୍ତ ପୁସ୍ତକାକାରରେ ପ୍ରକାଶିତ ହୋଇପାରି ନାହିଁ । ସେ ବହୁବର୍ଷ 'ଉତ୍କଳ ସାହିତ୍ୟ ସମାଜ'ର କର୍ମକର୍ତ୍ତା ଥିଲେ । ଖ୍ରୀ. ୧୯୧୫ ରୁ ଖ୍ରୀ. ୧୯୩୨ ପର୍ଯ୍ୟନ୍ତ ସଂପାଦକ ଏବଂ ଖ୍ରୀ. ୧୯୩୨ ରୁ ଖ୍ରୀ. ୧୯୩୫ ପର୍ଯ୍ୟନ୍ତ ସଭାପତି ଥିଲେ । ତାଙ୍କର ଇଂରାଜୀ, ସଂସ୍କୃତ, ବଙ୍ଗଳା ଓ ଓଡ଼ିଆ ସାହିତ୍ୟରେ ଅଗାଧ ପାଣ୍ଡିତ୍ୟ ଥିଲା । ତାଙ୍କର ସାଂଗଠନିକ ଦକ୍ଷତା ବେଶ୍ ପ୍ରଶଂସନୀୟ ।

Digitized by srujan ka@gmail.com

ବାଳକୃଷ୍ଣ ପଟ୍ଟନାୟକ

୧୮୭୪ — ୧୯୭୦

ବାଳକୃଷ୍ଣ ପଟ୍ଟନାୟକ ଜଣେ ସହୃଦୟ ସାହିତ୍ୟିକ ରୂପେ ଖ୍ୟାତିଲାଭ କରିଥିଲେ । କଟକ ଜିଲ୍ଲାର ବେଣ୍ଟକାର ହେଉଛି ତାଙ୍କ ଜନ୍ମସ୍ଥାନ । ମାତ୍ର କଟକ ସହର ଥିଲା ବାଳକୃଷ୍ଣଙ୍କ ସାରସ୍ୱତ ସାଧନାର ପୀଠସ୍ଥଳ । ତାଙ୍କର ଆନ୍ତରିକତା, ବନ୍ଧୁବତ୍ସଳତା ଓ ସାହିତ୍ୟିକ ସହୃଦୟତା ସମସ୍ତଙ୍କୁ ଅଭିଭୂତ କରୁଥିଲା । ବିଶେଷକରି ଯୁବ ପ୍ରତିଭାଙ୍କର ସାହିତ୍ୟ ସର୍ଜନାପାଇଁ ପ୍ରେରଣାର ଉତ୍ସ ଥିଲେ ସେ । ବାଳକୃଷ୍ଣ ଥିଲେ ଦୀର୍ଘଜୀବୀ ବ୍ୟକ୍ତିତ୍ୱ । ତାଙ୍କ ରଚନାଶୈଳୀ ରମଣୀୟ ଓ ଭାଷା ସରଳ ତଥା ହୃଦୟଗ୍ରାହୀ । ସେଥିପାଇଁ ତାଙ୍କ ରଚନାଗୁଡ଼ିକ ଗାଁ-ଗହଳର ଜନସାଧାରଣଙ୍କ ନିକଟରେ ଅତ୍ୟନ୍ତ ଲୋକପ୍ରିୟ ଥିଲା । ତାଙ୍କର ଉଲ୍ଲେଖନୀୟ କୃତିମାନଙ୍କ ମଧ୍ୟରୁ 'ଫୁଲ ବଉଳବେଣୀ', 'ଚାରୁ ଲବଙ୍ଗଲତା' ଓ 'ଚିର ଜହର' ଆଦି ଅନ୍ୟତମ । ଆତ୍ମପ୍ରଚାର ବିରୋଧୀ ଏହି ସ୍ରଷ୍ଟାଙ୍କ ସୃଷ୍ଟି ପାଠକୀୟ ସମ୍ବେଦନା ଚିରକାଳ ଲାଭ କରିବ । ସମକାଳୀନ ସମାଜ ଜୀବନର ଅନ୍ତରଙ୍ଗ ଅନୁଭୂତି ଓ ବିଚିତ୍ରବର୍ଣ୍ଣା ସମସ୍ୟାର ରଙ୍ଗରେ ତାଙ୍କ ସାହିତ୍ୟ-ସଂପଦ ରଞ୍ଜିତ ଓ ରସାଣିତ ।

Digitized by srujan ka@gmail.com

ପଲ୍ଲୀକବି ନନ୍ଦକିଶୋର ବଳ

୧୮୭୫ — ୧୯୨୮

କବି ନନ୍ଦକିଶୋର ବଳ ଓଡ଼ିଆ ସାହିତ୍ୟରେ ପଲ୍ଲୀକବି ରୂପେ ସୁପରିଚିତ । କଟକ ଜିଲ୍ଲାର କୁସୁପୁର ଗ୍ରାମରେ ତାଙ୍କର ଜନ୍ମ । ସେ ବି.ଏ. ପାସ୍ କରିବା ପରେ ଓଡ଼ିଶାର ଶିକ୍ଷା ବିଭାଗରେ ପରିଦର୍ଶକଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ । କର୍ମ-ପ୍ରେରଣାରେ ସେ ସମଗ୍ର ଓଡ଼ିଶାର ପୁରପଲ୍ଲୀ ଦର୍ଶନ କରିବାର ଅପୂର୍ବ ସୁଯୋଗ ଲାଭ କରିଥିଲେ । ତତ୍କାଳୀନ ପଲ୍ଲୀ ପ୍ରକୃତିର ସୌନ୍ଦର୍ଯ୍ୟ ଓ ବୈଭବରେ ସେ ମୁଗ୍ଧ ହୋଇଥିଲେ । ପାଶ୍ଚାତ୍ୟ ଶିକ୍ଷା-ଦୀକ୍ଷାରେ ଦୀକ୍ଷିତ କବି ଏ ଦେଶର ସାଧାରଣ ଅବହେଳିତ ପଲ୍ଲୀବାସୀଙ୍କ ଜୀବନଧାରା ଓ ଜୀବନାଦର୍ଶ ପ୍ରତି ଅତ୍ୟନ୍ତ ଆକୃଷ୍ଟ ହୋଇ ସେସବୁକୁ ସରଳ ତରଳ ଭାଷାରେ ଚିତ୍ରଣ କରିଯାଇଛନ୍ତି । ସର୍ବପ୍ରଥମେ ସେ ଏ ଦେଶର ପଲ୍ଲୀଜନତାର ଉପେକ୍ଷିତ ଜୀବନଧାରା, ପଲ୍ଲୀବଧୂର ଆବେଗ ଅନୁଭୂତି, ପଲ୍ଲୀ ପ୍ରଭାତ-ପ୍ରଦୋଷ ଓ ପାଣି-ପବନକୁ ଅତି ଜୀବନ୍ତ ଭାବରେ ରୂପାୟିତ କରିଯାଇଛନ୍ତି । କବିଙ୍କ ଅନବଦ୍ୟ ସୃଷ୍ଟି ମଧ୍ୟରେ ''ପଲ୍ଲୀ ଚିତ୍ର, ନାନାବାୟା ଗୀତ, ନିର୍ଝରିଣୀ, ଜନ୍ମଭୂମି, ବସନ୍ତ କୋକିଳ, ଚାରୁଚିତ୍ର, କୃଷ୍ଣକୁମାରୀ, ଶର୍ମିଷ୍ଠା'' ପ୍ରଭୃତି କାବ୍ୟ-କବିତା ଓ 'କନକଲତା' ଉପନ୍ୟାସ ପ୍ରଣିଧାନଯୋଗ୍ୟ । ୧୯୨୪ ମସିହାରେ ଇଂରେଜ ସରକାର ତାଙ୍କୁ 'ରାୟସାହେବ' ଉପାଧିରେ ଭୂଷିତ କରିଥିଲେ ।

Digitized by srujan ka@gmail.com

ଗୋପାଳଚନ୍ଦ୍ର ପ୍ରହରାଜ

୧୮୭୫ — ୧୯୪୫

ଗୋପାଳଚନ୍ଦ୍ର ପ୍ରହରାଜ ଓଡ଼ିଶାର ଜଣେ ବିଶିଷ୍ଟ ଆଇନଜୀବୀ ଓ ବଳିଷ୍ଠ ସାହିତ୍ୟିକ ଭାବେ ସୁବିଦିତ । ସେ କଟକ ଜିଲ୍ଲାର ସିଦ୍ଧେଶ୍ୱରପୁରଠାରେ ଜନ୍ମଲାଭ କରିଥିଲେ । ସେ ୧୮୯୮ ମସିହାରେ ବି.ଏ. ପାସ୍ କରି ରେଭେନ୍‌ସା କଲେଜର ସଂସ୍କୃତ ବିଭାଗର ଅଧ୍ୟାପକ ଭାବେ ନିଯୁକ୍ତି ପାଇଥିଲେ । ମାତ୍ର ଏଥିରେ ସେ ସନ୍ତୁଷ୍ଟ ନ ହୋଇ ଆଇନ ଅଧ୍ୟୟନ କରିଥିଲେ । ୧୯୦୨ ମସିହାରେ ବି.ଏଲ୍. ପାସ୍ କରି ସେ ଆଇନ ବ୍ୟବସାୟ କଲେ । ଆଇନ ବ୍ୟବସାୟ ଥିଲା ତାଙ୍କ ଜୀବିକା; ମାତ୍ର ସାହିତ୍ୟ ସେବା ଥିଲା ତାଙ୍କର ଜୀବନ । ଓଡ଼ିଆ ସାହିତ୍ୟର ଜଣେ ଉଚ୍ଚକୋଟୀର ରମ୍ୟରଚନା ଲେଖକ ଭାବରେ ସେ ସୁପ୍ରତିଷ୍ଠିତ । ରମ୍ୟରଚନା, ପ୍ରବନ୍ଧ ଓ ଆଲୋଚନା ତାଙ୍କ ସାହିତ୍ୟ ସାଧନାର କ୍ଷେତ୍ର । ତାଙ୍କର ଜନପ୍ରିୟ ରଚନାଗୁଡ଼ିକ ମଧ୍ୟରେ 'ଭାଗବତ ଟୁଙ୍ଗୀରେ ସନ୍ଧ୍ୟା', 'ନନାଙ୍କ ବସ୍ତାନି', 'ବାଇ ମହାନ୍ତି ପାଞ୍ଜି', 'ଆମ ଘରର ହାଲଚାଲ', 'ବାଇନାନୀଙ୍କ ବୁଜୁଳି', 'ଦୁନିଆର ହାଲଚାଲ', 'ମିଆଁ ସାହେବଙ୍କ ରୋଜନାମଚା' ଆଦି ଉଲ୍ଲେଖନୀୟ । ଏସବୁ ବ୍ୟତୀତ ତାଙ୍କଦ୍ୱାରା ସଂପାଦିତ ଓଡ଼ିଆ ଭାଷାର ସର୍ବବୃହତ୍ ଶବ୍ଦାଭିଧାନ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ତାଙ୍କର ସର୍ବଶ୍ରେଷ୍ଠ ଅବଦାନ । ସେ ଉତ୍କଳ 'ସାହିତ୍ୟ ସମାଜ'ର କର୍ମକର୍ତ୍ତା ରୂପେ ବହୁବର୍ଷ କାର୍ଯ୍ୟ କରିଥିଲେ ।

Digitized by srujan ka@gmail.com

ଜଗବନ୍ଧୁ ସିଂହ

୧୮୭୬ — ୧୯୪୮

ଜଗବନ୍ଧୁ ସିଂହ ଜଣେ ସଂସ୍କୃତି ସଚେତନ ସ୍ୱଦେଶାନୁରାଗୀ ଗଦ୍ୟଶିଳ୍ପୀ । ସେ ପୁରୀ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ଏବଂ ସତ୍ୟବାଦୀ ଚେତନା-ଶିବିରର ସମକାଳୀନ ଥିଲେ । ଅତୀତ ଇତିହାସର ବିଶ୍ଳେଷଣ, ଶିକ୍ଷା-ସାହିତ୍ୟ, ଶିଳ୍ପ-ବାଣିଜ୍ୟ ପ୍ରଭୃତିର ଆଲୋଚନା, ଦେଶ ବିଦେଶର କୀର୍ତ୍ତିବାନ୍ ସୁପୁରୁଷଙ୍କର ଗୁଣ ସ୍ମରଣପୂର୍ବକ ସେ ଉତ୍କଳୀୟ-ମାନସରେ ନବବଳ ସଞ୍ଚାର କରିବାର ଅଭିଳାଷ ପୋଷଣ କରିଥିଲେ । ବୃତ୍ତିରେ ସେ ଆଇନଜୀବୀ ଥିଲେ ମଧ ତଥ୍ୟଭିତ୍ତିକ ସାହିତ୍ୟ ସୃଷ୍ଟିରେ ସେ ଥିଲେ ସିଦ୍ଧହସ୍ତ । ଜଗବନ୍ଧୁ ସିଂହଙ୍କର ଅମ୍ଳାନ କୃତି ହେଉଛି 'ପ୍ରାଚୀନ ଉତ୍କଳ' । ଏହା ୧୯୨୯ ମସିହାରେ ଗ୍ରନ୍ଥ ଆକାରରେ ପ୍ରକାଶ ପାଇଥିଲା । ଏଥିରେ ସ୍ଥାନିତ ହୋଇଥିବା ପ୍ରବନ୍ଧଗୁଡ଼ିକ ପୂର୍ବରୁ 'ସତ୍ୟବାଦୀ' ଓ 'ମୁକୁର' ଆଦି ପତ୍ରିକାରେ ପ୍ରକାଶିତ ହୋଇସାରିଥିଲା । ବାସ୍ତବରେ ତାହା ହେଉଛି ଓଡ଼ିଆ ଜାତିର ଇତିବୃତ୍ତ । 'ପ୍ରବନ୍ଧସାର' ତାଙ୍କର ଅନ୍ୟତମ ଉଚ୍ଚକୋଟୀର ପ୍ରବନ୍ଧ ଗ୍ରନ୍ଥ । ଏଥିରେ ସନ୍ନିବେଶିତ 'ଭାଗବତ ଘର' ପ୍ରବନ୍ଧଟି ବହୁଚର୍ଚ୍ଚିତ ଓ ବହୁ ପଠିତ । ଭଞ୍ଜଙ୍କ ବିପକ୍ଷ ମତ ପଢ଼ି ସେ ଲେଖିଥିଲେ- ''ପ୍ରାଚୀନ ସାହିତ୍ୟକୁ ଆଧୁନିକ ଚଷମା ଲଗାଇ ପଢ଼ିଲେ ପ୍ରାଚୀନ ସାହିତ୍ୟର ମହତ୍ତ୍ୱ ହୃଦୟଙ୍ଗମ କରିପାରିବା କଠିନ ।''

Digitized by srujan ka@gmail.com

ଭିକାରୀ ଚରଣ ପଟ୍ଟନାୟକ

୧୮୭୭ — ୧୯୬୨

ଭିକାରୀ ଚରଣ ପଟ୍ଟନାୟକ ଥିଲେ ଜଣେ ବିଶିଷ୍ଟ ଆଇନଜୀବୀ ଓ ସଂସ୍କାରକାମୀ ଜାତୀୟବାଦୀ ନାଟ୍ୟକାର । ସେ କେନ୍ଦ୍ରାପଡ଼ାଠାରେ ଏକ ସମ୍ଭ୍ରାନ୍ତ କରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ରାମଶଙ୍କର ରାୟଙ୍କ ପାଖରେ କିଛିକାଳ ଜୁନିଅର ଓକିଲ ଭାବରେ କାର୍ଯ୍ୟ କରିଥିଲେ । ସେହିଦିନୁଁ ସେ ରାମଶଙ୍କରଙ୍କ ନାଟ୍ୟପ୍ରତିଭା ସହିତ ସୁପରିଚିତ ଥିଲେ । ବାସ୍ତବ ଜୀବନରେ ରଚନାତ୍ମକ କର୍ମୀ ଭିକାରୀ ଚରଣ, ସାହିତ୍ୟ ସୃଷ୍ଟିକାଳରେ ସମାଜର ପରିବର୍ତ୍ତନ ନିମିତ୍ତ ଏକ ଉନ୍ନତ ଭାବଚେତନାର ପୁନର୍ଜାଗରଣ ପାଇଁ ଲେଖନୀ ଧାରଣ କରିଥିଲେ । ଉଚ୍ଚକୋଟୀର ସାରସ୍ୱତ ସାଧନାପାଇଁ ତାଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ଦିଆଯାଇଥିଲା । ତାଙ୍କଦ୍ୱାରା ରଚିତ ନାଟକଗୁଡ଼ିକ ମଧ୍ୟରୁ 'କଟକ ବିଜୟ ନାଟକ', 'ରତ୍ନମାଳୀ ନାଟକ', 'ନନ୍ଦିକେଶ୍ୱରୀ', 'ସଂସାର ଚିତ୍ର', 'ସୁଶୀଳା', 'ରାଜା ପୁରୁଷୋତ୍ତମ ଦେବ', 'ନିରୁପମା' ଓ 'ଅଦ୍‌ଭୁତ ଆଦର୍ଶ', 'ଯୌତୁକ' ନାମକ ପ୍ରହସନ ଦୁଇଟି ଉଲ୍ଲେଖଯୋଗ୍ୟ । ତାଙ୍କର ଏକ ଶହରୁ ଊର୍ଦ୍ଧ୍ୱ କବିତା 'ଉତ୍କଳ ସାହିତ୍ୟ'ରେ ପ୍ରକାଶ ପାଇଥିଲା । ସେ ବହୁବର୍ଷ ଧରି 'ଉତ୍କଳ ସାହିତ୍ୟ ସମାଜ'ର ବିଭିନ୍ନ କର୍ମକର୍ତ୍ତା ରୂପେ ଦାୟିତ୍ୱ ତୁଲାଇ ଥିଲେ ।

Digitized by srujan ka@gmail.com

ଜନକବି ଗୋପାଳ ଦାଶ

୧୮୭୭ — ୧୯୩୮

ଜନକବି ଗୋପାଳ ଦାଶ ଥିଲେ ଜଣେ ସଫଳ ତଥା ଶକ୍ତିଶାଳୀ ଗୀତି ନାଟ୍ୟକାର । ସେ କଟକ ଜିଲ୍ଲାର ଚଉଦକୁଲାଟରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଆନୁଷ୍ଠାନିକ ଶିକ୍ଷାଗତ ଯୋଗ୍ୟତା ଅପେକ୍ଷା ସ୍ୱୀୟ ମେଧା ଓ ପ୍ରଚେଷ୍ଟା ବଳରେ ଓଡ଼ିଆ ଏବଂ ସଂସ୍କୃତ ଭାଷାରେ ସେ ଦକ୍ଷତା ହାସଲ କରିପାରିଥିଲେ । ଅତ୍ୟଧିକ କଳାପ୍ରେମ ହେତୁ ସେ ନାଟ୍ୟକଳା ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲେ । ଗୀତି-ନାଟ୍ୟମାନ ରଚନା କରି ତାହାକୁ ବିଭିନ୍ନ ସ୍ଥାନରେ ଅଭିନୟ କରାଇବା ଝୁଙ୍କ ତାଙ୍କର ପ୍ରବଳ ଥିଲା । ତାଙ୍କ ଗୀତି-ନାଟକ ଗୁଡ଼ିକ ମଧ୍ୟରୁ 'ରଙ୍ଗସଭା', 'କଂସ ବଧ', 'ପ୍ରଭାସ-ମିଳନ' 'କାଞ୍ଚି କାବେରୀ', 'ସାବିତ୍ରୀ ସତ୍ୟବାନ', 'ଶ୍ୱେତ-ବସନ୍ତ', 'ଚନ୍ଦ୍ର ହାସ', 'ବାଲ୍ୟବିନୋଦ' ଓ 'ଅର୍କାସୁର ବଧ' ଆଦି ଉଲ୍ଲେଖଯୋଗ୍ୟ । ପରବର୍ତ୍ତୀ କାଳର ପ୍ରବାଦ ପୁରୁଷ ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟମାନ ଏହାଙ୍କ କୃତି ନିକଟରେ ବହୁ ପରିମାଣରେ ଋଣୀ । ଗୋପାଳ ଦାଶଙ୍କ ରଚନାଶୈଳୀ ସରଳ, ସୁନ୍ଦର ଓ ଲୋକପ୍ରିୟ । ଉତ୍କଳୀୟ ଭାବଧାରା ଓ ସାଂସ୍କୃତିକ ବାର୍ତ୍ତାବହ ଭାବେ ସେ ଓଡ଼ିଶାର ପୁରପଲ୍ଲୀରେ ନବଚେତନାର ବୀଜବପନ କରିଯାଇଛନ୍ତି ।

Digitized by srujan ka@gmail.com

ଉତ୍କଳମଣି ଗୋପବନ୍ଧୁ ଦାସ

୧୮୭୭ — ୧୯୨୮

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଆ ଜାତିର ଗର୍ବ ଓ ଗୌରବ । ସେ ଏକାଧାରରେ ଜଣେ ସାହିତ୍ୟିକ, ସଂସ୍କାରକ, ଜନ ସେବକ, ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ, ସଙ୍ଗଠକ ଓ ବାଗ୍ମୀ । ପୁରୀ ଜିଲ୍ଲାର ସତ୍ୟବାଦୀ ନିକଟସ୍ଥ ସୁଆଣ୍ଡୋ ଗ୍ରାମରେ ତାଙ୍କର ଜନ୍ମ । ପିତା- ଦୈତ୍ୟାରି ଦାଶ; ମାତା- ସ୍ୱର୍ଣ୍ଣମୟୀ ଦେବୀ । ୧୯୦୫ ମସିହାରେ ସେ କଲିକତାରୁ ଓକିଲାତି ପାସ୍‌କରି କେତେକ ସ୍ଥାନରେ ଓକିଲାତି କରିଥିଲେ । ମାତ୍ର ଅର୍ଥ ଉପାର୍ଜନ କରିବା ତାଙ୍କର ଅଭିଳାଷ ନ ଥିବାରୁ ସେ ଶିକ୍ଷକତା କରିଥିଲେ । ୧୯୦୯ ମସିହାରେ ସେ ସାକ୍ଷିଗୋପାଳଠାରେ ବନବିଦ୍ୟାଳୟ ସ୍ଥାପନ କଲେ । ବାସ୍ତବରେ ଏହା ଥିଲା ଆଦର୍ଶ ମଣିଷ ଗଢ଼ା କାରଖାନା ! ଦୁର୍ଗତ ଜନସାଧାରଣଙ୍କ ସେବା, ବିଭୁପ୍ରୀତି ଏବଂ ଦେଶପ୍ରୀତି ଥିଲା ଗୋପବନ୍ଧୁଙ୍କ ଜୀବନର ମହାମନ୍ତ୍ର । ଓଡ଼ିଆ ଭାଷା-ଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଥିଲା ତାଙ୍କ କର୍ମମୟ ଜୀବନର ମହାବ୍ରତ । 'ସତ୍ୟବାଦୀ' ସାହିତ୍ୟ ପତ୍ରିକା ସଂପାଦନ ଓ 'ସମାଜ' ପ୍ରକାଶନ ତାଙ୍କର ଅକ୍ଷୟ କୀର୍ତ୍ତି । ତାଙ୍କ ରାଜନୀତିକ ଜୀବନଠାରୁ ସାହିତ୍ୟିକ ଜୀବନ ଅଧିକ ଶୁଭ୍ର ଓ ଉଜ୍ଜ୍ୱଳ । ତାଙ୍କର ଅମରକୃତି ହେଲା- ''ଧର୍ମପଦ, ବନ୍ଦୀର ଆତ୍ମକଥା, କାରା କବିତା, ଗୋ-ମାହାତ୍ମ୍ୟ'' ।' ସେ ଜଣେ ଅସାମାନ୍ୟ ଗଦ୍ୟଶିଳ୍ପୀ ।

Digitized by srujan ka@gmail.com

କୃଷ୍ଣମୋହନ ପଟ୍ଟନାୟକ

୧୮୭୭ — ୧୯୪୦

କୃଷ୍ଣମୋହନ ପଟ୍ଟନାୟକ ଜଣେ ଦେଶଭକ୍ତି-ପରାୟଣ ଦରଦୀ କବି ରୂପେ ପରିଚିତ । ତାଙ୍କର ଲଳିତ କଣ୍ଠରେ ଗାୟନ, ସଙ୍ଗୀତର ତାଳ ଲୟ ଜ୍ଞାନ ଓ ଅଭିଜାତ ଗୁଣାବଳି ତାଙ୍କୁ ସମସାମୟିକ କାଳରେ ଅତ୍ୟନ୍ତ ଜନପ୍ରିୟ କରାଇଥିଲା । ସ୍ୱରଚିତ ଗୀତସବୁକୁ ନିଜେ ଗାଇ ସେ ସଙ୍ଗୀତ ଆସରକୁ ମୁଗ୍ଧ କରି ରଖୁଥିଲେ । ନୂତନ ସୁର ଓ ନୂତନଭାବ ଯୋଗୁଁ ସେଗୁଡ଼ିକ ଉତ୍କଳରେ ସର୍ବତ୍ର ଆଦୃତ ହେଉଥିଲା । କୃଷ୍ଣମୋହନ କେତୋଟି ସ୍ୱଲିଖିତ ପଦ୍ୟରେ ନାରୀ ଜାଗରଣ ଓ ଝିଅ ବୋହୂଙ୍କର ସମାଜ ଜୀବନରେ ମୁଖ୍ୟ ଭୂମିକା ଗ୍ରହଣ ଉପରେ ଗୁରୁତ୍ୱ ଦେଇଛନ୍ତି । ସାମ୍ରାଜ୍ୟବାଦ ବିରୋଧୀ ସ୍ୱର ତାଙ୍କର କେତେକ କବିତାରେ ମର୍ମରିତ । ସୁଖର କଥା, ତାଙ୍କର ଦୁଷ୍ପ୍ରାପ୍ୟ ରଚନାଗୁଡ଼ିକୁ ଏକତ୍ର କରି 'କୃଷ୍ଣମୋହନ ଗ୍ରନ୍ଥାବଳୀ' ପ୍ରକାଶ କରାଯାଇଛି । କୃଷ୍ଣମୋହନଙ୍କ କୃତି ଓଡ଼ିଆ ଜାତିର ଚେତନାରୁ ହଜିଯିବା ପୂର୍ବରୁ ତାହାକୁ ଏକାଠି ପ୍ରକାଶ କରିବା ପ୍ରଶଂସନୀୟ କାର୍ଯ୍ୟ । ତାଙ୍କ କାବ୍ୟ-ସ୍ୱର ଯେପରି ଉଦାତ୍ତ, ସ୍ପଷ୍ଟ ଓ ଜୀବନମୁଖୀ ସେହିପରି ସରସ ଓ ଭାବ ଉଦ୍ଦୀପକ ।

Digitized by srujan ka@gmail.com

ଆଚାର୍ଯ୍ୟ ହରିହର ଦାଶ

୧୮୭୭ — ୧୯୭୧

ସତ୍ୟବାଦୀ ବନବିଦ୍ୟାଳୟର ଅନ୍ୟତମ ପୁରୋଧା ଥିଲେ ଆଚାର୍ଯ୍ୟ ହରିହର ଦାଶ । ଜଣେ ଆଦର୍ଶ ତଥା ନୀତିନିଷ୍ଠ ଶିକ୍ଷକ ଭାବରେ ତାଙ୍କର ବିଶେଷ ଖ୍ୟାତି ଥିଲା । ପୁରୀ ଜିଲ୍ଲାର ଶ୍ରୀରାମଚନ୍ଦ୍ରପୁର ଶାସନରେ ତାଙ୍କର ଜନ୍ମ । ସତ୍ୟବାଦୀ ବନବିଦ୍ୟାଳୟ ବ୍ୟତୀତ ପୁରୀ ଜିଲ୍ଲା ସ୍କୁଲ, ରେଭେନ୍ସା କଲେଜିଏଟ୍ ସ୍କୁଲ, ମିସନ୍ ହାଇସ୍କୁଲ, ନୀଳଗିରି ହାଇସ୍କୁଲ, ପ୍ୟାରୀମୋହନ ଏକାଡେମୀ ପ୍ରଭୃତିରେ ସେ ଶିକ୍ଷକତା କରିଥିଲେ । ମାତ୍ର ତାଙ୍କ ବ୍ୟକ୍ତିତ୍ୱର ଚରମ ବିକାଶ ଘଟିଥିଲା ସତ୍ୟବାଦୀ ବନ ବିଦ୍ୟାଳୟରେ । ସେବା, ସହାନୁଭୂତି, ଆଚରଣ ଓ ଐକାନ୍ତିକ ନିଷ୍ଠାର ସେ ଥିଲେ ଜୀବନ୍ତ ପ୍ରତିମୂର୍ତ୍ତି । ଭୂଦାନ ଆନ୍ଦୋଳନରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଜଣେ ଅଧ୍ୟାତ୍ମବାଦୀ ଲେଖକ ଭାବରେ ସେ ଶ୍ରୀମଦ୍‌ଭଗବଦ୍ ଗୀତା ଓ ବହୁ ଉପନିଷଦର ସଫଳ ଅନୁବାଦ କରିଯାଇଛନ୍ତି । ଇଂରେଜୀ ଜ୍ଞାନର ପ୍ରସାର ନିମିତ୍ତ ଓଡ଼ିଶାର ଛାତ୍ରଛାତ୍ରୀଙ୍କ ପାଇଁ ତାଙ୍କର ବିରଳ କୃତି ହେଉଛି 'ଚାଇଲ୍ଡସ ଇଜି ଫାଷ୍ଟ ଗ୍ରାମାର୍' । ସ୍ୱାଧୀନତା ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହ ପ୍ରଭୃତିରେ ଯୋଗ ଦେଇ ଆଚାର୍ଯ୍ୟ ହରିହର ଚାରିଥର କାରାବରଣ କରିଥିଲେ । ସାରା ଜୀବନ ସେ ତପୋନିଷ୍ଠ ସାଧକ ଭଳି କାଳାତିପାତ କରିଥିଲେ ।

Digitized by srujan ka@gmail.com

ବ୍ରଜସୁନ୍ଦର ଦାସ

୧୮୮୦ — ୧୯୪୪

ସାହିତ୍ୟ, ସଂସ୍କୃତି ଓ ଜାତୀୟ ଚେତନାର ଅନ୍ୟତମ କର୍ଣ୍ଣଧାର ରୂପେ ବ୍ରଜସୁନ୍ଦର ଦାସ ଓଡ଼ିଶାରେ ସୁପରିଚିତ । ସେ ଯାଜପୁର ଜିଲ୍ଲା ବିଂଝାରପୁରସ୍ଥ ସୟଦପୁର ଗ୍ରାମରେ ଏକ ସମ୍ଭ୍ରାନ୍ତ ଜମିଁଦାର ପରିବାରରେ ଜନ୍ମ । ପିତା- ଶ୍ୟାମସୁନ୍ଦର ଦାସ; ମାତା-ସ୍ୱର୍ଣ୍ଣପ୍ରଭା ଦେବୀ । ସେ ରେଭେନ୍ସା କଲେଜରୁ ଏଫ.ଏ. ପାସ୍‌କରି କଲିକତା ପ୍ରେସିଡେନ୍ସି କଲେଜରୁ ବି.ଏ. ପାସ୍ କରିଥିଲେ । ସେ 'ମୁକୁର' ପତ୍ରିକାର ସଂପାଦନା କରୁଥିଲେ ଏବଂ ୧୯୧୦ ମସିହାରେ ମୁକୁର ପ୍ରେସ ପ୍ରତିଷ୍ଠା କରିଥିଲେ । ଇଂରାଜୀ 'ଦି ଓରିଆ'ର ସେ ସଂପାଦକ ଥିଲେ । ସେ 'ଉତ୍କଳ ସଂଗୀତ ସମାଜ'ର ସଭାପତି ଥିଲେ ଏବଂ 'ଉତ୍କଳ ସାହିତ୍ୟ ସମାଜ'ର ଜଣେ ପ୍ରଧାନ ରଥୀ ଥିଲେ । ଉତ୍କଳ ସମ୍ମିଳନୀର ସମ୍ପାଦକ (୧୯୧୮), ବିହାର ଓଡ଼ିଶା କାଉନ୍ସିଲର ସଭ୍ୟ (୧୯୧୭-୨୦), କେନ୍ଦ୍ର ଆସେମ୍ବ୍ଲିର ସଭ୍ୟ (୧୯୨୧-୨୪), ଓଡ଼ିଶା ବିଧାନସଭାର ସଭ୍ୟ (୧୯୩୭-୪୪) ଆଦି ପଦବୀରେ ରହି ଖୁବ୍ ଦକ୍ଷତାର ସହ ସେ କାର୍ଯ୍ୟ ସଂପାଦନ କରିଥିଲେ । ସେ ବଡ଼ ଅମାୟିକ ଦେଶପ୍ରେମୀ ବ୍ୟକ୍ତି ଥିଲେ । ଓଡ଼ିଶାପାଇଁ ତାଙ୍କ ପ୍ରାଣ ସଦାବେଳେ ବ୍ୟାକୁଳ ହେଉଥିଲା । 'ମୁକୁର' ପତ୍ରିକାରେ ତାଙ୍କର ଅନେକ ମୂଲ୍ୟବାନ୍ ପଦ୍ୟ ଓ ଗଦ୍ୟ ପ୍ରକାଶ ପାଇଥିଲା ।

Digitized by srujan ka@gmail.com

ଗଣକବି ବୈଷ୍ଣବ ପାଣି

୧୮୮୨ — ୧୯୫୬

ଗୀତାଭିନୟ ଜଗତର ମୁକୁଟ-ବିହୀନ ସମ୍ରାଟ୍ ହେଉଛନ୍ତି ବୈଷ୍ଣବ ପାଣି । ଉଭୟ ଗୀତ ଓ ଅଭିନୟର ସେ ଥିଲେ ଜୀବନ୍ତ ରୂପକାର । କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ କୋଠପଦା ଗ୍ରାମରେ ତାଙ୍କର ଜନ୍ମ । ଦାରିଦ୍ର୍ୟ ନିପୀଡ଼ିତ ପାଣିକବିଙ୍କ ଜୀବନଧାରା ବଡ଼ ବିଚିତ୍ର । କୋଠପଦା ମହନ୍ତଙ୍କ ବୋଲକରା, ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ, ଯନ୍ତ୍ରଣା ଜର୍ଜରିତ ଏହି ପ୍ରତିଭାଧର ବ୍ୟକ୍ତି ସମାଜର ବାଧା ବନ୍ଧନକୁ ଅସ୍ୱୀକାର କରିବା ତାଙ୍କପାଇଁ ଥିଲା ଏକ ସ୍ୱାଭାବିକ ଘଟଣା । ଅବାଟରେ ଚାଲି ନୂଆ ବାଟଟିଏ ତିଆରି କରିବା ଏହି ଗ୍ରାମୀଣ ସଂସ୍କୃତି ପୁରୁଷର ଥିଲା ଏକ ଦୁର୍ବାର ନିଶା । ତେଣୁ ଆଦ୍ୟ ମୌସୁମୀର ପ୍ରଚଣ୍ଡ ଝଡ଼ ଭଳି ସେ କୌଣସି ବିଧି ବ୍ୟବସ୍ଥାକୁ ମାନି ନ ଥିଲେ । ଗ୍ରାମ ଶ୍ମଶାନର କଦମ୍ବ ଗଛମୂଳେ ବସି, ଶ୍ମଶାନ ରୁଦ୍ରଙ୍କୁ ସ୍ମରଣ କରି ସେ ସୃଷ୍ଟି କରିଥିଲେ ତାଙ୍କର ପ୍ରଥମ କୃତି 'ମେଘନାଦ ବଧ' । ତା'ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି । ନିଜେ ନାଟ୍ୟଦଳଟିଏ ଗଢ଼ି ନିଜ ସୃଷ୍ଟିକୁ ଓଡ଼ିଶାର ପୁରପଲ୍ଲୀରେ ପରିବେଷଣ କରିଯାଇଛନ୍ତି ଏବଂ ଜନତାର ହୃଦୟ ଜୟ କରିଛନ୍ତି । ଓଡ଼ିଶୀ ସଙ୍ଗୀତଧାରାର ସେ ଅନ୍ୟତମ ପ୍ରାଣପ୍ରତିଷ୍ଠାତା । ପାଞ୍ଚଶହରୁ ଅଧିକ ଗୀତିନାଟ୍ୟର ସ୍ରଷ୍ଟା ପାଣିକବି ଏ ଜାତିର ଚିର ନମସ୍ୟ । ତାଙ୍କର ଆତ୍ମଜୀବନୀ ଯେପରି ସତ୍ୟନିଷ୍ଠ, ସେହିପରି ସୁଖପାଠ୍ୟ ।

Digitized by srujan ka@gmail.com

ତାରିଣୀ ଚରଣ ରଥ

୧୮୮୩ — ୧୯୨୨

ଓଡ଼ିଆ ସାହିତ୍ୟର ଅଭାବୀ ଦିଗକୁ ପୂରଣ କରିବାରେ ସିଦ୍ଧହସ୍ତ ଥିଲେ ତାରିଣୀ ଚରଣ ରଥ । ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରଠାରେ ଜନ୍ମଲାଭ କରିଥିବା ଏହି ଯଶସ୍ୱୀ ସ୍ରଷ୍ଟା ପ୍ରାବନ୍ଧିକ, ସମାଲୋଚକ ଓ ଐତିହାସିକ ଭାବରେ ନିଜର ଦକ୍ଷତା ପ୍ରଦର୍ଶନ କରିଯାଇଛନ୍ତି । ସେ ମାନ୍ଦ୍ରାଜ ପ୍ରେସିଡେନ୍‌ସି କଲେଜରୁ ବି.ଏ. ପାସ୍ କରିଥିଲେ ଓ ମାନ୍ଦ୍ରାଜର ଚିଦାମ୍ବରମ୍‌ରେ ମୁନସଫ୍ କାର୍ଯ୍ୟ କରିଥିଲେ । ବିଜ୍ଞାନ, ସାହିତ୍ୟ, ଇତିହାସ ଓ ପ୍ରତ୍ନତତ୍ତ୍ୱକୁ ଆଧାରକରି ତାଙ୍କ ସାହିତ୍ୟ ସୃଷ୍ଟି । ଅନାସକ୍ତ ଅନୁସନ୍ଧାନ ଓ ବିଷୟନିଷ୍ଠା ତାଙ୍କ ଲେଖାଗୁଡ଼ିକର ବୈଶିଷ୍ଟ୍ୟ । ତାରିଣୀଚରଣଙ୍କ 'ଉତ୍କଳ ସାହିତ୍ୟର ଇତିହାସ' ଏକ ଉଲ୍ଲେଖଯୋଗ୍ୟ ଗ୍ରନ୍ଥ । ଏହା ବିଶିଷ୍ଟ ତଥା ଅଜ୍ଞାତ ସ୍ରଷ୍ଟାଙ୍କର ଜୀବନୀ ଓ କୃତିର ପରିଚୟାତ୍ମକ ଇତିହାସ । ବୈଜ୍ଞାନିକ ବିଷୟକୁ ସାହିତ୍ୟିକ ଗୌରବ ପ୍ରଦାନପାଇଁ ସେ କେତେକ ପ୍ରବନ୍ଧ ରଚନା କରିଥିଲେ । ଦକ୍ଷିଣ ଓଡ଼ିଶାର ଐତିହାସିକ ଗୌରବ ନିରୂପଣ କରି ସେ 'ଘୁମୁସର ଇତିହାସ' ଓ 'ଦକ୍ଷିଣୀ ଓଡ଼ିଶା ରାଜ୍ୟ' ରଚନା କରିଥିଲେ । ଲୋକଗଳ୍ପ ଓ ଲୋକକଥା ସଂଗ୍ରହ ଓ ପ୍ରକାଶନ କ୍ଷେତ୍ରରେ ତାଙ୍କ ଭୂମିକା ପ୍ରଶଂସନୀୟ । 'ଅନ୍ନପୂର୍ଣ୍ଣା' ନାମକ ଏକ ଉପନ୍ୟାସ, 'ମୋହିନୀ' 'ଋଷିକୁଲ୍ୟା' ଓ 'ମଦନମଞ୍ଜରୀ' ଆଦି ଗ୍ରନ୍ଥରୁ ତାଙ୍କ ପ୍ରତିଭାର ପରିଚୟ ମିଳେ ।

Digitized by srujan ka@gmail.com

ଅନ୍ନପୂର୍ଣ୍ଣା ଦେବୀ

୧୮୮୩ — ୧୯୪୮

ଶିକ୍ଷାର ବିକାଶ ସଙ୍ଗେ ସଙ୍ଗେ ଓଡ଼ିଶାର ନାରୀମାନେ ସାହିତ୍ୟ, କଳା ଓ ଅନ୍ୟାନ୍ୟ ସାଂସ୍କୃତିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । କବି ଅନ୍ନପୂର୍ଣ୍ଣା ଦେବୀ ଆନୁଷ୍ଠାନିକ ଶିକ୍ଷାଲାଭ ପାଇଁ ବିଶେଷ ସୁବିଧା ପାଇ ନ ଥିଲେ ମଧ୍ୟ ସାରସ୍ୱତ ସାଧନା ତାଙ୍କ ଲାଗି ହୋଇପଡ଼ିଥିଲା ଏକ ଈଶ୍ୱର-ଦତ୍ତ କଳା । ପରିବେଶ ଓ ପରିସ୍ଥିତି ସାହିତ୍ୟ-ସେବା ପାଇଁ ତାଙ୍କୁ ସୁବିଧା ସୁଯୋଗ ଜୁଟାଇ ଦେଇଥିଲା । ଅନ୍ନପୂର୍ଣ୍ଣା ଦେବୀ ଗଞ୍ଜାମ ଜିଲ୍ଲାର ଚିକିଟିଗଡ଼ରେ ଜନ୍ମଲାଭ କରିଥିଲେ । ସାହିତ୍ୟ ସାଧନା ଲାଗି ଚିକିଟି, ପାରଳା ଓ ଜୟପୁର ମହାରାଜାଙ୍କର ସେ ପୃଷ୍ଠପୋଷକତା ଲାଭ କରିଥିଲେ । 'ଗଞ୍ଜାମ ଗୁଣ ଦର୍ପଣ' ଓ 'ସମ୍ବଲପୁର ହିତୈଷିଣୀ'ରେ ଲେଖା ପ୍ରକାଶନ ପରେ ସେ ସଂପାଦକ ନୀଳମଣି ବିଦ୍ୟାରତ୍ନଙ୍କ ଘନିଷ୍ଠ ସାହଚର୍ଯ୍ୟ ଲାଭ କରିବା ସହିତ ନିଜ ରଚନାଗୁଡ଼ିକୁ ଅଧିକ ପ୍ରକାଶ କରିବାର ସୁଯୋଗ ପାଇଥିଲେ । 'ପଦ୍ୟମାଳା' ୧ମ ଓ ୨ୟ ତାଙ୍କ କବିତ୍ୱର ବଳିଷ୍ଠ ପ୍ରମାଣ । ଏତଦ୍‌ବ୍ୟତୀତ 'ପକ୍ଷୀଘର' ତାଙ୍କର ଅନ୍ୟ ଏକ ପଦ୍ୟ ଗ୍ରନ୍ଥ । ତାଙ୍କ କାବ୍ୟ-ସ୍ୱର ବେଶ୍ ସ୍ପଷ୍ଟ ଏବଂ ବଳିଷ୍ଠ । ନାରୀ ଜୀବନର ଅବ୍ୟକ୍ତ ଘଟଣାବଳୀ ତାଙ୍କ ସାହିତ୍ୟରେ ସ୍ଥାନ ପାଇଥିବା ଲକ୍ଷ୍ୟ କରାଯାଏ ।

Digitized by srujan ka@gmail.com

ସଂସ୍କାରକ ବୈରାଗୀ ଚରଣ ମିଶ୍ର

୧୮୮୩ — ୧୯୬୭

ସମାଜ ସଂସ୍କାରକ ବୈରାଗୀ ଚରଣ ମିଶ୍ର ଓଡ଼ିଶାରେ ସର୍ବତ୍ର ପରିଚିତ ଏକ ବରେଣ୍ୟ ବ୍ୟକ୍ତିତ୍ୱ । ସେ କଟକ ଜିଲ୍ଲାର ସାଲେପୁର ଥାନା ଅନ୍ତର୍ଗତ ମୂଳ ବସନ୍ତ ଗାଁରେ ଜନ୍ମଗ୍ରହଣ କରିଥିଲେ । ସେ ବାରିପଦାରେ ରହିଥିବା ସମୟରେ ମାଟ୍ରିକ ପାସ୍‌କରି କଟକ ଆସି ଦୁଇବର୍ଷ ଉଚ୍ଚଶିକ୍ଷା ଲାଭ କରିଥିଲେ । ସେହି କାଳରେ ସେ ଅନୁଭବ କରିଥିଲେ ଭାରତୀୟ ଜୀବନଧାରାର ପ୍ରଗତିରେ ପ୍ରତିବନ୍ଧକ ହେଉଛି କୁସଂସ୍କାର । ଅଧିକ ଶିକ୍ଷାଲାଭ କରିବା ଓ କୁସଂସ୍କାର ଦୂର କରିବାର ସଂକଳ୍ପ ଦୁଇଟିର ଅନ୍ତରାୟ ହେଲା ତାଙ୍କର ଆର୍ଥିକ ଦୁଃସ୍ଥିତି । ଶେଷରେ ସେ କଟକ କଲେକ୍ଟରିଏଟ୍‌ରେ କର୍ମନିଯୁକ୍ତ ହେଲେ ଏବଂ ଜୀବନର ଗୁରୁତ୍ୱପୂର୍ଣ୍ଣ ତିରିଶଟି ବର୍ଷ ସେଇଠି କଟାଇଲେ । ସେ ତତ୍‌କାଳୀନ ଓଡ଼ିଶାର ଅନ୍ୟାନ୍ୟ ପ୍ରତିଭାବାନ୍ ବ୍ୟକ୍ତିଙ୍କ ଭଳି ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ । ୧୯୩୦ ମସିହାରେ ସେ 'ନାରୀ ମଙ୍ଗଳ ସମିତି' ଗଠନ କରି ଏହି ସାମାଜିକ ଉନ୍ନତି କାମରେ ବହୁ ସମୟ ବ୍ୟୟ କରିଥିଲେ । ୧୯୪୯ ମସିହାରେ ସେ 'ବିଶ୍ୱ କଲ୍ୟାଣ ସମିତି' ପ୍ରତିଷ୍ଠା କରିବା ସହିତ 'ବିଶ୍ୱ କଲ୍ୟାଣ' ନାମକ ଏକ ପତ୍ରିକା ପ୍ରକାଶ କରିଥିଲେ । ଓଡ଼ିଶାରେ ବିବାହ, ବ୍ରତ, ବିଧବା ବିବାହ ଆଦି ସଂସ୍କାର କର୍ମରେ ତାଙ୍କର ଉଦ୍ୟମ ପ୍ରଶଂସନୀୟ ଥିଲା । ସମାଜର ହିତ ସାଧନ ଥିଲା ତାଙ୍କ ଜୀବନର ପରମ-ବ୍ରତ ।

Digitized by srujan ka@gmail.com

ଗୋବିନ୍ଦ ଚନ୍ଦ୍ର ଶୂରଦେଓ

୧୮୮୪ — ୧୯୩୯

ଦକ୍ଷିଣ ଓଡ଼ିଶାର ତରଳାଗଡ଼ ରାଜପରିବାରରେ ଗୋବିନ୍ଦ ଶୂରଦେଓଙ୍କ ଜନ୍ମ । ନୟାଗଡ଼ର ତତ୍‌କାଳୀନ ରାଜା ରଘୁନାଥ ସିଂହ ମାନଧାତା ଥିଲେ ଶୂରଦେଓଙ୍କ ମାମୁ । ସେ ଅପୁତ୍ରକ ଥିଲେ । ତେଣୁ ଗୋବିନ୍ଦ ଶୂରଦେଓଙ୍କୁ ଉତ୍ତରାଧିକାରୀ ମନସ୍ଥ କରି ସେ ତାଙ୍କ ଶିକ୍ଷା-ଦୀକ୍ଷା ଆଦି ଦାୟିତ୍ୱ ବହନ କରିଥିଲେ । କଟକର କାଳିଗଳିରେ ଏକ ଭଡ଼ାଘରେ ସେ କଲେଜ ଶିକ୍ଷା ଶେଷ ପର୍ଯ୍ୟନ୍ତ ରହୁଥିଲେ । ନୟାଗଡ଼ ରାଜା ଉତ୍କଳମଣି ଗୋପବନ୍ଧୁଙ୍କୁ ତାଙ୍କର ସ୍ଥାନୀୟ ଅଭିଭାବକ ମନୋନୀତ କରିଥିଲେ । ଏଥିନିମିତ୍ତ ଗୋପବନ୍ଧୁଙ୍କୁ ଯେଉଁ ପଚାଶ ଟଙ୍କା ମାସିକ ମିଳୁଥିଲା ତାହା ଆଚାର୍ଯ୍ୟ ହରିହର ଦାଶଙ୍କୁ ଦେବାପାଇଁ ଗୋପବନ୍ଧୁ ନିର୍ଦ୍ଦେଶ ଦେଇଥିଲେ । ଆଚାର୍ଯ୍ୟ ହରିହର ଥିଲେ ଗୋବିନ୍ଦ ଶୂରଦେଓଙ୍କ ସହପାଠୀ । ଭାଗ୍ୟର ବିଡ଼ମ୍ବନାରୁ ଗୋବିନ୍ଦ ରାଜା ସିନା ହୋଇ ପାରିଲେନି; ମାତ୍ର ସରସ୍ୱତୀଙ୍କ କୃପା ଲାଭ କଲେ । ରେଭେନ୍‌ସା କଲେଜରେ ସେ ଫକୀରମୋହନଙ୍କ 'ଲଛମା'କୁ ନାଟ୍ୟରୂପ ଦେଇ ଅଭିନୟ କରାଇବା ପରେ ଫକୀରମୋହନ ଅଭିଭୂତ ହୋଇପଡ଼ିଥିଲେ । ଶୂରଦେଓ କେନ୍ଦ୍ରାପଡ଼ା ଜମିଦାର ଶ୍ୟାମସୁନ୍ଦର ନରେନ୍ଦ୍ରଙ୍କ ଜ୍ୱାଇଁ ଥିଲେ । ସେ ରାସ ଦଳ ଗଠନ କରି ଓଡ଼ିଶାରେ ସାଂସ୍କୃତିକ ଆନ୍ଦୋଳନର ସୂତ୍ରପାତ କରିଥିଲେ । ସେ ମାନଭଞ୍ଜନ, ମାୟାଶବରୀ, ସାକ୍ଷିଗୋପାଳ ଆଦି ପଚାଶରୁ ଅଧିକ ଗୀତିନାଟ୍ୟର ସ୍ରଷ୍ଟା ।

Digitized by srujan ka@gmail.com

ପଣ୍ଡିତ ନୀଳକଣ୍ଠ ଦାସ

୧୮୮୪ — ୧୯୬୭

ସତ୍ୟବାଦୀର ପଞ୍ଚସଖାଙ୍କ ମଧ୍ୟରେ ଓଡ଼ିଆ ସାହିତ୍ୟର ଯଶସ୍ୱୀ କବି ଓ ସମାଲୋଚକ ପଣ୍ଡିତ ନୀଳକଣ୍ଠ ଅନ୍ୟତମ । ପୁରୀ ଜିଲ୍ଲାର ଶ୍ରୀରାମଚନ୍ଦ୍ରପୁର ଶାସନରେ ତାଙ୍କର ଜନ୍ମ । କଲିକତାର ସ୍କଟିସ୍ କଲେଜରୁ ଦର୍ଶନ ଶାସ୍ତ୍ରରେ ଏମ୍.ଏ. ପାସ୍‌କରି କଲିକତା ବିଶ୍ୱବିଦ୍ୟାଳୟରେ ସେ ଅଧ୍ୟାପକ ଭାବେ ନିଯୁକ୍ତି ପାଇଥିଲେ । ଗୋପବନ୍ଧୁଙ୍କ ଆହ୍ୱାନକ୍ରମେ ସେ ସତ୍ୟବାଦୀ ବନବିଦ୍ୟାଳୟର ପ୍ରଧାନ ଶିକ୍ଷକତ୍ୱ ଗ୍ରହଣ କରିଥିଲେ । ଓଡ଼ିଆ ସାମାଜିକ ଜୀବନକୁ କୁସଂସ୍କାର ମୁକ୍ତ କରି ଆଦର୍ଶ ଜାତୀୟଚେତନା ସୃଷ୍ଟି କରିବାରେ ସେ ବୈପ୍ଳବିକ ଭୂମିକା ଗ୍ରହଣ କରିଥିଲେ । ପରବର୍ତ୍ତୀ କାଳରେ ଜଣେ ରାଜ-ନେତା ଭାବରେ ସ୍ୱରାଜ୍ୟ ଆନ୍ଦୋଳନରେ ଯୋଗଦେଇ ସେ ଓଡ଼ିଶା ବିଧାନସଭାର ବାଚସ୍ପତି ନିର୍ବାଚିତ ହୋଇଥିଲେ । ସାହିତ୍ୟ ସୃଷ୍ଟି ଓ ସାହିତ୍ୟ ଚର୍ଚ୍ଚା କ୍ଷେତ୍ରରେ ସେ ସ୍ୱକୀୟ ସିଦ୍ଧିର ସ୍ୱାକ୍ଷର ଛାଡ଼ି ଯାଇଛନ୍ତି । ଜଣେ ସଫଳ କବି ଭାବରେ 'କୋଣାର୍କେ', 'ଖାରବେଳ', 'ପ୍ରଣୟିନୀ' ଓ 'ଦାସ ନାଏକ' ତାଙ୍କ କବିତ୍ୱପୂର୍ଣ୍ଣ ଦକ୍ଷତାର ନିଦର୍ଶନ । 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ', 'ଓଡ଼ିଆ ଭାଷା ଓ ସାହିତ୍ୟ', 'ଆର୍ଯ୍ୟ ଜୀବନ' ପ୍ରଭୃତି ଆଲୋଚନା ଗ୍ରନ୍ଥ ତାଙ୍କ ପାଣ୍ଡିତ୍ୟପୂର୍ଣ୍ଣ ପ୍ରତିଭାର ବଳିଷ୍ଠ ସ୍ୱାକ୍ଷର । ଜାତୀୟତାବାଦୀ ସ୍ରଷ୍ଟା ଭାବରେ ତାଙ୍କ କୀର୍ତ୍ତି ଅମ୍ଳାନ ।

Digitized by srujan ka@gmail.com

ପଣ୍ଡିତ ଗୋଦାବରୀଶ ମିଶ୍ର

୧୮୮୬ — ୧୯୫୬

ସତ୍ୟବାଦୀର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ବରପୁତ୍ର ଗୋଦାବରୀଶ ମିଶ୍ର ଜଣେ ସୁସାହିତ୍ୟିକ, ବାଗ୍ମୀ, ଶିକ୍ଷାବିତ୍, ସଂସ୍କାରକ, ସଂଗଠକ, ରାଜନୀତିଜ୍ଞ ଓ ବ୍ୟବସ୍ଥାପକ ଭାବେ ସୁପରିଚିତ । ପୁରୀ ଜିଲ୍ଲା ବାଣପୁରରେ ତାଙ୍କର ଜନ୍ମ । ଆର୍ଥିକ ଦୁଃସ୍ଥିତି ତାଙ୍କ ମହନୀୟ ପ୍ରତିଭାର ବିକାଶରେ ପ୍ରତିବନ୍ଧକ ହୋଇପାରି ନ ଥିଲା । ଶିକ୍ଷାଲାଭର ସର୍ବୋଚ୍ଚ ସୋପାନରେ ଉପନୀତ ହୋଇ ମଧ୍ୟ ସେ ଗୋପବନ୍ଧୁଙ୍କ ବନବିଦ୍ୟାଳୟରେ ଶିକ୍ଷକ କର୍ମ ଆଦରି ନେଇଥିଲେ । ସେ ରାଜନୀତିକ ବ୍ୟକ୍ତି ଭାବରେ ଓଡ଼ିଶାର ଶିକ୍ଷାମନ୍ତ୍ରୀ ହୋଇଥିଲେ । ଶିକ୍ଷାବିତ୍ ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ସାହିତ୍ୟିକ ପ୍ରତିଭା ଥିଲା ବହୁମୁଖୀ । ଜଣେ କବି, ନାଟ୍ୟକାର, କଥାକାର, ପ୍ରାବନ୍ଧିକ ଓ ଶିଶୁ ସାହିତ୍ୟିକ ଭାବରେ ସେ ପ୍ରଥିତଯଶା । ତାଙ୍କର 'ପୁରୁଷୋତ୍ତମ ଦେବ' ଓ 'ମୁକୁନ୍ଦଦେବ' ଦୁଇଟି ଐତିହାସିକ ନାଟକ । 'ଘଟାନ୍ତର', 'ଅଭାଗିନୀ', '୧୯୧୭' ଓ 'ନିର୍ବାସିତ' ତାଙ୍କର ଚାରିଗୋଟି ଉପନ୍ୟାସ । 'ଆଲେଖିକା', 'କଳିକା', 'କିଶଳୟ' ଓ 'ଗୀତିଗୁଚ୍ଛ' ପ୍ରଭୃତି ତାଙ୍କର ଅମ୍ଳାନ କାବ୍ୟକୃତି । ସେ ଓଡ଼ିଆ ଗାଥା-କବିତାର ସର୍ବଶ୍ରେଷ୍ଠ ବିଧାଣୀ । ଆତ୍ମଜୀବନୀ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ।

Digitized by srujan ka@gmail.com

ନାରାୟଣ ମୋହନ ଦେ

୧୮୮୬ — ୧୯୬୩

ରୁଚିଶୀଳ ଓ ଆଚରଣସିଦ୍ଧ ବ୍ୟକ୍ତି ହିସାବରେ ନାରାୟଣ ମୋହନ ଦେ ସମକାଳୀନ ବୁଦ୍ଧିଜୀବୀ ମହଲରେ ବେଶ୍ ଖ୍ୟାତିଲାଭ କରିଥିଲେ । ସେ ଭଦ୍ରକ ଜିଲ୍ଲାର ବାଉଦପୁରଠାରେ ଜନ୍ମଗ୍ରହଣ କରିଥିଲେ । ଜଣେ ମେଧାବୀ ଛାତ୍ର ଭାବରେ ସେ ବୃତ୍ତି ଲାଭ କରିଥିଲେ । ରେଭେନ୍ସା କଲେଜରେ ଅଧ୍ୟାପନା ଶେଷ କରି ପରବର୍ତ୍ତୀ କାଳରେ ସେ ସେହି କଲେଜରେ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ । ଜଣେ ଛାତ୍ରପ୍ରିୟ ଆଦର୍ଶ ଶିକ୍ଷକ ଭାବରେ ତାଙ୍କର ଖୁବ୍ ସୁଖ୍ୟାତି ଥିଲା । ଓଡ଼ିଆ ଭାଷାରେ ସେ ଅନେକ ଆଲୋଚନାତ୍ମକ ନିବନ୍ଧ ଓ କବିତା ରଚନା କରିଯାଇଛନ୍ତି । ତାଙ୍କର କୃତିମାନଙ୍କ ଭିତରୁ 'ଜୟନ୍ତୀ', 'ବାରମାସୀ', 'ବୈଜୟନ୍ତୀ', 'ସାହିତ୍ୟ ଓ ସମାଲୋଚନା' ୧ମ ଭାଗ ଏବଂ ୨ୟ ଭାଗ ଉଲ୍ଲେଖନୀୟ । ତାଙ୍କ ରଚନାଶୈଳୀ ସରଳ, ସାବଲୀଳ ଓ ସୁବୋଧ । ଓଡ଼ିଆ ସାହିତ୍ୟର ଇତିହାସରେ ଏହାଙ୍କ ସମ୍ବନ୍ଧରେ ବିଶେଷ ଆଲୋଚନା ନ ହେଲେ ମଧ୍ୟ ଦେ'ଙ୍କର ଅବଦାନ ଏକାନ୍ତ ସ୍ମରଣୀୟ । ବୃତ୍ତି ଓ କୃତିକୁ ସେ ସମତୁଲ କରି ସାହିତ୍ୟ ସାଧନାରେ ବ୍ରତୀ ହୋଇଥିଲେ । ସମାଲୋଚନା କ୍ଷେତ୍ରରେ ତାଙ୍କ ଶୈଳୀ ସ୍ୱାତନ୍ତ୍ର୍ୟ ଲକ୍ଷ୍ୟଣୀୟ ।

Digitized by srujan ka@gmail.com

ପଣ୍ଡିତ କୃପାସିନ୍ଧୁ ମିଶ୍ର

୧୮୮୭ — ୧୯୨୬

ସତ୍ୟବାଦୀ ଗୋଷ୍ଠୀରେ ପଣ୍ଡିତ କୃପାସିନ୍ଧୁ ମିଶ୍ର ଥିଲେ ଜଣେ ଖ୍ୟାତନାମା ଐତିହାସିକ । ଉଭୟ ଆଚରଣ ଓ ଉଚ୍ଚାରଣରେ ସେ ଥିଲେ ଶୁଦ୍ଧପୂତ ଆଚାର୍ଯ୍ୟ । ଆଦର୍ଶ ଶିକ୍ଷକ ଭାବରେ ତାଙ୍କର ସୁନାମ ଥିଲା ଖୁବ୍ ବେଶି । ତାଙ୍କର ଅକାଳ ମୃତ୍ୟୁ ଓଡ଼ିଶା ଓ ଓଡ଼ିଆ ଭାଷା ସାହିତ୍ୟପାଇଁ ଏକ ଦୁର୍ଭାଗ୍ୟଜନକ ଘଟଣା । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରେରଣାରେ ପ୍ରଭାବିତ ହୋଇ ସେ ବନବିଦ୍ୟାଳୟରେ ଯୋଗ ଦେଇଥିଲେ ଏବଂ ସାହିତ୍ୟ ସାଧନା ମାଧ୍ୟମରେ ନିଜର ପୁଣ୍ୟ ଜନ୍ମମାଟି ଓ ପୁଣ୍ୟ ଦେବାଳୟ ଉଦ୍ଧାରପାଇଁ ସଂକଳ୍ପବଦ୍ଧ ହୋଇଥିଲେ । ତାଙ୍କର 'କୋଣାର୍କ' ଗ୍ରନ୍ଥ କୋଣାର୍କ ମନ୍ଦିର ଭଳି ଏକ ଗୌରବାବହ ସ୍ମୃତିସ୍ତମ୍ଭ । ଅନ୍ୟତମ ଐତିହାସିକ ରଚନା 'ବାରବାଟୀ' ଏ ଜାତିର ଗୌରବମୟ ଅତୀତର ବଳିଷ୍ଠ ପ୍ରାମାଣିକ କୃତି । ଏହାଛଡ଼ା ସେ 'ଓଡ଼ିଶା ଇତିହାସ' ରଚନାକରି ଗବେଷଣାଧର୍ମୀ ପାଣ୍ଡିତ୍ୟର ପରିଚୟ ପ୍ରଦାନ କରିଯାଇଛନ୍ତି । ସୁଖପାଠ୍ୟ ଶୈଳୀ ଓ ଆଲୋଚନାର ପ୍ରାଂଜଳତା ଯୋଗୁଁ ଏସବୁ ସୃଷ୍ଟି ଶୁଷ୍କ ଇତିହାସରୁ ଉଚ୍ଚତର ସାହିତ୍ୟ ସ୍ତରକୁ ଉନ୍ନୀତ ହୋଇପାରିଛି । ଗଦ୍ୟ ସାହିତ୍ୟରେ ଅଭିନବ ସର୍ଜନାତ୍ମକ ଧାରାପାଇଁ ତାଙ୍କର ବଳିଷ୍ଠ ଭୂମିକା ଚିରକାଳ ସ୍ମରଣୀୟ ହୋଇ ରହିବ ।

Digitized by srujan ka@gmail.com

ବାଳକୃଷ୍ଣ କର

୧୮୮୭ — ୧୯୫୭

ବାଳକୃଷ୍ଣ କର ଉତ୍କଳ ଜନନୀଙ୍କର ଜଣେ ବହୁମୁଖୀ ପ୍ରତିଭାଧାରୀ ସୁଯୋଗ୍ୟ ସନ୍ତାନ । ସେ କଟକ ଜିଲ୍ଲା ସାଲେପୁର ଥାନାର ଜିଗ୍ନିପାଟପୁର ଗ୍ରାମରେ ଜନ୍ମଲାଭ କରିଥିଲେ । ସେ ଜଣେ ଦକ୍ଷ ଆଇନଜୀବୀ, ବିଶିଷ୍ଟ ସାହିତ୍ୟିକ, ଖ୍ୟାତନାମା ସାମ୍ବାଦିକ ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ । ଆଇନ ଛାତ୍ର ଥିବା ସମୟରେ ତାଙ୍କ ସଂଗ୍ରାମୀ ଜୀବନ ଆରମ୍ଭ ହୋଇଥିଲା । ଏହି ସମୟରେ ସେ ଉତ୍କଳ ସମ୍ମିଳନୀରେ ଯୋଗ ଦେଇଥିଲେ । ୧୯୩୭ ମସିହାରେ ବାଳକୃଷ୍ଣ କର 'ସାରସ୍ୱତ ପ୍ରେସ' ପ୍ରତିଷ୍ଠା କରିଥିଲେ ଏବଂ ୧୯୪୭ ମସିହାରୁ ସେ ପାକ୍ଷିକ 'ମାତୃଭୂମି' ପ୍ରକାଶ କରିବା ଆରମ୍ଭ କରିଥିଲେ । ଏହା ୧୯୫୦ ମସିହାରୁ ସାପ୍ତାହିକୀ ଏବଂ ୧୯୫୧ ରୁ ଦୈନିକ ସମ୍ବାଦପତ୍ରରେ ପରିଣତ ହୋଇଥିଲା । ବାଳକୃଷ୍ଣ କର ଥିଲେ ଜଣେ ବିଶିଷ୍ଟ ସାରସ୍ୱତ ସାଧକ ଓ ବଳିଷ୍ଠ ଶିଶୁ ସାହିତ୍ୟିକ । ସେ ମାସିକ ସାହିତ୍ୟ ପତ୍ରିକା 'ସହକାର'ର ପ୍ରାଣ ପ୍ରତିଷ୍ଠାତା ତଥା ସୁଯୋଗ୍ୟ ସଂପାଦକ । ଏହି ପତ୍ରିକା ବହୁ ଲେଖକ ଓ ସାହିତ୍ୟିକ ସୃଷ୍ଟିରେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲା । 'ଶିଶୁ ସଙ୍ଖାଳି' ଶିଶୁ ସାହିତ୍ୟ କ୍ଷେତ୍ରକୁ ତାଙ୍କର ଶ୍ରେଷ୍ଠ ଅବଦାନ । 'ଚନ୍ଦ୍ରଗୁପ୍ତ' ଓ 'ଶିବଦାସ' ତାଙ୍କର ଦୁଇଟି ବହୁ ଚର୍ଚ୍ଚିତ ନାଟକ । ଏହି ପ୍ରତିଭାବାନ୍ ସ୍ରଷ୍ଟା ସାହିତ୍ୟ ସଂଗଠନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

Digitized by srujan ka@gmail.com

ଆର୍ତ୍ତବଲ୍ଲଭ ମହାନ୍ତି

୧୮୮୭ — ୧୯୬୩

ଡଃ ଆର୍ତ୍ତବଲ୍ଲଭ ମହାନ୍ତି କଟକ ଜିଲ୍ଲାର ନାଗଣପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ରେଭେନ୍‌ସା କଲେଜରୁ ବି.ଏ. (ଅନର୍ସ) ପାସ୍ କଲାପରେ କଲିକତା ପ୍ରେସିଡେନ୍‌ସି କଲେଜରୁ ସଂସ୍କୃତରେ ଏମ୍.ଏ. ପାସ୍ କରିଥିଲେ । ୧୯୧୪ ମସିହାରେ ସେ ରେଭେନ୍‌ସା କଲେଜରେ ସଂସ୍କୃତ ଅଧ୍ୟାପକ ଭାବରେ ଯୋଗ ଦେଇଥିଲେ । ମାତ୍ର ତାଙ୍କର ମାତୃଭାଷା ପ୍ରୀତି ଅଧିକ ଥିବାରୁ ଅକ୍ଳାନ୍ତ ପରିଶ୍ରମ କରି ସେ ଓଡ଼ିଆରେ ଅନର୍ସ ଓ ଏମ୍.ଏ. ପାଠ୍ୟକ୍ରମ ରେଭେନ୍‌ସାରେ ପ୍ରଚଳନ କରାଇଥିଲେ । ଆର୍ତ୍ତବଲ୍ଲଭ ୧୯୪୭ ମସିହାରେ ସରକାରୀ କାର୍ଯ୍ୟରୁ ଅବସର ନେବା ପୂର୍ବରୁ କିଛିକାଳ ଏହି ବିଭାଗର ପ୍ରଧାନ ଅଧ୍ୟାପକ ଦାୟିତ୍ୱ ବହନ କରିଥିଲେ । ପ୍ରାଚୀନ ଓଡ଼ିଆ ଗ୍ରନ୍ଥମାନଙ୍କୁ ଉଦ୍ଧାରକରି ପ୍ରକାଶ କରିବାଲାଗି ସେ ଗଠନ କରିଥିଲେ 'ପ୍ରାଚୀ ସମିତି' । ଏହି ଅନୁଷ୍ଠାନ ତରଫରୁ 'ସାରଳା ମହାଭାରତ', 'ଲାବଣ୍ୟବତୀ', 'ରସକଲ୍ଲୋଳ', 'ବିଦଗ୍ଧ ଚିନ୍ତାମଣି' ଆଦି ବହୁ ଉଲ୍ଲେଖଯୋଗ୍ୟ ସାହିତ୍ୟଗ୍ରନ୍ଥର ଶୁଦ୍ଧ ସଂସ୍କରଣ ପ୍ରକାଶିତ ହୋଇଥିଲା । ଆର୍ତ୍ତବଲ୍ଲଭ ବହୁ ସାହିତ୍ୟିକ ତଥା ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ । ସେ 'ଉତ୍କଳ ସାହିତ୍ୟ ସମାଜ'ର ସଭାପତି ଦାୟିତ୍ୱ କିଛି ବର୍ଷ ବହନ କରିଥିଲେ । ଭାରତ ସରକାରଙ୍କ ତରଫରୁ ତାଙ୍କୁ 'ପଦ୍ମଶ୍ରୀ' ଉପାଧିରେ ଭୂଷିତ କରାଯାଇଥିଲା ।

Digitized by srujan ka@gmail.com

ବିପିନ ବିହାରୀ ରାୟ

୧୮୮୭ — ୧୯୭୨

ଆଦର୍ଶବାଦୀ ଶିକ୍ଷାବିତ୍ ଭାବରେ ବିପିନ ବିହାରୀ ରାୟ ସୁବିଦିତ । ସେ ଅବିଭକ୍ତ କଟକ ଜିଲ୍ଲାର ପାଟକୁରାସ୍ଥ ପାଇଲୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଦର୍ଶନ ଶାସ୍ତ୍ରରେ ଏମ୍.ଏ. ପାସ୍ କରିବାପରେ ସେ ରେଭେନ୍ସା କଲେଜରେ ଦର୍ଶନ ଅଧ୍ୟାପକ ଭାବରେ ଯୋଗ ଦେଇଥିଲେ । ଉଚ୍ଚ ଶିକ୍ଷା କ୍ଷେତ୍ରରେ ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଭାବରେ ତାଙ୍କ ସୁଖ୍ୟାତି ଥିଲା । ସାହିତ୍ୟ, ସଂସ୍କୃତି ଏବଂ ସଦ୍‌ଚିନ୍ତନରେ ସେ ସର୍ବଦା ବୁଡ଼ି ରହୁଥିଲେ । ମୁଖ୍ୟତଃ ସେ ଜଣେ ଉଚ୍ଚକୋଟୀର ପ୍ରାବନ୍ଧିକ । ତାଙ୍କ ପ୍ରବନ୍ଧଗୁଡ଼ିକ ଉଚ୍ଚ ଦାର୍ଶନିକ ଚିନ୍ତାଧାରାରେ ପରିପୁଷ୍ଟ । ସମାଜ, ବ୍ୟକ୍ତି ଓ ଜାତିକୁ ନେଇ ସାଧାରଣ ମଣିଷ ମନରେ ସାଧାରଣତଃ ଯେଉଁ କ୍ରିୟାଗତ ଦ୍ୱିଧା ରହିଆସିଛି ତାକୁ ଦୂର କରିବାପାଇଁ ସେ ତାଙ୍କର କେତେକ ପ୍ରବନ୍ଧରେ ପ୍ରୟାସ କରିଯାଇଛନ୍ତି । ଉଚ୍ଚ ଭାବାଦର୍ଶ ଓ ମହତ୍ ଚିନ୍ତାକୁ ଯୁକ୍ତିନିଷ୍ଠ ଶବ୍ଦାବଳୀରେ ପ୍ରକାଶ କରିବା ତାଙ୍କ ଗଦ୍ୟଶୈଳୀର ବିଶେଷତ୍ୱ । 'ତର୍କଶାସ୍ତ୍ର', 'ସାମାଜିକ ପ୍ରବନ୍ଧ' ଓ 'ପ୍ରବନ୍ଧ ସୋପାନ' ଆଦି ପ୍ରବନ୍ଧ ଗ୍ରନ୍ଥ ତାଙ୍କ ମୌଳିକ ବିଚାରଧାରାର ନିଦର୍ଶନ । ବ୍ୟକ୍ତି ଏବଂ ଲେଖକର ସମାଜ ପ୍ରତି ଥିବା ଉତ୍ତରଦାୟିତ୍ୱ ଉପରେ ସେ ଗୁରୁତ୍ୱ ଆରୋପ କରିଯାଇଛନ୍ତି । ଲେଖକର ସାମାଜିକ ପ୍ରତିଶ୍ରୁତିବଦ୍ଧତାର ସେ ଏକ ବଳିଷ୍ଠ ଉଦାହରଣ ।

Digitized by srujan ka@gmail.com

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

୧୮୮୮ — ୧୯୫୩

ବିଶିଷ୍ଟ କବି, ନାଟ୍ୟକାର, କଥାକାର ତଥା ବ୍ୟଙ୍ଗକାର ଲକ୍ଷ୍ମୀକାନ୍ତ ମହାପାତ୍ର ନିଜ ସାଧନାର ସିଦ୍ଧିପାଇଁ ଅତ୍ୟନ୍ତ ଲୋକପ୍ରିୟ । ଭଦ୍ରକଠାରେ ତାଙ୍କର ଜନ୍ମ । ଲଳିତ କୋମଳ ପଦାବଳୀରେ ତାଙ୍କ ରଚନାଗୁଡ଼ିକ ସମୃଦ୍ଧ ହୋଇଥିବାରୁ ସେ 'କାନ୍ତକବି' ରୂପେ ସୁପରିଚିତ । ପ୍ରାଥମିକ ପର୍ଯ୍ୟାୟରେ ତାଙ୍କ ଲେଖା ହାସ୍ୟରସ ପରିପୂର୍ଣ୍ଣ ଥିଲା । ବ୍ୟଙ୍ଗ ବିଦ୍ରୂପ ମାଧ୍ୟମରେ ପାଠକର ଚେତନାରେ ହାସ୍ୟସଞ୍ଚାର କରିବା ତାଙ୍କ ସାହିତ୍ୟର ଅନ୍ୟତମ ଉଦ୍ଦେଶ୍ୟ । ଏହି ଲକ୍ଷ୍ୟନେଇ ସେ 'ଡଗର' ପତ୍ରିକା ପ୍ରତିଷ୍ଠାକରି ତାହାର ସଂପାଦକ ହୋଇଥିଲେ । 'ପାନ ମାହାତ୍ମ୍ୟ', 'ବିଡ଼ି ମାହାତ୍ମ୍ୟ', 'ଅଫିସ ଲୀଳା', 'ଚଟକ ଚନ୍ଦ୍ରହାସ ଚମ୍ପୂ', 'ହନୁମାନ ବସ୍ତ୍ରହରଣ' ଆଦି ତାଙ୍କର ଏହି ଧର୍ମୀ ଲେଖା । ଜାତୀୟବାଦୀ ଆନ୍ଦୋଳନର ପୃଷ୍ଠଭୂମିରେ ରଚିତ 'କଣାମାମୁ' ଉପନ୍ୟାସ ଗତ ଶତାବ୍ଦୀର ସର୍ବଶ୍ରେଷ୍ଠ ହାସ୍ୟ-ବ୍ୟଙ୍ଗକୃତି । 'ବୁଢ଼ା ଶଙ୍ଖାରି' ତାଙ୍କ ଗଳ୍ପ ମଧ୍ୟରୁ ଏକ ଅମ୍ଳାନ ସୃଷ୍ଟି । ନିୟତିର ବିଚିତ୍ର ନିର୍ଦ୍ଦେଶ ଯୋଗୁଁ ଯୌବନରେ ସେ କୁଷ୍ଠାକ୍ରାନ୍ତ ହୋଇପଡ଼ିଥିଲେ । ପରବର୍ତ୍ତୀ କାଳରେ ତାଙ୍କ ସାହିତ୍ୟର ସ୍ୱର ମର୍ମସ୍ପର୍ଶୀ ଓ ଦରଦଭରା ହୋଇଉଠିଲା । ଜୀବନ ସଂଗୀତ, ଜାତୀୟ ସଂଗୀତ (ବନ୍ଦେ ଉତ୍କଳ ଜନନୀ), ପିଲାଙ୍କ କଥା, ସୁନାପୁଅ, ବିବିଧ କବିତା ଆଦିରେ ତାଙ୍କ ଜୀବନ ଦର୍ଶନ ପ୍ରତିଫଳିତ ।

Digitized by srujan ka@gmail.com

ପଣ୍ଡିତ ବାସୁଦେବ ମହାପାତ୍ର

୧୮୮୮ — ୧୯୭୬

ପଣ୍ଡିତ ବାସୁଦେବ ମହାପାତ୍ର ଥିଲେ ସତ୍ୟବାଦୀ ବନବିଦ୍ୟାଳୟର ଅନ୍ୟତମ ସ୍ୱନାମଧନ୍ୟ ଶିକ୍ଷକ । ଓଡ଼ିଆରେ ପ୍ରବନ୍ଧ ଗ୍ରନ୍ଥର ଅଭାବ ଅନୁଭବକରି ସେ ବ୍ୟଥିତ ହୋଇ ଉଠୁଥିଲେ । ତେଣୁ ସେ ଉଲ୍ଲେଖ କରିଛନ୍ତି- ''ଉତ୍କଳ ସାହିତ୍ୟରେ ଚିନ୍ତାପୂର୍ଣ୍ଣ ଗଦ୍ୟ ଗ୍ରନ୍ଥର ନିତାନ୍ତ ଅଭାବ । ମୁଁ ଗତ ୧୫ ବର୍ଷ ଧରି ସ୍କୁଲର ଉପର ଶ୍ରେଣୀମାନଙ୍କରେ ସାହିତ୍ୟ ପଢ଼ାଇ ଏ ଅଭାବ ତୀବ୍ର ମାତ୍ରାରେ ଅନୁଭବ କରି ଆସିଅଛି । ଚିନ୍ତା ସାହିତ୍ୟର ପ୍ରାଣ; ଭାଷା ତାହାର ବହିରଙ୍ଗ ମାତ୍ର । ଏ ଜ୍ଞାନ ଘେନି ଛାତ୍ରମାନଙ୍କପାଇଁ ବହି ଲେଖା ହେବା ସର୍ବଥା ଆବଶ୍ୟକ ।'' ଓଡ଼ିଆ ପ୍ରବନ୍ଧ ସାହିତ୍ୟର ମଧ୍ୟପର୍ବରେ ପଣ୍ଡିତ ମହାପାତ୍ର ଏକ ନିଶ୍ଚିତ ସମ୍ଭାବନାର ପ୍ରତୀକ ହୋଇ ଦେଖାଦେଇଥିଲେ । 'ଶାନ୍ତିଧାରା' ତାଙ୍କର ଉଚ୍ଚମାନର ଏକ ପ୍ରବନ୍ଧ ସଂକଳନ । ସତ୍ୟବାଦୀ ଗୋଷ୍ଠୀର ଅନ୍ୟାନ୍ୟ ଲେଖକଙ୍କ ପରି ତାଙ୍କ ଲେଖାରେ ଉଚ୍ଚକୋଟୀର ଭାବୁକତା ଲକ୍ଷ୍ୟ କରାଯାଏ । ତାଙ୍କ ସ୍ଥିତପ୍ରଜ୍ଞ ଲେଖନୀ ଜୀବନରେ ସତ୍ୟ-ଶିବ-ସୁନ୍ଦରର ସନ୍ଧାନ ଦେଇଛି । ତାଙ୍କ ଗଦ୍ୟଶୈଳୀରେ ସରଳତା, ସ୍ୱଚ୍ଛତା ଓ ପ୍ରାଞ୍ଜଳତା ବିଶେଷଭାବେ ଅନୁଭୂତ ହୁଏ । ତାଙ୍କ ବକ୍ତବ୍ୟରେ ଭାଷାର କୃତ୍ରିମତା ନାହିଁ । ତେଣୁ ତାଙ୍କ ରଚନା ସୁଖପାଠ୍ୟ ।

Digitized by srujan ka@gmail.com

ବୃନ୍ଦାବନ ନାଥଶର୍ମା

୧୮୮୮ — ୧୯୫୫

ଗଡ଼ଜାତ ଅଞ୍ଚଳରେ ଶିକ୍ଷାର ବିକାଶ ସଙ୍ଗେ ସଙ୍ଗେ ସାହିତ୍ୟ ସଂସ୍କୃତିର ବିକାଶ ଥିଲା ଅତ୍ୟନ୍ତ ଉଲ୍ଲେଖନୀୟ ଘଟଣା । ବିଶେଷକରି ବାମଣ୍ଡା ଏ କ୍ଷେତ୍ରରେ ଅନ୍ୟତମ ଅଗ୍ରଣୀ ଅଞ୍ଚଳ ହୋଇଉଠିଥିଲା । ବୃନ୍ଦାବନ ନାଥଶର୍ମା ଊନବିଂଶ ଶତାବ୍ଦୀର ଶେଷ ଭାଗରେ ବାମଣ୍ଡାରେ ଜନ୍ମ ଗ୍ରହଣ କରିଥିଲେ । ନିଜ ପରିବେଶରେ ଏକ କଙ୍କରିଳ ମାଟି-ଭେଦୀ ଉଦ୍ଭିଦ ଭଳି ତାଙ୍କ ପ୍ରତିଭାର ଭୂୟୋବିକାଶ ଘଟିଥିଲା । ବାମଣ୍ଡା ରାଜ୍ୟ-ସେବା ପରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳକୁ କର୍ମତାଡ଼ନାରେ ସେ ଆସିଥିଲେ । ଜଣେ ବିଦଗ୍ଧ ପ୍ରାବନ୍ଧିକ ଭାବରେ ତାଙ୍କର ଖ୍ୟାତି ବଢ଼ିଥିଲା ଖୁବ୍ କମ୍ ଦିନ ଭିତରେ । 'ଉତ୍କଳ ସାହିତ୍ୟ', 'ମୁକୁର', 'ସମ୍ବଲପୁର ହିତୈଷିଣୀ', 'ସହକାର' 'ଶଙ୍ଖ' ପତ୍ରିକାରେ ତାଙ୍କର ଅନେକ ଉଚ୍ଚକୋଟୀର ଗଦ୍ୟ ପ୍ରକାଶ ପାଇଥିଲା । ସମକାଳର ସାମାଜିକ, ଆର୍ଥନୀତିକ ଓ ନୈତିକ ସମସ୍ୟାକୁ ଭିତ୍ତିକରି ସେ ଲେଖନୀ ଚାଳନା କରିଥିଲେ । ତାଙ୍କର ସ୍ମରଣୀୟ କୃତି ମଧ୍ୟରୁ 'ଶତ ଚିନ୍ତା', 'ଚିତ୍ର ପରିଚୟ' ଓ 'ଆମେ ଓଡ଼ିଆ' ଗ୍ରନ୍ଥ ବିଶେଷ ଉଲ୍ଲେଖଯୋଗ୍ୟ । ଏହା ପାଠକୀୟ ସମ୍ବେଦନା ଲାଭ କରିବା ସଙ୍ଗେ ସଙ୍ଗେ ବେଶ୍ ଜନପ୍ରିୟ ହୋଇପାରିଥିଲା ।

Digitized by srujan ka@gmail.com

ରତ୍ନାକର ପତି

୧୮୮୯ — ୧୯୬୯

ଅଧ୍ୟାପକ ରତ୍ନାକର ପତି ଜଣେ ବିଶିଷ୍ଟ ଦାର୍ଶନିକ ଓ ସୁସାହିତ୍ୟିକ ରୂପେ ପ୍ରସିଦ୍ଧି ଅର୍ଜନ କରିଥିଲେ । ସେ କଟକ ଜିଲ୍ଲାର ବିରିବାଟି ନିକଟସ୍ଥ ତଅଁରପା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଦାରିଦ୍ର୍ୟ ଥିଲା ତାଙ୍କ ସାଧନାମୟ ଜୀବନର ପ୍ରଧାନ ପ୍ରତିବନ୍ଧକ । ନାନା ବାଧାବିଘ୍ନ ମଧ୍ୟଦେଇ ସେ ଦର୍ଶନଶାସ୍ତ୍ରରେ ଏମ୍.ଏ. ପାସ୍‌କରି ରେଭେନ୍‌ସା କଲେଜରେ ଅଧ୍ୟାପକ ଭାବେ ନିଯୁକ୍ତ ହୋଇଥିଲେ । ଭାରତୀୟ ଦର୍ଶନରେ ତାଙ୍କର ବେଶ୍ ପାଣ୍ଡିତ୍ୟ ଥିଲା । ଜୀବନରେ ସେ ଥିଲେ ଭାରତୀୟ ସଂସ୍କୃତି ଓ ଆଦର୍ଶ ପ୍ରତି ଏକାନ୍ତ ଅନୁରକ୍ତ । ଅଧ୍ୟୟନ ଓ ଅଧ୍ୟାପନା ସହିତ ସାହିତ୍ୟ ସେବା ଥିଲା ତାଙ୍କ ଜୀବନର ବଳିଷ୍ଠତମ ଦିଗ ।ବହୁ ଚିନ୍ତାପୂର୍ଣ୍ଣ ମୌଳିକ ଓ ତତ୍ତ୍ୱ ସମ୍ୱଳିତ ପ୍ରବନ୍ଧ ରଚନାକରି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି । ତାଙ୍କର ଅନେକ ପ୍ରବନ୍ଧ 'ସମାଜ', 'ସତ୍ୟବାଦୀ' ଓ 'ନବଭାରତ' ଆଦି ପତ୍ରିକାରେ ପ୍ରକାଶିତ ହୋଇଥିଲା । ସେ ଥିଲେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜାମାତା । ତାଙ୍କର କୃତିମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରକାଶ (୧ମ ଓ ୨ୟ), 'ସ୍ୱପ୍ନତତ୍ତ୍ୱ', 'ବିବର୍ତ୍ତନବାଦ' ଓ 'ସ୍ମୃତିପଥେ' ପ୍ରଭୃତି ପ୍ରଧାନ । ତାଙ୍କ ଭାଷାଶୈଳୀ ସରଳ, ସାବଲୀଳ ଓ ସୁଖବୋଧ । ସେ 'ଉତ୍କଳ ସାହିତ୍ୟ ସମାଜ' ସହିତ ବହୁବର୍ଷ ଜଡ଼ିତ ହୋଇଥିଲେ ।

Digitized by srujan ka@gmail.com

ବ୍ରଜମୋହନ ପଣ୍ଡା

୧୮୯୦ — ୧୯୬୪

ବିଶିଷ୍ଟ ଶିକ୍ଷାନୁରାଗୀ ଦରଦୀ ଜାତୀୟବାଦୀ କବି ବ୍ରଜମୋହନ ପଣ୍ଡା ଜଣେ ବିସ୍ମୟକର ବ୍ୟକ୍ତି । ସେ ସମ୍ବଲପୁର ଜିଲ୍ଲାର ଲରମ୍ଭାଠାରେ ଏକ ଧନୀ-କୃଷିଜୀବୀ ପରିବାରରେ ଜନ୍ମ । ସେ ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ଏଣ୍ଟ୍ରାନ୍‌ସ ଓ କଲିକତା ପ୍ରେସିଡେନ୍ସି କଲେଜରେ ସ୍ନାତକ ଶିକ୍ଷାଲାଭ କରିଥିଲେ । ରାଧାନାଥ ରାୟଙ୍କ ପ୍ରଥମ ଶ୍ରାଦ୍ଧବସରରେ ସେ ସତୀଚଉରାରୁ ସ୍ମୃତି ଅର୍ଘ୍ୟ ବାଢ଼ି ଫେରୁଥିବାବେଳେ ଭକ୍ତକବି ମଧୁସୂଦନଙ୍କୁ ପ୍ରଶ୍ନ କରିଥିଲେ- ''କବିବରଙ୍କ ସ୍ଥାନ ଆଉ କିଏ ପୂରଣ କରିପାରିବ ?'' ଉତ୍ତରରେ ମଧୁସୂଦନଙ୍କଠାରୁ ଶୁଣିଥିଲେ- ''ପାରିବେ ଗଙ୍ଗାଧର ମେହେର ।'' ସେହିଦିନଠାରୁ ଗଙ୍ଗାଧରଙ୍କ ପ୍ରତି ତାଙ୍କର ଅଜସ୍ର ଭକ୍ତି ବଢ଼ିଗଲା । ପରବର୍ତ୍ତୀ କାଳରେ ସେ ହେଲେ ଗଙ୍ଗାଧରଙ୍କର ଆର୍ଥିକ, ମାନସିକ ଓ କାବ୍ୟିକ ପ୍ରେରଣାର ଉତ୍ସ । ଗଙ୍ଗାଧର ଓ ବ୍ରଜମୋହନଙ୍କ ଜୀବନବ୍ୟାପୀ ବିନିମୟ ହୋଇଥିବା ପତ୍ର ଉଚ୍ଚ ସାହିତ୍ୟିକ ମର୍ଯ୍ୟାଦା ଦାବି କରେ । ଏହି ବିସ୍ମୟକର ବ୍ୟକ୍ତି ଅନେକ ସାହିତ୍ୟିକଙ୍କର ପ୍ରେରଣାଦାତା ଥିଲେ । ସେ ନିଜେ ଲେଖିଥିବା କବିତାଗୁଡ଼ିକ ମଧ୍ୟରୁ କେତେକ 'ଯୌବନଗାଥା'ରେ ସ୍ଥାନିତ । ସେ ଗଙ୍ଗାଧର ମେହେର କଲେଜ ଓ ଲରମ୍ଭା କଲେଜକୁ ଉନ୍ନତକରି ଠିଆ କରାଇବାର ମୁଖ୍ୟ ସ୍ଥପତି ଥିଲେ ।

Digitized by srujan ka@gmail.com

ଲକ୍ଷ୍ମୀନାରାୟଣ ସାହୁ

୧୮୯୦ — ୧୯୬୬

ବିଶିଷ୍ଟ ସାହିତ୍ୟିକ ଓ ଗବେଷକ ଲକ୍ଷ୍ମୀନାରାୟଣ ସାହୁ 'ଲୋକ ସେବକ' ଭାବରେ ସୁବିଦିତ । ବାଲେଶ୍ୱର ଜିଲ୍ଲା ସ୍କୁଲରୁ ଏଣ୍ଟ୍ରାନ୍ସ ପାସ୍‌କରି ସେ ରେଭେନ୍‌ସା କଲେଜରେ ଆଇ.ଏସ୍‌ସି. ପଢ଼ିଥିଲେ । ତା'ପରେ ଦେଢ଼ବର୍ଷ ଇଂଜିନିଅରିଂ ପଢ଼ିଥିଲେ । କଟକ ମିସନ୍ ସ୍କୁଲରେ ସେ ଚାରିବର୍ଷ ଶିକ୍ଷକତା କରିଥିଲେ । ୧୯୧୭ ମସିହାରେ ସେ ଭାରତ ସେବକ ସମାଜର ସଭ୍ୟ ହୋଇ ଦୁର୍ଭିକ୍ଷରେ ପୁନେ, ଆହ୍ଲାବାଦ, ଜାମସେଦପୁର, ପୂର୍ବବଙ୍ଗ ଓ ପୁରୀରେ ଲୋକମାନଙ୍କର ସେବା କରିଥିଲେ । ସାହିତ୍ୟ ସାଧନା ଓ ସମାଜ ସେବା ଥିଲା ତାଙ୍କ ଜୀବନର ପରମ ବ୍ରତ । ସେ 'ସହଯୋଗ' ଓ 'ସହକାର' ଭଳି ପତ୍ରିକାର ବହୁବର୍ଷ ସଂପାଦକ ଥିଲେ । 'ଷ୍ଟାର୍ ଅଫ୍ ଉତ୍କଳ' ଓ 'ବୈତରଣୀ' ପତ୍ରିକା ଇଂରାଜୀରେ ସଂପାଦନା କରୁଥିଲେ । ସେ 'ଉତ୍କଳ ସାହିତ୍ୟ ସମାଜ'ର ସଂପାଦକ ଦାୟିତ୍ୱ କିଛି ବର୍ଷ ତୁଲାଇଥିଲେ । ସେ ମଧ ଓଡ଼ିଶା ବିଧାନସଭାର ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ । ଧର୍ମ ବିଶ୍ୱାସରେ ସେ ଥିଲେ ସମନ୍ୱୟ ପନ୍ଥୀ । 'ଜୈନ ଧର୍ମ' ଓ 'ଦଣ୍ଡନାଟ' ତାଙ୍କର ଦୁଇଖଣ୍ଡ ଗବେଷଣାଧର୍ମୀ ପୁସ୍ତକ । ଜାଣିବାର ଇଚ୍ଛା ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ତାଙ୍କୁ ଜଣେ ଛାତ୍ର କରି ରଖିଥିଲା । ସେ ବହୁ କ୍ଷୁଦ୍ର କବିତା ଓ ଜୀବନୀ ଗ୍ରନ୍ଥର ପ୍ରଣେତା ।

Digitized by srujan ka@gmail.com

ଗୋବିନ୍ଦଚନ୍ଦ୍ର ମିଶ୍ର

୧୮୯୦ — ୧୯୬୭

ଜଣେ ନିସ୍ୱାର୍ଥପର ସ୍ୱାଧୀନତା ସଂଗ୍ରାମୀ ଭାବରେ ସମଗ୍ର ଭାରତବର୍ଷରେ ସୁପରିଚିତ ଥିଲେ ଗୋବିନ୍ଦଚନ୍ଦ୍ର ମିଶ୍ର । ସେ ନୟାଗଡ଼ ଜିଲ୍ଲାର ଦଶପଲ୍ଲାଠାରେ ଜନ୍ମଗ୍ରହଣ କରିଥିଲେ । ୧୯୧୦ ମସିହାରେ ଅଧିକ ଜ୍ଞାନାର୍ଜନ କରିବାପାଇଁ ସେ କଟକ ଆସିଥିଲେ । ବାସ୍ତବିକ ଏହି କାଳରୁ ତାଙ୍କର ବୈପ୍ଳବିକ ଜୀବନଧାରାର ଅୟମାରମ୍ଭ ହେଲା । ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ସେ ଅନେକବାର କାରାବରଣ କରିଥିଲେ । ତାଙ୍କ ଆତ୍ମଜୀବନୀରେ ସେହି ଯନ୍ତ୍ରଣାପ୍ରଦ ଜୀବନ ପ୍ରସଙ୍ଗ ଲିପିବଦ୍ଧ ହୋଇଛି । ସରଳ, ସାବଲୀଳ ଓ ସର୍ବଜନବୋଧ କରି ଘଟଣାବଳୀକୁ ଉପସ୍ଥାପନ କରିବାରେ ତାଙ୍କ ଦକ୍ଷତା ଅସାଧାରଣ । ସ୍ୱାଧୀନତା ସଂଗ୍ରାମୀର ଜୀବନାଭୂତି, ମହାତ୍ମା ଗାନ୍ଧୀଙ୍କ ଘନିଷ୍ଠ ସାନ୍ନିଧ୍ୟ ଓ ଦେଶର ଅନ୍ୟାନ୍ୟ ଜନନାୟକଙ୍କ ବାସ୍ତବ ରୂପକୁ ସମଗ୍ର ପାଠକ ସମାଜ ପାଖରେ ଜୀବନ୍ତ ଭାବେ ବାଢ଼ିବା ହିଁ ତାଙ୍କର ଅନ୍ୟତମ ଲକ୍ଷ୍ୟ । ତାଙ୍କର ଯଶସ୍ୱୀ ଲେଖନୀ ନିଃସୃତ ଗ୍ରନ୍ଥମାନଙ୍କ ଭିତରୁ 'ଜାତୀୟ ଜୀବନର ଆତ୍ମବିକାଶ' (୧ମ, ୨ୟ ଓ ୩ୟ), 'ଦେଶର ଆହ୍ୱାନ', 'ଜାତିର ଆହ୍ୱାନ', 'ଗୀତା ଓ ସ୍ୱରାଜ୍ୟ', 'କାରାଗାର କାହାଣୀ' 'ସତ୍ୟବାଣୀ', 'ଅନାସକ୍ତି ଯୋଗ' ଓ 'ମହାତ୍ମାଗାନ୍ଧୀ ଚରିତ' ଉଲ୍ଲେଖନୀୟ । ସାହିତ୍ୟ ମାଧ୍ୟମରେ ଆଦର୍ଶ ଜାତୀୟ ଜୀବନ ଗଢ଼ିବା ତାଙ୍କର ଲକ୍ଷ୍ୟ ।

Digitized by srujan ka@gmail.com

ପ୍ରାଣକୃଷ୍ଣ ପରିଜା

୧୮୯୧ — ୧୯୭୮

ବୈଜ୍ଞାନିକ ଓ ବିଜ୍ଞାନ ସାହିତ୍ୟିକ ପ୍ରାଣକୃଷ୍ଣ ପରିଜା ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବ୍ୟକ୍ତିତ୍ୱ । ସେ କଟକ ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ଇଛାପୁରରେ ଜନ୍ମ । ସେ କଲିକତା ପ୍ରେସିଡେନ୍ସି କଲେଜରୁ ବି.ଏସ୍‌ସି. ପାସ୍‌କରି, ଭାରତ ସରକାରଙ୍କ ଶିକ୍ଷାବୃତ୍ତି ଲାଭକରି ଇଂଲଣ୍ଡଠାରେ ଉଦ୍ଭିଦ ବିଜ୍ଞାନରେ ଉଚ୍ଚତର ଅଧ୍ୟୟନ କରିଥିଲେ । ୧୯୨୧ ମସିହାରେ ସେଠାରୁ ଫେରି ସେ ରେଭେନ୍ସା କଲେଜରେ ଅଧ୍ୟାପକ ରୂପେ ଯୋଗ ଦେଲେ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପରିଜା ୧୯୩୦ ମସିହାରେ ଆହ୍ଲାବାଦ ବିଜ୍ଞାନ କଂଗ୍ରେସର ସଭାପତି ହୋଇଥିଲେ । ୧୯୪୩ ମସିହାରୁ ଦୁଇଥରପାଇଁ ସେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ ହୋଇଥିଲେ । ସେ କୃଷି ବିଭାଗର ପ୍ରଥମ ନିର୍ଦ୍ଦେଶକ ଭାବେ କାର୍ଯ୍ୟକରି ବେଶ୍ ସୁଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ଜୀବନକାଳରେ ଜାତିନିମିତ୍ତ ମହନୀୟ ଅବଦାନପାଇଁ ଭାରତ ସରକାର ତାଙ୍କୁ 'ପଦ୍ମ ଭୂଷଣ' ଉପାଧି ପ୍ରଦାନ କରିଥିଲେ । ତାଙ୍କ ଗବେଷଣା ନିବନ୍ଧ ଦେଶ ବିଦେଶରେ ଉଚ୍ଚ ପ୍ରଶଂସିତ । ବିଶ୍ୱର ଉଦ୍ଭିଦ ବିଜ୍ଞାନୀଙ୍କ ମଧ୍ୟରେ ସେ ଏକତମ । ଓଡ଼ିଆ ଭାଷାରେ ତାଙ୍କର କେତେକ ଉଲ୍ଲେଖନୀୟ ପ୍ରବନ୍ଧ ବେଶ୍ ଆଦୃତ । ସେ 'ଉତ୍କଳ ସାହିତ୍ୟ ସମାଜ'ର ସଭାପତି ଭାବରେ ନିଜ ଦକ୍ଷତା ପ୍ରମାଣ କରିଯାଇଛନ୍ତି ।

Digitized by srujan ka@gmail.com

ଚିନ୍ତାମଣି ଆଚାର୍ଯ୍ୟ

୧୮୯୧ — ୧୯୫୭

ବିଚକ୍ଷଣ ଆଇନଜ୍ଞ, ବିଶିଷ୍ଟ ଶିକ୍ଷାବିତ୍ ଓ ସୁସାହିତ୍ୟିକ ଭାବେ ଚିନ୍ତାମଣି ଆଚାର୍ଯ୍ୟ ସୁବିଦିତ । ସେ କଟକ ଜିଲ୍ଲା କିଶୋରନଗର ଥାନାସ୍ଥ କାଳିକାପୁରଠାରେ ଜନ୍ମଗ୍ରହଣ କରିଥିଲେ । ଜଣେ ମେଧାବୀ ଛାତ୍ର ଭାବରେ ସେ ଦକ୍ଷତାର ସହିତ ଆଇନରେ ସର୍ବୋଚ୍ଚ ଡିଗ୍ରୀ ହାସଲକରି କଟକ ଆଇନ କଲେଜରେ ଅଧ୍ୟାପକ ରୂପେ ଯୋଗ ଦେଇଥିଲେ । ସେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଜ ପ୍ରଶାସନିକ ଦକ୍ଷତା ପ୍ରଦର୍ଶନ କରିଥିଲେ । ଜଣେ ଦକ୍ଷ ଫୌଜଦାରୀ ଓକିଲ ରୂପେ ସେ ଥିଲେ ସିଦ୍ଧହସ୍ତ । ଉତ୍କଳ ଗୌରବ ମଧୁସୂଦନଙ୍କ ଆଦର୍ଶରେ ସେ ଅନୁପ୍ରାଣିତ ହୋଇଥିଲେ । 'ଉତ୍କଳ ସାହିତ୍ୟ ସମାଜ' ସହିତ ଦୀର୍ଘକାଳ ସଂପୃକ୍ତ ହୋଇ ସେ କିଛି ବର୍ଷ ଏହାର ସଭାପତି ଦାୟିତ୍ୱ ତୁଲାଇଥିଲେ । ତାଙ୍କ ସାହିତ୍ୟିକ ଜୀବନ ଥିଲା ବିସ୍ତୃତ । ଓଡ଼ିଶାର ପ୍ରାୟ ଅଧିକାଂଶ ପତ୍ରିକାରେ ତାଙ୍କ ଲେଖା ପ୍ରକାଶ ପାଉଥିଲା । କିଛିକାଳ ସେ ମାସିକ ସାହିତ୍ୟ ପତ୍ରିକା 'ଝଙ୍କାର'ର ସଂପାଦକ ଦାୟିତ୍ୱ ବହନ କରିଥିଲେ । ତାଙ୍କ ସାହିତ୍ୟିକ କୃତି ମଧ୍ୟରୁ 'ଇତିହାସ ପ୍ରସଙ୍ଗ', 'ଜଗନ୍ନାଥ ଦାସ', 'କଟକ', 'ଭୁବନେଶ୍ୱର', 'ଶ୍ରୀକୃଷ୍ଣ', ବିକ୍ରମାଦିତ୍ୟ, 'ମଙ୍ଗଳ ସ୍ୱପ୍ନ' ଓ 'ଗୋପାଳନ' ଆଦି ଉଲ୍ଲେଖନୀୟ । ସରଳ, ସହଜ ଓ ସୁଖବୋଧ ଭାଷାରେ ରଚନା କରିବା ତାଙ୍କର ବୈଶିଷ୍ଟ୍ୟ ।

Digitized by srujan ka@gmail.com

ନାଟ୍ୟ-ଭାରତୀ ଅଶ୍ୱିନୀକୁମାର ଘୋଷ

୧୮୯୨ — ୧୯୬୨

ଓଡ଼ିଆ ନାଟ୍ୟ-ସାହିତ୍ୟକୁ ଏକ ବଳିଷ୍ଠ ଭିତ୍ତି ତଥା ସମ୍ଭ୍ରାନ୍ତ ବୁନିଆଦୀ ଦେଇଯାଇଥିବା ନାଟ୍ୟକାର ହେଲେ ଅଶ୍ୱିନୀକୁମାର ଘୋଷ । ସେ କଟକ ସହରର ବାଖରାବାଦରେ ଏକ ଖାନ୍ଦାନ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଗଣିତରେ ଏମ୍.ଏ. କଲାପରେ ପାଟନାରେ ଅଧ୍ୟାପନା ବୃତ୍ତି ଅପେକ୍ଷା କଟକ ପ୍ୟାରୀମୋହନ ଏକାଡେମୀରେ ଶିକ୍ଷକତା କରିବାକୁ ସେ ଶ୍ରେୟ ମନେ କରିଥିଲେ । ବନମାଳୀ ପତିଙ୍କ ଆକସ୍ମିକ ମୃତ୍ୟୁପରେ ସେ 'ବଲଙ୍ଗା ଥିଏଟର' ଦଳକୁ ପ୍ରଚୁର ଅର୍ଥ ବିନିମୟରେ କିଣିଥିଲେ । ଥିଏଟର ଦଳଟି କିଛିବର୍ଷ ଚାଲିଲା ପରେ ଭାଙ୍ଗିଗଲା । ଏଣେ ଏକାଡେମୀର ସଂପାଦକଙ୍କ ସହିତ ମନାନ୍ତର ହେବାରୁ ସେ ଚାକିରି ଛାଡ଼ିଦେଲେ । ହତାଶା ତାଙ୍କୁ କଲିକତା ଯିବାକୁ ପ୍ରେରଣା ଦେଲା । ମାତ୍ର ଓଡ଼ିଶା ଓ ଓଡ଼ିଆ ନାଟ୍ୟ-ପ୍ରୀତି ପୁଣି ତାଙ୍କୁ ଏଠିକି ଟାଣି ଆଣିଲା । ତାଙ୍କର ଅସାଧାରଣ ପ୍ରତିଭାପାଇଁ ଉତ୍କଳ ସାହିତ୍ୟ-ସମାଜ 'ନାଟ୍ୟ-ରତ୍ନାକର' (୭.୪.୧୯୪୪) ଓ ପ୍ରବାସୀ ଓଡ଼ିଆ ସଂସ୍ଥା 'ନାଟ୍ୟ-ଭାରତୀ' ଓ ବ୍ରହ୍ମପୁରରୁ 'ନାଟ୍ୟ-ସମ୍ରାଟ୍' ଉପାଧି ଦିଆଯାଇଥିଲା । ସେ ଅସଂଖ୍ୟ ନାଟକର ସ୍ରଷ୍ଟା । ତନ୍ମଧ୍ୟରୁ 'ସେଓଜୀ', 'ଭୀଷ୍ମ', 'କୋଣାର୍କ', 'ଶ୍ରୀମନ୍ଦିର', 'ଇରାନୀ', 'ଶ୍ରୀଲୋକନାଥ' ଆଦି ଉଲ୍ଲେଖନୀୟ । ତାଙ୍କୁ ଓଡ଼ିଆ ନାଟକର ସେକ୍ସପିଅର କୁହାଯାଏ ।

Digitized by srujan ka@gmail.com

ନିମାଇଁ ଚରଣ ଦାସ

୧୮୯୨ — ୧୯୭୦

ଓଡ଼ିଶାରେ ଇଂରାଜୀ ଶିକ୍ଷାର ବିକାଶପାଇଁ ଓ ଶିକ୍ଷିତ ବ୍ୟକ୍ତି ନିର୍ଭୁଲ ଇଂରାଜୀ ଓ ଓଡ଼ିଆ ଲେଖିବାରେ ପାରଦର୍ଶିତା ଲାଭ କରିବାପାଇଁ ଏକ ମିସନାରୀ ଆଭିମୁଖ୍ୟ ଧରି ଲାଗିପଡ଼ିଥିଲେ ନିମାଇଁ ଚରଣ ଦାସ । କଟକ ଜିଲ୍ଲାର ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ତାଙ୍କର ଜନ୍ମ । ବି.ଏ. ପାସ୍ ପରେ ଗାନ୍ଧୀବାଦୀ ଆଦର୍ଶରେ ସେ ଅନୁପ୍ରାଣିତ ହୋଇ ପଡ଼ିଥିଲେ । ସେ କଟକରେ 'ରେଖା ପବ୍ଲିଶିଂ ହାଉସ' ନାମରେ ଏକ ପ୍ରକାଶନ ସଂସ୍ଥା ପ୍ରତିଷ୍ଠା କରିଥିଲେ । ଏହାରି ମାଧ୍ୟମରେ ସେ ଅନେକ ଉପାଦେୟ ଗ୍ରନ୍ଥ ପ୍ରକାଶ କରିଥିଲେ । ଛାତ୍ର-ଛାତ୍ରୀଙ୍କ ଉପକାରୀ ଗ୍ରନ୍ଥଗୁଡ଼ିକୁ ସେ ନିଜେ ସ୍କୁଲରୁ ସ୍କୁଲକୁ ବୁଲି ବିକ୍ରୟ କରୁଥିଲେ । ତାଙ୍କଦ୍ୱାରା ଲିଖିତ ଓ ସଂପାଦିତ ଗ୍ରନ୍ଥଗୁଡ଼ିକ ମଧ୍ୟରୁ 'ସଂକ୍ଷିପ୍ତ ଇଂରାଜୀ ଅମର କୋଷ', 'ଓଡ଼ିଆ ଶବ୍ଦ ସଂପଦ', 'ବୃକ୍ଷଲତା', 'ସମସ୍ତଙ୍କ ଜାଣିବା କଥା', 'ସର୍ବ ପୁରାଣ ସାର', 'ମହାପୁରୁଷଙ୍କ ପରିଚୟ ଓ ବାଣୀ', 'ଗୀତରେ ଇଂରାଜୀ ଶିକ୍ଷା', 'ଏ ବୁକ୍ ଅଫ୍ ୱାର୍ଡସ୍ ଆଣ୍ଡ ଫ୍ରେଜେସ୍', 'ଏ ସର୍‌ଟକଟ୍ ଟୁ ଟ୍ରାନ୍ସଲେସନ', 'ଏ ବୁକ୍ ଅଫ୍ ମଡେଲ ଲେଟରସ', 'ଏ ଡିକ୍ସନାରୀ ଅଫ୍ ଇଡ଼ିଅମ୍ସ' ଆଦି ଉଲ୍ଲେଖନୀୟ । ମହୁମାଛି ଭଳି ସେ ବିଭିନ୍ନ ଶାସ୍ତ୍ର-ପୁଷ୍ପରୁ ମଧୁ ସଂଗ୍ରହକରି ଓଡ଼ିଆ ଭାଷା ଓ ସାହିତ୍ୟକୁ ପରିପୁଷ୍ଟ କରିଯାଇଛନ୍ତି । ତାଙ୍କ ଅବଦାନ ଅବିସ୍ମରଣୀୟ ।

Digitized by srujan ka@gmail.com

ସୁଧାକର ପଟ୍ଟନାୟକ

୧୮୯୨ — ୧୯୮୩

ସୁଧାକର ପଟ୍ଟନାୟକ ବୃତ୍ତିରେ ପ୍ରଶାସନ କାର୍ଯ୍ୟ ସଂପାଦନ କରିଥିଲେ ମଧ୍ୟ ଚିନ୍ତା-ଚେତନା ଓ ଭାବ-ଭାବନାରେ ସେ ଥିଲେ ଜଣେ ଖ୍ୟାତିସମ୍ପନ୍ନ ଐତିହାସିକ ଏବଂ ରୁଚିସମ୍ପନ୍ନ ସାହିତ୍ୟିକ । ଢେଙ୍କାନାଳ ଜିଲ୍ଲାର ଅନୁଗୁଳରେ ତାଙ୍କର ଜନ୍ମ । ପରେ କଟକ ସହର ପାଲଟି ଯାଇଥିଲା ଏହି ପ୍ରତିଭାବାନ୍ ବ୍ୟକ୍ତିଙ୍କର କର୍ମକ୍ଷେତ୍ର । ଜୀବନ ଓ ଜୀବିକା ସହିତ ସାହିତ୍ୟିକ ପ୍ରବୃତ୍ତିକୁ ସେ ନିବିଡ଼ ଭାବେ ସଂଯୋଗ କରି ଦେଇଥିଲେ । 'ଉତ୍କଳ ସାହିତ୍ୟ ସମାଜ' ସହିତ ସେ ଘନିଷ୍ଠ ଭାବେ ଜଡ଼ିତ ହୋଇ ପଡ଼ିଥିଲେ ଏବଂ କିଛି ବର୍ଷ ଏହି ଅନୁଷ୍ଠାନର ସଭାପତି ଦାୟିତ୍ୱ ତୁଲାଇଥିଲେ । ଓଡ଼ିଶାର ଅନେକ ଅଜ୍ଞାତ ଘଟଣାକୁ ସେ ଅତ୍ୟନ୍ତ ସରସ ସୁନ୍ଦର କରି ତଥ୍ୟ ସହ ପତ୍ର-ପତ୍ରିକାରେ ପ୍ରକାଶ କରିଥିଲେ । ଜଣେ ନିରଳସ ସାହିତ୍ୟ ସାଧକ ଭାବରେ ତାଙ୍କର କୃତି 'ସମ୍ବାଦପତ୍ରରେ ଓଡ଼ିଶା', 'ଗୁଣ୍ଡିଚା ବିଜେ' (ସଂପାଦନା), 'ଚକଡ଼ା ବସାଣ', 'ଜୟଦେବ', 'ରାଜା ସୋମନାଥ ସିଂହ' ଆଦି ବିଶେଷ ଭାବେ ସ୍ମରଣୀୟ । ୧୯୮୧ ମସିହାରେ ତାଙ୍କୁ 'ସାରଳା ସମ୍ମାନ' ପ୍ରଦାନ କରାଯାଇଥିଲା । ବାସ୍ତବରେ ସାହିତ୍ୟ ସେବାରେ ସେ ସାରା ଜୀବନ ଉତ୍ସର୍ଗ କରିଥିଲେ । ଜୀବନର ଶେଷ ସନ୍ଧ୍ୟା ପର୍ଯ୍ୟନ୍ତ ସେ ଏହି କର୍ମରେ ରତ ଥିଲେ ।

Digitized by srujan ka@gmail.com

ପରମାନନ୍ଦ ଆଚାର୍ଯ୍ୟ

୧୮୯୩ — ୧୯୭୧

ଉତ୍କଳର ଅନ୍ୟତମ କୃତି-ସନ୍ତାନ ପରମାନନ୍ଦ ଆଚାର୍ଯ୍ୟ ମୟୂରଭଂଜ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ସେ ଜଣେ ମେଧାବୀ ଛାତ୍ର ଥିଲେ । ସେ କଲିକତା ବିଶ୍ୱବିଦ୍ୟାଳୟରୁ କୃତିତ୍ୱ ସହକାରେ ଇତିହାସରେ ସ୍ନାତକୋତ୍ତର ଉପାଧି ହାସଲ କରିଥିଲେ । ତାଙ୍କର ସ୍ନାତକ ଶିକ୍ଷା ଥିଲା ବିଜ୍ଞାନ ବିଷୟରେ । ପରବର୍ତ୍ତୀ କାଳରେ ଓଡ଼ିଶାର ଇତିହାସ ଓ ପ୍ରତ୍ନତତ୍ତ୍ୱ ସଂପର୍କିତ ନୂତନ ନୂତନ ତତ୍ତ୍ୱ ଓ ତଥ୍ୟ ଆବିଷ୍କାରରେ ସେ ଆଗ୍ରହୀ ହେଲେ । ସେ ଖିଚିଙ୍ଗ ମନ୍ଦିର ଉପରେ ସଫଳତାପୂର୍ଣ୍ଣ ଗବେଷଣା ଚଳାଇଥିଲେ । ଦକ୍ଷ ପ୍ରତ୍ନତତ୍ତ୍ୱବିଦ୍ ଭାବରେ ମାଟିତଳୁ ବହୁ ଦୁର୍ଲଭ ମୂର୍ତ୍ତି, ଅନାବିଷ୍କୃତ ମନ୍ଦିର ଓ ତଥ୍ୟାବଳୀ ଉଦ୍ଧାରକରି ସେ ଉଚ୍ଚ ପ୍ରଶଂସିତ ହୋଇଥିଲେ । ଭାବପ୍ରବଣତାର ବଶବର୍ତ୍ତୀ ନ ହୋଇ ସେ ରାଧାନାଥଙ୍କ 'ପାର୍ବତୀ' କାବ୍ୟର ନବ ମୂଲ୍ୟାୟନ କରିଯାଇଛନ୍ତି । ଜଣେ ଲେଖକ ଭାବରେ ତାଙ୍କର 'ଭୁବନେଶ୍ୱରର ଶିଳାଲିପି', 'ସମ୍ବଲପୁର ଯାତ୍ରା' ଓ 'ରାଧାନାଥଙ୍କ ଅନନ୍ୟ ପ୍ରତିଭା' ପ୍ରଭୃତି ପ୍ରଧାନ ରଚନା । ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ଗବେଷଣାପାଇଁ ଭାରତ ସରକାର ତାଙ୍କୁ 'ପଦ୍ମଶ୍ରୀ' ଉପାଧିରେ ଭୂଷିତ କରିଥିଲେ । ତାଙ୍କ ସାଧନାର ପଥ ସିଦ୍ଧିରେ ହିଁ ଶେଷ ହେଉଥିଲା । ସାଧକ ଆଚାର୍ଯ୍ୟଙ୍କ ଅବଦାନ ଓଡ଼ିଆ ଜାତିପାଇଁ ଅମୂଲ୍ୟ ସଂପଦ ହୋଇ ରହିଥିବ ।

Digitized by srujan ka@gmail.com

ବିରୂପାକ୍ଷ କର

୧୮୯୩ — ୧୯୬୮

ଓଡ଼ିଆ ସାହିତ୍ୟରେ ଇତିହାସଭିତ୍ତିକ ରଚନା ପ୍ରତି ଦୃଷ୍ଟି ନିକ୍ଷେପ କଲେ ଯେଉଁ କେତେଜଣ ସ୍ରଷ୍ଟାଙ୍କର ଆଧୁନିକ ମନନଶୀଳ ଦୃଷ୍ଟିକୋଣର ପରିଚୟ ମିଳେ, ବିରୂପାକ୍ଷ କର ସେମାନଙ୍କ ଭିତରୁ ସର୍ବପ୍ରଥମେ ସ୍ମରଣୀୟ । ଯାଜପୁର ନିବାସୀ ଏହି ବରପୁତ୍ରଙ୍କର ସମାଜ-ଜୀବନ ସହ ଘନିଷ୍ଠ ସଂପର୍କ ରହିଥିଲା । ସଂସ୍କୃତିର ପୁନରୁଦ୍ଧାରପାଇଁ ଗଭୀର ନିଷ୍ଠା ତାଙ୍କୁ ସଫଳ ଐତିହାସିକ ତଥା ସାହିତ୍ୟିକ ହେବାକୁ ପ୍ରେରଣା ଯୋଗାଇଥିଲା । ଇତିହାସ ଓ କିମ୍ବଦନ୍ତୀ ଆଧାରିତ ବହୁ ପ୍ରବନ୍ଧ ରଚନା କରିବାରେ ସେ ଉଜ୍ଜ୍ୱଳ ସିଦ୍ଧିର ଅଧିକାରୀ । ବିରୂପାକ୍ଷଙ୍କ ସୃଷ୍ଟି-ମାନସକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇପାରେ; ଯଥା- (୧) ପ୍ରାଚୀନ ଐତିହାସିକ ତଥ୍ୟମୂଳକ ପ୍ରବନ୍ଧ ରଚନା, (୨) ସାଂସ୍କୃତିକ ପ୍ରବନ୍ଧ ରଚନା, ଓ (୩) କିମ୍ବଦନ୍ତୀମୂଳକ ଜାତୀୟ ଚେତନା ଉଦ୍ଦୀପକ ସୃଷ୍ଟି । 'ପ୍ରାଚୀନ ଉତ୍କଳର ଜଳଯାତ୍ରା', 'ଉତ୍କଳରେ ବୌଦ୍ଧଯୁଗର ଇତିହାସ', 'କେଶରୀ ବଂଶ ଏବଂ ପ୍ରାଚୀନ ଯାଜପୁର' ଆଦି ଗ୍ରନ୍ଥ ତାଙ୍କ ମହାନ୍ କୃତିର କାଳଜୟୀ ସ୍ୱାକ୍ଷର । ଏକାନ୍ତ- ନିଷ୍ଠା, ନିରଳସ ସାଧନା ଓ ଜାତିପାଇଁ କିଛି କରିଯିବାର ଭାବନା ତାଙ୍କୁ ଏହି ମହାନ୍ ଯଶର ଅଧିକାରୀ କରିଛି ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରିବାକୁ ହେବ ।

Digitized by srujan ka@gmail.com

ପଣ୍ଡିତ ବିନାୟକ ମିଶ୍ର

୧୮୯୪ — ୧୯୭୧

ସରସ୍ୱତୀଙ୍କର ବରପୁତ୍ର ବିନାୟକ ମିଶ୍ର ଜୀବନରେ ଲକ୍ଷ୍ମୀଙ୍କର କୃପାଦୃଷ୍ଟି ଲାଭ କରିପାରି ନ ଥିଲେ । ନୟାଗଡ଼ ଜିଲ୍ଲା ଶରଣକୁଳର ଭିକାରିପଡ଼ା ଗ୍ରାମରେ ତାଙ୍କର ଜନ୍ମ । ପିତା କୃଷ୍ଣଚନ୍ଦ୍ର ମିଶ୍ର ଲଡ୍ଡୁବାବାଙ୍କ ପୂଜକ । ପାଠପଢ଼ା ଖର୍ଚ୍ଚ ତୁଲାଇବା ଅସମ୍ଭବ ହେବାରୁ ତାଙ୍କ ପରିବାର ବାରବର୍ଷ ବୟସରେ ତାଙ୍କ ବାହାଘର କରିଦେଲେ । ଶ୍ୱଶୁରଙ୍କ ଆକସ୍ମିକ ବିୟୋଗରୁ ଏହା ବୋଝ ଉପରେ ନଳିତା ବିଡ଼ା ଭଳି ହେଲା । ଚରମ ଆର୍ଥିକ ଦୁଃସ୍ଥିତି ମଧ୍ୟରେ ସେ କଟକ ନର୍ମାଲ ସ୍କୁଲରେ ଟ୍ରେନିଂ ପାଇ ନୀଳଗିରି ମାଇନର ସ୍କୁଲରେ ଡ୍ରଇଂ ଶିକ୍ଷକ ହେଲେ । ବିଶ୍ୱନାଥ କରଙ୍କ ସୌଜନ୍ୟରୁ ସେ କଲିକତା ଗଲେ ବିଜୟଚନ୍ଦ୍ର ମଜୁମଦାରଙ୍କୁ ଓଡ଼ିଆ ସାହିତ୍ୟର ଇତିହାସ ଲେଖିବାରେ ସାହାଯ୍ୟ କରିବାକୁ । ସେଠି କିଛି ବର୍ଷ ରହିବାପରେ ତାଙ୍କ ଭାଗ୍ୟରବି ଉଦୟ ହେଲା । ବିନା ଡିଗ୍ରୀରେ ସାର୍ ଆଶୁତୋଷ ବିନାୟକଙ୍କୁ କଲିକତା ବିଶ୍ୱବିଦ୍ୟାଳୟରେ ସହକାରୀ ଓଡ଼ିଆ ଅଧ୍ୟାପକ ରୂପେ ନିଯୁକ୍ତ କଲେ । ୧୯୩୨ରେ ସେ ଅଧ୍ୟାପକ ପଦକୁ ଉନ୍ନୀତ ହୋଇଥିଲେ । ଏହି ଅଦ୍ଭୁତକର୍ମା ବିଜ୍ଞ-ପ୍ରବର ଅନେକ ଉଚ୍ଚକୋଟୀର ଗ୍ରନ୍ଥର ସ୍ରଷ୍ଟା । ତାଙ୍କର 'ଓଡ଼ିଆ ଭାଷାର ଇତିହାସ', 'ଓଡ଼ିଆ ସାହିତ୍ୟର ଇତିହାସ', 'ଓଡ଼ିଆ ଭାଷାର ପୁରାତତ୍ତ୍ୱ', 'ଓଡ଼ିଆ ସାହିତ୍ୟ ପ୍ରକାଶ' ଆଦି ଉଲ୍ଲେଖନୀୟ କୃତି । ଏହା ବ୍ୟତୀତ ସେ ଅନେକ ଇଂରାଜୀ ଗ୍ରନ୍ଥର ସ୍ରଷ୍ଟା ।

Digitized by srujan ka@gmail.com

କବି-ମଞ୍ଜୁଳ କୃଷ୍ଣପ୍ରସାଦ ବସୁ

୧୮୯୪ — ୧୯୬୮

ସଙ୍ଗୀତ, ନାଟକ, ସାହିତ୍ୟ ଓ ସଂସ୍କୃତିର ଶ୍ରୀବୃଦ୍ଧି କରିବାରେ ଓଡ଼ିଶାର ଯେଉଁ କେତେଜଣ ସାରା ଜୀବନ ନିଷ୍ଠାପର କୃତିତ୍ୱ ପ୍ରଦର୍ଶନ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ଯାଜପୁର ନିବାସୀ କୃଷ୍ଣପ୍ରସାଦ ବସୁ ପ୍ରାତଃସ୍ମରଣୀୟ । ମେଧାବୀ ଛାତ୍ର କୃଷ୍ଣପ୍ରସାଦ ଯାଜପୁର ହାଇସ୍କୁଲରୁ ୧୯୧୨ ମସିହାରେ ପ୍ରଥମ ଶ୍ରେଣୀରେ ଏଣ୍ଟ୍ରାନ୍ସ ପାସ୍‌କରି ରେଭେନ୍‌ସା କଲେଜରେ ଆଇ.ଏସ୍‌ସି. ପଢ଼ିଥିଲେ । ତା'ପରେ କଲିକତାର ସେଣ୍ଟ ଜାଭିୟର୍ସ କଲେଜରେ ପଦାର୍ଥ ବିଜ୍ଞାନରେ ଅନର୍ସ ନେଇ ବି.ଏସ୍‌ସି. ପଢ଼ିଥିଲେ । ସମକାଳରେ ସେ ସଙ୍ଗୀତ ଓ ବାଦ୍ୟ-ବିଦ୍ୟା ଶିକ୍ଷାରେ ପାରଦର୍ଶିତା ଲାଭ କରିଥିଲେ । ଏହାଛଡ଼ା ଶାସ୍ତ୍ରୀୟ, ଉପଶାସ୍ତ୍ରୀୟ କଣ୍ଠ ସଙ୍ଗୀତ, ଠୁମରୀ, ଗଜଲ ଆଦି ନିର୍ଦ୍ଦିଷ୍ଟ ଘରାନାର ତାଲିମ ନେଇଥିଲେ ଏଇ କଲିକତା ରହଣି କାଳରେ । ତାଙ୍କ ଜୀବନଧାରା ଏହି ସମୟରେ ଭିନ୍ନମୁଖୀ ହେଲା ଗଣକବି ମୁକୁନ୍ଦଦାସଙ୍କ ନିର୍ଦ୍ଦେଶରେ । ଅଭିଜ୍ଞତାରେ ଋଦ୍ଧିମନ୍ତ ହୋଇ ସେ ସାଂସ୍କୃତିକ ଜାଗରଣପାଇଁ ଓଡ଼ିଶା ଫେରିଆସିଲେ । 'ବିରଜା ଅପେରା' ଗଢ଼ି ସେ ନିଜ ରଚିତ 'ହରି ଅନ୍ୱେଷଣ', 'ଶକୁନ୍ତଳା ଓ ସୀତା ବନବାସ' ଆଦି ନାଟକ ପରିବେଷଣ କଲେ । ବ୍ରିଟିଶ-ବିରୋଧୀ କବିତା ରଚନାପାଇଁ ତାଙ୍କର ଲେଖା ବାଜ୍ୟାପ୍ତ ହୋଇଥିଲା । 'ଝଙ୍କାର'ରେ ଦୀର୍ଘକାଳ ଧରି ପ୍ରକାଶିତ ଧାରାବାହିକ 'ଆଖଡ଼ାଘରେ ବୈଠକ' ଏକ ଉଚ୍ଚକୋଟୀର ସାରସ୍ୱତ-କୃତି ।

Digitized by srujan ka@gmail.com

ସଂଗ୍ରାମୀ ନିରଞ୍ଜନ ପଟ୍ଟନାୟକ

୧୮୯୬ — ୧୯୪୩

ସ୍ୱାଧୀନତା-ସଂଗ୍ରାମୀ ଓ ସ୍ୱତନ୍ତ୍ର ଉତ୍କଳର ବରେଣ୍ୟ ନେତା ରୂପେ ନିରଞ୍ଜନ ପଟ୍ଟନାୟକ ସୁପରିଚିତ । ଗଞ୍ଜାମ ଜିଲ୍ଲା ପୋଲସରା ନିକଟସ୍ଥ ବୁଖାକଣା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ମେଧାବୀ ଛାତ୍ର ଭାବରେ ସେ ଆସିକାର ସୁପ୍ରସିଦ୍ଧ ବୋର୍ଡ ହାଇସ୍କୁଲ (ବର୍ତ୍ତମାନ ହରିହର ଉଚ୍ଚ ବିଦ୍ୟାଳୟ)ରୁ ୧୯୧୪ ମସିହାରେ ପ୍ରବେଶିକା ପରୀକ୍ଷାରେ ସମଗ୍ର ମାନ୍ଦ୍ରାସ ପ୍ରଦେଶରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିଲେ । ସେ କଲିକତାରେ ରହି ଏକକାଳୀନ ଏମ୍.ଏ. ଓ ଆଇନ ଅଧ୍ୟୟନକରି ଯଶସ୍ୱୀ ହୋଇଥିଲେ । ସେ ତାଙ୍କ ବନ୍ଧୁ ଚକ୍ରପାଣି ପ୍ରଧାନଙ୍କ ସହ ମିଶି ଇଂରାଜୀରେ 'ଉତ୍କଳର ଜାତୀୟ ସମସ୍ୟା' ଗ୍ରନ୍ଥ ରଚନା କରିଥିଲେ । ୧୯୨୦ ମସିହାରୁ ସେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନକ୍ରମେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ । ଗଞ୍ଜାମକୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ସହିତ ମିଶାଇବାକୁ ସେ ନେତୃତ୍ୱ ନେଇଥିଲେ । ସେ ଗାନ୍ଧୀଙ୍କ ପଦଯାତ୍ରା ପରିପ୍ରେକ୍ଷୀରେ 'ଗାନ୍ଧୀ ସମାଚାର' ନାମକ ଏକ ଦୈନିକ ପତ୍ରିକା ପ୍ରକାଶ କରିଥିଲେ । ଏହା ଓଡ଼ିଶାରେ ଦୈନିକ ପତ୍ରିକାର ପ୍ରଥମ ଭିତ୍ତିଭୂମି । ଓଡ଼ିଆ ସ୍ୱାଭିମାନର ଏହି ଜାଗ୍ରତ ପ୍ରହରୀ ଦେଶପାଇଁ ବହୁବାର କାରାବରଣ କରିଥିଲେ । ମାତ୍ର ସ୍ୱାଧୀନତା ପ୍ରାପ୍ତିର ଅଳ୍ପ କେତେ ବର୍ଷପୂର୍ବରୁ ଅଗଷ୍ଟ ୧୫ ତାରିଖରେ ତାଙ୍କର ଆକସ୍ମିକ ବିୟୋଗ ଘଟିଥିଲା ।

Digitized by srujan ka@gmail.com

ଗିରିଜାଶଙ୍କର ରାୟ

୧୮୯୬ — ୧୯୬୭

ଓଡ଼ିଆ ସାହିତ୍ୟର ଜଣେ ସୁସମାଲୋଚକ ଭାବରେ ଗିରିଜାଶଙ୍କର ରାୟଙ୍କ ନାମ ଅବିସ୍ମରଣୀୟ । ଗୌରୀଶଙ୍କର ଓ ରାମଶଙ୍କରଙ୍କ ପରିବାରର ଉତ୍ତର ଦାୟାଦ ଭାବରେ ତାଙ୍କ ପଛରେ ଥିଲା ଏକ ମହାନ୍ ସାଂସ୍କୃତିକ ପରମ୍ପରା । ସେ ଇଂରାଜୀ ଭାଷା-ସାହିତ୍ୟ ବିଷୟରେ ଏମ୍.ଏ. ପାସ୍ କରିବାପରେ ରେଭେନ୍‌ସା କଲେଜରେ ଇଂରାଜୀ-ଅଧ୍ୟାପକ ଭାବେ ଯୋଗ ଦେଇଥିଲେ । ବୃତ୍ତି ତାଙ୍କ କୃତିର ହୋଇଥିଲା ପ୍ରଧାନ ସହାୟକ । ଅଧ୍ୟୟନ ଓ ଅଧ୍ୟାପନା ବ୍ୟତୀତ ସେ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜର ଅଧ୍ୟକ୍ଷ ଭାବରେ ବହୁବର୍ଷ କାର୍ଯ୍ୟ କରିଥିଲେ । ସେ ଥିଲେ ଜଣେ ସଫଳ ପ୍ରାବନ୍ଧିକ ଓ ରୁଚିଶୀଳ ସମାଲୋଚକ । ଓଡ଼ିଆ ଭାଷା ଓ ସାହିତ୍ୟର ଶ୍ରୀବୃଦ୍ଧି ନିମିତ୍ତ ତାଙ୍କର ପଦକ୍ଷେପ ପ୍ରଶଂସନୀୟ । ଭାଷାତତ୍ତ୍ୱରେ ତାଙ୍କର ଗଭୀର ପ୍ରବେଶ ଥିବାର ନମୁନା ହେଉଛି 'ସରଳ ଭାଷାତତ୍ତ୍ୱ' ଗ୍ରନ୍ଥ । ଭାଷାତତ୍ତ୍ୱର ସାଧାରଣ ନିୟମମାନ ଏଥିରେ ସରଳ ଓ ସୁନ୍ଦର ଭାବରେ ଉଲ୍ଲିଖିତ । 'ଓଡ଼ିଆ ନାଟ୍ୟକଳା' ତାଙ୍କର ଏକ ବହୁ ପ୍ରଶଂସିତ କୃତି । ସେ ଇଂରାଜୀ ଅଧ୍ୟାପକ ଥିବାରୁ ଇଂରାଜୀ ସମାଲୋଚନା ପଦ୍ଧତିରେ ଏହା ରଚିତ । 'ରଚନା ବିଚାର' ଗିରିଜାଶଙ୍କରଙ୍କ ଅନ୍ୟତମ ଅମଳିନ କୀର୍ତ୍ତି । ଓଡ଼ିଆ ଗଦ୍ୟରୀତି ସମ୍ପର୍କିତ ଏହି ଗ୍ରନ୍ଥ ତାଙ୍କର ସର୍ବଶ୍ରେଷ୍ଠ କୃତି ।

Digitized by srujan ka@gmail.com

ପଣ୍ଡିତ ରାଘବ ମିଶ୍ର

୧୮୯୬ — ୧୯୭୦

ସମ୍ବଲପୁର ଜିଲ୍ଲାର ଅଡ଼ଗାଁଠାରେ ଏକ ଆଦର୍ଶ ଶିକ୍ଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ ପଣ୍ଡିତ ରାଘବ ମିଶ୍ର । ପିତା- ଦାଶରଥି ମିଶ୍ର; ମାତା- ଶ୍ରୀମତୀ ଦେବୀ । ନିଜ ଗ୍ରାମରେ ପ୍ରାଥମିକ ଶିକ୍ଷା ଶେଷକରି ଆଠ କିଲୋମିଟର ଦୂର ରେମଣ୍ଡାରେ ସେ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଲାଭ କରିଥିଲେ । ତା'ପରେ ୧୯୧୪ ମସିହା ବେଳକୁ ପଦ୍ମପୁର ନିକଟସ୍ଥ ଘନାମାଳ ଗ୍ରାମ ଚାଟଶାଳୀରେ ଶିକ୍ଷକତା ଆରମ୍ଭ କରିଥିଲେ । ଶିକ୍ଷା ଓ ସାହିତ୍ୟପ୍ରେମୀ ପଦ୍ମପୁର ମହାରାଜା ତାଙ୍କ ରାଜଭବନକୁ ବାରମ୍ବାର କବି ଗଙ୍ଗାଧରଙ୍କୁ ଆମନ୍ତ୍ରଣ କରୁଥିଲେ । ବରପାଲି ଓ ପଦ୍ମପୁର ମଧ୍ୟରେ ଘନାମାଳ ଗ୍ରାମ । ସେହି ସୂତ୍ରରେ ରାଘବ ମିଶ୍ର ଗଙ୍ଗାଧରଙ୍କ ସାନ୍ନିଧ ଲାଭ କରିଥିଲେ । କଟକ ଟ୍ରେନିଂ ସ୍କୁଲରେ ଶିକ୍ଷା ଲାଭକରି ରାଘବ ମିଶ୍ର ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକ ରୂପେ ନିଯୁକ୍ତ ହେଲେ । ମାତ୍ର ଅଳ୍ପଦିନ ଭିତରେ କବି ଗଙ୍ଗାଧରଙ୍କ ଆନ୍ତରିକତା ତାଙ୍କୁ ଟାଣି ଆଣିଲା ବରପାଲିକୁ । ସେ ହେଲେ ବରପାଲି ମି.ଇ. ସ୍କୁଲର ପ୍ରଧାନ ଶିକ୍ଷକ, ୧୯୪୮ ମସିହା ପର୍ଯ୍ୟନ୍ତ । ତାଙ୍କ ସାରସ୍ୱତ ସ୍ୱାକ୍ଷର ମଧ୍ୟରେ ''ମେହେର କବି, ନୀତି ପୁଷ୍ପହାର, ପ୍ରବାଦ ମଞ୍ଜରୀ, ହର୍ଷେ ବିଷାଦ, ଶ୍ରୀକୃଷ୍ଣ ଭକ୍ତି ରସାମୃତ (ଅନୁବାଦ) ଓ ବାଳ ଭକ୍ତ'' ଆଦି ସ୍ମରଣୀୟ । ନୀତିବାଦ ଓ ଆଦର୍ଶବାଦ ତାଙ୍କ ରଚନାର ପ୍ରମୁଖ ସ୍ୱର ।

Digitized by srujan ka@gmail.com

ଗିରିଜାଶଙ୍କର ରାୟ

୧୮୯୬ — ୧୯୬୭

ଓଡ଼ିଆ ସାହିତ୍ୟର ଜଣେ ସୁସମାଲୋଚକ ଭାବରେ ଗିରିଜାଶଙ୍କର ରାୟଙ୍କ ନାମ ଅବିସ୍ମରଣୀୟ । ଗୌରୀଶଙ୍କର ଓ ରାମଶଙ୍କରଙ୍କ ପରିବାରର ଉତ୍ତର ଦାୟାଦ ଭାବରେ ତାଙ୍କ ପଛରେ ଥିଲା ଏକ ମହାନ୍ ସାଂସ୍କୃତିକ ପରମ୍ପରା । ସେ ଇଂରାଜୀ ଭାଷା-ସାହିତ୍ୟ ବିଷୟରେ ଏମ୍.ଏ. ପାସ୍ କରିବାପରେ ରେଭେନ୍ସା କଲେଜରେ ଇଂରାଜୀ-ଅଧ୍ୟାପକ ଭାବେ ଯୋଗ ଦେଇଥିଲେ । ବୃତ୍ତି ତାଙ୍କ କୃତିର ହୋଇଥିଲା ପ୍ରଧାନ ସହାୟକ । ଅଧ୍ୟୟନ ଓ ଅଧ୍ୟାପନା ବ୍ୟତୀତ ସେ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜର ଅଧ୍ୟକ୍ଷ ଭାବରେ ବହୁବର୍ଷ କାର୍ଯ୍ୟ କରିଥିଲେ । ସେ ଥିଲେ ଜଣେ ସଫଳ ପ୍ରାବନ୍ଧିକ ଓ ରୁଚିଶୀଳ ସମାଲୋଚକ । ଓଡ଼ିଆ ଭାଷା ଓ ସାହିତ୍ୟର ଶ୍ରୀବୃଦ୍ଧି ନିମିତ୍ତ ତାଙ୍କର ପଦକ୍ଷେପ ପ୍ରଶଂସନୀୟ । ଭାଷାତତ୍ତ୍ୱରେ ତାଙ୍କର ଗଭୀର ପ୍ରବେଶ ଥିବାର ନମୁନା ହେଉଛି 'ସରଳ ଭାଷାତତ୍ତ୍ୱ' ଗ୍ରନ୍ଥ । ଭାଷାତତ୍ତ୍ୱର ସାଧାରଣ ନିୟମମାନ ଏଥିରେ ସରଳ ଓ ସୁନ୍ଦର ଭାବରେ ଉଲ୍ଲିଖିତ । 'ଓଡ଼ିଆ ନାଟ୍ୟକଳା' ତାଙ୍କର ଏକ ବହୁ ପ୍ରଶଂସିତ କୃତି । ସେ ଇଂରାଜୀ ଅଧ୍ୟାପକ ଥିବାରୁ ଇଂରାଜୀ ସମାଲୋଚନା ପଦ୍ଧତିରେ ଏହା ରଚିତ । 'ରଚନା ବିଚାର' ଗିରିଜାଶଙ୍କରଙ୍କ ଅନ୍ୟତମ ଅମଳିନ କୀର୍ତ୍ତି । ଓଡ଼ିଆ ଗଦ୍ୟରୀତି ସମ୍ପର୍କିତ ଏହି ଗ୍ରନ୍ଥ ତାଙ୍କର ସର୍ବଶ୍ରେଷ୍ଠ କୃତି ।

Digitized by srujan ka@gmail.com

ପଣ୍ଡିତ ରାଘବ ମିଶ୍ର

୧୮୯୬ — ୧୯୭୦

ସମ୍ବଲପୁର ଜିଲ୍ଲାର ଅଡ଼ଗାଁଠାରେ ଏକ ଆଦର୍ଶ ଶିକ୍ଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ ପଣ୍ଡିତ ରାଘବ ମିଶ୍ର । ପିତା- ଦାଶରଥି ମିଶ୍ର; ମାତା- ଶ୍ରୀମତୀ ଦେବୀ । ନିଜ ଗ୍ରାମରେ ପ୍ରାଥମିକ ଶିକ୍ଷା ଶେଷକରି ଆଠ କିଲୋମିଟର ଦୂର ରେମଣ୍ଡାରେ ସେ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଲାଭ କରିଥିଲେ । ତା'ପରେ ୧୯୧୪ ମସିହା ବେଳକୁ ପଦ୍ମପୁର ନିକଟସ୍ଥ ଘନାମାଳ ଗ୍ରାମ ଚାଟଶାଳୀରେ ଶିକ୍ଷକତା ଆରମ୍ଭ କରିଥିଲେ । ଶିକ୍ଷା ଓ ସାହିତ୍ୟପ୍ରେମୀ ପଦ୍ମପୁର ମହାରାଜା ତାଙ୍କ ରାଜଭବନକୁ ବାରମ୍ବାର କବି ଗଙ୍ଗାଧରଙ୍କୁ ଆମନ୍ତ୍ରଣ କରୁଥିଲେ । ବରପାଲି ଓ ପଦ୍ମପୁର ମଧ୍ୟରେ ଘନାମାଳ ଗ୍ରାମ । ସେହି ସୂତ୍ରରେ ରାଘବ ମିଶ୍ର ଗଙ୍ଗାଧରଙ୍କ ସାନ୍ନିଧ ଲାଭ କରିଥିଲେ । କଟକ ଟ୍ରେନିଂ ସ୍କୁଲରେ ଶିକ୍ଷା ଲାଭକରି ରାଘବ ମିଶ୍ର ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକ ରୂପେ ନିଯୁକ୍ତ ହେଲେ । ମାତ୍ର ଅଳ୍ପଦିନ ଭିତରେ କବି ଗଙ୍ଗାଧରଙ୍କ ଆନ୍ତରିକତା ତାଙ୍କୁ ଟାଣି ଆଣିଲା ବରପାଲିକୁ । ସେ ହେଲେ ବରପାଲି ମି.ଇ. ସ୍କୁଲର ପ୍ରଧାନ ଶିକ୍ଷକ, ୧୯୪୮ ମସିହା ପର୍ଯ୍ୟନ୍ତ । ତାଙ୍କ ସାରସ୍ୱତ ସ୍ୱାକ୍ଷର ମଧ୍ୟରେ ''ମେହେର କବି, ନୀତି ପୁଷ୍ପହାର, ପ୍ରବାଦ ମଞ୍ଜରୀ, ହର୍ଷେ ବିଷାଦ, ଶ୍ରୀକୃଷ୍ଣ ଭକ୍ତି ରସାମୃତ (ଅନୁବାଦ) ଓ ବାଳ ଭକ୍ତ'' ଆଦି ସ୍ମରଣୀୟ । ନୀତିବାଦ ଓ ଆଦର୍ଶବାଦ ତାଙ୍କ ରଚନାର ପ୍ରମୁଖ ସ୍ୱର ।

Digitized by srujan ka@gmail.com

ଉତ୍କଳ-ରତ୍ନ ରାଧାନାଥ ରଥ

୧୮୯୬ — ୧୯୯୮

ପଦ୍ମଭୂଷଣ ଡଃ ରାଧାନାଥ ରଥ ଜଣେ ବହୁମୁଖୀ ପ୍ରତିଭାଧାରୀ ଶତାୟୁ ପୁରୁଷ । ସେ କଟକ ଜିଲ୍ଲା ଆଠଗଡ଼ ଅନ୍ତର୍ଗତ ରାଧାନାଥପୁର ଶାସନରେ ଜନ୍ମ । ୧୯୧୯ ମସିହାରେ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ଅନୁରୋଧରେ ସରକାରୀ ଚାକିରି ଛାଡ଼ି 'ସାପ୍ତାହିକୀ ସମାଜ'ରେ ଯୋଗଦାନ । ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ ଓ ୧୯୪୨ ମସିହାରେ କାରାବରଣ । ୧୯୪୬ ମସିହାରୁ ବହୁବାର ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ: ୧୯୫୨-୬୧ ପର୍ଯ୍ୟନ୍ତ ବିଭିନ୍ନ ବିଭାଗର ମନ୍ତ୍ରୀପଦ ଗ୍ରହଣ । ୧୯୫୭ ମସିହାରୁ 'ସମାଜ' ଦୈନିକ ପତ୍ରିକାର ସଂପାଦକ ଦାୟିତ୍ୱ ବହନ । ଲୋକ ସେବକ ମଣ୍ଡଳ ଓଡ଼ିଶା ଶାଖାର ଅଧ୍ୟକ୍ଷ ପଦ ଗ୍ରହଣ ଏବଂ ୧୯୮୧ରେ ସର୍ବ ଭାରତୀୟ ସଭାପତି ରୂପେ ନିର୍ବାଚିତ । ଏହା ବ୍ୟତୀତ ସେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଉପ-କୁଳପତି ପଦ ମଣ୍ଡନ କରିଥିଲେ । ଡଃ ରଥ ବହୁ ଅନୁଷ୍ଠାନଦ୍ୱାରା ପୁରସ୍କୃତ ଓ ସମ୍ମାନିତ । ୧୯୯୩ରେ 'ଉତ୍କଳ ସାହିତ୍ୟ ସମାଜ' ଦ୍ୱାରା ସେ 'ଉତ୍କଳ ରତ୍ନ' ଉପାଧିରେ ଭୂଷିତ । ତାଙ୍କର ଉଲ୍ଲେଖନୀୟ ସାହିତ୍ୟ କୃତି ହେଲା- 'ଉତ୍କଳମଣି ଗୋପବନ୍ଧୁ', 'ବନ୍ଦୀର ମର୍ମବାଣୀ', 'ନୀଳାଚଳ ନେତ୍ର ନୀର'; ପ୍ରବନ୍ଧ ସଂକଳନ । 'ସମାଜ'ର ବିଭିନ୍ନ ସଂଖ୍ୟାରେ ବହୁ ଚମକପ୍ରଦ ଅନୁସନ୍ଧାନ-ମୂଳକ ଉପାଦେୟ ପ୍ରବନ୍ଧମାନ ପ୍ରକାଶିତ ।

Digitized by srujan ka@gmail.com

ଜାତୀୟ କବି ବାଞ୍ଛାନିଧି ମହାନ୍ତି

୧୮୯୭ — ୧୯୩୫

କ୍ଷଣଜନ୍ମା ବାଞ୍ଛାନିଧି ମହାନ୍ତି ଓଡ଼ିଶାରେ ଜାତୀୟତା ଆନ୍ଦୋଳନର ଅନ୍ୟତମ ସୂତ୍ରଧାର । ଜାତୀୟ ଚେତନାର ସେ ଏକ ମୁକ୍ତ ଆଗ୍ନେୟଗିରି । ବାଲେଶ୍ୱର ଜିଲ୍ଲାର ବାସୁଦେବପୁର ଥାନା ଅନ୍ତର୍ଗତ ଇରମଠାରେ ତାଙ୍କର ଜନ୍ମ । ସେ ଆଇ.ଏ. ପାସ୍‌କରି ପ୍ରାକ୍‌ଟିସ୍-ଲ' ପଢୁଥିଲେ । ଦେଶମୁକ୍ତି ଆନ୍ଦୋଳନରେ ଯୋଗଦେବାରୁ ତାଙ୍କ ଛାତ୍ରତ୍ୱ ରଦ୍ଦ କରାଯାଇଥିଲା । ସେ କିଛିକାଳ ଭଦ୍ରକ ସର୍ଭେ ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ଲୋକାଲ୍ ବୋର୍ଡ଼ର ଚେୟାରମ୍ୟାନ୍ ରୂପେ କାର୍ଯ୍ୟ କରିଥିଲେ । ଭଦ୍ରକ ଥିଲା ତାଙ୍କର କର୍ମଭୂମି । କବି ବାଞ୍ଛାନିଧିଙ୍କ ଗୀତାବଳୀ ସ୍ୱାଧୀନତା ଆନ୍ଦୋଳନବେଳେ ଜ୍ୱାଳାମୟୀ ପ୍ରେରଣା ଯୋଗାଉଥିଲା । ତା'ଛଡ଼ା ସେ ହୃଦୟଙ୍ଗମ କରିଥିଲେ- ସାମାଜିକ ସଂସ୍କାର ପୂର୍ଣ୍ଣାଙ୍ଗ ନ ହେଲେ ଏକତା ଅସମ୍ଭବ ଏବଂ ଏକତା ସଫଳ ନ ହେଲେ ସ୍ୱାଧୀନତା ଅସମ୍ଭବ । ତାଙ୍କର ଓଜସ୍ୱିନୀ କବିତା ମଧ୍ୟରୁ- 'କି ହେବ ସେ ସ୍ୱରାଜ୍ୟ ଘେନି', 'କେତେ ଦିନ ଆଉ ଦୁଃଖିନୀ କନିକା ଅନୀତି ଯାତନା ସହିବ', 'ରେ ପତାକା ଜାତିର ଗରବ', 'କହ କହ କେଉଁ ଜାତି ପାଇଛି ମୁକତି', 'ଅରି ଫେରି ନାହିଁ, ଯୁଦ୍ଧ ସରି ନାହିଁ', ଆଦି ଜାତୀୟ କବିତାର ବଳିଷ୍ଠ ଉଦାହରଣ । ଦେଶମୁକ୍ତିର ଏହି ଚାରଣ ଜାତିପାଇଁ ଚିର ବନ୍ଦନୀୟ ବ୍ୟକ୍ତି ।

Digitized by srujan ka@gmail.com

ଜାତୀୟ କବି ବୀରକିଶୋର ଦାସ

୧୮୯୭ — ୧୯୭୩

ସ୍ୱାଧୀନତା ସଂଗ୍ରାମର ପୃଷ୍ଠପଟରେ କବିତାର ଝଙ୍କାର ସୃଷ୍ଟି କରି ଜାତିପ୍ରାଣରେ ପ୍ରେରଣା ଯୋଗାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ବୀରକିଶୋର ଦାସ ଅନ୍ୟତମ । ସେ ଜଗତ୍‌ସିଂହପୁର ଜିଲ୍ଲାର ପୁନଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଜୀବନ ଥିଲା ତ୍ୟାଗପୂତ ଓ ସଂଘର୍ଷମୟ । କଟକର ଭିକ୍ଟୋରିଆ ସ୍କୁଲରେ ପାଠ ପଢୁଥିବା ସମୟରେ ଭକ୍ତକବି ମଧୁସୂଦନଙ୍କର ସେ ସାନ୍ନିଧ ଲାଭ କରିଥିଲେ । ମଧୁସୂଦନ ହିଁ ଯଥାର୍ଥରେ ଥିଲେ ତାଙ୍କ କାବ୍ୟଗୁରୁ । ସେ ମାଟ୍ରିକ ପାସ୍‌କରି ରେଭେନ୍‌ସା କଲେଜରେ ନାମ ଲେଖାଇବାର କିଛିଦିନ ପରେ ପାଠପଢ଼ା ଛାଡ଼ି ଚାକିରିରେ ଯୋଗ ଦେଇଥିଲେ । ୧୯୨୧ ମସିହାରେ ସେ ଚାକିରିର ମୋହ ତ୍ୟାଗକରି ଅସହଯୋଗ ଆନ୍ଦୋଳନରେ ଝାସ ଦେଇଥିଲେ । ୧୯୨୪ ମସିହାରେ ସେ ହେଲେ କଟକ ଲୋକାଲ ବୋର୍ଡ଼ର ଚେୟାରମ୍ୟାନ୍ । ୧୯୩୦ରେ ଆଇନ ଅମାନ୍ୟ ଆନ୍ଦୋଳନ ଓ ୧୯୪୨ରେ ଭାରତଛାଡ଼ ଆନ୍ଦୋଳନ ପାଇଁ ସେ ବହୁ କବିତା ଲେଖିଥିଲେ । ବିପ୍ଳବର ବାର୍ତ୍ତାବହ ବୀରକିଶୋରଙ୍କୁ ତାଙ୍କ 'ରଣ ଦୁନ୍ଦୁଭି' ପାଇଁ ୨ ବର୍ଷ, 'ରଣଭେରୀ' ପାଇଁ ୨ ବର୍ଷ ଓ 'ବିଦ୍ରୋହୀ ବୀଣା' ପାଇଁ ଏକବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିଥିଲା । ୧୯୫୯ରେ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ।

Digitized by srujan ka@gmail.com

ଲକ୍ଷ୍ମୀକାନ୍ତ ଚୌଧୁରୀ

୧୮୯୮ — ୧୯୪୨

ସୌମ୍ୟକାନ୍ତ ସୁଦର୍ଶନ ପୁରୁଷ ଲକ୍ଷ୍ମୀକାନ୍ତ ଚୌଧୁରୀ ଜଣେ ଅଧ୍ୟାପକ ଭାବରେ ଯେତିକି ପରିଚିତ ହୋଇଥିଲେ, ତା'ଠୁଁ ଅଧିକ ପରିଚିତ ଥିଲେ ତାଙ୍କ ସଙ୍ଗୀତ ପ୍ରେମ ପାଇଁ । କଟକ ସହରର ଚାନ୍ଦିନୀଚୌକରେ ଲକ୍ଷ୍ମୀକାନ୍ତଙ୍କ ନିଜସ୍ୱ ଘର ଥିଲା ଲାଲବାଗ ଥାନା ନିକଟରେ । ତାହାକୁ ସେ କଟକର ସର୍ବପ୍ରଥମ ସଙ୍ଗୀତ ବିଦ୍ୟାଳୟରେ ପରିଣତ କରି ଦେଇଥିଲେ । ଲକ୍ଷ୍ମୀକାନ୍ତ ରେଭେନ୍‌ସା କଲେଜର ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଥିଲେ । ତାଙ୍କର ଅଧ୍ୟାପନା ପଦ୍ଧତି ଓ ହାସ୍ୟ ରସିକତା ବନ୍ଧୁ ମହଲରେ ଆଲୋଚନାର ବିଷୟ ହେଉଥିଲା । ଲକ୍ଷ୍ମୀକାନ୍ତଙ୍କ ଝିଅ ଖୁବ୍ ଭଲ ସିତାର ବାଦନ କରୁଥିଲେ । ସଙ୍ଗୀତ ପ୍ରୀତି ତାଙ୍କ ପରିବାରର ଗୌରବମୟ ପରମ୍ପରା ହୋଇସାରିଥିଲା । ଲକ୍ଷ୍ମୀକାନ୍ତ ସଙ୍ଗୀତ ବିଦ୍ୟାଳୟର ଅଧ୍ୟକ୍ଷ ଥିଲେ ବିଶିଷ୍ଟ ସଙ୍ଗୀତଜ୍ଞ ଗୋକୁଳ ଶ୍ରୀଚନ୍ଦନ । ସେ ଏହି ବିଦ୍ୟାଳୟ ପରିସରରେ ତାଙ୍କର ପ୍ରିୟ ଛାତ୍ର ବାଳକୃଷ୍ଣ କରଙ୍କ ସହିତ ଅବସ୍ଥାନ କରୁଥିଲେ । କଳା ପୂଜାରୀ ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତଙ୍କ ସ୍ୱଳ୍ପ ଜୀବନକାଳ ନାନା ଦୃଷ୍ଟିରୁ ଘଟଣାବହୁଳ ହୋଇ ପଡ଼ିଥିଲା । କେତେକ ଉଚ୍ଚକୋଟୀର ପ୍ରବନ୍ଧ ରଚନା କରି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି ।

Digitized by srujan ka@gmail.com

ପଣ୍ଡିତ ଆକୁଳି ମିଶ୍ର

୧୮୯୮ — ୧୯୫୯

ସଂସ୍କୃତ ଶିକ୍ଷକ ଓ ପୁସ୍ତକ ପ୍ରକାଶକ ରୂପେ ବିଶେଷ ଜଣାଶୁଣା ବ୍ୟକ୍ତି ଥିଲେ ପଣ୍ଡିତ ଆକୁଳି ମିଶ୍ର । ସେ ଖ୍ୟାତନାମା ଡାକ୍ତର କୁଳମଣି ମିଶ୍ରଙ୍କର ଅଗ୍ରଜ । କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ଖଣ୍ଡସାହି ଗ୍ରାମରେ ତାଙ୍କର ଜନ୍ମ । ସଂସ୍କୃତ ଶିକ୍ଷାରେ ଦକ୍ଷତାର ସହିତ 'କାବ୍ୟତୀର୍ଥ' ପାସ୍‌କରି ସେ କଟକ ଆସିଥିଲେ କର୍ମ ଅନ୍ୱେଷଣରେ । ମାତ୍ର ଚାକିରି ନ ପାଇ ପରିଶେଷରେ ସେ ଗୃହ ଶିକ୍ଷକ ହେଲେ । 'ରାମକୃଷ୍ଣ କୁଟୀର' ଭଳି ମହାନ୍ ସଂସ୍ଥା ସହିତ ସେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ହୋଇଥିଲେ । ଏହି ସଂସ୍ଥା ତାଙ୍କ ଜୀବନକୁ ଭିନ୍ନ ରୂପେ ଗଢ଼ିବାକୁ ପ୍ରେରଣା ଓ ସୁଯୋଗ ଜୁଟାଇଥିଲା । ଅର୍ଥ ସଂଗ୍ରହକରି ସେ ଗଠନ କଲେ 'କଟକ ଟ୍ରେଡିଂ କମ୍ପାନୀ' । ବାଲୁବଜାରରେ ଏହି ବହିଦୋକାନ ଚାଲିଲା ଏବଂ ଆକୁଳି ମିଶ୍ର ଏହାର ମ୍ୟାନେଜର ଭାବେ କାର୍ଯ୍ୟ କଲେ । ସେ ବହୁ ଅପ୍ରକାଶିତ ଗ୍ରନ୍ଥକୁ ନିର୍ଭୁଲ ଭାବେ ଶୋଭନୀୟ ସଂସ୍କରଣ କରି ପ୍ରକାଶ କଲେ । ପାଠ୍ୟପୁସ୍ତକ ପ୍ରକାଶ ଦିଗରେ ତାଙ୍କର ସାଧୁ ଉଦ୍ୟମ ପ୍ରଶଂସନୀୟ । ନିରବଚ୍ଛିନ୍ନ ଭାବରେ ପୁସ୍ତକ ପ୍ରକାଶକରି ସେ ବହୁ ଲେଖକ ଓ ଅଧ୍ୟାପକଙ୍କ ବୌଦ୍ଧିକ ବିକାଶରେ ସହାୟକ ହୋଇପାରିଥିଲେ । ସାହିତ୍ୟ-ସାଧନାର ସହଯୋଗୀ ସାଧନ ଯୋଗାଇ ଓଡ଼ିଆ ଭାଷାର ସେ ଅଶେଷ ଉନ୍ନତି କରିଯାଇଛନ୍ତି ।

Digitized by srujan ka@gmail.com

ପଣ୍ଡିତ ସୋମନାଥ ମିଶ୍ର

୧୮୯୮ — ୧୯୮୭

ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବରେ ପଣ୍ଡିତ ସୋମନାଥ ମିଶ୍ର ସୁବିଦିତ ଥିଲେ । କଟକ ଜିଲ୍ଲା ପାଟକୁରା ଥାନାସ୍ଥ ଗଡାନଈ ଗ୍ରାମରେ ତାଙ୍କର ଜନ୍ମ । ପିତା- ଚିନ୍ତାମଣି ମିଶ୍ର; ମାତା- ତିଳୋତ୍ତମା ଦେବୀ । ସେ କଲିକତା ସଂସ୍କୃତ ବୋର୍ଡ଼ରୁ 'କାବ୍ୟତୀର୍ଥ' ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚାକିରି ଅନ୍ୱେଷଣରେ କଟକ ଆସିଥିଲେ । ଏଠାରେ ବିଭିନ୍ନ ସ୍କୁଲରେ କିଛିକାଳ ଶିକ୍ଷକତା କରି ୧୯୨୧ ମସିହାରେ କୁଜଙ୍ଗ ବନବିହାରୀ ହାଇସ୍କୁଲରେ ସଂସ୍କୃତ ଶିକ୍ଷକ ରୂପେ ନିଯୁକ୍ତ ହେଲେ । କୁଜଙ୍ଗ ସହିତ ସେ ଏକାନ୍ତ ଭାବେ ଜଡ଼ିତହୋଇ ସନ୍ତରା ଗ୍ରାମରେ ଘରବାଡ଼ି କରି ରହିଲେ । ଏଠାରେ ସେ ଧର୍ମଭିତ୍ତିକ ତଥା ଶିକ୍ଷଣୀୟ ଗ୍ରନ୍ଥମାନ ରଚନା କରିବାରେ ମନୋନିବେଶ କଲେ । ତାଙ୍କର ଅନେକ ଲେଖା ପ୍ରକାଶିତ ଓ ଅପ୍ରକାଶିତ ରୂପରେ ରହିଛି । ତାଙ୍କ ପ୍ରକାଶିତ ପୁସ୍ତକ ମଧ୍ୟରୁ 'ନୀତିଶ୍ଳୋକ', 'ରଚନା ଦର୍ପଣ', 'ସଂସ୍କୃତ ବ୍ୟାକରଣ', 'ନୀତିମଞ୍ଜରୀ', 'ରାମଚଣ୍ଡୀଙ୍କ ଜଣାଣ' ଅନ୍ୟତମ । ଅପ୍ରକାଶିତ ଅବସ୍ଥାରେ ଅନେକ ପାଣ୍ଡୁଲିପି ରହିଛି । ଜଣେ ଶିକ୍ଷକ ଭାବରେ ସେ ଆଦର୍ଶବାଦ ଓ ନୀତି-ନିଷ୍ଠତାର ପକ୍ଷପାତୀ ଥିଲେ । ସାହିତ୍ୟର ବିକାଶ ଦିଗରେ ତାଙ୍କର କ୍ଷେତ୍ର-ପ୍ରସ୍ତୁତି ପରବର୍ତ୍ତୀ ସମୟପାଇଁ ଏକ ଉଲ୍ଲେଖନୀୟ ଘଟଣା ହୋଇ ରହିଛି ।

Digitized by srujan ka@gmail.com

ଗୋଦାବରୀଶ ମହାପାତ୍ର

୧୮୯୮ — ୧୯୬୭

ସତ୍ୟବାଦୀ ବନବିଦ୍ୟାଳୟର ସର୍ବଶ୍ରେଷ୍ଠ ସୁମନ ହେଉଛନ୍ତି ଗୋଦାବରୀଶ ମହାପାତ୍ର । ସେ ଏକାଧାରରେ ଜଣେ କବି, ଗାଳ୍ପିକ, ବ୍ୟଙ୍ଗକାର, ଶିଶୁ ସାହିତ୍ୟିକ, ଔପନ୍ୟାସିକ, ସମାଲୋଚକ ଓ ସଫଳ ସାମ୍ବାଦିକ । ପୁରୀ ଜିଲ୍ଲା ବାଣପୁରସ୍ଥ କୁମାରଙ୍ଗ ଶାସନରେ ତାଙ୍କର ଜନ୍ମ । ସତ୍ୟବାଦୀ ବନବିଦ୍ୟାଳୟରେ ପାଠ ପଢୁଥିବା ସମୟରେ ତାଙ୍କ ବୈପ୍ଳବିକ ଜୀବନର ପରିଚୟ ମିଳିଥିଲା । ଦୀର୍ଘ ପଚାଶ ବର୍ଷରୁ ଊର୍ଦ୍ଧ୍ୱକାଳ ସେ ଲେଖନୀ ଚାଳନାକରି ଓଡ଼ିଶାର ସାରସ୍ୱତ ଜଗତକୁ ଋଦ୍ଧିମନ୍ତ କରିଯାଇଛନ୍ତି । ସେ ଅପ୍ରତିଦ୍ୱନ୍ଦ୍ୱୀ ଅଦ୍ୱିତୀୟ ସମାଲୋଚନାଧର୍ମୀ ପତ୍ରିକା 'ନିଆଁଖୁଣ୍ଟା'ର ପ୍ରତିଷ୍ଠାତା ସମ୍ପାଦକ । ଏହି ପତ୍ରିକାରେ ସେ ଓଡ଼ିଶାର ସାହିତ୍ୟ, ସଂସ୍କୃତି, ରାଜନୀତି ଓ ସମାଜନୀତି ଆଦିର ଶାଣିତ ବ୍ୟଙ୍ଗକରି ଏକ ନୂତନ ରୁଚିବୋଧର ପରମ୍ପରା ସୃଷ୍ଟି କରିଥିଲେ । ସେ ଥିଲେ ଜାତୀୟବାଦୀ ଲେଖକ ଓ କବି । ତାଙ୍କର ଉପନ୍ୟାସ- 'ରକ୍ତପାତ', 'ବନ୍ଦୀର ମାୟା', 'ବିଦ୍ରୋହ' ଓ 'ବୀର ଯୁବକ' ପ୍ରଧାନ । ଗଳ୍ପ ଗ୍ରନ୍ଥ ମଧ୍ୟରେ 'ଏବେ ମଧ୍ୟ ବଞ୍ଚିଛି', 'ନୀଳ ମାଷ୍ଟ୍ରାଣୀ' ଓ 'ମୁଁ ଦିନେ ମନ୍ତ୍ରୀ ଥିଲି' ଉଲ୍ଲେଖନୀୟ । 'ହେ ମୋର କଲମ', 'କଣ୍ଟା ଓ ଫୁଲ', 'ବଙ୍କା ଓ ସିଧା' ଏବଂ 'ମରଣ ଦୁଆରେ' ଆଦି କାବ୍ୟ-ଗ୍ରନ୍ଥ ତାଙ୍କ କବି ପ୍ରତିଭାର ବଳିଷ୍ଠ ନମୁନା । ଓଡ଼ିଆ ସାହିତ୍ୟ ଜଗତର ସେ ଜଣେ ସ୍ୱୟଂସଂପୂର୍ଣ୍ଣ ବ୍ୟକ୍ତିତ୍ୱ ।

Digitized by srujan ka@gmail.com

କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ

୧୮୯୮ — ୧୯୭୦

କବିଚନ୍ଦ୍ର କାଳୀଚରଣ ଓଡ଼ିଆ ନାଟ୍ୟ-ଜଗତର ସବୁଠାରୁ ଅଧିକ ସ୍ମରଣୀୟ ପ୍ରତିଭା । ସେ ଜଣେ ନାଟ୍ୟକାର, ସଙ୍ଗୀତଜ୍ଞ, ନିର୍ଦ୍ଦେଶକ, ଅଭିନେତା ତଥା ଜୀବନବ୍ୟାପୀ କଳାକାର ଭାବରେ ସୁପରିଚିତ । କଟକ ଜିଲ୍ଲାର ବଡ଼ମ୍ବାଗଡ଼ରେ କାଳୀଚରଣଙ୍କ ଜନ୍ମ । ତାଙ୍କ ପିତାମହ ବାଙ୍କୀ ବାସିନ୍ଦା । ପିତା ଦୁର୍ଗାଚରଣ ବଡ଼ମ୍ବାର ରାଜକର୍ମଚାରୀ । ବାଙ୍କୀ ଚର୍ଚ୍ଚିକା ମାଇନର ସ୍କୁଲରେ ପଢୁଥିବା ସମୟରେ ନାଟକରେ ଅଭିନୟ ଆରମ୍ଭ, ଖୋର୍ଦ୍ଧା ହାଇସ୍କୁଲ ଓ ରେଭେନ୍ସା କଲେଜରେ ପଢୁଥିବା ସମୟରେ ବିଭିନ୍ନ ନାଟ୍ୟସଂସ୍ଥା ସହ ସଂପୃକ୍ତ ହୋଇ ନାଟ୍ୟାଭିନୟ । ୧୯୧୯ରେ ପିତୃବିୟୋଗ; ଛାତ୍ର ଜୀବନରେ ପୂର୍ଣ୍ଣଚ୍ଛେଦ ପଡ଼ି ଖଣ୍ଡପଡ଼ାରେ ସ୍କୁଲ ପରିଦର୍ଶକ ଚାକିରି । ଖଣ୍ଡପଡ଼ା ରାଜାଙ୍କ ସହାୟତାରେ ୧୯୨୧ରେ ରାସଦଳ ଗଠନ । ରାଜାଙ୍କ ମୃତ୍ୟୁପରେ ବାରିପଦା ଯାଇ ସେଠାରେ ଏକ ରାସଦଳ ଗଠନ । ମୟୂରଭଞ୍ଜ ରାଜାଙ୍କ ଭ୍ରାତୃଷ୍ପୁତ୍ରୀକୁ ସଙ୍ଗୀତ ଶିକ୍ଷାଦାନ । ସେ ପୁରୀ ରାଜାଙ୍କୁ ବିବାହ କରିବାରୁ ଗଜପତି ରାଜାଙ୍କଦ୍ୱାରା ତାଙ୍କୁ 'କବିଚନ୍ଦ୍ର' ଉପାଧି ପ୍ରଦାନ । ଓଡ଼ିଆ ଆଧୁନିକ ନାଟ୍ୟଧାରାର ଜନକ କାଳୀଚରଣଙ୍କ 'ଓଡ଼ିଶା ଥିଏଟର୍ସ' ପ୍ରତିଷ୍ଠା । 'ଗାର୍ଲସ୍କୁଲ', 'ଭାତ', 'ଜୟଦେବ', 'ଅଭିଯାନ', 'ଚକ୍ରୀ', 'ରକ୍ତମାଟି' ଭଳି ଉଚ୍ଚକୋଟୀର ନାଟକର ସ୍ରଷ୍ଟା । ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ସଙ୍ଗୀତ ରୂପେ ସ୍ୱୀକୃତି ପ୍ରଦାନର ସେ ମୁଖ୍ୟ ସୂତ୍ରଧର ।

Digitized by srujan ka@gmail.com

ମର୍ଦ୍ଦଗାଜି ରାୟ

୧୮୯୮ — ୧୯୮୭

ସତ୍ୟବାଦୀ ବନବିଦ୍ୟାଳୟର ପ୍ରାକ୍ତନ ଛାତ୍ର, ଜଣେ ନୀତିନିଷ୍ଠ ଶିକ୍ଷକ ଓ ସାରସ୍ୱତ ସାଧକ ଭାବରେ ମର୍ଦ୍ଦଗାଜି ରାୟ ସୁପରିଚିତ । ସେ ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ଆମ୍ବିଳିହଣା ଗ୍ରାମରେ ଜନ୍ମ । ବନାରସରୁ ଆଇ.ଏ. ଓ ରେଭେନ୍‌ସା କଲେଜରୁ ବି.ଏ. ପାସ୍‌କରି ସେ ଶିକ୍ଷକତା କର୍ମକୁ ଜୀବନର ଲକ୍ଷ୍ୟ ରୂପେ ବରଣ କରିନେଇଥିଲେ । ବନାରସରେ କିଛିବର୍ଷ ହିନ୍ଦୀ ଶିକ୍ଷକ ରହି, ତା'ପରେ ସେ ସତ୍ୟବାଦୀ ବନ ବିଦ୍ୟାଳୟରେ ଆସି ଶିକ୍ଷକ ଭାବେ ଯୋଗ ଦେଇଥିଲେ । ଏଠାରେ ସେ ଶିକ୍ଷକତା କଲାବେଳେ ପଣ୍ଡିତ ନୀଳକଣ୍ଠ ଥିଲେ ପ୍ରଧାନ ଶିକ୍ଷକ ଏବଂ ପଣ୍ଡିତ ଗୋଦାବରୀଶ, ଆଚାର୍ଯ୍ୟ ହରିହର, ପଣ୍ଡିତ କୃପାସିନ୍ଧୁ ତାଙ୍କର ସହକର୍ମୀ ଥିଲେ । ମର୍ଦ୍ଦଗାଜି ରାୟଙ୍କ ସାନଭାଇ ଉତ୍କଳଭୀମ ପଦ୍ମଚରଣ । ସାରସ୍ୱତ ସାଧକ ଭାବରେ ମର୍ଦ୍ଦଗାଜି ରାୟ ଅନେକ କୃତିର ଅଧିକାରୀ । ତାଙ୍କର ଶ୍ରେଷ୍ଠକୃତି ରୂପେ 'ଯୋଗାବଶିଷ୍ଠ ରାମାୟଣ'ର ପଦ୍ୟାନୁବାଦକୁ ଗ୍ରହଣ କରାଯାଏ । ଏହା ବ୍ୟତୀତ 'ସୀତା ରମଣ', 'ରାମରଞ୍ଜନା', 'ଗୁଣ୍ଡିଚା ବିଜେ', 'ପତିତପାବନ', 'ମୋ ଅଙ୍କ ବହି', 'ମୋ ଛବି ବହି', 'ହିନ୍ଦୁସ୍ଥାନୀ ଶିକ୍ଷା' ଆଦି ଗ୍ରନ୍ଥମାନ ତାଙ୍କର ସ୍ମରଣୀୟ ଅବଦାନ । ଧର୍ମଚେତନାମୂଳକ ଗ୍ରନ୍ଥ ରଚନା କରିବା କ୍ଷେତ୍ରରେ ତାଙ୍କର ଭୂମିକା ନିଶ୍ଚିତ ରୂପେ ଉଲ୍ଲେଖଯୋଗ୍ୟ ।

Digitized by srujan ka@gmail.com

ଡାକ୍ତର ରାଧାଚରଣ ପଣ୍ଡା

୧୮୯୮ — ୧୯୭୪

ରାଧାଚରଣ ପଣ୍ଡାଙ୍କର ପୈତୃକ ବାସଭୂମି ଥିଲା ମଞ୍ଜୁଷାରେ । ପରବର୍ତ୍ତୀ କାଳରେ କର୍ମର ତାଡ଼ନାରେ ସେ ଆସି ବାଣପୁରରେ ବସବାସ କରି ରହିଥିଲେ । ବୃତ୍ତିରେ ସେ ଶରୀର-ବିଜ୍ଞାନୀ ହୋଇଥିଲେ ମଧ୍ୟ ସାହିତ୍ୟ ସଂସ୍କୃତି ପ୍ରତି ତାଙ୍କର ଥିଲା ପ୍ରଗାଢ଼ ନିଷ୍ଠା । ସେ ସ୍ୱାସ୍ଥ୍ୟ ବିଜ୍ଞାନ, ଶିଳ୍ପକଳା, ଇତିହାସ ଓ ସାହିତ୍ୟ କ୍ଷେତ୍ରରେ ଲେଖନୀ ଚାଳନାକରି ନିଜ ପାରଦର୍ଶିତା ପ୍ରଦର୍ଶନ କରିଯାଇଛନ୍ତି । ତାଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗ୍ରନ୍ଥ 'ସ୍ୱାସ୍ଥ୍ୟ ଶିକ୍ଷା' ଏକଦା ପାଠ୍ୟପୁସ୍ତକ ଜଗତରେ ଏକମାତ୍ର ଗ୍ରନ୍ଥରୂପେ ପ୍ରଚଳିତ ଥିଲା ବହୁବର୍ଷଧରି । ଐତିହାସିକ ତଥ୍ୟପୂର୍ଣ୍ଣ ଗ୍ରନ୍ଥ ହିସାବରେ ଉତ୍କଳର ଶିଳ୍ପଚାତୁରୀ, ପ୍ରାଚୀ ନଦୀର ଐତିହାସିକ ବିଭବ, ପ୍ରାଚୀ ତୀରେ ପ୍ରାଚୀନ କୀର୍ତ୍ତି ଆଦି ତାଙ୍କର ଯଶସ୍ୱୀ ଲେଖନୀର ଅମୃତମୟ ଫଳ । ଏହା ବ୍ୟତୀତ ଜଣେ ସଫଳ ପ୍ରାବନ୍ଧିକ ଭାବରେ ତାଙ୍କର ଖ୍ୟାତି ସୁବିଦିତ । ନିଷ୍ଠାପର ଜୀବନୀ ଲେଖକ ଭାବରେ ତାଙ୍କର ଉଜ୍ଜ୍ୱଳ ଅବଦାନ ହେଉଛି ଗଣସେବକ ଗୋଦାବରୀଶ ଓ କର୍ମବୀର ପିଟର । ପ୍ରାଚୀନ ଗୌରବ ଓ ଭୌଗୋଳିକ ଗୁରୁତ୍ୱକୁ ଆଧାରକରି ତାଙ୍କଦ୍ୱାରା ରଚିତ 'ପାରିକୁଦ' ଏକ ଉଲ୍ଲେଖନୀୟ ଗ୍ରନ୍ଥ । ତାଙ୍କ ରଚନା ଶୈଳୀ ସରଳ, ସାବଲୀଳ ଓ ହୃଦୟଗ୍ରାହୀ । ଓଡ଼ିଆ ଗଦ୍ୟ ସାହିତ୍ୟ ଜଗତରେ ତାଙ୍କ ପଦାଙ୍କ ବେଶ୍ ସ୍ପଷ୍ଟ ।

Digitized by srujan ka@gmail.com

ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେବ

୧୮୯୯ — ୧୯୨୮

ସ୍ୱର୍ଣ୍ଣଯୁଗର ପ୍ରବର୍ତ୍ତକ ରାଜର୍ଷି ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କର ଜ୍ୟେଷ୍ଠପୁତ୍ର ଥିଲେ ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେବ । ତାଙ୍କ ମାତା ଲକ୍ଷ୍ମୀକୁମାରୀ ଥିଲେ ଛୋଟନାଗପୁର ମହାରାଜା ନୀଳମଣି ସିଂହଙ୍କ ନାତୁଣୀ । ମାତ୍ର ତିନି ବର୍ଷ ବୟସରେ ପୂର୍ଣ୍ଣଚନ୍ଦ୍ର ମାତୃହରା ହୋଇଥିଲେ ଏବଂ ତେର ବର୍ଷ ବୟସରେ ସେ ପିତାଙ୍କୁ ମଧ୍ୟ ହରାଇଥିଲେ । ନିଜ ରାଜପ୍ରାସାଦରେ ଇଂରେଜ ଶିକ୍ଷକଙ୍କ ପାଖରେଁ ସେ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ । ଉଚ୍ଚ ଶିକ୍ଷାପାଇଁ ସେ ଆଜମିର୍‌ର ମେୟୋ କଲେଜରେ ଭର୍ତ୍ତି ହୋଇଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଗୁଳିବିଦ୍ଧ ହୋଇ ଅକାଳରେ ମୃତ୍ୟୁବରଣ କରିବାରୁ ଟିକାୟତ ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେବ ରାଜଗାଦିରେ ବସିଲେ । ସେତେବେଳକୁ ସେ ନା-ବାଳକ ଥିବାରୁ ପ୍ରକୃତ ଶାସନ ଦାୟିତ୍ୱ ଗ୍ରହଣ କରି ନ ଥିଲେ । ସେ ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ ୧୯୨୦ ମସିହାରୁ । ସେ ରାଜଜେମା ତକଦ୍‌କୁମାରୀଙ୍କୁ ବିବାହ କରିଥିଲେ । ମହାରାଜା ପୂର୍ଣ୍ଣଚନ୍ଦ୍ର ନିଜ ପିତାଙ୍କ ଭଳି ଦାନଶୀଳ ଓ ଆଦର୍ଶ ରାଜା ଥିଲେ । ମହାରାଜା ପୂର୍ଣ୍ଣଚନ୍ଦ୍ର ନିଃସନ୍ତାନ ଥିଲେ । ମାତ୍ର ଉତ୍କଳର ଅସଂଖ୍ୟ ଗୁଣଗ୍ରାହୀ ଜନତା ତାଙ୍କର ମହତ୍ କର୍ମପାଇଁ ତାଙ୍କୁ ପିତାର ସମ୍ମାନ ଦେଇ ଆସିଛନ୍ତି ।

Digitized by srujan ka@gmail.com

ଉତ୍କଳ-କେଶରୀ ହରେକୃଷ୍ଣ ମହତାବ

୧୮୯୯ — ୧୯୮୭

ଉତ୍କଳ-କେଶରୀ ଡକ୍ଟର ହରେକୃଷ୍ଣ ମହତାବ ଥିଲେ ଜଣେ ମହାନ୍ ଜନନାୟକ, ବିଚକ୍ଷଣ ରାଜନୀତିଜ୍ଞ, ସାମ୍ବାଦିକ, ଐତିହାସିକ ଓ ଅଭିନବ ସାରସ୍ୱତ ସାଧକ । ସେ କଟକ ଜିଲ୍ଲାର ଅସୁରେଶ୍ୱରଠାରେ ଜନ୍ମଗ୍ରହଣ କରିଥିଲେ । ପ୍ରତିପାଳିତ ହୋଇଥିଲେ ତାଙ୍କ ଅଜାଙ୍କ ଘରେ ବାଲେଶ୍ୱରସ୍ଥ ଅଗରପଡ଼ାରେ । ବିରାଟ ଜମିଦାରୀର ଉତ୍ତରାଧିକାରୀ ଭାବରେ ପିଲାଦିନୁଁ କ୍ଷମତା ଓ ପ୍ରତିପତ୍ତି ତାଙ୍କ ସାଙ୍ଗ ହୋଇଯାଇଥିଲା । ସେ ଭଦ୍ରକ ହାଇସ୍କୁଲରେ ମାଟ୍ରିକ ଓ ରେଭେନ୍‌ସା କଲେଜରେ ଆଇ.ଏ. ଓ ବି.ଏ. ପଢ଼ିଥିଲେ । ବି.ଏ. ପଢୁଥିବା ସମୟରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନକ୍ରମେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଲେ । ଏଥିପାଇଁ ତାଙ୍କୁ ବହୁବାର କାରାବରଣ କରିବାକୁ ପଡ଼ିଥିଲା । ସେ ଓଡ଼ିଶାର ପ୍ରଧାନମନ୍ତ୍ରୀ, ପ୍ରଦେଶ କଂଗ୍ରେସ କମିଟିର ସଭାପତି, ପ୍ରଥମ ଓଡ଼ିଆ କେନ୍ଦ୍ରମନ୍ତ୍ରୀ, ଅବିଭକ୍ତ ବମ୍ବେ ରାଜ୍ୟର ରାଜ୍ୟପାଳ, କଂଗ୍ରେସ ପାର୍ଲ୍ୟାମେଣ୍ଟ ପାର୍ଟିର ଉପନେତା ଓ ଜନ କଂଗ୍ରେସର ପ୍ରତିଷ୍ଠାତା ଥିଲେ । ତାଙ୍କଦ୍ୱାରା ଭୁବନେଶ୍ୱରର ନୂଆ ରାଜଧାନୀ, ହୀରାକୁଦ ବନ୍ଧ ପ୍ରତିଷ୍ଠା ଆଦି ବହୁ ଉନ୍ନୟନ କାର୍ଯ୍ୟ ହୋଇଥିଲା । ସେ 'ପ୍ରଜାତନ୍ତ୍ର' ଦୈନିକ ପତ୍ରିକା, 'ଝଙ୍କାର' ମାସିକ ସାହିତ୍ୟ ପତ୍ରିକା ଓ 'ମୀନା ବଜାର' ଶିଶୁ ପତ୍ରିକା ଏବଂ 'ଇଷ୍ଟର୍ଣ୍ଣ ଟାଇମ୍‌ସ' ଇଂରାଜୀ ଦୈନିକର ପ୍ରାଣ ପ୍ରତିଷ୍ଠାତା । ସେ ନବ ଉତ୍କଳର ନିର୍ମାତା ଓ ଅନେକ ଉପନ୍ୟାସ, କବିତା, ଗଳ୍ପର ସଫଳ ସ୍ରଷ୍ଟା ।

Digitized by srujan ka@gmail.com

ଅପର୍ଣ୍ଣା ଦେବୀ

୧୮୯୯ — ୧୯୬୩

ପୁରୁଷଙ୍କ ତୁଳନାରେ ନାରୀ ସାହିତ୍ୟ ଜଗତରେ ଖୁବ୍ କମ୍ ଲେଖନୀ ଚାଳନା କରିଥିବା ଦେଖିବାକୁ ମିଳେ । ସମାଜର ରକ୍ଷଣଶୀଳତା ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସରତା ହେତୁ ନାରୀ ଆଶାଜନକ ଭାବେ ଆଗେଇ ଆସି ନ ଥିବା ମନେହୁଏ । ସେହିଭଳି ପରିସ୍ଥିତିରେ କବି, ଲେଖିକା ଅପର୍ଣ୍ଣା ଦେବୀଙ୍କ ଆବିର୍ଭାବ ନିଶ୍ଚିତ ଭାବେ ବିସ୍ମୟକର । ପୁରୀ ଜିଲ୍ଲାର ବୀର ବଳଭଦ୍ରପୁର ଶାସନରେ ତାଙ୍କର ଜନ୍ମ । ବିଶେଷ ଭାବେ ଆନୁଷ୍ଠାନିକ ଶିକ୍ଷାର ଅଧିକାରିଣୀ ନ ହୋଇଥିଲେ ମଧ୍ୟ ସେ ଅପାର ଈଶ୍ୱର-ଦତ୍ତ କଳାର ଅଧିକାରିଣୀ ଥିଲେ । କବିତା ଏକ ସହଜାତ ବିଭବ ରୂପେ ତାଙ୍କଠାରେ ଦେଖାଦେଇଥିଲା । ସାରା ଜୀବନ ନିରଳସ ତପସ୍ୱିନୀ ଭଳି ସେ ଯେଉଁ ସାଧନା କରିଥିଲେ ତାହାର ଫଳ ଥିଲା- କବିତାଞ୍ଜଳି, ବାରମାସୀ, ଦେବୀରାଣୀ, ଇନ୍ଦୁମତୀ, ଚିନ୍ତା, ଶତଦଳ ଆଦି କବିତା ଗ୍ରନ୍ଥ । ତାଙ୍କର ଗଳ୍ପ ଗ୍ରନ୍ଥ ଦୁଇଟି କାହାଣୀଧର୍ମୀ ହେଲେ ମଧ୍ୟ ଓଡ଼ିଶାରେ ତାହା ଅତ୍ୟନ୍ତ ଲୋକପ୍ରିୟ । ସେ ଦୁଇଟି ହେଲା- 'ଦଶକୁମାର ଚରିତ' ଓ 'ଦଶକୁମାରୀ ଚରିତ' । ଉପନ୍ୟାସ କ୍ଷେତ୍ରରେ ଲେଖନୀ ଚାଳନାକରି ସେ ମଧ୍ୟ ସଫଳତା ଅର୍ଜନ କରିଥିବା ଲକ୍ଷ୍ୟ କରାଯାଏ । 'ବନମାଳତୀ' ତାଙ୍କର ବହୁଚର୍ଚ୍ଚିତ ଉପନ୍ୟାସ । ଜନପ୍ରିୟତା ଓ ସଫଳତା ଅପର୍ଣ୍ଣା ଦେବୀଙ୍କ ସୃଷ୍ଟିର ଦୁଇଟି ଉଲ୍ଲେଖଯୋଗ୍ୟ ଦିଗ ।

Digitized by srujan ka@gmail.com

ଉତ୍କଳ-ଭାରତୀ କୁନ୍ତଳାକୁମାରୀ ସାବତ

୧୯୦୦ — ୧୯୩୮

ଉତ୍କଳ-ଭାରତୀ କୁନ୍ତଳାକୁମାରୀ ସାବତ ଜଣେ ବିସ୍ମୟକାରୀ ପ୍ରତିଭା । ଜନ୍ମ-ବସ୍ତର, ମଧ୍ୟପ୍ରଦେଶ । ଖ୍ରୀଷ୍ଟ ଧର୍ମାବଲମ୍ବୀ ପିତା ଦାନିଏଲ୍ ସାବତଙ୍କ ସହ ଶୈଶବ କଟିଥିଲା ସୁଦୂର ବର୍ମାରେ । ୯ ବର୍ଷ ବୟସରେ ଓଡ଼ିଶା ଆସି ଓଡ଼ିଆ ଶିକ୍ଷା । କଟକର ତତ୍କାଳୀନ ମେଡିକାଲ ସ୍କୁଲରୁ ଡାକ୍ତରୀ ଶିକ୍ଷାଲାଭ ପରେ ଦିଲ୍ଲୀ ସହରକୁ ସେବାର କର୍ମକ୍ଷେତ୍ର ରୂପେ ବାଛି ନେଇଥିଲେ । ସେ ଆର୍ଯ୍ୟ ସମାଜରେ ବିବାହ କରିଥିଲେ ବ୍ରହ୍ମଚାରୀଙ୍କୁ । ନାନା କାରଣରୁ ତାଙ୍କ ଜୀବନ, ଯନ୍ତ୍ରଣାରେ ହୋଇ ଉଠିଥିଲା ତିକ୍ତ ତଣ୍ଡୁଳିତ । ଜୀବନାନୁଭୂତିରେ ରସାଣିତ ହୋଇ ତାଙ୍କ କୃତି ଅତ୍ୟନ୍ତ ଜୀବନ୍ତ ଓ ମର୍ମସ୍ପର୍ଶୀ ହୋଇପାରିଥିଲା । ଅଞ୍ଜଳି, ଅର୍ଚ୍ଚନା, ଉଚ୍ଛ୍ୱାସ, ସ୍ଫୁଲିଙ୍ଗ ଓ ପ୍ରେମ ଚିନ୍ତାମଣି ଆଦି ତାଙ୍କର କାବ୍ୟଗ୍ରନ୍ଥ ମାନବିକ ସଂପ୍ରୀତି, ଭକ୍ତି ଭାବନା, ପ୍ରକୃତି ପ୍ରୀତି ଓ ଦେଶାତ୍ମବୋଧରେ ଉଦ୍‌ବେଳିତ । ଭ୍ରାନ୍ତି, କାଳୀବୋହୂ, ପରଶମଣି, ନଅତୁଣ୍ଡୀ ଭଳି ତାଙ୍କର ଉପନ୍ୟାସ ନାରୀ ସଚେତନତାର ମୁକ୍ତ ଇସ୍ତାହାର । ସେ ଅନେକ ହିନ୍ଦୀ ପତ୍ରିକାର ସଂପାଦିକା ଥିଲେ ଏବଂ ହିନ୍ଦୀରେ 'ବରମାଳା' ନାମକ ଉପନ୍ୟାସ ଲେଖିଥିଲେ । ୧୯୨୫ ମସିହାରେ ମହିଳାବନ୍ଧୁ ସମିତି କୁନ୍ତଳାଙ୍କୁ 'ଉତ୍କଳ-ଭାରତୀ' ଉପାଧିରେ ଭୂଷିତ କରିଥିଲେ । ଓଡ଼ିଆ ସାହିତ୍ୟରେ କୁନ୍ତଳାକୁମାରୀ ଏକ ଗୌରବୋଜ୍ଜ୍ୱଳ ନାମ ।

Digitized by srujan ka@gmail.com

ଶିଳ୍ପୀଗୁରୁ ବିଦ୍ୟାଧର ବର୍ମା

୧୯୦୧ — ୧୯୫୩

ଓଡ଼ିଶାର ଶିଳ୍ପକଳା ଗଗନର ଉଜ୍ଜ୍ୱଳ ପ୍ରଭାତୀତାରା ହେଲେ ଶିଳ୍ପୀଗୁରୁ ବିଦ୍ୟାଧର ବର୍ମା । କଟକ ଜିଲ୍ଲାର ସୁବିଖ୍ୟାତ ପଲ୍ଲୀ ଗ୍ରାମ କୁସୁପୁରରେ ତାଙ୍କର ଜନ୍ମ । ଯଥାର୍ଥରେ ସେ ଓଡ଼ିଶାର ପ୍ରଥମ କଳାଶିଳ୍ପୀ । କୌଣସି ଶିକ୍ଷାନୁଷ୍ଠାନରୁ ସେ ଚାରୁକଳା ସମ୍ବନ୍ଧରେ ଶିକ୍ଷା ଲାଭ କରି ନ ଥିଲେ ମଧ୍ୟ ଅବନୀନ୍ଦ୍ରନାଥଙ୍କ ଚିତ୍ରକଳା ପଦ୍ଧତି ତାଙ୍କ ନିକଟରେ ଆଦର୍ଶ ହୋଇପଡ଼ିଥିଲା । ଦୃଷ୍ଟିକୋଣର ନୂତନତା ହେତୁ ସେ ନୂତନ ମାର୍ଗ ସୃଷ୍ଟି କରିବାରେ ସହାୟକ ହୋଇଥିଲେ । ନିଖୁଣ ବାସ୍ତବଧର୍ମୀ ଚିତ୍ର ଅଙ୍କନକରି ସେ ସର୍ବତ୍ର ପ୍ରଶଂସା ଭାଜନ ହୋଇ ପାରିଥିଲେ । 'ପଲ୍ଲୀ ବଧୂ' ତାଙ୍କର ସର୍ବଶ୍ରେଷ୍ଠ କଳାକୃତି । ସମକାଳୀନ ସମାଜ, ପ୍ରାକୃତିକ ପରିପାର୍ଶ୍ୱ ଓ ପୌରାଣିକ ଘଟଣାବଳୀ ତାଙ୍କ କଳା ପରିଧିଭୁକ୍ତ ହୋଇଥିଲା । ଜଣେ ସାହିତ୍ୟିକ ଭାବରେ 'ପତିପତ୍ନୀ' ଉପନ୍ୟାସ ତାଙ୍କର ବେଶ୍ ଆଦୃତ ହୋଇଥିଲା । ସେ ମଧ୍ୟ ଅନେକ କବିତାର ସ୍ରଷ୍ଟା । ଜୀବନରେ ଅବିବାହିତ ରହିବା ଓ କଳା ପାଗଳାମି ଦେଖାଇବା ଥିଲା ତାଙ୍କର ଅନ୍ୟତମ ଲକ୍ଷ୍ୟ । ସାହିତ୍ୟ ଅପେକ୍ଷା କଳାକ୍ଷେତ୍ରରେ ତାଙ୍କର ସୁନାମ ସୁବିଦିତ ।

Digitized by srujan ka@gmail.com

ବିଚ୍ଛନ୍ଦ ଚରଣ ପଟ୍ଟନାୟକ

୧୯୦୧ — ୧୯୬୧

ସ୍ୱାଭିମାନୀ, ସଂସ୍କୃତିପ୍ରେମୀ ଓ ମାତୃଭାଷାପ୍ରେମୀ ଭାବରେ ବିଚ୍ଛନ୍ଦ ଚରଣ ପଟ୍ଟନାୟକ ଓଡ଼ିଶାରେ ଏକ ସ୍ୱତନ୍ତ୍ର ଆସନ ଦାବି କରନ୍ତି । ଆଧୁନିକ ଖୋର୍ଦ୍ଧା ଜିଲ୍ଲାର ଛାଆଁଳାଠାରେ ତାଙ୍କର ଜନ୍ମ । ଉଚ୍ଚ ଶିକ୍ଷା ଲାଭ ପରେ କଟକ ସହର ହୋଇଥିଲା ତାଙ୍କର କର୍ମଭୂମି । ସେ ୧୯୪୫ ମସିହାରେ 'କଳିଙ୍ଗ ଭାରତୀ' ଅନୁଷ୍ଠାନ ଗଠନ କରିଥିଲେ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଧରି । ଏହାରି ମାଧ୍ୟମରେ ସେ ପ୍ରାଚୀନ ଓଡ଼ିଆ ସାହିତ୍ୟ, ଉତ୍କଳୀୟ ସଂସ୍କୃତି ଓ ବିଶେଷ ଭାବରେ ଭଞ୍ଜ ସାହିତ୍ୟର ପ୍ରଚାର ଓ ପ୍ରସାର କରିବାକୁ ସଙ୍କଳ୍ପବଦ୍ଧ ହୋଇଥିଲେ । ସେ ଥିଲେ ଭଞ୍ଜ ସାହିତ୍ୟର ଜଣେ ସୁଦକ୍ଷ ଗବେଷକ ଓ ବାଗ୍ମୀ ବ୍ୟାଖ୍ୟାକାର । ତାଙ୍କର ସାରସ୍ୱତ କୃତିଗୁଡ଼ିକ ମଧ୍ୟରେ କବିତା କୁମୁଦ, ଭାବିନୀ ଭବନ, ଭଞ୍ଜପ୍ରଭା, କବି ସମ୍ରାଟ୍ ସ୍ମରଣିକା, ଗୌରଚରଣ ପଦାବଳୀ, ଓଡ଼ିଆ ସାହିତ୍ୟର ଇତିହାସ ଏବଂ ବହୁ ଜଗନ୍ନାଥ ଭଜନ ଓ ଜଣାଣ ଅନ୍ତର୍ଭୁକ୍ତ । 'ପ୍ରାଚୀ' ନାମକ ଗୋଟିଏ ଇଂରାଜୀ ପତ୍ରିକା ମଧ୍ୟ ସେ ସଂପାଦନା କରୁଥିଲେ । ପ୍ରାଚୀନ ଓଡ଼ିଆ ସାହିତ୍ୟ-ସଂସ୍କୃତି ପ୍ରେମୀ ଯୁବ-ସଂପ୍ରଦାୟ ପାଇଁ ସେ ଥିଲେ ପ୍ରେରଣାର ଉତ୍ସ । 'ଉତ୍କଳ ସାହିତ୍ୟ ସମାଜ'ର କର୍ମକର୍ତ୍ତା ଭାବରେ ସେ ଅନେକ ବର୍ଷ କାର୍ଯ୍ୟ କରିଥିଲେ । ସଂଗଠନ କ୍ଷେତ୍ରରେ ତାଙ୍କ ଦକ୍ଷତା ପ୍ରଶଂସନୀୟ ।

Digitized by srujan ka@gmail.com

ପଣ୍ଡିତ ଭୁବନେଶ୍ୱର ମିଶ୍ର

୧୯୦୧ — ୧୯୬୯

ପଣ୍ଡିତ ଭୁବନେଶ୍ୱର ମିଶ୍ର ପୁରୀ ଜିଲ୍ଲା ବୀର ପୁରୁଷୋତ୍ତମପୁର ଶାସନରେ ଜନ୍ମ । ପିତା-ମୃତ୍ୟୁଞ୍ଜୟ ମିଶ୍ର । ପୁରୀ ବାଲିଖଣ୍ଡରୁ ଭର୍ଣ୍ଣାକୁଲାର ପାସ୍‌କରି ୧୯୧୮ରେ କଟକ ନର୍ମାଲ୍ ଟ୍ରେନିଂ ସ୍କୁଲରେ ଯୋଗଦେଲେ । ତା'ପରେ ସେ କଟକ ମିଶନ୍ ହାଇସ୍କୁଲରେ ଶିକ୍ଷକ ରୂପେ ନିଯୁକ୍ତି ପାଇଲେ । ମିଶନ୍ ସ୍କୁଲ୍ ଛାଡ଼ି ରାଇରଙ୍ଗପୁରରେ ପରିଦର୍ଶକ ପଣ୍ଡିତ ଭାବେ ଯୋଗଦେଲେ । ଉତ୍କଳମଣି ଗୋପବନ୍ଧୁଙ୍କ ନିର୍ଦ୍ଦେଶରେ ସେ କର୍ମ ଛାଡ଼ି ସତ୍ୟବାଦୀ ପ୍ରେସରେ ପ୍ରୁଫ୍‌ରିଡର ଭାବେ ରହିଲେ । ସରକାରୀ ଚାପରେ 'ସମାଜ' ବନ୍ଦ ହୋଇଯିବା ଯୋଗୁଁ ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ସେ କାଠ ବ୍ୟବସାୟ କରିଥିଲେ କଣ୍ଟିଲୋରେ ରହି । ପ୍ରେସ କାମରେ ଅନୁଭୂତି ଥିବାରୁ ପରବର୍ତ୍ତୀ କାଳରେ ସେ ନିଜର ଛାପାଖାନା ଓ ପ୍ରକାଶନ ସଂସ୍ଥା ଗଢ଼ିଲେ । ଝଡ଼ ଝଞ୍ଜାମୟ ଜୀବନକାଳ ମଧ୍ୟରେ ସାହିତ୍ୟ ସାଧନା ଥିଲା ତାଙ୍କର ଅବଲମ୍ବନ । ସେ ଜଣେ ବହୁମୁଖୀ ପ୍ରତିଭାଧାରୀ ସ୍ରଷ୍ଟା । ସେ କାବ୍ୟ-କବିତା, ଗଳ୍ପ, ଉପନ୍ୟାସ, ନାଟକ ଓ ପ୍ରବନ୍ଧ ରଚନାରେ ସିଦ୍ଧି ପ୍ରଦର୍ଶନ କରିଯାଇଛନ୍ତି । ପ୍ରତିଜ୍ଞା, ଭବାନୀ, ପ୍ରକ୍ଷାଳନ, ବଳିଧାରା, କଥନିକା, ଅରଜ ସୁନାମ, କୈଶୋରିକା, ସମୀକ୍ଷା (କାବ୍ୟ କବିତା), ସେବା, ନବଯୁଗ୍ମ (ଉପନ୍ୟାସ), ସଂସ୍କାର ପଞ୍ଚକ (ଗଳ୍ପ), ବନାଙ୍ଗୀ (ନାଟକ) ଆଦି ଗ୍ରନ୍ଥର ସେ ଯଶସ୍ୱୀ ସ୍ରଷ୍ଟା । ଏହା ବ୍ୟତୀତ ସେ ଅଜସ୍ର ପାଠ୍ୟ ପୁସ୍ତକର ପ୍ରଣେତା ।

Digitized by srujan ka@gmail.com

ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ

୧୯୦୧ — ୧୯୭୮

ଲବ୍ଧପ୍ରତିଷ୍ଠ ସାହିତ୍ୟିକ ବାନାମ୍ବର ଆଚାର୍ଯ୍ୟ ନିଜର ଗବେଷଣାତ୍ମକ କାର୍ଯ୍ୟପାଇଁ ସୁପରିଚିତ । ସେ ଉଭୟ ସଂସ୍କୃତ ଓ ଓଡ଼ିଆ ଭାଷାରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ । କଟକ ଜିଲ୍ଲାର ବେଣ୍ଟକାରଠାରେ ତାଙ୍କର ଜନ୍ମ । ସଂସ୍କୃତ ସାହିତ୍ୟରେ ବିଦ୍ୱତ୍ତା ଯୋଗୁଁ ସେ ବହୁ ମୌଳିକ ସଂସ୍କୃତ ଗ୍ରନ୍ଥର ବ୍ୟାଖ୍ୟା ସହ ଶୁଦ୍ଧ ସଂପାଦନା କରିଥିଲେ । ଏ କ୍ଷେତ୍ରରେ ତାଙ୍କର ମୌଳିକତା ଓ ବିଶେଷତ୍ୱ ଉଲ୍ଲେଖନୀୟ । କଟକ ସହରରେ ଦୀର୍ଘ ଅବସ୍ଥାନ ଯୋଗୁଁ ସେ ଅନେକ ସାଂସ୍କୃତିକ କାର୍ଯ୍ୟକଳାପ ସହ ଜଡ଼ିତ ହୋଇପଡ଼ିଥିଲେ । ଏହି ସ୍ୱନାମଧନ୍ୟ ଗବେଷକଙ୍କ ଜୀବନବ୍ୟାପୀ ସାରସ୍ୱତ ସାଧନାର ଫଳଶ୍ରୁତି ହେଉଛି ରସ କଳ୍ପଦ୍ରୁମ, ସଙ୍ଗୀତ ମୁକ୍ତାବଳୀ, ଭକ୍ତି ବିନୋଦ, ଅମ୍ବିକା ବିଳାସ, ଭଞ୍ଜ ମହୋଦୟ, ରସ ମୁକ୍ତାବଳୀ, ରାମ ଗାଥା, ସହୃଦୟାନନ୍ଦ ଆଦି ଗ୍ରନ୍ଥ । ତାଙ୍କ ଗବେଷଣାର ଦୃଷ୍ଟିକୋଣ ଯେପରି ଅଭିନବ, ତଥ୍ୟ ଉପସ୍ଥାପନା ସେହିପରି ନୂତନ ଭାବଦ୍ୟୋତକ । ଉଭୟ ଓଡ଼ିଆ ଓ ସଂସ୍କୃତ ଗ୍ରନ୍ଥ ସଂପାଦନା କଲାବେଳେ ତାଙ୍କର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ପରିଚୟ ମିଳେ । ଭରତଙ୍କ ନାଟ୍ୟଶାସ୍ତ୍ରର ଟୀକାସହ ସଂପାଦନା କଲାବେଳେ ପଣ୍ଡିତ ଆଚାର୍ଯ୍ୟଙ୍କ ଦୃଷ୍ଟିଭଙ୍ଗୀର ସ୍ୱରୂପ ଜାଣିବାକୁ ମିଳେ ।

Digitized by srujan ka@gmail.com

ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନ

୧୯୦୧ — ୧୯୮୩

ନିଜର ମଧୁର ସ୍ୱର ଝଙ୍କାରରେ ଓଡ଼ିଶାର ପୁରପଲ୍ଲୀ ଓ ସହରକୁ ମୁଖରିତ କରି ଆସିଥିବା ଅତ୍ୟନ୍ତ ଜନପ୍ରିୟ ସଙ୍ଗୀତ ଶିଳ୍ପୀ ଥିଲେ ନିମାଇଁ ଚରଣ ହରିଚନ୍ଦନ । ଏହି ବିଶିଷ୍ଟ କଣ୍ଠଶିଳ୍ପୀ ବାସ୍ତବରେ ଥିଲେ ଓଡ଼ିଶାର ଭକ୍ତି ସଙ୍ଗୀତର ସମ୍ରାଟ୍ । ନିଜର ଶୈଳୀ ସ୍ୱାତନ୍ତ୍ର୍ୟପାଇଁ ସେ ସଙ୍ଗୀତ ଜଗତରେ ସୁପରିଚିତ । ସେ କେନ୍ଦ୍ରାପଡ଼ାର ଏକ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ । କର୍ମପ୍ରେରଣାରେ କଟକ ସହର ପାଲଟି ଯାଇଥିଲା ତାଙ୍କ ସାଧନାର ରମ୍ୟ-କେନ୍ଦ୍ର । ୧୯୨୫ ମସିହାରୁ ସେ ନିରବଚ୍ଛିନ୍ନ ଭାବରେ ଉତ୍କଳୀୟ ସଂସ୍କୃତିର ମୁଗ୍ଧ ନାନ୍ଦୀକାର ସାଜିଥିଲେ । ପ୍ରାଚୀନ ଓଡ଼ିଆ ଭଜନ, ଜଣାଣ, ଛାନ୍ଦ, ଚଉତିଶାକୁ ତାଙ୍କର ଉଦାତ୍ତ ସ୍ୱରରେ ବାନ୍ଧିରଖି ସେ ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲେ । ଜଗନ୍ନାଥ ଜଣାଣ ଓ ଭଜନ ଗାଇବାରେ ସେ ଓଡ଼ିଶାର ଅଦ୍ୱିତୀୟ ବରପୁତ୍ର । ତାଙ୍କ କଣ୍ଠର ମାଧୁର୍ଯ୍ୟ ଓ ସ୍ୱାଭାବିକତା ମଧ୍ୟ ଅତୁଳନୀୟ । ଲଳିତ କଣ୍ଠସ୍ୱର ପାଇଁ ତାଙ୍କୁ ଲୋକେ 'ବାଣୀକଣ୍ଠ' ଉପାଧିରେ ଭୂଷିତ କରିଥିଲେ । ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରାରେ ଭଜନ ବୋଲୁଥିଲାବେଳେ ସେହି ପୁରୀ ଧାମରେ ତାଙ୍କର ଦେହାନ୍ତ ହୋଇଥିଲା । ଲୋକେ ତାଙ୍କ ଭଜନ-ରେକର୍ଡଗୁଡ଼ିକ ଧାର୍ମିକ ସଂପତ୍ତି ମନେକରି ଘରେ ଘରେ ସାଇତି ରଖିଛନ୍ତି ।

Digitized by srujan ka@gmail.com

କାଳିନ୍ଦୀଚରଣ ପାଣିଗ୍ରାହୀ

୧୯୦୧ — ୧୯୯୨

ସବୁଜ-ଚେତନାର ସର୍ବଶ୍ରେଷ୍ଠ ସାରଥି ଭାବରେ ସୁସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀ ବିଖ୍ୟାତ । ପୁରୀ ଜିଲ୍ଲାର ବିଶ୍ୱନାଥପୁର ଶାସନରେ ତାଙ୍କର ଜନ୍ମ । ରେଭେନ୍ସା କଲେଜରେ ବି.ଏ. ପଢୁଥିବା ସମୟରେ ସେ ଅନ୍ୟ ଚାରିଜଣ ବନ୍ଧୁଙ୍କ ସହ 'ନନ୍‌ସେନ୍ସ କ୍ଲବ୍' ଗଢ଼ିଥିଲେ ଓ ସବୁଜ ଯୁଗର ଅଗ୍ରଣୀ ବାର୍ତ୍ତାବହ ହୋଇଥିଲେ । କାଳିନ୍ଦୀଚରଣଙ୍କ ସାହିତ୍ୟ ଓ ସାଂସ୍କୃତିକ ଜୀବନ ପରିଧି ବିପୁଳ ତଥା ସୁପରିବ୍ୟାପ୍ତ । ସେ ଏକାଧାରରେ କବି, ଗାଳ୍ପିକ, ଔପନ୍ୟାସିକ; ପ୍ରାବନ୍ଧିକ, ନାଟ୍ୟକାର, ଗୀତିକାର, ଅନୁବାଦକ ଓ ପାଠ୍ୟପୁସ୍ତକ ଲେଖକ । ତାଙ୍କପରି ନିଷ୍ଠାପର ସାହିତ୍ୟ ସେବକ ଓ ଦରଦୀ ବ୍ୟକ୍ତି ଏ ଯୁଗରେ ବିରଳ । ସବୁଜ ଚେତନାମୁକ୍ତ ହୋଇ ସ୍ରଷ୍ଟା ପରବର୍ତ୍ତୀ କାଳରେ ସାମ୍ୟବାଦୀ ଚେତନାର ମାନ୍ତ୍ରିକ ପାଲଟିଥିବା ଲକ୍ଷ୍ୟ କରାଯାଏ । ଛୁରୀଟିଏ ଲୋଡ଼ା, ମନେ ନାହିଁ, ମହାଦୀପ, କ୍ଷଣିକ ସତ୍ୟ, ମୋ କବିତା ଆଦି କାବ୍ୟ ସଂକଳନ ଏକାନ୍ତ ସ୍ମରଣୀୟ । ମାଟିର ମଣିଷ, ଲୁହାର ମଣିଷ, ଆଜିର ମଣିଷ, ମୁକ୍ତାଗଡ଼ର କ୍ଷୁଧା ଓ ଅମରଚିତା କାଳଜୟୀ ଉପନ୍ୟାସ । ସାଗରିକା, ରାଶିଫଳ, ଶେଷରଶ୍ମି, ଦ୍ୱାଦଶୀ, ମୋ କଥାଟି ସରିନାହିଁ ଆଦି ଗଳ୍ପ ସଂକଳନ ଅତ୍ୟନ୍ତ ଜନପ୍ରିୟ । ସୃଜନଧର୍ମୀ ଗଦ୍ୟ ରଚନାରେ ତାଙ୍କ ଦକ୍ଷତା ସୁବିଦିତ । ସେ କିଛିବର୍ଷ 'ଉତ୍କଳ ସାହିତ୍ୟ ସମାଜ'ର ସଭାପତି ଥିଲେ ।

Digitized by srujan ka@gmail.com

ପଣ୍ଡିତ ଶ୍ରୀଧର ଦାସ

୧୯୦୧ — ୧୯୮୮

ନିଜ ଶିଙ୍ଗରେ ମାଟି ତାଡ଼ି ମଣିଷ ଭଳି ମଣିଷଟିଏ ହୋଇଥିବା ଜଣେ ଆଦର୍ଶ ବ୍ୟକ୍ତି ହେଲେ ପଣ୍ଡିତ ଶ୍ରୀଧର ଦାସ । ପୁରୀ ଜିଲ୍ଲାର କାକଟପୁର ନିକଟସ୍ଥ ଏକ ଗ୍ରାମୀଣ ପରିବେଶରେ ତାଙ୍କର ଜନ୍ମ । ଦାରିଦ୍ର୍ୟ ଥିଲା ତାଙ୍କର ଚିର ସହଚର । ପିଲାଟି ଦିନରୁ ମେଧା-ବୃତ୍ତି ତାଙ୍କୁ ପାଠ ପଢ଼ିବାରେ ସହାୟକ ହୋଇଥିଲା । 'ସୁଅ ମୁହଁର ପତର' ହେଉଛି ତାଙ୍କର ସୁନ୍ଦର ସୁଖପାଠ୍ୟ ଆତ୍ମଜୀବନୀ । ଏହି ମର୍ମସ୍ପର୍ଶୀ ସୁଖପାଠ୍ୟ ଜୀବନୀ ପାଠ କଲେ ତାଙ୍କ ଘାତ-ପ୍ରତିଘାତମୟ ଜୀବନ ସମ୍ପର୍କରେ ସ୍ପଷ୍ଟ ଧାରଣା କରିହେବ । ଟିଉସନ ମାଷ୍ଟର, ସ୍କୁଲ ଶିକ୍ଷକ, ରାଜ-ରାଜୁଡ଼ାଙ୍କ କର୍ମଚାରୀଠାରୁ ଆରମ୍ଭକରି ଖ୍ରୀଷ୍ଟ କଲେଜରେ ଅଧ୍ୟାପନା ତାଙ୍କ କର୍ମମୟ ଜୀବନର କେତୋଟି ଅଭୁଲା ପାହାଚ । ଓଡ଼ିଆ ଭାଷା-ସାହିତ୍ୟର ଅଧ୍ୟାପକ ଭାବରେ ସେ ୩୮ ଖଣ୍ଡ ପାଠ୍ୟପୁସ୍ତକ, ୭୨ ଖଣ୍ଡ ଅନୁବାଦ ଗ୍ରନ୍ଥ, ୭ ଖଣ୍ଡ ଗ୍ରନ୍ଥ ସଂପାଦନା ଓ ୫ ଖଣ୍ଡ ଜୀବନୀ ଗ୍ରନ୍ଥ ରଚନାକରି ଯାଇଛନ୍ତି । ତାଙ୍କର ବ୍ୟାକରଣ ଓ ଅଭିଧାନ ଗ୍ରନ୍ଥ ବିଶେଷ ପ୍ରଣିଧାନଯୋଗ୍ୟ । ଅନୁବାଦପାଇଁ ତାଙ୍କୁ ସୋଭିଏତ୍ ଦେଶ ପୁରସ୍କାର ଏବଂ ସାମଗ୍ରିକ ସାହିତ୍ୟ କୃତିପାଇଁ 'ଉତ୍କଳ ସାହିତ୍ୟ ସମାଜ' ହୀରକ ଜୟନ୍ତୀ ସମ୍ମାନ ମିଳିଥିଲା । ମାତ୍ର ଆନୁଷ୍ଠାନିକ ସ୍ୱୀକୃତି ଅପେକ୍ଷା ଜନସାଧାରଣଙ୍କ ସ୍ୱୀକୃତିକୁ ସେ ଉଚ୍ଚତର ମନେ କରୁଥିଲେ ।

Digitized by srujan ka@gmail.com

ସୀତାଦେବୀ ଖାଡ଼ଙ୍ଗା

୧୯୦୨ — ୧୯୮୩

ସୁଲେଖିକା ସୀତାଦେବୀ ଖାଡ଼ଙ୍ଗାଙ୍କ ଜୀବନ କାହାଣୀ ଖୁବ୍ ଚମତ୍କାର ଓ ରୋମାଞ୍ଚକର । ସେ ନିଜ ଜୀବନ ବିଦ୍ୟାଳୟର ଛାତ୍ରୀ । ନିଜ ଶିଙ୍ଗରେ ମାଟି ତାଡ଼ି ଶିକ୍ଷାର ଉଜ୍ଜ୍ୱଳ ଆଲୋକ ସେ ଦେଖିଥିଲେ । ଗଞ୍ଜାମ ଜିଲ୍ଲାର ଆସିକାଠାରେ ତାଙ୍କର ଜନ୍ମ । ପିତା ହରିହର ପଣ୍ଡା ଜଣେ ସମ୍ଭ୍ରାନ୍ତ ଓ ବିଭବଶାଳୀ ବ୍ୟକ୍ତି । ଅତି ଅଳ୍ପ ବୟସରେ ସୀତାଦେବୀଙ୍କ ବିବାହ ହୋଇଥିଲା ବାଞ୍ଛାନିଧି ଖାଡ଼ଙ୍ଗାଙ୍କ ସହିତ । ସୀତାଦେବୀଙ୍କ ପୁତ୍ର ମଧୁସୂଦନ ଖାଡ଼ଙ୍ଗା ଜଣେ ଖ୍ୟାତନାମା ଶଲ୍ୟ-ଚିକିତ୍ସକ । ନିଜ ଚେଷ୍ଟାରେ ଓଡ଼ିଆ, ବଙ୍ଗଳା ଓ ସଂସ୍କୃତ ପଢ଼ି ସାହିତ୍ୟ ପ୍ରତି ସେ ଆକୃଷ୍ଟ ହୋଇପଡ଼ିଥିଲେ । ଗାଳ୍ପିକ ଅନନ୍ତ ପ୍ରସାଦ ପଣ୍ଡାଙ୍କ ଉତ୍ସାହରେ ସେ ସାହିତ୍ୟ ସୃଷ୍ଟିରେ ଆଗ୍ରହୀ ହୋଇଥିଲେ । ସମୟକ୍ରମେ ସେ ଲେଖିଲେ ଅନେକ ଗଳ୍ପ, ପ୍ରବନ୍ଧ, ନାଟକ ଓ ଉପନ୍ୟାସ । 'ସୀତାଦେବୀ ଗ୍ରନ୍ଥାବଳୀ' ୧ମ ଖଣ୍ଡରେ ତାଙ୍କର ତିନୋଟି ଉପନ୍ୟାସ ସ୍ଥାନିତ ହୋଇଛି ଏବଂ ଜୀବନସ୍ମୃତି ପ୍ରକାଶିତ । ତାଙ୍କଦ୍ୱାରା ଲିଖିତ 'ପୋଷ୍ୟପୁତ୍ର' ଉପନ୍ୟାସଟି ଅତ୍ୟନ୍ତ ଜନପ୍ରିୟ । ଗାନ୍ଧିଜୀଙ୍କ ହରିଜନ ଆନ୍ଦୋଳନକୁ କେନ୍ଦ୍ରକରି ରଚିତ ନାଟକ 'ମନ୍ଦିର ପ୍ରବେଶ' ବହୁ ଚର୍ଚ୍ଚିତ । ସମୟର ପ୍ରାଣସ୍ପନ୍ଦନକୁ ମାପି, ରକ୍ଷଣଶୀଳ ସମାଜ ବ୍ୟବସ୍ଥାକୁ ଅତିକ୍ରମକରି ସେ ଯେଉଁ ସାହିତ୍ୟ-ସଂପଦ ଛାଡ଼ି ଯାଇଛନ୍ତି ତାହା ଅବିସ୍ମରଣୀୟ ।

Digitized by srujan ka@gmail.com

ଚିର-ଶିଶୁ ଉପେନ୍ଦ୍ର ତ୍ରିପାଠୀ

୧୯୦୩ — ୧୯୯୪

ସାରା ଜୀବନକୁ ସାହିତ୍ୟ ସାଧନାର ଏକ ତପୋଭୂମି କରିଥିବା ଅସାଧାରଣ ପ୍ରତିଭାଧାରୀ ବ୍ୟକ୍ତି ହେଲେ ଉପେନ୍ଦ୍ର ତ୍ରିପାଠୀ । ଜଣେ ପ୍ରତିଷ୍ଠିତ ଶିଶୁ-ସାହିତ୍ୟିକ ଭାବରେ ତାଙ୍କର ଖ୍ୟାତି ଅନେକ । ଯାଜପୁର ଜିଲ୍ଲାର ଧର୍ମଶାଳା ଥାନା ଅନ୍ତର୍ଗତ ମୁରାରିପୁର ଗ୍ରାମରେ ତାଙ୍କର ଜନ୍ମ । ସେ ମୂଳବସନ୍ତରେ ରହି କୋଠପଦା ସ୍କୁଲରେ ପାଠ ପଢ଼ିଥିଲେ । ମାଇନର ପାସ୍ କଲାପରେ ସେ ଟ୍ରେନିଂ ନେଇ ଶିକ୍ଷକତା ଆରମ୍ଭ କରିଥିଲେ । ଶିକ୍ଷକତା କର୍ମ କରିବା ମଧ୍ୟରେ ଲେଖାଲେଖି କରିବାକୁ ସେ ଅନ୍ୟ ଏକ ଦାୟିତ୍ୱ ବୋଲି ମନେ କରିଥିଲେ । ୧୯୨୪ ମସିହା ବେଳକୁ ତାଙ୍କ ଲେଖା ସହକାର, ପଞ୍ଚାମୃତ ଓ ଜହ୍ନମାମୁ ଆଦି ପତ୍ର-ପତ୍ରିକାରେ ପ୍ରକାଶ ପାଇଥିଲା । ଉପେନ୍ଦ୍ର ତ୍ରିପାଠୀ ଏକାଧାରରେ କବି, ପ୍ରାବନ୍ଧିକ, ଔପନ୍ୟାସିକ ତଥା ଚିନ୍ତାଶୀଳ ସାହିତ୍ୟିକ ଥିଲେ । ସେ ଜଣେ ଶୃଙ୍ଖଳିତ, ସ୍ୱାଧୀନଚେତା ଓ ଦେଶପ୍ରେମୀ ବ୍ୟକ୍ତି । ସେ ବହୁ ସାହିତ୍ୟ ଅନୁଷ୍ଠାନଦ୍ୱାରା ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି । ତାଙ୍କର ରଚନା ଓ ଜୀବନୀ 'ଉପେନ୍ଦ୍ର ଗ୍ରନ୍ଥାବଳୀ'ରେ ସନ୍ନିବିଷ୍ଟ । ତାଙ୍କ ଲେଖା 'କଣ୍ଠି କାକୁଡ଼ି' ଓ 'ଘଣ୍ଟି ଘାଗୁଡ଼ି' ଉତ୍କଳ-ଭାରତୀଙ୍କର ଶ୍ରୀ-ସଂପଦ ବୃଦ୍ଧି କରିଛି । ସାରା ଜୀବନ ସାଧନା କରିଯାଇଥିବା ଏହି ବରପୁତ୍ର ଚିରଦିନ ଶିଶୁପ୍ରେମୀ ହୋଇ ରହିଥିଲେ ।

Digitized by srujan ka@gmail.com

ସରଳା ଦେବୀ

୧୯୦୪ — ୧୯୮୬

ଜଣେ ନିଷ୍ଠାପର ଦେଶସେବିକା ରୂପେ ଖ୍ୟାତି ଅର୍ଜନ କରିଥିବା ସରଳା ଦେବୀ ବାସ୍ତବରେ ବହୁମୁଖୀ ପ୍ରତିଭାର ଅଧିକାରିଣୀ ଥିଲେ । ସେ ଥିଲେ ବିଶିଷ୍ଟ ନାରୀନେତ୍ରୀ, ସ୍ୱାଧୀନତା ସଂଗ୍ରାମୀ ଓ ସୁଲେଖିକା । ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ସେ ବହୁବାର କାରାବରଣ କରିଥିଲେ । ତାଙ୍କର କର୍ମମୟ ଜୀବନରେ ସେ ପ୍ରଦେଶ କଂଗ୍ରେସ କମିଟିର ସେକ୍ରେଟାରୀ, ସର୍ବ ଭାରତୀୟ ମହିଳା ସମ୍ମିଳନୀର ସଦସ୍ୟା, ଉତ୍କଳ ବିଶ୍ୱବିଦ୍ୟାଳୟର ସିନେଟ୍ ସଭ୍ୟା, ଉତ୍କଳ ସାହିତ୍ୟ ସମାଜର ସଂପାଦିକା ଓ ଉପ-ସଭାପତି ଦାୟିତ୍ୱ ବହନ କରିଥିଲେ । ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ବିଶେଷଭାବେ ଉଲ୍ଲେଖଯୋଗ୍ୟ । ଜୀବନୀ, ଅନୁବାଦ ଓ ସମାଲୋଚନା ବିଭାଗରେ ଲେଖନୀ ଚାଳନାକରି ସେ ଯେଉଁ କୃତିତ୍ୱ ଅର୍ଜନ କରିଛନ୍ତି ତହିଁରୁ ତାଙ୍କ ମୌଳିକତା ପ୍ରତିପାଦିତ ହୁଏ । 'ବାସନ୍ତୀ' ଉପନ୍ୟାସକୁ ଯେଉଁ ନଅଜଣ ସ୍ରଷ୍ଟା ରଚନା କରିଥିଲେ ସେଥିରେ ସରଳା ଦେବୀ ଥିଲେ ଅନ୍ୟତମ । ତାଙ୍କ ସାହିତ୍ୟ-କୃତି ମଧ୍ୟରେ ରାୟ ରାମାନନ୍ଦ, ବୀରା ରମଣୀ, ବିଶ୍ୱ ବିପ୍ଳବିଣୀ, ଜନାବାଈ ଏବଂ ସାରଳା ମହାଭାରତରେ ନାରୀଚିତ୍ର, କବି ଗୋପାଳକୃଷ୍ଣଙ୍କ ପ୍ରତିଭା ଆଦି ସ୍ମରଣୀୟ । ସଂସ୍କାରିତ ରୂପରେ ଭାରତୀୟ ନାରୀ ସ୍ୱାଧୀନତାର ସେ ପକ୍ଷପାତୀ ଥିଲେ ।

Digitized by srujan ka@gmail.com

ଚିନ୍ତାମଣି ମିଶ୍ର

୧୯୦୪ — ୧୯୮୦

ଖୋର୍ଦ୍ଧାର ବାଜପୁରଠାରୁ ସତ୍ୟବାଦୀ ବନବିଦ୍ୟାଳୟ, ବଲାଙ୍ଗିର ଦେଇ କଟକ ପର୍ଯ୍ୟନ୍ତ ଲମ୍ବିଥିବା ଶିକ୍ଷାକ୍ଷେତ୍ରର ଚଉସୀମା ଚିନ୍ତାମଣି ମିଶ୍ରଙ୍କ ଜ୍ଞାନର ପରିସୀମାକୁ ବ୍ୟାପ୍ତ ଓ ପ୍ରଭାବଶାଳୀ କରିଥିଲା । ଛାତ୍ରାବସ୍ଥାର ମାତୃଭୂମିର ମୁକ୍ତି ସଂଗ୍ରାମରେ ଝାସଦେଇ ବହୁ ନିର୍ଯାତନା ଓ କାରାବରଣ କରି ସେ ନିଜକୁ ଏକ ଭିନ୍ନ ମଣିଷ ରୂପେ ଗଢ଼ିଥିଲେ । ୧୯୨୧ ମସିହାରେ ଜୀବନ ସଂଗ୍ରାମ ଆରମ୍ଭ । ଟିଉସନ କରିବା, 'ଦୈନିକ ଆଶା'ର ସଂପାଦନା କରିବା, ବାଳକୃଷ୍ଣ କରଙ୍କ ଉତ୍ସାହରେ ଉପନ୍ୟାସ ରଚନାରେ କାଳାତିପାତ, ନୀଳକଣ୍ଠଙ୍କ ପ୍ରେରଣାରେ କଟକରୁ 'ନବ ଭାରତ' ପ୍ରକାଶନ, ରାଜନୀତିକ ମୁଖପତ୍ର 'ଜନମତ' ସାପ୍ତାହିକୀ ପ୍ରକାଶକରି, ପରେ ୧୯୪୪ ମସିହା ଜାନୁୟାରୀ ମାସରୁ ଓଡ଼ିଶା ସରକାରଙ୍କ ଆସିଷ୍ଟାଣ୍ଟ ପବ୍ଲିସିଟି ଅଫିସର ଭାବେ ଯୋଗ ଦେଲେ । ୧୯୫୫ ମସିହାରେ ସରକାରୀ କର୍ମରୁ ଅବସର ଗ୍ରହଣ କରିବା ପର୍ଯ୍ୟନ୍ତ ସେ ବହୁ ମର୍ଯ୍ୟାଦାଜନକ ପଦବୀରେ ଅଧିଷ୍ଠିତ ହୋଇଥିଲେ । ସାହିତ୍ୟ-ସାଧନା ତାଙ୍କ ପ୍ରତିଭାର ଦୀପ୍ତିମାନ ମାପକାଠି ହୋଇ ଉଠିଥିଲା । ତାଙ୍କ କୃତି ମଧ୍ୟରୁ ଦେବଦେବଙ୍କ ଦୁର୍ଗତି, ହତଭାଗ୍ୟ, ଜଗୁଆ ମା, ବିବାହ ରହସ୍ୟ, କାଳର ନିଷ୍ପତ୍ତି, ଅକାଳ ଚଡ଼କ, ପଞ୍ଚପତ୍ରୀ, ଦେବୀ ଓ ଦୁର୍ଭାଗା, ଜୀବନ ନଦୀରେ ଭଉଁରୀ ଓ ଅର୍ଦ୍ଧ ଶତାବ୍ଦୀର ଅନୁଭୂତି ବିଶେଷ ଉଲ୍ଲେଖଯୋଗ୍ୟ ।

Digitized by srujan ka@gmail.com

ବୈକୁଣ୍ଠନାଥ ପଟ୍ଟନାୟକ

୧୯୦୪ — ୧୯୭୯

କବି ବୈକୁଣ୍ଠନାଥ ପଟ୍ଟନାୟକ ଜଣେ ବିଶିଷ୍ଟ ସାହିତ୍ୟ-ସାଧକ ଓ ଅନ୍ୟତମ ସବୁଜ ସଖା । ସେ କଟକ ଜିଲ୍ଲାର ବଡ଼ମ୍ବାଗଡ଼ରେ ଜନ୍ମ । ସତ୍ୟବାଦୀ ବନବିଦ୍ୟାଳୟରେ ପାଠ ପଢୁଥିବା ସମୟରେ ତାଙ୍କର କବିତା ଲେଖା ଆରମ୍ଭ । ରେଭେନ୍‌ସା କଲେଜରେ ପାଠପଢ଼ିବା ବେଳେ ସବୁଜ ଗୋଷ୍ଠୀରେ ସାମିଲ ହୋଇ 'ଅବକାଶ' ନାମକ ହାତଲେଖା ପତ୍ରିକା ପ୍ରକାଶ ଓ ନନ୍‌ସେନ୍‌ସ କ୍ଲବ ଗଠନ । ବି.ଏ. ପାସ୍ କରିବା ପରେ ଟ୍ରେନିଂ ନେଇ ଶିକ୍ଷକତା ଜୀବନ ଆରମ୍ଭ । ଯୌବନ-ସୁଲଭ ଉଦ୍ଦାମତା ପରିହାର କରି ପରିଣତ ବୟସରେ ସେ ତାଙ୍କ ଲେଖନୀର ଗତିଧାରା ପରିବର୍ତ୍ତନ କରିଥିଲେ । ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଆଦର୍ଶରେ ସେ ରହସ୍ୟବାଦକୁ ଆଦରି ନେଇ ଆନନ୍ଦମୟ ବୈକୁଣ୍ଠର ଅନୁସନ୍ଧାନ କରିଥିଲେ । ତାଙ୍କର ଅତ୍ୟନ୍ତ ଲୋକପ୍ରିୟ କବିତା 'ଜୀବନ ପାତ୍ର ମୋ ଭରିଛ କେତେ ମତେ'ରେ ସେ ଏକ ସ୍ଥିତପ୍ରଜ୍ଞ ସାହିତ୍ୟିକ ବ୍ୟକ୍ତିତ୍ୱ । 'ଉତ୍ତରାୟଣ' କବିତା ସଙ୍କଳନପାଇଁ ସେ କେନ୍ଦ୍ରସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ । ତାଙ୍କର ଅନ୍ୟ ଏକ ସଫଳ କାବ୍ୟ ଗ୍ରନ୍ଥ 'କାବ୍ୟ ସଞ୍ଚୟନ' ଏବଂ ଏକମାତ୍ର ନାଟକ 'ମୁକ୍ତି ପଥେ' ଉଲ୍ଲେଖନୀୟ । ଚିନ୍ତା-ଚେତନା ଓ ଭାବ-ଭାବନାରେ ବୈକୁଣ୍ଠନାଥ ଥିଲେ ରହସ୍ୟବାଦୀ । ମାତ୍ର ବେଳେବେଳେ ତାଙ୍କ ସୃଷ୍ଟି ମାନବ ବନ୍ଦନାରେ ମୁଖରିତ ।

Digitized by srujan ka@gmail.com

ଜଷ୍ଟିସ୍ ହରିହର ମହାପାତ୍ର

୧୯୦୪ — ୧୯୯୪

ବିଶିଷ୍ଟ ଆଇନଜ୍ଞ ହରିହର ମହାପାତ୍ର ସବୁଜ ଭାବ-ଭାବନାର ଅନ୍ୟତମ ସାରଥୀ । ସେ ପୁରୀ ଜିଲ୍ଲାର ଏକ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ରେଭେନ୍ସା କଲେଜରେ ଅଧ୍ୟୟନ କରୁଥିବା ସମୟରେ ସେ ସବୁଜ ଗୋଷ୍ଠୀଙ୍କ ସାନ୍ନିଧ ଲାଭ କରିଥିଲେ । ପରବର୍ତ୍ତୀ କାଳରେ ସେ ଅନ୍ନଦାଶଙ୍କର ରାୟ, କାଳିନ୍ଦୀଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ ଓ ଶରତ ଚନ୍ଦ୍ର ମୁଖାର୍ଜୀଙ୍କ ନନ୍ସେନ୍ସ କ୍ଲବର ସଭ୍ୟ ହେଲେ ଏବଂ କିଛି ସେଇ ଧର୍ମୀ କବିତା ରଚନା କଲେ । ଆଇନ ବିଦ୍ୟାରେ ଧୁରୀଣ ହେବା ପରେ ସେ ଆଇନ ବ୍ୟବସାୟ କଲେ ଓ ପାଟନା ହାଇକୋର୍ଟରେ ନ୍ୟାୟାଧୀଶ ହେଲେ । ସବୁଜ ଚେତନାରେ କବିତାର ଆତ୍ମିକ ପରିବେଶକୁ ସମୃଦ୍ଧ କରିବାରେ ସେ ଜଣେ ସମର୍ଥ ମଙ୍ଗୁଆଳ । ପରିଣତ ବୟସରେ ସେ ତାଙ୍କର ଜୀବନୀକୁ ଅତ୍ୟନ୍ତ ଲୋକପ୍ରିୟ ଶୈଳୀରେ ଲେଖିଯାଇଛନ୍ତି । ଡଃ ହରେକୃଷ୍ଣ ମହତାବଙ୍କ ପରେ ସେ କିଛି ବର୍ଷ 'ଝଙ୍କାର' ସାହିତ୍ୟ ପତ୍ରିକାର ମୁଖ୍ୟ ସଂପାଦକ ହୋଇଥିଲେ । ସେ ଅନେକ ସାଂସ୍କୃତିକ ସଂଗଠନ ସହ ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସଂଶ୍ଳିଷ୍ଟ ଥିଲେ । ସେ ଜଣେ ସୁବକ୍ତା ଥିଲେ । ଜୀବନର ଅନ୍ତିମ କାଳ ପର୍ଯ୍ୟନ୍ତ ସେ ନିଜକୁ ନାନାଦି ସାଂସ୍କୃତିକ କାର୍ଯ୍ୟ ସହିତ ଜଡ଼ିତ ରଖିଥିଲେ ।

Digitized by srujan ka@gmail.com

ମାୟାଧର ମାନସିଂହ

୧୯୦୫ — ୧୯୭୩

ମାୟାଧର ମାନସିଂହ ଓଡ଼ିଆ ସାହିତ୍ୟର ଜଣେ ଚିର-ସବୁଜ କବି ଓ ଅସାଧାରଣ ମେଧାସଂପନ୍ନ ବ୍ୟକ୍ତିତ୍ୱ । ସେ ଏକାଧାରରେ ଜଣେ ବିଖ୍ୟାତ କବି, ପ୍ରାବନ୍ଧିକ, ନାଟ୍ୟକାର, ସମାଲୋଚକ, ଗବେଷକ, ଅଧ୍ୟାପକ ଓ ଦକ୍ଷ ପ୍ରଶାସକ । ସେ ପୁରୀ ଜିଲ୍ଲାର ମାଳୁଦ ଅନ୍ତର୍ଗତ ନନ୍ଦଳୀ ଗ୍ରାମରେ ଜନ୍ମ । ଇଂରାଜୀରେ ଏମ୍.ଏ. ପାସ୍ କରି ସାରିବା ପରେ ସେ ବିଲାତ ଯାଇ ଡର୍‌ହାମ ବିଶ୍ୱବିଦ୍ୟାଳୟରେ ଗବେଷଣା କରି ପିଏଚ୍.ଡି. ଉପାଧି ଲାଭ କରିଥିଲେ । ଶିକ୍ଷା ବିଭାଗରେ ତାଙ୍କର କର୍ମମୟ ଜୀବନ ଅତିବାହିତ ହୋଇଥିଲେହେଁ ସାହିତ୍ୟସେବା ଥିଲା ତାଙ୍କର ବାସ୍ତବ ଜୀବନ । ଛାତ୍ରାବସ୍ଥାରୁ ତାଙ୍କର କବିତା ଲେଖା ଆରମ୍ଭ । ସମୟକ୍ରମେ ପ୍ରବନ୍ଧ, ନାଟକ, ସମାଲୋଚନାରେ ତାଙ୍କ ସିଦ୍ଧିର ସ୍ୱାକ୍ଷର ପ୍ରକଟିତ ହେଲା । ତାଙ୍କର ଅନନ୍ୟ ସାହିତ୍ୟ ସମ୍ଭାର ମଧ୍ୟରୁ ''ବାରବାଟୀ, ଧୂପ, ହେମଶସ୍ୟ, ହେମପୁଷ୍ପ, କୋଣାର୍କ, ସାଧବ ଝିଅ, ମାଟିବାଣୀ, ବାପୁ ତର୍ପଣ, କମଳାୟନ, ସେଦିନର କବିତା, ନଷ୍ଟନୀଡ଼, ପଣ୍ଡିମ ପଥିକ, ବୁଦ୍ଧ, ପୂଜାରିଣୀ, ଅନ୍ୱେଷଣ (ଉପନ୍ୟାସ) ଓ ଓଡ଼ିଆ ସାହିତ୍ୟର ଇତିହାସ ଏବଂ ସରସ୍ୱତୀ ଫକୀରମୋହନ'' ଏକାନ୍ତ ସ୍ମରଣୀୟ । ସେ ଇଂରାଜୀରେ ଲେଖିଥିବା 'ସାଗା ଅଫ୍ ଲର୍ଡ ଜଗନ୍ନାଥ' ଓ 'ହିଷ୍ଟ୍ରି ଅଫ୍ ଓରିଆ ଲିଟରେଚର୍' ଉଚ୍ଚ ପ୍ରଶଂସିତ ।

Digitized by srujan ka@gmail.com

ଉଦୟନାଥ ଷଡ଼ଙ୍ଗୀ

୧୯୦୫ — ୧୯୯୯

ସ୍ୱନାମଧନ୍ୟ ଶିଶୁ ସାହିତ୍ୟିକ, ପ୍ରବୀଣ ସାମ୍ବାଦିକ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଉଦୟନାଥ ଷଡ଼ଙ୍ଗୀ ଏକ ବହୁଚର୍ଚ୍ଚିତ ନାମ । ସେ କଟକ ଜିଲ୍ଲା (ବର୍ତ୍ତମାନ ଜଗତସିଂହପୁର ଜିଲ୍ଲା)ର ସିପି ଗ୍ରାମରେ ଜନ୍ମ । ପିତା- ଭିକାରୀ ଷଡ଼ଙ୍ଗୀ; ମାତା- ପାସୋରୀ ଦେବୀ । ଗ୍ରାମ ସ୍କୁଲରେ ପ୍ରାଥମିକ ଶିକ୍ଷା ଶେଷ କରି ସେ ଜଗତସିଂହପୁର ମାଇନର ସ୍କୁଲରେ ବୃତ୍ତିପାଇ ପାଠ ପଢ଼ିଥିଲେ । ୧୯୨୧ ମସିହାରେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନର ଡାକରା ଆସିଲା । ବହୁ ପିଲାଙ୍କ ସହ ସ୍କୁଲ ଛାଡ଼ି ଆନ୍ଦୋଳନରେ ମାତି ଯାଇଥିଲେ ଉଦୟନାଥ । 'ଅଳକାଶ୍ରମ' ହୋଇଉଠିଲା ତାଙ୍କ କର୍ମକ୍ଷେତ୍ର । ଚାରିବର୍ଷ ପରେ ଆନ୍ଦୋଳନ ଧିମେଇଯିବା ଯୋଗୁଁ ସେ ସତ୍ୟବାଦୀରେ ବିଦ୍ୟାଧ୍ୟୟନ ପାଇଁ ଯୋଗ ଦେଲେ । ବିଦ୍ୟାଲାଭ ଅପୂର୍ଣ୍ଣ ରହିଲା । ତା'ପରେ ଆରମ୍ଭ ହେଲା ସଂଘର୍ଷପୂର୍ଣ୍ଣ କର୍ମମୟ ଜୀବନ । ୧୯୪୦ରେ ସେ 'ସମାଜ' ଅନୁଷ୍ଠାନରେ ଯୋଗଦେଇ ଏହାର ମୁଦ୍ରାକର, ପ୍ରକାଶକ ଓ ବାର୍ତ୍ତା ସଂପାଦକ ଦାୟିତ୍ୱ ବହନ କରିଥିଲେ । ଏହା ବ୍ୟତୀତ ତାଙ୍କ ସାହିତ୍ୟିକ ଜୀବନ ଥିଲା ଖୁବ୍ ଉଜ୍ଜ୍ୱଳ । ତାଙ୍କର 'ଟମକକାଙ୍କ କୁଟୀର' ଅନୁବାଦ ଗ୍ରନ୍ଥ ଅତ୍ୟନ୍ତ ଜନପ୍ରିୟ । ''କୁତୁକୁତୁ, ଟୁଉକୁମୁଷୀ, ଚକା ଚକା ଭଉଁରୀ, ବିଲୁଆ ନନାର ବାହାଘର, ବାଦୁଡ଼ି ମହାସଭା'' ଆଦି ଶିଶୁ ସାହିତ୍ୟ ଖୁବ୍ ଉଚ୍ଚକୋଟୀର ।

Digitized by srujan ka@gmail.com

କମଳାକାନ୍ତ ଦାସ

୧୯୦୬ — ୧୯୮୨

କମଳାକାନ୍ତ ଦାସ ଜଣେ ଜନପ୍ରିୟ ଔପନ୍ୟାସିକ ଓ ସ୍ନେହୀ, ମେଳାପୀ ବ୍ୟକ୍ତି । ଜଗତସିଂହପୁର ଜିଲ୍ଲାରେ ତାଙ୍କର ଜନ୍ମ । ବୃତ୍ତି ଅପେକ୍ଷା କୃତି ପ୍ରତି ତାଙ୍କର ଧ୍ୟାନ ବେଶି ଥିଲା । ଓଡ଼ିଶାର ଗ୍ରାମ୍ୟ ପରିବେଶ, ଗ୍ରାମୀଣ ଜୀବନଧାରା ଓ ସାଧାରଣ ମଣିଷର ଆଚାର-ବିଚାର ତାଙ୍କ ଲେଖାରେ ପ୍ରମୁଖ ସ୍ଥାନ ଅଧିକାର କରିଥିଲା । ସମାଜ ଜୀବନରେ ଯେତେବେଳେ ଉପନ୍ୟାସ ପାଠକୁ ସୁଦୃଷ୍ଟିରେ ଦେଖାଯାଉ ନ ଥିଲା, ସେହି ସମୟରେ ସେ ଉପନ୍ୟାସ ରଚନା ଉପରେ ଗୁରୁତ୍ୱ ଦେଇଥିଲେ । ପରିଚିତ ପରିବେଶକୁ ଚିତ୍ରଣ କରିବା ସହିତ ସମାଜ ଜୀବନର ନିତିଦିନିଆ ସମସ୍ୟାମାନ ତାଙ୍କ ବାସ୍ତବଧର୍ମୀ ଉପନ୍ୟାସରେ ରୂପାୟିତ ହେବା ଫଳରେ ସେ ଅତ୍ୟନ୍ତ ଲୋକପ୍ରିୟ ହୋଇ ଉଠିଥିଲେ । କମଳାକାନ୍ତଙ୍କ ସାହିତ୍ୟ-ସଂସାର ଥିଲା ବ୍ୟାପକ । ସେ ୨୫ ରୁ ଊର୍ଦ୍ଧ୍ୱ ଉପନ୍ୟାସ, ଆଠଟି ଗଳ୍ପ ସଙ୍କଳନ ଓ ଜୀବନୀ ଗ୍ରନ୍ଥର ରଚୟିତା । ତାଙ୍କର ସ୍ମରଣୀୟ କୃତି ମଧ୍ୟରୁ ''ବୋଉ, ସରଦୀ ନାନୀ, ମନର ଦାଉ, ମିଳନ ସନ୍ଧ୍ୟା, ଭାଉଜ ବୋହୂ, ବନାନୀର ନିଦ୍ରାଭଙ୍ଗ, ଚିରସ୍ଥାୟୀ ବନ୍ଦୋବସ୍ତ, ମଦଭାଟି, ଦୀପଶିଖା'' ଉଲ୍ଲେଖନୀୟ । ଓଡ଼ିଶାର ବୃହତ୍ତର ପାଠକ ସମାଜ ତାଙ୍କ ଉପନ୍ୟାସଗୁଡ଼ିକୁ ସୁଖପାଠ୍ୟ ଗ୍ରନ୍ଥ ହିସାବରେ ଗ୍ରହଣ କରିନେଇଛନ୍ତି ।

Digitized by srujan ka@gmail.com

ଗୋକୁଳାନନ୍ଦ ମହାନ୍ତି

୧୯୦୬ — ୧୯୬୪

ଯାଜପୁର ଜିଲ୍ଲାର କପିଳେଶ୍ୱର ଗ୍ରାମରେ ନିରଳସ ସାରସ୍ୱତ ସାଧକ ଗୋକୁଳାନନ୍ଦ ମହାନ୍ତିଙ୍କ ଜନ୍ମ । ପିତା- ବଂଶୀଧର ମହାନ୍ତି; ମାତା- ଶାରଦା ଦେଇ । ମାଟ୍ରିକ୍ ପାସ୍ କରିବା ପରେ ସେ ଓଡ଼ିଶା ସେକ୍ରେଟାରିଏଟ୍‌ରେ ଗ୍ରାମ ପଞ୍ଚାୟତ ବିଭାଗରେ ଚାକିରି ଆରମ୍ଭ କରିଥିଲେ । ଭୁବନେଶ୍ୱର ପରବର୍ତ୍ତୀ କାଳରେ ତାଙ୍କ କର୍ମକ୍ଷେତ୍ର ହୋଇପଡ଼ିଲା । ସେ ସାହିତ୍ୟ ସେବାରେ ଏହି କାଳରେ ନିଜକୁ ନିୟୋଗ କରିଥିଲେ । ଏକାଧାରରେ ସେ ଥିଲେ ଜଣେ କବି, ନାଟ୍ୟକାର, ଗୀତିକାର, ସଙ୍ଗୀତଜ୍ଞ, କଥାକାର ଓ ଅଭିନେତା । ସେ ପ୍ରାଚୀନ ପାରମ୍ପରିକ ରୀତି, ଶୈଳୀ, ଭାଷା ଓ ଭାବ ସହ ଆଧୁନିକ ଚିନ୍ତାଚେତନାର ସଂଯୋଜନା କରି ମଧୁର ସମନ୍ୱୟ ଘଟାଇ ପାରିଥିଲେ । ତାଙ୍କର ଅନେକ ଲେଖା ପ୍ରଚାରଧର୍ମୀ । ଯୋଜନାର ସଫଳ ରୂପାୟନ ବିଷୟକ ରଚନା 'ଚନ୍ଦ୍ରାବତୀ' ଭାରତ ସରକାରଙ୍କ ଏକ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିଲା । ତାଙ୍କ ନାଟକଗୁଡ଼ିକ ମଧ୍ୟରୁ ''ଭାଗ୍ୟଡୋରି, କଳାପଥର, ଦ୍ରୌପଦୀ, ତ୍ରିଶଙ୍କୁ'' ତାଙ୍କ ନାଟ୍ୟ ପ୍ରତିଭାର ପରିଚୟ ଦିଏ । 'ପଣ୍ଡିତ ମୋତିଲାଲ' ତାଙ୍କର ଅତ୍ୟନ୍ତ ଜନପ୍ରିୟ ଜୀବନୀ ଗ୍ରନ୍ଥ । ସେ ବେତାର କେନ୍ଦ୍ରର ଜଣେ ଗୀତିକାର ଓ ଗାୟକ ଥିଲେ । ହିଜ୍ ମାଷ୍ଟର୍‌ସ ଭଏସ୍ ଦ୍ୱାରା ରେକର୍ଡ ହୋଇଥିବା 'ଆସ କିଏ ଖାଇବ ହୋ ରାଜାଘର ଖାନା' ଜନପ୍ରିୟତାର ଶୀର୍ଷସ୍ଥାନ ଅଧିକାର କରିଥିଲା ।

Digitized by srujan ka@gmail.com

ଅନନ୍ତ ପ୍ରସାଦ ପଣ୍ଡା

୧୯୦୬ — ୧୯୮୯

ସମ୍ଭ୍ରାନ୍ତ କଥାକାର ଭାବରେ ଅନନ୍ତ ପ୍ରସାଦ ପଣ୍ଡା ଓଡ଼ିଆ ସାହିତ୍ୟରେ ସୁପରିଚିତ । ସେ ବାଲେଶ୍ୱର ଜିଲ୍ଲାର ସୋରୋ ନିକଟବର୍ତ୍ତୀ କଲ୍ୟାଣୀ ଗ୍ରାମରେ ଜନ୍ମଲାଭ କରିଥିଲେ । ଇଂରାଜୀରେ ଏମ୍.ଏ. ପାସ୍ କରିବା ପରେ ସେ ସମବାୟ ବିଭାଗରେ ଜଣେ ବରିଷ୍ଠ ଅଧିକାରୀ ଭାବରେ ନିଯୁକ୍ତି ପାଇଥିଲେ । ଏହି ବିଭାଗରେ ସେ ବେଶ୍ ଉଲ୍ଲେଖନୀୟ କାର୍ଯ୍ୟକରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ସମବାୟ ସଂସ୍ଥା ମାଧ୍ୟମରେ ସମାଜ ଓ ଦେଶକୁ ଆର୍ଥିକ ଦୃଷ୍ଟିକୋଣରୁ ଆଗେଇନେବା ତାଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ ଥିଲା । ଛାତ୍ରାବସ୍ଥାରୁ ସାହିତ୍ୟ ସାଧନା ପ୍ରତି ତାଙ୍କର ଥିଲା ପ୍ରଗାଢ଼ ଅନୁରାଗ । କର୍ମବହୁଳ ଜୀବନର ବ୍ୟାପକ ଅନୁଭୂତି ତାଙ୍କ ସାହିତ୍ୟ ସୃଷ୍ଟିକୁ ଉନ୍ନତ କରିବାପାଇଁ ଗଭୀର ପ୍ରେରଣା ଯୋଗାଇଥିଲା । ଅବସର ଜୀବନରେ ସୁସ୍ଥ ଥିବା ପର୍ଯ୍ୟନ୍ତ ସାହିତ୍ୟ ସାଧନାରେ ସେ ବ୍ରତୀ ଥିଲେ । ତାଙ୍କର କୃତିମାନଙ୍କ ମଧ୍ୟରୁ "ସଭ୍ୟତାର ତଳେ, ମନର ଭୂତ, ନୈଶସୁନ୍ଦରୀ, ଭାଗ୍ୟଚକ୍ର, ତୃଣଗୁଚ୍ଛ, ବାରମଜା ଓ ନୂଆ ଦୁନିଆ" ବିଶେଷଭାବେ ସ୍ମରଣୀୟ । କଳାତ୍ମକ ଉଚ୍ଚକୋଟୀର ଗଳ୍ପ ଲେଖି ସେ ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ଆସନର ଅଧିକାରୀ । ସାହିତ୍ୟ ସୃଷ୍ଟିପାଇଁ ପ୍ରେରଣା ଯୋଗାଇବା ତାଙ୍କର ଅନ୍ୟତମ ସାରସ୍ୱତ କର୍ମ ଥିଲା ।

Digitized by srujan ka@gmail.com

ରାମକୃଷ୍ଣ ନନ୍ଦ

୧୯୦୬ — ୧୯୯୪

ଆଦର୍ଶ ଶିକ୍ଷକ, ଯଶସ୍ୱୀ ସଂପାଦକ, ନିର୍ଭୀକ ସମାଲୋଚକ, ସାର୍ଥକ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦ ଜଣେ ଅନନ୍ୟ ସାଧାରଣ ବ୍ୟକ୍ତି । ସତ୍ୟର ଶୃଙ୍ଖଳିତ କଣ୍ଟା ଉପରେ ପାଦ ପକାଇ ସେ ସାରା ଜୀବନ ଆଗେଇଥିଲେ । କଟକ ଜିଲ୍ଲାର ନିଆଳି ମାଧବ ରାସ୍ତାରେ ପନ୍ଦର କିଲୋମିଟର ଦୂର ବାଇରୋଇ ଗ୍ରାମ ତାଙ୍କର ଜନ୍ମମାଟି । ପ୍ରାଇମେରୀ ପରୀକ୍ଷାରେ ବୃତ୍ତି ଲାଭ କରି ସେ ଭିଙ୍ଗାରପୁର ମାଇନର ସ୍କୁଲରେ ଅଧ୍ୟୟନ କରିଥିଲେ । ମାଇନର ବୃତ୍ତି ପରୀକ୍ଷାରେ ସେ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ରେଭେନ୍ସା କଲିଜିଏଟ୍ ସ୍କୁଲରେ ମାଟ୍ରିକ୍ ପଢୁଥିବା ସମୟରେ ସେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ । ଜଗତସିଂହପୁର ଅଳକାଶ୍ରମ ତାଙ୍କ କର୍ମସ୍ଥଳୀ ହେଲା । ଘରୋଇ ଭାବେ ମାଟ୍ରିକ୍ ପାସ୍‌କରି ସେ ରେଭେନ୍ସା କଲେଜରେ ବି.ଏ. ପର୍ଯ୍ୟନ୍ତ ପଢ଼ିଥିଲେ । ଶିକ୍ଷକତା ତାଙ୍କ ଜୀବନର ବ୍ରତ ହୋଇଥିଲା । ୧୯୪୬ ମସିହାରେ ସେ ଚାକିରି ଛାଡ଼ି 'ପାରିଜାତ ପ୍ରେସ' ପ୍ରତିଷ୍ଠା କଲେ । ଏଣିକି ସାହିତ୍ୟ ସେବା ହେଲା ତାଙ୍କ ଜୀବନର ମହାନ୍ ବ୍ରତ । 'ଆହେ ଦୟାମୟ ବିଶ୍ୱବିହାରୀ' ପ୍ରାର୍ଥନା ସଂଗୀତ ତାଙ୍କର ଏକ କାଳଜୟୀ କୃତି । ତାଙ୍କର ଅସଂଖ୍ୟ ଶିଶୁ କବିତା, ଶିଶୁ ଗଳ୍ପ ଓ ବିଜ୍ଞାନ ଗଳ୍ପ ମଧ୍ୟରୁ 'ଝୁମୁକା', ଜୀବନୀ ଗ୍ରନ୍ଥ 'ଜୀବନୀ ତରଙ୍ଗ' ଉଲ୍ଲେଖନୀୟ ।

Digitized by srujan ka@gmail.com

କାହ୍ନୁଚରଣ ମହାନ୍ତି

୧୯୦୬ — ୧୯୯୪

ଓଡ଼ିଆ ଉପନ୍ୟାସ ଜଗତର ଅପ୍ରତିଦ୍ୱନ୍ଦ୍ୱୀ ପ୍ରତିଭା କାହ୍ନୁଚରଣ ଉଭୟ ବୁଦ୍ଧିଜୀବୀ ଓ ସାଧାରଣ ପାଠକ ମହଲରେ ଅତ୍ୟନ୍ତ ଜନପ୍ରିୟ । ତାଙ୍କର ସରଳ, ସଂକ୍ଷିପ୍ତ ଓ ସାବଲୀଳ ପ୍ରକାଶଭଙ୍ଗୀ ଏକାନ୍ତ ହୃଦୟସ୍ପର୍ଶୀ । କଟକ ଜିଲ୍ଲାର ନାଗବାଲି ଗ୍ରାମରେ ତାଙ୍କର ଜନ୍ମ । ସ୍ନାତକ ଶିକ୍ଷା ପରେ କର୍ମମୟ ଜୀବନ ତାଙ୍କୁ ସଂସାରମୁଖୀ କରିଥିଲା । ପଲ୍ଲୀ ଓ ସହରୀ ଜୀବନର ଛାଇ ଆଲୁଅ ଖେଳ ତାଙ୍କୁ ଜଣେ ଅନୁଭୂତିସିଦ୍ଧ ଯୋଗୀରେ ରୂପାନ୍ତରିତ କରିଥିଲା । ଏହି ଅନୁଭୂତି ଜାତୀୟ ତଥା ସାମାଜିକ ଘଟଣାବଳୀରେ ଫେଣ୍ଟିହୋଇ ଉପନ୍ୟାସରେ ବହୁ ବର୍ଣ୍ଣରେ ଚିତ୍ରିତ ହୋଇଥିଲା । ସେ ପ୍ରାୟ ଅର୍ଦ୍ଧ ଶତାଧିକ ଗ୍ରନ୍ଥର ସ୍ରଷ୍ଟା । 'ମାନସୀ' ତାଙ୍କର ଏକମାତ୍ର କବିତା ଗ୍ରନ୍ଥ । ସେ ରଚନା କରିଥିବା ଉପନ୍ୟାସଗୁଡ଼ିକ ମଧ୍ୟରୁ ''ବାଲିରାଜା, ହା-ଅନ୍ନ, ଶାସ୍ତି, ଅଦେଖା ହାତ, ନିଷ୍ପତ୍ତି, ପଳାତକ, ତଥାସ୍ତୁ, ତୁଣ୍ଡବାଇଦ, ମିଳନର ଛନ୍ଦ, ପରକୀୟା, ଝଞ୍ଜା, ଶର୍ବରୀ, କା, ଅଭିନେତ୍ରୀ, ବଜ୍ରବାହୁ, ପରୀ, ଦୁନିଆର ଦାଉ, ଢେଉଢେଉକା, ତମସା ତୀରେ'' ଆଦି ଉଲ୍ଲେଖନୀୟ । ଉପନ୍ୟାସ କ୍ଷେତ୍ରରେ ତାଙ୍କର ଅସାଧାରଣ ସଫଳତା ଜାତିପାଇଁ ଗର୍ବର ବିଷୟ । କା' ଉପନ୍ୟାସପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀଦ୍ୱାରା ପୁରସ୍କୃତ । କାହ୍ନୁଚରଣ ଅନନ୍ୟ ସାଧାରଣ କଥାକାର ଗୋପୀନାଥ ମହାନ୍ତିଙ୍କ ବଡ଼ଭାଇ ।

Digitized by srujan ka@gmail.com

ପଣ୍ଡିତ କୃଷ୍ଣଚନ୍ଦ୍ର କର

୧୯୦୬ — ୧୯୯୫

ପଣ୍ଡିତ କୃଷ୍ଣଚନ୍ଦ୍ର କର ଓଡ଼ିଆ ଭାଷା-ସାହିତ୍ୟ ଜଗତର ଜଣେ ସ୍ମରଣୀୟ ବ୍ୟକ୍ତିତ୍ୱ । କଟକ ଜିଲ୍ଲାର ମୂଳ ବସନ୍ତ ଗ୍ରାମରେ ତାଙ୍କର ଜନ୍ମ । କୋଠପଦା ମାଇନର ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ସେ କଟକ ନର୍ମାଲ ସ୍କୁଲରେ ଅଧ୍ୟୟନ କରି ୧୯୨୫ ମସିହାରେ ସଫଳତା ସହ ପାସ୍ କରିଥିଲେ । ଛାତ୍ରାବସ୍ଥାରୁ ଭାଷା-ସାହିତ୍ୟ ପ୍ରତି ତାଙ୍କର ପ୍ରଗାଢ଼ ମୋହ ଥିଲା । ସେ ସହକାରୀ ଶିକ୍ଷକ ପଦ ଛାଡ଼ି କଟକ ଟ୍ରେଡିଂ କମ୍ପାନୀରେ ମାସିକ ପଚିଶ ଟଙ୍କା ବେତନରେ କର୍ମ ଆରମ୍ଭ କଲେ । ସେଠାରେ ସେ ମାସିକ ଶିଶୁ ପତ୍ରିକା 'ପଞ୍ଚାମୃତ'ର ପରିଚାଳନା ଦାୟିତ୍ୱ ବହନ କରିଥିଲେ । ଧରାକୋଟ ରାଜା କୃଷ୍ଣ ସିଂହଙ୍କ ଅନୂଦିତ ମହାଭାରତର ସଂପାଦନା ସେ କରିଥିଲେ । ୧୯୩୬ ମସିହା ପର୍ଯ୍ୟନ୍ତ ସେ ବହୁ ମୁଦ୍ରଣାଳୟରେ କାର୍ଯ୍ୟ କରି ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସାହଚର୍ଯ୍ୟ ଲାଭ କରିଥିଲେ । ଏହି ବର୍ଷ ସେ ସରକାରୀ ପ୍ରେସରେ ପ୍ରୁଫ୍ ରିଡ଼ର ଭାବେ ଯୋଗ ଦେଇ ୧୯୬୬ ମସିହାରେ ଅବସର ଗ୍ରହଣ କରିଥିଲେ । ସେ ଗୋପାଳଚନ୍ଦ୍ର ପ୍ରହରାଜଙ୍କ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ର ସହ-ସମ୍ପାଦକ ଥିଲେ । ସେ ଅନେକ ଗ୍ରନ୍ଥର ବରେଣ୍ୟ ସ୍ରଷ୍ଟା । ସେ ଜଣେ ବିଦଗ୍ଧ କବି ହେଲେ ମଧ୍ୟ ଶିଶୁ ସାହିତ୍ୟ କ୍ଷେତ୍ରରେ ତାଙ୍କ ଅବଦାନ ଉଲ୍ଲେଖନୀୟ । 'ତରୁଣ ଶବ୍ଦକୋଷ' ତାଙ୍କର ଏକ ବୌଦ୍ଧିକ ସ୍ୱାକ୍ଷର ।

Digitized by srujan ka@gmail.com

ଭଗବତୀଚରଣ ପାଣିଗ୍ରାହୀ

୧୯୦୭ — ୧୯୪୩

ଭଗବତୀ ଚରଣ ପାଣିଗ୍ରାହୀ ହେଉଛନ୍ତି ଓଡ଼ିଆ ସାହିତ୍ୟରେ ସାମ୍ୟବାଦୀ ଚିନ୍ତାଧାରାର ଭଗୀରଥ । ସେ ପୁରୀ ଜିଲ୍ଲାର ବିଶ୍ୱନାଥପୁର ଶାସନରେ ଜନ୍ମ । ପାଟନା ବିଶ୍ୱବିଦ୍ୟାଳୟରୁ ଏମ୍.ଏ. ପାସ୍‌କରି ସେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ନିର୍ଦ୍ଦିଷ୍ଟ ଆଦର୍ଶବାଦର ଅନୁଗାମୀ ହୋଇ ସେ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ ଏବଂ ପରେ ଏହାର ସେକ୍ରେଟାରୀ ହୋଇଥିଲେ । ଏଥିପାଇଁ ସେ ବିଦେଶୀ ସରକାରଙ୍କ କୋପଦୃଷ୍ଟିରେ ପଡ଼ି ବନ୍ଦୀ ହୋଇ ଦୁଇବର୍ଷ ଅନୁଗୁଳ ଜେଲରେ ରହିଥିଲେ । ଏହି କ୍ରାନ୍ତିକାରୀ ସ୍ରଷ୍ଟା ଆଭିଜାତ୍ୟଠାରୁ ଦୂରେଇ ରହି ଶ୍ରେଣୀହୀନ ସମାଜ ପ୍ରତିଷ୍ଠାପାଇଁ ପ୍ରୟାସ କରିଥିଲେ । ସାମାଜିକ ବୈଷମ୍ୟ ଓ ଶୋଷଣର ମୂଳୋତ୍ପାଟନ ଲାଗି ତାଙ୍କ ଲେଖନୀ ଥିଲା ଚଳଚଞ୍ଚଳ । ତାଙ୍କର କୃତି ପରିମାଣ ଦୃଷ୍ଟିରୁ ସ୍ୱଳ୍ପ ହେଲେହେଁ ଗୁଣାତ୍ମକ ଦୃଷ୍ଟିରୁ ବିପୁଳ । 'ଶିକାର' ଗଳ୍ପର କଳାତ୍ମକତା ତାଙ୍କ ଭାବଚେତନାର ବଳିଷ୍ଠ ନମୁନା । ତାଙ୍କର ଗଳ୍ପ ଓ ଅନ୍ୟାନ୍ୟ କୃତି ପରବର୍ତ୍ତୀ କାଳରେ ଗ୍ରନ୍ଥ ଆକାରରେ ପ୍ରକାଶିତ । ସେ ସମାଜବାଦୀ ଆଦର୍ଶର କେବଳ ମୁଖ୍ୟ ପ୍ରବକ୍ତା ନ ଥିଲେ; ବରଂ ଏହି ଚିନ୍ତାଧାରାର ଉତ୍ତରଣପାଇଁ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଭାଇ ।

Digitized by srujan ka@gmail.com

ପୁଲିନବିହାରୀ ରାୟ

୧୯୦୭ — ୧୯୮୦

ସାହିତ୍ୟିକ ପୁଲିନ ବିହାରୀ ରାୟ ଜଣେ ଖ୍ୟାତନାମା ହାସ୍ୟରସିକ କଥାକାର । କର୍ମବୀର ଗୌରୀଶଙ୍କର ଓ ରାମଶଙ୍କର ରାୟଙ୍କ ପରିବାରରେ ତାଙ୍କର ଜନ୍ମ । ତାଙ୍କ ଜନ୍ମସ୍ଥାନ ଅବିଭକ୍ତ କଟକ ଜିଲ୍ଲାର ଅସୁରେଶ୍ୱରସ୍ଥ ଦୀକ୍ଷିତପଡ଼ା । ଛାତ୍ରାବସ୍ଥାରୁ ସେ କଳା ଓ ସାହିତ୍ୟ ପ୍ରତି ଆସକ୍ତ ଥିଲେ । ସ୍କୁଲରେ ପଢ଼ିଲାବେଳୁ ସେ ଅନେକ ଗଳ୍ପ, କବିତା ଓ ନାଟକ ରଚନା କରିଥିଲେ । ସେ ରେଭେନ୍‌ସା କଲେଜରୁ ଆଇ.ଏସସି. ପାସ୍‌କରି କଟକ ମେଡିକାଲ ସ୍କୁଲରେ ଅଧ୍ୟୟନ କରିଥିଲେ । ୧୯୪୦ ମସିହାରୁ ତାଙ୍କର ଡାକ୍ତରୀ ଜୀବନ ଆରମ୍ଭ ହୋଇଥିଲା । ସେ ଜଣେ ଉଚ୍ଚକୋଟୀର ଫୁଟବଲ୍ ଖେଳାଳି । ହାସ୍ୟରସିକ ଲେଖକ ଫତୁରାନନ୍ଦ ଥିଲେ ତାଙ୍କର ଘନିଷ୍ଠ ବନ୍ଧୁ । ତାଙ୍କ ପ୍ରେରଣା ପୁଲିନବିହାରୀଙ୍କୁ ଅଧିକ ହାସ୍ୟରସାତ୍ମକ ରଚନାପାଇଁ ଖୋରାକ ଯୋଗାଇଥିଲା । ସେ ସରସ ସାହିତ୍ୟ ସମିତି ଦ୍ୱାରା 'ରସରାଜ' ଉପାଧିରେ ଭୂଷିତ ହୋଇଥିଲେ । 'ପ୍ରଜାତନ୍ତ୍ର' ବିଷୁବ ମିଳନ ତରଫରୁ ମଧ୍ୟ ସେ ପୁରସ୍କୃତ । ତାଙ୍କ ଭାଷା ସରଳ ଓ ମନଛୁଆଁ । ତାଙ୍କଦ୍ୱାରା ଲିଖିତ ଓ ପ୍ରକାଶିତ ଗ୍ରନ୍ଥ ମଧ୍ୟରୁ "ଛାୟାପଥ, ବେଲିଆ, ଅରମା, ନବଜିଆ ଗଳ୍ପ ପୁସ୍ତକ ଓ ଅମଣିଷ, ରାସ୍ତା କଡ଼ର ପ୍ରାଣୀ" ଉପନ୍ୟାସ ବିଶେଷ ଭାବେ ଆଲୋଚ୍ୟ । ଓଡ଼ିଆ ହାସ୍ୟ-ବ୍ୟଙ୍ଗ ସାହିତ୍ୟଧାରାର ସେ ଜଣେ ବିଶିଷ୍ଟ ସ୍ରଷ୍ଟା ।

Digitized by srujan ka@gmail.com

ସିଂହାରୀ ଶ୍ୟାମସୁନ୍ଦର କର

୧୯୦୮ — ୧୯୭୫

ଓଡ଼ିଶୀ ସଙ୍ଗୀତର ମଉଡ଼ମଣି ସିଂହାରୀ ଶ୍ୟାମସୁନ୍ଦର କର ଜଣେ ଅସାଧାରଣ ପ୍ରତିଭାସଂପନ୍ନ ଶିଳ୍ପୀ । ସେ ପୁରୀ ଶ୍ରୀକ୍ଷେତ୍ରର ମଣିକର୍ଣ୍ଣିକା ସାହିରେ ଜନ୍ମ । ପିତା- ସିଂହାରୀ ଗୋବିନ୍ଦଚନ୍ଦ୍ର କର; ମାତା- ପଦ୍ମାବତୀ । ସେ ଟୋଲ୍‌ର ଜଣେ ପଣ୍ଡିତଙ୍କ ପାଖରେ ଯତ୍‌ସାମାନ୍ୟ ଶିକ୍ଷା ଲାଭ କରିଥିଲେ । ମାତ୍ର ପ୍ରଭୁ ଜଗନ୍ନାଥଙ୍କ ରତ୍ନ ସିଂହାସନରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସେବାରେ ନିଯୁକ୍ତି ପାଇ ସେ କୃତାର୍ଥ ହୋଇଥିଲେ । ଅତି ଅଳ୍ପ ବୟସରେ ସେ ପିତୃହୀନ ହୋଇଥିଲେ ମଧ୍ୟ ମାଆଙ୍କ ପ୍ରେରଣାରେ ସେ ସଙ୍ଗୀତ ପ୍ରତି ଆକୃଷ୍ଟ ହୋଇଥିଲେ । ନିଜର ମୌଳିକ ଗୁଣ ଗରିମାରେ ସେ ଓଡ଼ିଶୀ ସଙ୍ଗୀତ ଗାୟନ ଓ ପ୍ରଚାର କରି ଏହି କ୍ଷେତ୍ରରେ ପ୍ରବୀଣ ହୋଇଥିଲେ । ସର୍ବପ୍ରଥମେ ଆକାଶବାଣୀ କଲିକତାରେ 'ଶ୍ରୀଜଗନ୍ନାଥ ନାମକୁ ମନରେ ହେଜ' ଓଡ଼ିଶୀ ସଙ୍ଗୀତ ସେ ପରିବେଷଣ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଜାତୀୟ ସମରସଙ୍ଗୀତ ଗାଇ ସେ ଦେଶବାସୀଙ୍କ ପ୍ରାଣରେ ଅପୂର୍ବ ଜାଗରଣ ସୃଷ୍ଟି କରିଥିଲେ । ତାଙ୍କର ଶିଷ୍ୟ-ଶିଷ୍ୟା ଅଗଣିତ । ତାଙ୍କ ନାମରେ ଶ୍ରୀକ୍ଷେତ୍ରରେ ଓଡ଼ିଶୀ ସଙ୍ଗୀତ ବିଦ୍ୟାଳୟ ଓ ଗବେଷଣା ପୀଠ ପ୍ରତିଷ୍ଠିତ ।

Digitized by srujan ka@gmail.com

ଚକ୍ରଧର ମହାପାତ୍ର

୧୯୦୮ — ୧୯୮୨

ଜଣେ ନିରଳସ ଗବେଷକ ଓ ନିଷ୍ଠାପର ସାହିତ୍ୟ-ସାଧକ ଭାବରେ ଚକ୍ରଧର ମହାପାତ୍ର ସୁବିଦିତ । ସେ କଟକ ଜିଲ୍ଲାର ନରସିଂହପୁରଠାରେ ଜନ୍ମ ଗ୍ରହଣ କରିଥିଲେ । ବିଦ୍ୟାଧ୍ୟୟନ ଓ କର୍ମ ସଂସ୍ଥାନପାଇଁ ସେ କଟକ ଆସି ପରବର୍ତ୍ତୀ କାଳରେ ତାହାକୁ ସେ କର୍ମଭୂମି ରୂପେ ବାଛି ନେଇଥିଲେ । ଜୀବନରେ ସେ ବହୁ ବିଶିଷ୍ଟ ସାହିତ୍ୟିକ ଓ ଜନନାୟକଙ୍କ ସାନ୍ନିଧ୍ୟ ଲାଭ କରିଥିଲେ । କୁନ୍ତଳାକୁମାରୀ ସାବତଙ୍କ ଜୀବନଧାରା ଓ ସାହିତ୍ୟ ସାଧନା ଶୈଳୀ ତାଙ୍କୁ ଖୁବ୍ ଆକୃଷ୍ଟ କରିଥିଲା । ତେଣୁ ଉତ୍ତର କାଳରେ 'କୁନ୍ତଳାକୁମାରୀଙ୍କ ଜୀବନ ଚରିତ' ଶୀର୍ଷକ ଏକ ଚମତ୍କାର ଗ୍ରନ୍ଥ ସେ ରଚନା କରିଥିଲେ । ଚକ୍ରଧର ମହାପାତ୍ର ମୁଖ୍ୟତଃ ଜଣେ କବି, ଉପନ୍ୟାସକାର ଓ ଗବେଷକ । ତାଙ୍କର ଉନ୍ନତ ଗବେଷଣାତ୍ମକ ଚିନ୍ତାଧାରାର ସଫଳ ପରିପ୍ରକାଶ ହେଲା 'ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ' । ତାଙ୍କର ଜନପ୍ରିୟ ଉପନ୍ୟାସଗୁଡ଼ିକ ମଧ୍ୟରୁ ''ଗୋବର ଗୋଟେଇ, ରଣମାଧୁରୀ, ବଳାଙ୍ଗୀ, ଅପୂର୍ଣ୍ଣ ପ୍ରେମ, ରୋଡ଼ଙ୍ଗ ବକ୍ସି'' ଆଦି ଉଲ୍ଲେଖନୀୟ । କବିତା ଗ୍ରନ୍ଥ ଭିତରେ ''କଳା କାଇଁଚ, ପାଇକ ଭାଇ, କିଶୋରୀ ଓ ଗଡ଼ଜାତ କୃଷକ'' ପ୍ରଭୃତି ସ୍ମରଣୀୟ । ତାଙ୍କ ଭାଷା ଶୈଳୀ ସରଳ ଓ ସାବଲୀଳ । ତାଙ୍କ ଉପନ୍ୟାସର ଚରିତ୍ରମାନେ ପାଠକୀୟ ସମ୍ବେଦନା ଦାବି କରନ୍ତି ।

Digitized by srujan ka@gmail.com

ପରଶୁରାମ ହରିଚନ୍ଦନ

୧୯୦୮ — ୧୯୭୭

ପରଶୁରାମ ହରିଚନ୍ଦନ ଜଣେ ସ୍ୱାଭିମାନୀ ପ୍ରଚାରବିମୁଖ ସାରସ୍ୱତ ସାଧକ । ପୁରୀ ଜିଲ୍ଲା ବାଣପୁରର ଗମ୍ଭାରିମୁଣ୍ଡା ଗ୍ରାମରେ ତାଙ୍କର ଜନ୍ମ । ମାଟ୍ରିକ ଶିକ୍ଷା ଲାଭ କରିବା ପରେ ସେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ଗ୍ରାମ ସଂଗଠନ, ଚାଷୀ ଆନ୍ଦୋଳନରେ ନେତୃତ୍ୱ ନେଇ ସେ ନିଜର ଦେଶସେବା ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ଭାରତ ସ୍ୱାଧୀନ ହେବା ପରେ ସେ ଜିଲ୍ଲା ପରିଷଦ ଆଞ୍ଚଳିକ ଉନ୍ନୟନ କମିଟିର ନିର୍ବାଚିତ ପ୍ରତିନିଧି ଭାବେ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରିଥିଲେ । ନିଜର ବଳିଷ୍ଠ ଅନୁଭୂତିକୁ ଜଣେ ସଚେତନଶୀଳ ସ୍ରଷ୍ଟା ଭାବରେ ସେ ତାଙ୍କ ନାଟକମାନଙ୍କରେ ସ୍ଥାନ ଦେଇଛନ୍ତି । ଜାତୀୟ ଚେତନା ଓ ଦେଶ ଭାବନାରେ ତାଙ୍କ କୃତି ରସସିକ୍ତ । ନାଟକ ବ୍ୟତୀତ ସେ ମଧ୍ୟ ଅନେକ କ୍ଷୁଦ୍ର କବିତାର ସ୍ରଷ୍ଟା । ଅନୁବାଦ କର୍ମରେ ହାତ ଦେଇ ସେଥିରେ ସେ ନିଜ ସଫଳତାର ସ୍ୱାକ୍ଷର ଛାଡ଼ି ଯାଇଛନ୍ତି । ତାଙ୍କ କୃତି ମଧ୍ୟରୁ "ବିପ୍ଳବୀ କୃତ୍ତିବାସ, ଦିଗ୍‌ବିଜୟୀ କପିଳେନ୍ଦ୍ର, ଅଭିଶପ୍ତ ଦୁର୍ଗ ଓ ଛିନ୍ନାଙ୍ଗୀ" ନାଟକଗୁଡ଼ିକ ବେଶ୍ ଉଚ୍ଚମାନର । ପଣ୍ଡିତ ଗୋଦାବରୀଶ ମିଶ୍ର ଏଗୁଡ଼ିକ ଉପରେ ନିଜର ମୂଲ୍ୟବାନ୍ ପ୍ରଶଂସାପୂର୍ଣ୍ଣ ମତାମତ ପ୍ରଦାନ କରିଯାଇଛନ୍ତି । ଦେଶପ୍ରେମ ଓ ଜାତୀୟତାବାଦ ଭାବଧାରା ତାଙ୍କ ସୃଷ୍ଟିର ମୁଖ୍ୟ ସ୍ୱର ।

Digitized by srujan ka@gmail.com

ପଣ୍ଡିତ ବାଇକୋଳି ମହାପାତ୍ର

୧୯୦୮ — ୧୯୭୭

ପରିବାରର ସନ୍ତାନମାନେ ଜନ୍ମ ହେବା ପରେ ଅଳ୍ପଦିନ ଭିତରେ ମରିଯାଉଥିବାରୁ ତାଙ୍କର ଅପ୍ରତ୍ୟାଶୀ ନାମ ଥିଲା ବାଇକୋଳି । ସେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ନିକଟସ୍ଥ ବାଲୁକେଶ୍ୱରପୁର ଗ୍ରାମରେ ଜନ୍ମ । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଅଷ୍ଟମ ଶ୍ରେଣୀ ପାସ୍‌କରି ସେ ପ୍ରାଥମିକ ସ୍କୁଲର ଶିକ୍ଷକ ହୋଇଥିଲେ । ସେ ନିଜ ଅଜା ଓ ମାମୁଙ୍କଠାରୁ ସଂସ୍କୃତ ଓ ଜ୍ୟୋତିଷ ବିଦ୍ୟା ଶିକ୍ଷା କରିଥିଲେ । ୧୯୨୭ - ୨୮ ମସିହାରେ ସେ ବ୍ରହ୍ମପୁରରେ ଶିକ୍ଷକ ଟ୍ରେନିଂ ନେଉଥିବା ସମୟରେ ନିମଖଣ୍ଡିର ଜଣେ ଧନୀ ଓ ବୃଦ୍ଧ ବ୍ୟକ୍ତିଙ୍କ ସହ ତାଙ୍କର ପରିଚୟ ହେଲା । ତାଙ୍କ ପାଖରେ ପ୍ରାୟ ୫୭ ଖଣ୍ଡ ସଂସ୍କୃତ ଜ୍ୟୋତିଷ ଗ୍ରନ୍ଥ ଥିଲା । ଏହି ଟ୍ରେନିଂ ସମୟରେ ସେହି ଜ୍ୟୋତିଷ ଗ୍ରନ୍ଥ ସାହାଯ୍ୟରେ ବାଇକୋଳି ତାଙ୍କର 'ଜ୍ୟୋତିଃସାର ରତ୍ନାବଳୀ' ତିନିଖଣ୍ଡର ପାଣ୍ଡୁଲିପି ପ୍ରସ୍ତୁତ କରିଥିଲେ । ଏହି ସାଧନା ତାଙ୍କୁ ସିଦ୍ଧି ଆଣିଦେଲା । ପରବର୍ତ୍ତୀ କାଳରେ ସେ ହେଲେ ଜ୍ୟୋତିଷ ବିଶାରଦ । ୨୨ ବର୍ଷ ଶିକ୍ଷକତା କରି ୧୯୪୫ରେ ସେ ଅବସର ଗ୍ରହଣ କଲେ । ତାଙ୍କର ଅଭ୍ରାନ୍ତ ଗଣନାପାଇଁ ସେ ଚିରସ୍ମରଣୀୟ ହୋଇ ରହିଲେ । ଜ୍ୟୋତିଷ ଗଣନା ଓ ଜ୍ୟୋତିଷ ଶାସ୍ତ୍ର ରଚନାପାଇଁ ସେ ଓଡ଼ିଶାରେ ସର୍ବତ୍ର ସୁପରିଚିତ ହୋଇପାରିଥିଲେ ।

Digitized by srujan ka@gmail.com

ମନମୋହିନୀ ଦେବୀ

୧୯୦୮ — ୧୯୮୮

ମନମୋହିନୀ ଦେବୀ ଓଡ଼ିଆ ସାହିତ୍ୟର ଏକ ସୁପରିଚିତ ନାରୀ ପ୍ରତିଭା । ସେ କଟକ ଜିଲ୍ଲାର ନୋଧାଠାରେ ଜନ୍ମଗ୍ରହଣ କରିଥିଲେ । ସମ୍ପର୍କରେ ସେ ଜାତୀୟ କବି ବୀରକିଶୋରଙ୍କ ଶାଳୀ । ସମୟର ପ୍ରାଣସ୍ପନ୍ଦନ ଓ ପରିବେଶ ପରିସ୍ଥିତି-ଜନିତ ପ୍ରେରଣା ତାଙ୍କୁ ଲେଖନୀ ଚାଳନା କରିବାକୁ ବାଧ କରିଥିଲା । ଜୀବନର ସ୍ୱର୍ଣ୍ଣିମ ଅପରାହ୍ନରେ ସେ ସପରିବାର କଟକ ସହରସ୍ଥ ସତୀଚଉରା ଅଞ୍ଚଳର 'ମୋହିନୀ ମହଲ'ରେ ଅତିବାହିତ କରିଥିଲେ । ମନମୋହିନୀ ଦେବୀ ସାହିତ୍ୟର ବିଭିନ୍ନ ବିଭାଗରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ ମଧ୍ୟ ମୁଖ୍ୟତଃ ସେ ଥିଲେ କବି । ତାଙ୍କର ସରଳ ସୁଖପାଠ୍ୟ ତଥା ଭାବବୋଧକ କବିତା ଗ୍ରନ୍ଥ ମଧ୍ୟରୁ "ଝରଣା, ଗୀତାଳି, ପୁଷ୍ପାଳି, ଅର୍ଘ୍ୟାବଳୀ, ଆଶ୍ୱିନ-କୁମାରୀ ଗୀତିକା, ବନାନୀ, ଅଶୋକ ବନରେ ବୈଦେହୀଙ୍କ ଶୋକ, ଶାରଦୀୟ କ୍ରୀଡ଼ା ସଙ୍ଗୀତ (ପୁଞ୍ଚୁଖେଳ ଗୀତ), କ୍ଷେମ-କ୍ଷେମଟା-କ୍ଷେମେଇ ଲଟା, ଅନାବନା ଓ ଅବଶେଷ" ଆଦି ସ୍ମରଣୀୟ । ଗଦ୍ୟ ରଚନା ମଧ୍ୟରୁ "କେତେ ସ୍ମୃତି କେତେ ଚିତ୍ର, ବିଚାର ଓ ଆଲୋଚନା, ସନାତନ ଧର୍ମ ଓ ମୋର ଧର୍ମ ବିଶ୍ୱାସ ଇତ୍ୟାଦି ଗ୍ରନ୍ଥ ଅନ୍ୟତମ । ପଲ୍ଲୀ କବିତାର ନିର୍ମଳ ଭାବ-ଭାବନାପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ମାନିତ କରିଥିଲା । ଓଡ଼ିଆ ସାହିତ୍ୟରେ ମନମୋହିନୀ ଦେବୀଙ୍କ ପଦାଙ୍କ ସ୍ପଷ୍ଟ ।

Digitized by srujan ka@gmail.com

ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

୧୯୦୯ — ୧୯୮୭

କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଜଣେ ଖ୍ୟାତନାମା ଐତିହାସିକ ଓ ସୁସାହିତ୍ୟିକ । ସେ ମୟୂରଭଞ୍ଜ ଜିଲ୍ଲାର ଖିଚିଙ୍ଗଠାରେ ପିତାଙ୍କର ନବମ ସନ୍ତାନ ରୂପେ ଜନ୍ମଗ୍ରହଣ କରିଥିଲେ । ପିଲାଦିନରୁ ଜଣେ ମେଧାବୀ ଛାତ୍ର ଭାବରେ ତାଙ୍କର ଖ୍ୟାତି ଥିଲା । ସେ କଲିକତା ବିଶ୍ୱବିଦ୍ୟାଳୟରୁ ଇତିହାସରେ ଏମ୍.ଏ. ପାସ୍ କଲା ପରେ ମେଧାବୃତ୍ତି ପାଇ ଗବେଷଣା କର୍ମରେ ରତ ହେଲେ । ତାଙ୍କର କର୍ମତତ୍ପରତା ଓ କାର୍ଯ୍ୟଦକ୍ଷତା ଯୋଗୁଁ ସେ ଓଡ଼ିଶା ପ୍ରତ୍ନତତ୍ତ୍ୱ ବିଭାଗର ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଏବଂ ପରେ ସୁପରିଣ୍ଟେଣ୍ଡେଣ୍ଟ ହୋଇପାରିଥିଲେ । ୧୯୪୪ ମସିହାରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ଅଧ୍ୟାପକ ଭାବେ ନିଯୁକ୍ତ ହୋଇଥିଲେ । ସେ ଜଣେ ଉଚ୍ଚକୋଟୀର ପ୍ରାବନ୍ଧିକ । 'ଇତିହାସ ଓ କିମ୍ବଦନ୍ତୀ', 'ପ୍ରବନ୍ଧ ମାନସ' ଓ 'ମୋ ସମୟର ଓଡ଼ିଶା' ତାଙ୍କ ପ୍ରବନ୍ଧ ରଚନାର ଉଚ୍ଚକୋଟୀର ନମୁନା । 'ସାରଳା ମହାଭାରତରେ ଐତିହାସିକ ଚିତ୍ର' ତାଙ୍କର ଅନ୍ୟତମ ଉଚ୍ଚମାନର ସମାଲୋଚନା ଗ୍ରନ୍ଥ । ନିଜର ସାରସ୍ୱତ ସାଧନାପାଇଁ ସେ 'ଓଡ଼ିଶା ସାହିତ୍ୟ ଏକାଡେମୀ' ଓ 'ପ୍ରଜାତନ୍ତ୍ର ପ୍ରଚାର ସମିତି' ଦ୍ୱାରା ସମ୍ମାନିତ ହୋଇଥିଲେ । 'ଓଡ଼ିଶା ଇତିହାସ' ଓ 'ଭୁବନେଶ୍ୱରର ପ୍ରାଚୀନ ସ୍ଥାପତ୍ୟ' ଭଳି ଗବେଷଣା ଗ୍ରନ୍ଥ ତାଙ୍କୁ ଚିରସ୍ମରଣୀୟ କରିଅଛି ।

Digitized by srujan ka@gmail.com

ଅର୍ଥନୀତିଜ୍ଞ ସଦାଶିବ ମିଶ୍ର

୧୯୧୧ — ୧୯୯୫

ପ୍ରଫେସର ସଦାଶିବ ମିଶ୍ର ଜଣେ ଭାରତ ବିଖ୍ୟାତ ଅର୍ଥନୀତିଜ୍ଞ ଓ ସୁବକ୍ତା । ପୁରୀ ଜିଲ୍ଲା ବିଶ୍ୱନାଥପୁର ଶାସନରେ ତାଙ୍କର ଜନ୍ମ । ସେ ସତ୍ୟବାଦୀ ବନବିଦ୍ୟାଳୟର ଆଦର୍ଶରେ ଦୀକ୍ଷିତ ଥିଲେ । ଅର୍ଥନୀତିରେ ଏମ୍.ଏ. କରିବା ପରେ ବିଦ୍ୟାବୃତ୍ତି ପାଇ ବିଦେଶ ଯାଇଥିଲେ ଉଚ୍ଚତର ଗବେଷଣା କରିବାଲାଗି । ସେ ରେଭେନ୍‌ସା କଲେଜର ଅଧ୍ୟକ୍ଷ ଓ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପଦରେ ବହୁବର୍ଷ ଅଧିଷ୍ଠିତ ହୋଇଥିଲେ । ଜଣେ ସଫଳ ପ୍ରଶାସକ ଭାବରେ ତାଙ୍କର ଖ୍ୟାତି ଅନେକ । ତାଙ୍କର କୃତିତ୍ୱ ଓ ପ୍ରତିଷ୍ଠା ଓଡ଼ିଆ ଜାତି ନିକଟରେ ଏକାନ୍ତ ସ୍ମରଣୀୟ । ଅତ୍ୟନ୍ତ ସାବଲୀଳ ଭାଷାରେ କ୍ଷୁଦ୍ର ବାକ୍ୟ ସଂଯୋଜନା କରି ଅର୍ଥନୀତି ଓ ଅନ୍ୟାନ୍ୟ ଜଟିଳ ତତ୍ତ୍ୱକୁ ସରଳ ଭାବରେ ବୋଧଗମ୍ୟ କରାଇବାର ଦକ୍ଷତା ତାଙ୍କର ପ୍ରଶଂସନୀୟ । ସେ ତାଙ୍କର ଆମେରିକା ଅନୁଭୂତିକୁ 'ମାର୍କିନ ପରିକ୍ରମା' ଭ୍ରମଣ କାହାଣୀରେ ରୂପାୟିତ କରିଛନ୍ତି । 'ଅର୍ଥ ଓ ଅର୍ଥାନ୍ତର' ଓ 'ମାତୃପୂଜା ମଣ୍ଡପ' ପ୍ରବନ୍ଧ ସଂକଳନ ଦୁଇଟି ତାଙ୍କ ରମଣୀୟ ରଚନା ଶୈଳୀର ବଳିଷ୍ଠ ଉଦାହରଣ । 'ମାତୃପୂଜା ମଣ୍ଡପ' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ । ସେ ଜଣେ ଉଚ୍ଚକୋଟୀର ଅଧ୍ୟାପକ ଭାବରେ ଯେପରି ସୁଖ୍ୟାତି ଅର୍ଜନ କରିଥିଲେ, ଜଣେ ସୁବକ୍ତା ଭାବରେ ସେତିକି ଜନପ୍ରିୟ ଥିଲେ ।

Digitized by srujan ka@gmail.com

ପ୍ରାଣକୃଷ୍ଣ ସାମଲ

୧୯୧୨ — ୧୯୫୯

ଚପଳାର କ୍ଷଣିକ ଚମକ ଭଳି ଓଡ଼ିଆ ସାହିତ୍ୟାକାଶରେ ପ୍ରାଣକୃଷ୍ଣ ସାମଲଙ୍କ ଆବିର୍ଭାବ ଓ ତିରୋଧାନ ଥିଲା ସ୍ୱଳ୍ପକାଳ ସ୍ଥାୟୀ । ତଥାପି ଓଡ଼ିଆ ସାହିତ୍ୟର ଇତିହାସ ପୃଷ୍ଠାରେ ତାହା ଅତ୍ୟନ୍ତ ସ୍ମରଣୀୟ ନାମ । କଟକ ଜିଲ୍ଲାର କଳାଅନ୍ତି ଗ୍ରାମରେ ପ୍ରାଣକୃଷ୍ଣଙ୍କର ଜନ୍ମ । ତାଙ୍କ ଜୀବନର ଗତିପଥ ଥିଲା ଦୁଃଖ ଜଞ୍ଜାଳମୟ । ଗଭୀର ଜୀବନାନୁଭୂତିର ମର୍ମରିତ ରୂପ ତାଙ୍କ ସୃଷ୍ଟି ସଂପଦରୁ ଦେଖିବାକୁ ମିଳେ । ଓଡ଼ିଶାର ପାଠକ ସମାଜରେ ସେ ଜଣେ ଦରଦୀ କବି ଓ ଜୀବନବାଦୀ ଔପନ୍ୟାସିକ ଭାବରେ ସୁପରିଚିତ । ତାଙ୍କର କବିତା ସଂକଳନ ମଧ୍ୟରେ ''ରଜପର୍ବ, ଜ୍ୟୋତ୍ସ୍ନା, ଭିନ୍ନଦୃଷ୍ଟି'' ଆଦି ଖୁବ୍ ଲୋକପ୍ରିୟତା ଅର୍ଜନ କରିଥିଲା । ତେବେ କବିତା ଅପେକ୍ଷା ଉପନ୍ୟାସ ସୃଷ୍ଟିପାଇଁ ସେ ଅଧିକ ସମ୍ମାନର ଅଧିକାରୀ । ତାଙ୍କର ଉପନ୍ୟାସଗୁଡ଼ିକ ମଧ୍ୟରୁ ''ନୀଳକମଳ, ସହଯାତ୍ରିଣୀ, ହାତୀକା ଦାନ୍ତ, ପଲ୍ଲୀ ଜୀବନ ଓ ପ୍ରେମ'' ପ୍ରଭୃତି ବିଶେଷ ଉଲ୍ଲେଖଯୋଗ୍ୟ । ପ୍ରାଣକୃଷ୍ଣଙ୍କ ଉପନ୍ୟାସଗୁଡ଼ିକ କଳାତ୍ମକ ଓ ସମାଜ ସମସ୍ୟାଭିତ୍ତିକ । ମାନବିକ ସମ୍ବେଦନାର ସ୍ୱର ଏଥିରେ ତୀବ୍ର । ଚରିତ୍ରମାନେ ତେଲ ଲୁଣ ସସାର ଯନ୍ତ୍ରଣାସିକ୍ତ ମାନବାତ୍ମା ।

Digitized by srujan ka@gmail.com

ଅନନ୍ତ ପଟ୍ଟନାୟକ

୧୯୧୨ — ୧୯୮୭

କବି ଅନନ୍ତ ପଟ୍ଟନାୟକ ଜଣେ ବହୁମୁଖୀ ପ୍ରତିଭାଧାରୀ ମହାନ୍ ସ୍ରଷ୍ଟା । ଖୋର୍ଦ୍ଧା ଜିଲ୍ଲାର ଚଣାହାଟ ଗ୍ରାମରେ ତାଙ୍କର ଜନ୍ମ । ବହୁ ଘାତ ପ୍ରତିଘାତ ମଧ୍ୟରେ ସେ ରେଭେନ୍‌ସା କଲେଜରୁ ବି.ଏ. ପାସ୍ କରିଥିଲେ । ଛାତ୍ରାବସ୍ଥାରୁ ସେ ଥିଲେ ସଂଗ୍ରାମୀ ଓ ବିପ୍ଳବୀ । ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇ ସେ ବହୁବାର କାରାବରଣ କରିଥିଲେ । ଓଡ଼ିଶାରେ ପ୍ରଗତିବାଦୀ ସାହିତ୍ୟଧାରାର ସେ ଥିଲେ ଅନ୍ୟତମ କର୍ଣ୍ଣଧାର । ସେ 'କୃଷକ' ଓ 'ମୁକ୍ତିପଥ' ପତ୍ରିକାର ସଂପାଦକ ଥିଲେ ଏବଂ 'ସତ୍ୟବାଦୀ' ଓ 'ସମାଜ'ର ସଂପାଦନା ବିଭାଗରେ କିଛିକାଳ କାର୍ଯ୍ୟ କରିଥିଲେ । ତାଙ୍କର ''ରକ୍ତଶିଖା, ତର୍ପଣ କରେ ଆଜି, ଛାଇର ଛିଟା, ଅଲୋଡ଼ା ଲୋଡ଼ା ଓ କିଞ୍ଚିତ'' ଆଦି କବିତା ଗ୍ରନ୍ଥ ଓଡ଼ିଆ କାବ୍ୟ-କବିତା ଜଗତରେ ଏକ ଏକ ମାଇଲ ଖୁଣ୍ଟ । ଫାସିବାଦ ଓ ଯୁଦ୍ଧ ପ୍ରମତ୍ତତା ବିରୋଧରେ ସ୍ୱର ଉତ୍ତୋଳନ କରିବା ତାଙ୍କ ସୃଷ୍ଟି ର ଆଭିମୁଖ୍ୟ ଥିଲା । ମାନବବାଦର ସେ ଜଣେ ମୁଖ୍ୟ ନାନ୍ଦୀକାର । 'ମା' ଅନୁବାଦ ପାଇଁ ସେ ସୋଭିଏତ୍ ଦେଶ ନେହେରୁ ପୁରସ୍କାର ପାଇଥିଲେ । 'ଅବାନ୍ତର' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ । ସେ 'ଉତ୍କଳ ସାହିତ୍ୟ ସମାଜ' ସହିତ ନିବିଡ଼ ଭାବରେ ସଂପୃକ୍ତ ହୋଇ ବହୁବାର କର୍ମକର୍ତ୍ତା ଥିଲେ ।

Digitized by srujan ka@gmail.com

ବିନୋଦ କାନୁନ୍‌ଗୋ

୧୯୧୨ — ୧୯୯୦

ନିଷ୍ଠାପର ସାଧକ ଓ ଦେଶସେବକ ରୂପେ ବିନୋଦ କାନୁନ୍‌ଗୋ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ । ସେ କଟକ ଜିଲ୍ଲା କିଶୋର ନଗରସ୍ଥ ମଲ୍ଲୀପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ୧୯୩୦ ମସିହାରେ ସେ ଦଶମ ଶ୍ରେଣୀରେ ପଢୁଥିବା ସମୟରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ ତାଙ୍କ ହୃଦୟକୁ ଗଭୀର ଭାବରେ ସ୍ପର୍ଶ କରିଥିଲା । ସେ ସ୍କୁଲ ଶିକ୍ଷା ବର୍ଜନ କରି ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ । ଏଥିପାଇଁ ତାଙ୍କୁ ଅନେକ ଥର କାରାବରଣ କରିବାକୁ ହୋଇଥିଲା । ସମାଜବାଦୀ ଓ ଗାନ୍ଧିବାଦୀ ନେତା ଭାବରେ ସେ ଅତ୍ୟନ୍ତ ଲୋକପ୍ରିୟ । ତ୍ୟାଗ, ନିଷ୍ଠା ଓ ସଚ୍ଚୋଟପଣିଆ ତାଙ୍କ ଜୀବନର ବ୍ରତ ହୋଇଥିଲା । ଦେଶ ସ୍ୱାଧୀନତା ଲାଭ କଲା ପରେ ସେ ସାହିତ୍ୟ ସେବାକୁ ଅଗ୍ରାଧିକାର ଦେଇଥିଲେ । 'ଜ୍ଞାନ ମଣ୍ଡଳ' ଭଳି ବିଶାଳକାୟ କର୍ମ ଯୋଜନା ଏହି କାଳରେ ସେ ହାତକୁ ନେଇଥିଲେ । ଏହା ୪୨ ଖଣ୍ଡ ପ୍ରକାଶ ପାଇଥିଲେ ମଧ୍ୟ ସମଗ୍ର କାମର ସେ ବୈଜ୍ଞାନିକ ରୀତିରେ ପରିକଳ୍ପନା ଓ ପରିଯୋଜନା କରିଯାଇଛନ୍ତି । ୫୦ ଖଣ୍ଡରୁ ଊର୍ଦ୍ଧ୍ୱ ଶିଶୁ ସାହିତ୍ୟ ଗ୍ରନ୍ଥ ରଚନା କରି ତାଙ୍କ ମହାନ୍ କୃତିର ନମୁନା ଛାଡ଼ି ଯାଇଛନ୍ତି । ଜଣେ ଧ୍ୟାନସ୍ଥ ତପସ୍ୱୀ ଭଳି ସେ ସାରା ଜୀବନ ଓଡ଼ିଆ ଭାଷା-ସାହିତ୍ୟ ଓ ସଂସ୍କୃତିପାଇଁ ଉତ୍ସର୍ଗ କରିଯାଇଛନ୍ତି । ସେ ମଧ୍ୟ ଜଣେ ସଫଳ ଚିନ୍ତାଶୀଳ ପ୍ରାବନ୍ଧିକ ।

Digitized by srujan ka@gmail.com

ଗୋବର୍ଦ୍ଧନ ମହାନ୍ତି

୧୯୧୩ — ୧୯୮୭

ମନସ୍ୱୀ ଗୋବର୍ଦ୍ଧନ ଜଣେ ଗୀତିକାର, କବି, ନାଟ୍ୟକାର ଓ ସୁଗାୟକ ରୂପେ ପରିଚିତ । ଯାଜପୁର ଜିଲ୍ଲାର କପିଳେଶ୍ୱର ଗ୍ରାମରେ ତାଙ୍କର ଜନ୍ମ । କଟକରେ ବେତାର କେନ୍ଦ୍ର ପ୍ରତିଷ୍ଠା ହେବା ଆଗରୁ ସେ କଲିକତା ବେତାର କେନ୍ଦ୍ରର ଜଣେ ଗୀତିକାର ଓ ସ୍ୱରଶିଳ୍ପୀ ଥିଲେ । ଆକାଶବାଣୀ କଟକ କେନ୍ଦ୍ରର ସେ ପ୍ରଥମ ଗୀତିକାର । ତାଙ୍କର ବହୁ ସଂଗୀତ 'ହିଜ୍ ମାଷ୍ଟର୍ସ ଭଏସ୍' ରେକର୍ଡ କମ୍ପାନୀଦ୍ୱାରା ରେକର୍ଡ ହୋଇଥିଲା । ସେ କିଛିକାଳ ବାରିପଦାରେ ଅବସ୍ଥାନକରି ଛଉନୃତ୍ୟ ଶିକ୍ଷା ଦେଇଥିଲେ । ଯାଜପୁର ଆସି କୁରାଙ୍ଗ ଗ୍ରାମରେ 'ଦୁର୍ଗାମଣି ଥିଏଟର' ନାମରେ ଏକ ଥିଏଟର ଦଳ ଗଠନ କରିଥିଲେ । ସେ ଯାଜପୁରରେ 'ସଙ୍ଗୀତ ଶିକ୍ଷାସଦନ' ନାମରେ ଗୋଟିଏ ସଙ୍ଗୀତ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ତାଙ୍କର ପ୍ରକାଶିତ ସଙ୍ଗୀତ ପୁସ୍ତକ ''ମର୍ମର, ଅଞ୍ଜଳି, ଝରଣା, ପକେଟ ସଙ୍ଗୀତ ଓ ଗୋବର୍ଦ୍ଧନ ସଙ୍ଗୀତାବଳୀ'' ବିଶେଷ ଜନପ୍ରିୟ ହୋଇପାରିଥିଲା । ଜୀବିକାର୍ଜନ ପାଇଁ ସେ ସହକାରୀ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଭାବରେ କାର୍ଯ୍ୟ କରିଥିଲେ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର 'ଓଡ଼ିଆ ଜ୍ଞାନକୋଷ' ବିଭାଗରେ ଚାକିରି କରି ୧୯୭୨ ମସିହାରେ ଅବସର ଗ୍ରହଣ କରିଥିଲେ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତାଙ୍କ ସାଧନା ଅବ୍ୟାହତ ଥିଲା ।

Digitized by srujan ka@gmail.com

ରାଜକିଶୋର ରାୟ

୧୯୧୪ — ୧୯୯୮

କଥାକାର ରାଜକିଶୋର ରାୟ ଜଣେ ଅନନ୍ୟ-ସାଧାରଣ ବାଗ୍ମୀ, ଛାତ୍ରବତ୍ସଳ ଅଧ୍ୟାପକ ଓ ଅଦ୍ୱିତୀୟ କଳାକାର । ସେ ଖୋର୍ଦ୍ଧା ଜିଲ୍ଲାର ମେଣ୍ଢାଶାଳ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ, ନିଜ ମାମୁଘରେ । ନିଜ ଘର ଖୋର୍ଦ୍ଧାଠାରୁ ଆଠ ମାଇଲ ଦୂର ଛତାବର । ପିତା- ଶ୍ରୀନାଥ ରାୟ; ମାତା- ସୂର୍ଯ୍ୟମଣୀ ଦେବୀ । ପୁରୀ ଜିଲ୍ଲା ସ୍କୁଲରୁ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ରେଭେନ୍‌ସା କଲେଜରେ ଉଚ୍ଚଶିକ୍ଷା ପାଇଁ ଭର୍ତ୍ତି ହୋଇଥିଲେ । ଏଠାରେ ଜଣେ ଦକ୍ଷ କଳାକାର ଭାବରେ ନିଜକୁ ପ୍ରତିଷ୍ଠିତ କରିବାର ସୁଯୋଗ ସେ ଲାଭ କରିଥିଲେ । ୧୯୩୭ ମସିହାରେ ସେ ଇଂରାଜୀରେ ଏମ୍.ଏ. ପାସ୍ କରିଥିଲେ । ପ୍ରଥମେ ଶିକ୍ଷକତା, ତା'ପରେ ବଣାଇଗଡ଼ ରାଜାଙ୍କର ପର୍ସନାଲ ଆସିଷ୍ଟାଣ୍ଟ ଏବଂ ପରେ ରେଭେନ୍‌ସା କଲେଜରେ ଇଂରାଜୀ ଅଧ୍ୟାପକ ପୁଣି ଓଡ଼ିଆ ଅଧ୍ୟାପକ । ଜୀବନର ଉଠ୍‌ପଡ୍ ଭିତରେ ଅନେକ କର୍ମ ସେ ଆଦରି ନେଇଥିଲେ । ମାତ୍ର ତା'ରି ଭିତରେ ଜଣେ କଳାକାର ଓ ସାହିତ୍ୟିକ ଦର୍ପାୟାନ୍ ହୋଇ ଗଢ଼ି ଉଠିଥିଲା । ଓଡ଼ିଶା ସାହିତ୍ୟ ଏକାଡେମୀର ସେ ଥିଲେ ପ୍ରଥମ ସଂପାଦକ । ତାଙ୍କ ଅନୁପମ କଥାକୃତି ମଧ୍ୟରୁ- ''ନୀଳ ଲହରୀ, ବିକଚ ଶତଦଳ, ବନଜ୍ୟୋତ୍ସ୍ନା, ମନର ମୃଣାଳ, ପଙ୍କ ଚନ୍ଦନ, ଜୀବନ ସଙ୍ଗୀତ, ଦୁର୍ବଳ ଦେବାଳୟ, ଅମୃର୍ତ' ଆଦି ଉଲ୍ଲେଖଯୋଗ୍ୟ ।

Digitized by srujan ka@gmail.com

ବାମାଚରଣ ମିତ୍ର

୧୯୧୫ — ୧୯୭୫

ପ୍ରଥିତଯଶା କଥାକାର ଭାବରେ ବାମାଚରଣ ମିତ୍ର ବେଶ୍ ସୁପରିଚିତ । ଜଣେ ସଫଳ ଗାଳ୍ପିକ, ଉପନ୍ୟାସକାର ଓ ରମ୍ୟ ରଚନା ଲେଖକ ଭାବରେ ସେ ସୁପ୍ରତିଷ୍ଠିତ । ସେ କଟକ ଜିଲ୍ଲା ରଘୁନାଥପୁରଠାରେ ଜନ୍ମଗ୍ରହଣ କରିଥିଲେ । ରଘୁନାଥପୁର ଓ କଟକରେ ଆନୁଷ୍ଠାନିକ ଶିକ୍ଷା ସମାପ୍ତ କରିବା ପରେ ସେ ଓଡ଼ିଶା ସରକାରଙ୍କ ଅଧୀନରେ ପଦସ୍ଥ ଅଧିକାରୀ ଭାବରେ ନିଯୁକ୍ତି ପାଇଥିଲେ । ଜଣେ ନିଷ୍ଠାପର ନୀତିବାନ୍ ଅଫିସର ରୂପେ ସେ ନିଜର ଦକ୍ଷତା ପ୍ରଦର୍ଶନ କରିଯାଇଛନ୍ତି । ସାହିତ୍ୟ ସେବାକୁ ସେ ଜୀବନର ପରମ ବ୍ରତ ମନେ କରୁଥିଲେ । ମନୁଷ୍ୟର ସ୍ଖଳନ, ଅନ୍ୟାୟ ଓ ଅନୀତିକୁ ରମ୍ୟରଚନା ମାଧ୍ୟମରେ ପ୍ରକାଶ କରିବା ଥିଲା ତାଙ୍କ ସାହିତ୍ୟ ସୃଷ୍ଟିର ଆଭିମୁଖ୍ୟ । ମଣିଷ ସମାଜର ଦୋଷ ଦୁର୍ବଳତାକୁ ବ୍ୟଙ୍ଗକରି ହସେଇ ମଜେଇ କହିଲେ ତାହା ପ୍ରଭାବଶାଳୀ ହେବ ବୋଲି ତାଙ୍କର ଧାରଣା । 'ଏଣୁଷ୍ଟ ତେଣୁଷ୍ଟ' ପୁସ୍ତକପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀଦ୍ୱାରା ପୁରସ୍କୃତ ହୋଇଥିଲେ । ତାଙ୍କର ପ୍ରକାଶିତ ଗ୍ରନ୍ଥଗୁଡ଼ିକ ମଧ୍ୟରୁ "ପରାଗ, ନରଛଞ୍ଚାଣ, ପାଷାଣର ପ୍ରାଣ, ସ୍ୱପ୍ନସିଦ୍ଧ, ଅସୀମ, ମହାପୁରୁଷ ବଟ, କୀର୍ତ୍ତିଯସ୍ୟ" ଆଦି ଉଲ୍ଲେଖନୀୟ । ତାଙ୍କ ସୃଜନ-ଶୈଳୀ ସରସ, ସୁନ୍ଦର ଓ ଜନପ୍ରିୟ ।

Digitized by srujan ka@gmail.com

ମାର୍କଣ୍ଡେୟ ମହାପାତ୍ର

୧୯୧୫ — ୧୯୯୩

ସଂଗୀତ ବିଶାରଦ ମାର୍କଣ୍ଡେୟ ମହାପାତ୍ର ପୁରୀ ଓଡ଼ିଶୀ ଘରାନାର ଜଣେ ସୁଯୋଗ୍ୟ ସ୍ୱରଶିଳ୍ପୀ । ଓଡ଼ିଶୀ ସଙ୍ଗୀତ ଗୁରୁ ହିସାବରେ ସେ ସମଗ୍ର ଓଡ଼ିଶା, ଦିଲ୍ଲୀ ଓ କଲିକତା ପ୍ରଭୃତି ଜାତୀୟ ତଥା ଆନ୍ତର୍ଜାତିକ ସହରରେ ସୁପରିଚିତ । ପୁରୀ ସହରରେ ଜନ୍ମ ଓ ଶିକ୍ଷାପ୍ରାପ୍ତ ଏହି ବରେଣ୍ୟ ଶିଳ୍ପୀ ଓଡ଼ିଶୀ ସଙ୍ଗୀତଗୁରୁ ସିଂହାରୀ ଶ୍ୟାମସୁନ୍ଦର କରଙ୍କର ପଟ୍ଟଶିଷ୍ୟ । ପୁରୀ ଓଡ଼ିଶୀ ଘରାନାର ସେ ଜଣେ ସୁଯୋଗ୍ୟ ଉତ୍ତରାଧିକାରୀ । ତାଙ୍କ ଗାୟନ ଶୈଳୀରେ ନିଜସ୍ୱତା ରହିଥିବା ସହିତ ଆଭିଜାତ୍ୟ ଓ ଭିନ୍ନ ସ୍ୱାଦ ରହିଥିବା ଲକ୍ଷ୍ୟଣୀୟ । ୧୯୬୪ ମସିହାରେ ଉତ୍କଳ ସଂଗୀତ ମହାବିଦ୍ୟାଳୟ ଭୁବନେଶ୍ୱରରେ ସ୍ଥାପନ କରାଗଲା । ଓଡ଼ିଶୀ ସଙ୍ଗୀତ ବିଭାଗରେ ସିଂହାରୀ ଶ୍ୟାମସୁନ୍ଦର କର ବରିଷ୍ଠ ଅଧ୍ୟାପକ ଓ ମାର୍କଣ୍ଡେୟ ମହାପାତ୍ର ସହକାରୀ ଅଧ୍ୟାପକ ରୂପେ ନିଯୁକ୍ତି ପାଇଥିଲେ । ୧୯୭୬ ମସିହାରେ ମାର୍କଣ୍ଡେୟ ମହାପାତ୍ର ଏହି କର୍ମରୁ ଅବସର ଗ୍ରହଣ କରିଥିଲେ । ତାଙ୍କ ସ୍ୱରର ପ୍ରାଞ୍ଜଳତା ଓ ଭାବପୂର୍ଣ୍ଣତା ଅନୁଭବକରି ଯେ କେହି ସ୍ୱୀକାର କରିବ, ଏ କଳା ତାଙ୍କର ଈଶ୍ୱର-ଦତ୍ତ । ଉତ୍କଳୀୟ କଳା-ସଂସ୍କୃତିର ଏହି ମହାନ୍ ସାଧକଙ୍କ ନାମରେ ପୁରୀଠାରେ ଏବେ ଏକ ସଙ୍ଗୀତ ବିଦ୍ୟାଳୟ ଗଢ଼ି ଉଠିଛି ।

Digitized by srujan ka@gmail.com

ହରିପ୍ରିୟା ଦେବୀ

୧୯୧୫ — ୧୯୮୬

ଓଡ଼ିଶାରେ ନାରୀ ପ୍ରତିଭାର ପରିଚୟ ବହୁଳ ଭାବେ ନ ମିଳିଲେ ବି ନଗଣ୍ୟ ନୁହେଁ । ଜଣେ ସଫଳ ଓ ପ୍ରଭାବଶାଳୀ କବି ଭାବରେ ହରିପ୍ରିୟା ଦେବୀ ସୁବିଦିତ । ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନାସ୍ଥ ନରିଲୋ ଗ୍ରାମରେ ତାଙ୍କର ଜନ୍ମ । ଶିକ୍ଷାର ଉଚ୍ଚତମ ସୋପାନରେ ପହଞ୍ଚିବାର ସୁଯୋଗ ମିଳି ନ ଥିଲେ ବି ସେ ଥିଲେ ଉଚ୍ଚକୋଟୀର କବି ପ୍ରତିଭାର ଅଧିକାରିଣୀ । ନିଜ ଜୀବନାନୁଭୂତି ଓ ହୃଦୟର ଆବେଗକୁ ବଡ଼ ଚମତ୍କାର ଶୈଳୀରେ ସେ କାବ୍ୟ-ରୂପ ପ୍ରଦାନ କରିଯାଇଛନ୍ତି । ନାରୀ ମନ ତଳର ଅକୁହା ମର୍ମବେଦନା ତାଙ୍କ କବିତାରେ ମର୍ମରିତ । ତାଙ୍କ ରଚିତ ପୁସ୍ତକ ମଧ୍ୟରେ ''ଶାରଦୀ, ଜାଗରଣୀ, ମଳୟକୁମାରୀ, ବହ୍ନିଶିଖା, କାକଳି, କୁହୁ, ଗୀତି ପୁଷ୍ପାଞ୍ଜଳି'' ଆଦି ପ୍ରଧାନ । ତାଙ୍କର ବଳିଷ୍ଠ ସାରସ୍ୱତ ସାଧନାପାଇଁ ୧୯୭୫ରେ ତାଙ୍କୁ 'କବିତା କଳ୍ପଲତା' ଉପାଧିରେ ଲୋକେ ଭୂଷିତ କରିଥିଲେ । ସାହିତ୍ୟ ସାଧନାରେ ନିଜକୁ ଉତ୍ସର୍ଗ କରିଥିବା ଏହି ନାରୀକବି ଆତ୍ମଲୀନ ଯୋଗିନୀ ସଦୃଶ ଜୀବନ ବିତାଉଥିଲେ । ତଥାପି ଜଣେ ସ୍ନେହଶୀଳା ମାଆ ଭଳି ନୂତନ ସ୍ରଷ୍ଟାମାନଙ୍କୁ ସେ ଆଦର କରୁଥିଲେ ଓ ସେମାନଙ୍କ ସହିତ ଆଳାପ ଆଲୋଚନା କରୁଥିଲେ ।

Digitized by srujan ka@gmail.com

ହାସ୍ୟରସିକ ଫତୁରାନନ୍ଦ

୧୯୧୫ — ୧୯୯୫

ଜୀବନ ବିଦ୍ୟାଳୟର ବିଚିତ୍ର ଛାତ୍ର, ଦୁଃଖ ଗୁରୁଙ୍କର ପଟ୍ଟଶିଷ୍ୟ, ହାସ୍ୟରସିକ ଫତୁରାନନ୍ଦଙ୍କ ପ୍ରକୃତ ନାମ ରାମଚନ୍ଦ୍ର ମିଶ୍ର । କଟକ ସହର ଝାଞ୍ଜିରମଙ୍ଗଳା (ମିଶ୍ର ଲେନ୍)ରେ ତାଙ୍କର ଜନ୍ମ । ପିତା- ବିଦ୍ୟାଧର ମିଶ୍ର; ମାତା- ସୁଭଦ୍ରା ଦେବୀ । ରେଭେନ୍‌ସା କଲିଜିଏଟ୍ ସ୍କୁଲରୁ ୧୯୩୧ ମସିହାରେ ମାଟ୍ରିକ ପାସ୍ । ତା'ପରେ ଓଡ଼ିଶା ମେଡିକାଲ୍ ସ୍କୁଲରେ ଡାକ୍ତରୀ ପାଠପଢ଼ା । ଡାକ୍ତରୀ ପାଇଁ ଶିକ୍ଷା ଲାଭ କରିସାରିଲା ବେଳକୁ ସେ ନିଜେ ରୋଗୀ ହୋଇଗଲେ । ରୋଗ କବଳରୁ ନିଜକୁ ମୁକ୍ତ କଲାବେଳକୁ ଦୃଷ୍ଟିଶକ୍ତି ହରାଇ ଅନ୍ଧମୁନି ସାଜିଥିଲେ ସେ । ସଂସାର ପ୍ରତି ତାଙ୍କର ଜାତ ହେଲା ପ୍ରଚଣ୍ଡ କ୍ଷୋଭ । ସେ ସାରା ଜୀବନ ଅବିବାହିତ ରହିଲେ । ତା'ପରେ ସେ ସାହିତ୍ୟର ହେଲେ ନିଷ୍କାମ ଭକ୍ତ ଓ ସେବକ । ତାଙ୍କ ଭାଷାରେ, ସେ ଅଚଳ ସାହିତ୍ୟ ସଂସାରର ଚାଷୀ । ଅନ୍ତରର ସମସ୍ତ ବେଦନାକୁ ଚାପିରଖି ଜଣେ ଦରଦୀ ମଣିଷ ଭାବରେ ସେ ଜଗତକୁ ହସେଇ ଚାଲିଲେ । ତାଙ୍କର ଜନପ୍ରିୟ ମହାର୍ଘ କୃତି ମଧ୍ୟରୁ "ନାକଟା ଚିତ୍ରକାର, ନିଲଠା କବି, ସାହିତ୍ୟ ଚାଷ, ହେରେସା, ବିଦୂଷକ, ମଙ୍ଗଳବାରିଆ ସାହିତ୍ୟ ସଂସଦ, ହସକୁରା, ବୃହତ୍ ଭାଣ୍ଡ, ଅମୃତ ବେହିଆ, ଭୋଟ, ସାହି ମହାଭାରତ ଓ ମୋ ଫୁଟା ଡଙ୍ଗାର କାହାଣୀ" ଅଗ୍ରଗଣ୍ୟ ।

Digitized by srujan ka@gmail.com

ଜ୍ଞାନୀନ୍ଦ୍ର ବର୍ମା

୧୯୧୬ — ୧୯୯୦

କବି, କଥାକାର, ସ୍ତମ୍ଭକାର ତଥା ବଳିଷ୍ଠ ସାମ୍ବାଦିକ ଭାବରେ ଜ୍ଞାନୀନ୍ଦ୍ର ବର୍ମା ସୁପରିଚିତ । ସେ କଟକ ଜିଲ୍ଲାର ସୁପ୍ରସିଦ୍ଧ କୁସୁପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ବର୍ମା ପରିବାର ଏହି ଅଞ୍ଚଳରେ ଶିକ୍ଷା ଦୀକ୍ଷା ଓ ସାଂସ୍କୃତିକ କାର୍ଯ୍ୟ ଲାଗି ବହୁଚର୍ଚ୍ଚିତ । ଉଚ୍ଚଶିକ୍ଷା ଲାଭ ପରେ ସ୍ୱାଧୀନଚେତା ଜ୍ଞାନୀନ୍ଦ୍ର ଦେଶସେବାରେ କିଛିକାଳ ମନୋନିବେଶ କରିଥିଲେ । ପରବର୍ତ୍ତୀ କାଳରେ ସାମ୍ବାଦିକତାକୁ ବୃତ୍ତିରୂପେ ସେ ବାଛି ନେଇଥିଲେ । ମାତ୍ର ସାହିତ୍ୟ ସେବା ଥିଲା ତାଙ୍କର ବାସ୍ତବ ଜୀବନ । ତାଙ୍କର କାବ୍ୟ-କବିତା ଓ କାବ୍ୟ-ନାଟିକା ଭିତରୁ- 'ବୋଲେ ହୁଁଟି', 'କଲରେଇ ଫୁଲ', 'ଏକ ରାତ୍ରି', 'ମେଘଦୂତ', 'ଏକ ଛୋଟ ସହରର କାହାଣୀ', 'ପ୍ରେମିକାର ସ୍ମୃତି', 'ଦୁଇଟି ସୂର୍ଯ୍ୟର ଜୀବନୀ', 'ସ୍ୱର୍ଣ୍ଣଯୁଗର ସନ୍ଧ୍ୟା', 'ସ୍ୱର୍ଗର ଲୋତକ' ଓ 'ପ୍ରମିଳାର ସ୍ମୃତି' ପ୍ରଭୃତି ପ୍ରଧାନ । 'ଲାଲଘୋଡ଼ା', 'ଶତାବ୍ଦୀର ସ୍ୱପ୍ନଭଙ୍ଗ', 'ତିନୋଟି ହୃଦୟର କାହାଣୀ', 'ଜୀବନ ଛନ୍ଦ ଓ ଭୂମିକା' ଆଦି ଉପନ୍ୟାସ ତାଙ୍କର ସ୍ମରଣୀୟ କୃତି । ସେ ଅନେକ ବିଦେଶୀ ଉପନ୍ୟାସ ମଧ୍ୟ ଅନୁବାଦ କରିଯାଇଛନ୍ତି । ନିରଳସ ନିଷ୍ଠାପର ସାହିତ୍ୟ ସାଧକ ଜ୍ଞାନୀନ୍ଦ୍ର ବର୍ମାଙ୍କର ସୃଜନ ପୃଷ୍ଠଭୂମି ଥିଲା ପଲ୍ଲୀଜୀବନ ଓ ପଲ୍ଲୀପ୍ରାଣତା । ସେ ସହରରେ ଜୀବନ ବିତାଉଥିଲେ ମଧ୍ୟ ଗାଁ-ମାଟିକୁ ଭୁଲିପାରି ନ ଥିଲେ ।

Digitized by srujan ka@gmail.com

ଶ୍ରୀହର୍ଷ ମିଶ୍ର

୧୯୧୭ — ୧୯୮୪

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭାବରେ ଶ୍ରୀହର୍ଷ ମିଶ୍ର ସୁପରିଚିତ । ଗଞ୍ଜାମ ଜିଲ୍ଲାରେ ଜନ୍ମ ଏହି ବୀରପୁତ୍ରଙ୍କ ଜୀବନ ଥିଲା ଘାତ ପ୍ରତିଘାତମୟ ଘଟଣାବଳୀରେ ପରିପୂର୍ଣ୍ଣ । ଆନୁଷ୍ଠାନିକ ଶିକ୍ଷା ସମାପ୍ତ କରିବାର ସୁଯୋଗ ତାଙ୍କୁ ମିଳି ନ ଥିଲା । ୧୯୩୦ ମସିହାରେ ସେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ । ପାଞ୍ଚବର୍ଷ ଆଠମାସ ସେ କାରାବରଣ କରିଥିଲେ । ସାମ୍ବାଦିକ କର୍ମକୁ ସେ ଉଚିତ ଓ ପବିତ୍ର ମନେକରି ସେଇ ଧାରାରେ ନିଜକୁ ନିୟୋଜିତ କରିଥିଲେ । ସାମ୍ବାଦିକ ଭାବରେ ସେ ଦୈନିକ ଆଶା, ନିଆଁଖୁଣ୍ଟା, ନବଭାରତ, ସମାଜ, କଳିଙ୍ଗ, ଜନଶକ୍ତି ଓ ଶେଷରେ 'ପ୍ରଜାତନ୍ତ୍ର'ରେ କାର୍ଯ୍ୟ କରିଥିଲେ । 'ପ୍ରଜାତନ୍ତ୍ର'ର ସଂପାଦକ ଭାବରେ ଚଉଦବର୍ଷ କାର୍ଯ୍ୟ କରିବାପରେ ସେ ଅବସର ଗ୍ରହଣ କରିଥିଲେ । ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଏକାନ୍ତ ସ୍ମରଣୀୟ । ଭ୍ରମଣ କାହାଣୀ ଭାବରେ 'ପଶ୍ଚିମ ଦିଗନ୍ତ' ତାଙ୍କର ଅନନ୍ୟ କୃତି । ଏହା ବ୍ୟତୀତ ସ୍ୱାଧୀନ ଆନ୍ଦୋଳନ, ଗଣତନ୍ତ୍ର ଭାରତ, ଆଚାର୍ଯ୍ୟ କୃପାଳିନୀ ଓ ବ୍ରିଟିଶ ଶାସନର ଚକ୍ରତଳେ ଭଳି ଅନୁଭୂତିସିଦ୍ଧ କୃତି ଉଲ୍ଲେଖଯୋଗ୍ୟ । ତାଙ୍କର ଅଧିକାଂଶ ଲେଖାରେ ସାମ୍ବାଦିକ-ଶୈଳୀର ପରିପ୍ରକାଶ ଦେଖିବାକୁ ମିଳେ ।

Digitized by srujan ka@gmail.com

ପ୍ରଜ୍ଞା-ପୁରୁଷ ଶ୍ରୀରାମଚନ୍ଦ୍ର ଦାଶ

୧୯୧୮ — ୧୯୯୪

ମହାନ୍ ବିଦ୍ୱାନ୍ ଶ୍ରୀରାମଚନ୍ଦ୍ର ଦାଶ ନିଜର ପ୍ରତ୍ୟୁତ୍ପନ୍ନମତିପାଇଁ ଓଡ଼ିଶାରେ ସୁପରିଚିତ । ସେ ଏକାଧାରରେ ଥିଲେ ଜଣେ ଛାତ୍ରବତ୍ସଳ ଶିକ୍ଷକ, ବିଚକ୍ଷଣ ବକ୍ତା, ବିଶିଷ୍ଟ ରାଜନୀତି ବିଶାରଦ ଓ ଜଣେ ପ୍ରାଜ୍ଞ ପ୍ରାବନ୍ଧିକ । ଜଗତ୍‌ସିଂହପୁର ଜିଲ୍ଲାର ବାଲିକୁଦା ନିକଟବର୍ତ୍ତୀ ବୀର ନରସିଂହପୁର ଗ୍ରାମରେ ତାଙ୍କର ଜନ୍ମ । ସେ ୧୯୩୬ ମସିହାରେ ରେଭେନ୍‌ସା କଲିଜିଏଟ୍ ସ୍କୁଲରୁ ପ୍ରବେଶିକା ପରୀକ୍ଷା ଦେଇ ସମଗ୍ର ବିହାର ଓ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ରେଭେନ୍‌ସା କଲେଜରୁ ଆଇ.ଏ. ଓ ପାଟନା କଲେଜରୁ ବି.ଏ. ଓ ଏମ୍.ଏ. ପାସ୍ କରିବାରେ କୃତିତ୍ୱ ପ୍ରଦର୍ଶନ କରିଥିଲେ । ୧୯୪୨ରେ ନିମ୍ନ ଆୟକର ଅଫିସର୍, ୧୯୪୩ରେ କଟକରେ ଯୋଗାଣ ସୁପରଭାଇଜର, ୧୯୪୮ରେ ଆଇ.ଏ.ଏସ୍. ପରୀକ୍ଷାରେ ପ୍ରଥମ ହୋଇ ମଧ୍ୟ ଯୋଗ ଦେଇ ନ ପାରିବା ଆଦି ତାଙ୍କ ଜୀବନର ଉଲ୍ଲେଖନୀୟ ଘଟଣା । ୧୯୫୪ ମସିହାରେ ରେଭେନ୍‌ସା କଲେଜରେ ଅର୍ଥନୀତି ଅଧ୍ୟାପକ ହେବାପରେ ବିଭିନ୍ନ ସରକାରୀ କଲେଜରେ ଅଧ୍ୟାପନା କରି ୧୯୬୩ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ହୋଇଥିଲେ । ଅବସର ଗ୍ରହଣ ପରେ ସେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ । 'ୟୁରୋପରେ ମୋ ଅନୁଭୂତି' ଗ୍ରନ୍ଥପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀଦ୍ୱାରା ପୁରସ୍କୃତ ।

Digitized by srujan ka@gmail.com

ଗିରିଜାଶଙ୍କର ଦାସ ମହାପାତ୍ର

୧୯୧୮ — ୧୯୯୭

ଗିରିଜାଶଙ୍କର ଦାସ ମହାପାତ୍ର ଜଣେ ସର୍ବ ଭାରତୀୟ ଖ୍ୟାତିସମ୍ପନ୍ନ ଡାକ୍ତର । ପିତା- ଚୌଧୁରୀ ନରେନ୍ଦ୍ରନାଥ ଦାସ ମହାପାତ୍ର; ମାତା- ଶାରଦାମଣି ଦେବୀ । ଅବସ୍ଥାନ- ମହତାବ ରୋଡ଼, କଟକ । ଜଣେ କୃତୀଛାତ୍ର ହିସାବରେ ସେ ପାଟନା ପ୍ରିନ୍‌ସ ଅଫ୍ ୱେଲ୍‌ସ ମେଡିକାଲ କଲେଜରୁ ୧୯୪୨ ମସିହାରେ ଏମ୍.ବି.ବି.ଏସ୍. ପାସ୍‌କରି ସେଇ କଲେଜରେ ଏମ୍.ଏସ୍. କରିଥିଲେ ୧୯୪୫ ମସିହାରେ । ପୁଣି ଏଡିନ୍‌ବରା ବିଶ୍ୱବିଦ୍ୟାଳୟରୁ ସେ ଏଫ୍.ଆର.ସି.ଏସ୍. ଡିଗ୍ରୀ ହାସଲ କରିଥିଲେ ୧୯୪୮ ମସିହାରେ । ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ୧୯୪୬ ମସିହାରୁ କର୍ମମୟ ଜୀବନର ଆରମ୍ଭ ଏବଂ ୧୯୭୩ ମସିହାରେ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ । ସେ ସର୍ବଭାରତୀୟ ସ୍ତରରେ ବହୁ ସଂସ୍ଥାଦ୍ୱାରା ତାଙ୍କର ଉଲ୍ଲେଖନୀୟ ସ୍ୱାସ୍ଥ୍ୟ-ସେବାପାଇଁ ସମ୍ମାନିତ ଓ ପୁରସ୍କୃତ । ଶରୀର ଚିକିତ୍ସାରେ କୃତିତ୍ୱ ହାସଲ କରିଥିବା ଗିରିଜାଶଙ୍କର ମଣିଷର ମାନସିକ ଚେତନାର ଉତ୍ତରଣପାଇଁ ଉଚ୍ଚକୋଟୀର ସାହିତ୍ୟ ସୃଷ୍ଟି କରିଯାଇଛନ୍ତି । ତାଙ୍କର କବିତା ଗ୍ରନ୍ଥ ମଧ୍ୟରୁ ସମର୍ପଣ, ମନ ଓ ଆବେଗ, ମାନବ ସ୍ରୋତ ଏବଂ ଗଦ୍ୟ ଗ୍ରନ୍ଥ ଉପନିଷଦ ଉପାଖ୍ୟାନ-ମାଳା ଉଲ୍ଲେଖଯୋଗ୍ୟ । ଆବେଗ ପ୍ରବଣତା ତାଙ୍କ କବିତାର ଅନ୍ତଃପ୍ରବାହିତ ଧାରା ।

Digitized by srujan ka@gmail.com

ରଘୁନାଥ ଦାସ (ଜଟାୟୁ)

୧୯୧୯ — ୧୯୮୪

ବିପ୍ଳବୀ-କବି ରଘୁନାଥ ଦାସ ଥିଲେ ଜଣେ ଖ୍ୟାତନାମା ଆଇନଜୀବୀ । ଖୋର୍ଦ୍ଧା ଜିଲ୍ଲାର ଷଣ୍ଢପୁର ଗ୍ରାମରେ ତାଙ୍କର ଜନ୍ମ । ପିତା ହାଇସ୍କୁଲ ଶିକ୍ଷକ ଥିବାରୁ ରଘୁନାଥଙ୍କ ବାଲ୍ୟକାଳ ପିତାଙ୍କ କର୍ମକ୍ଷେତ୍ରରେ ହିଁ କଟିଥିଲା । ଯାଜପୁରରେ ସେ ସ୍କୁଲ ଶିକ୍ଷା ଲାଭ କରିଥିଲେ । ଏଠାରେ ଅବସ୍ଥାନ କରୁଥିବା ସମୟରେ ଦିନେ ସେ ଘରୁ ପଳାଇ ଆସି କଟକରେ ସ୍ୱାଧୀନତା ସଂଗ୍ରାମୀଙ୍କ 'ବାନର ସେନା'ରେ ଯୋଗ ଦେଇଥିଲେ । ଏଥିପାଇଁ ତାଙ୍କୁ ଏକମାସ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିଥିଲା । ପିତାମାତାଙ୍କ ମୃତ୍ୟୁପରେ ୧୯୩୬ ମସିହାରୁ ସେ. ରେଭେନ୍‌ସା କଲେଜ ଛାତ୍ରାବାସରେ ରହି ଅଧ୍ୟୟନ କରିଥିଲେ । ସେ ବି.ଏ. ପାସ୍‌କରି ଆଇନ ଶିକ୍ଷା ପ୍ରତି ଆକୃଷ୍ଟ ହୋଇପଡ଼ିଥିଲେ । ଜୀବନରେ ଖୁବ୍ ପ୍ରବୀଣ ଆଇନଜ୍ଞ ହୋଇଥିଲେ ମଧ୍ୟ ସାହିତ୍ୟ ପ୍ରତି ତାଙ୍କର ପ୍ରଗାଢ଼ ନିଷ୍ଠା ଥିଲା । ସେ 'ଜଟାୟୁ', 'ବେଲାଲସେନ' 'ଶୁକଦେବ ଶର୍ମା', 'ରବୀନ୍ଦ୍ରନାଥ ଦାସ' ଆଦି ଅନେକ ଛଦ୍ମନାମରେ ସାହିତ୍ୟ ରଚନା କରୁଥିଲେ । ସେ 'ଅଗଷ୍ଟ ପନ୍ଦର ଓ ଅନ୍ୟାନ୍ୟ କବିତା', 'ପୁନଶ୍ଚ' (କବିତା), 'ଜଉଘର' (ଏକାଙ୍କିକା), 'ରାଜନୀତି ଆଉ ଆମେ' (ପ୍ରବନ୍ଧ) ଏବଂ 'ଅଜବ ଦେଶରେ ଏଲିସ୍', 'ପ୍ରେମର ନିକଷ', 'ଫାଶୀ ଆସାମୀର ଚୋରା ଚିଠି' ଆଦି ଅନୁବାଦ ଗ୍ରନ୍ଥର ସଫଳ ସ୍ରଷ୍ଟା । ବାମପନ୍ଥୀ ଚେତନାର ସ୍ୱର ତାଙ୍କ ସୃଷ୍ଟିରେ ମର୍ମରିତ ।

Digitized by srujan ka@gmail.com

ରାମଚନ୍ଦ୍ର ମିଶ୍ର

୧୯୨୦ — ୧୯୯୨

ଓଡ଼ିଶାର ମହାନ୍ ବରପୁତ୍ର ରାମଚନ୍ଦ୍ର ମିଶ୍ର ଭୂମିଷ୍ଠ ହୋଇଥିଲେ ପୂର୍ବତନ ଗଡ଼ଜାତ ଦଶପଲ୍ଲାଠାରେ । ବିଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦଚନ୍ଦ୍ର ମିଶ୍ରଙ୍କ ସାନଭାଇଙ୍କର ପୁଅ ସେ । ନାନା ଘାତ ପ୍ରତିଘାତ ଭିତରେ ତାଙ୍କର ଶିକ୍ଷା ବାଣପୁର ହାଇସ୍କୁଲ, କଟକ ମିଶନ ସ୍କୁଲ ଓ ଉଚ୍ଚଶିକ୍ଷା ରେଭେନ୍ସା କଲେଜରେ ସଂପନ୍ନ ହୋଇଥିଲା । ୧୯୪୬ ମସିହାରେ ସେ ମଧୁସୂଦନ ଆଇନ କଲେଜରୁ ବି.ଏଲ୍. ପାସ୍‌କରି କିଛିକାଳ ଶିକ୍ଷକତା କରିବାପରେ ବାଲେଶ୍ୱରରେ ଡେପୁଟି କଲେକ୍ଟର ଭାବେ ଯୋଗ ଦେଇଥିଲେ । ୧୯୫୦ ମସିହା ଅକ୍ଟୋବର ପହିଲାରୁ ସେ ଚାକିରିରୁ ଇସ୍ତଫା ଦେଇ ସ୍ୱାଧୀନ ଓକିଲାତି ବୃତ୍ତି ଆରମ୍ଭ କରିଥିଲେ । କିଛି ବର୍ଷ ସେ ରାଜନୀତିରେ ପଶିଥିଲେ । କ୍ଷମତା ରାଜନୀତିର ସ୍ୱରୂପ ଦେଖିଲାପରେ ପ୍ରବଳ ଘୃଣା ଯୋଗୁଁ ସେ ରାଜନୀତି ଛାଡ଼ିଲେ । ଓକିଲାତି ଓ ସାହିତ୍ୟ ସେବା ହେଲା ତାଙ୍କ ଜୀବନର ସହଚର । ୧୯୪୨ରୁ ତାଙ୍କର ନାଟ୍ୟକାର ଜୀବନ ଆରମ୍ଭ । ସେ ଓଡ଼ିଶାର ଅତ୍ୟନ୍ତ ଜନପ୍ରିୟ ଓ ସଫଳ ନାଟ୍ୟକାର । ଏଥିପାଇଁ ସେ ଅନେକ ସମ୍ମାନର ଅଧିକାରୀ । ସେ ନାଟକ ଭିନ୍ନ ଗଳ୍ପ ଓ ଉପନ୍ୟାସ ରଚନା କରିଥିଲେ ମଧ୍ୟ ସାର୍ଥକ ନାଟ୍ୟକାର ଭାବରେ ତାଙ୍କ କୃତି — 'ଅଭିମାନ', 'ଘର ସଂସାର', 'ଭାଇ ଭାଉଜ', 'ମୂଲିଆ', 'ସେବିକା', 'ମମତା', 'ଚାବୁକ', 'ସାଇପଡ଼ିଶା', 'ନରୋତ୍ତମ ଦାସ କହେ' ଓ 'ମନ୍ତ୍ରୀଯୁଗର ଖ୍ୟାତି' ଅମ୍ଳାନ ।

Digitized by srujan ka@gmail.com

ନବୀନ କୁମାର ସାହୁ

୧୯୨୦ — ୧୯୯୨

ଡଃ ନବୀନ କୁମାର ସାହୁ ଜଣେ ଖ୍ୟାତନାମା ଐତିହାସିକ, ପ୍ରତ୍ନତତ୍ତ୍ୱବିଦ୍ ଓ ଦକ୍ଷ ପ୍ରଶାସକ । ଜଣେ ଉଚ୍ଚକୋଟୀର ପ୍ରାବନ୍ଧିକ ଭାବେ ମଧ୍ୟ ସେ ସୁପରିଚିତ । ସେ ଇତିହାସ ବିଭାଗର ଅଧ୍ୟାପକ, ପ୍ରାଧ୍ୟାପକ ଓ ପ୍ରଫେସର ଭାବରେ ବେଶ୍ ଛାତ୍ରବତ୍ସଳ ଥିଲେ । ତାଙ୍କଦ୍ୱାରା ପ୍ରଦତ୍ତ ଐତିହାସିକ ତଥ୍ୟ ବେଳେବେଳେ ଦ୍ୱନ୍ଦ୍ୱାତ୍ମକ ହୋଇ ଉଠିଥିଲେ ମଧ୍ୟ ତାହା ନୂତନତାର ସ୍ୱାଦ ବହନ କରିଥାଏ । ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଥିଲାବେଳେ ପଶ୍ଚିମ ଓଡ଼ିଶାର ବହୁ ଅନାବିଷ୍କୃତ ତଥ୍ୟ ଲୋକ-ଲୋଚନକୁ ଆଣିଥିଲେ । ଐତିହାସିକ ତଥ୍ୟ ଆଧାରିତ ତାଙ୍କର ପ୍ରବନ୍ଧଗୁଡ଼ିକ ଜ୍ଞାତବ୍ୟ ତଥ୍ୟର ସୁସଂଯତ ଅଭିବ୍ୟକ୍ତି ହୋଇଥିବା ଦୃଷ୍ଟିରୁ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ । ଜଣେ ଆଦର୍ଶ ଇତିହାସକାର ରୂପେ ସତ୍ୟନିଷ୍ଠ ହେବା ଓ ତାହାର ପରିପ୍ରଚାର ପାଇଁ ଯଥାର୍ଥ ମାର୍ଗ ଅନୁସରଣ କରିବା, ତାଙ୍କ ପ୍ରବନ୍ଧଗୁଡ଼ିକର ମୌଳିକ ଲକ୍ଷ୍ୟ ବୋଲି ଜଣାପଡ଼େ । ତାଙ୍କର ଇଂରାଜୀ ଭାଷାରେ ଲିଖିତ କେତେଖଣ୍ଡ ଗ୍ରନ୍ଥ ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ବୁଦ୍ଧିଜୀବୀମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିଛି । ତଥ୍ୟଭିତ୍ତିକ ସତ୍ୟାନୁସନ୍ଧାନକୁ ସେ ଜୀବନର ଆଦର୍ଶ ବୋଲି ଧରିନେଇଥିଲେ ।

Digitized by srujan ka@gmail.com

ମନମୋହନ ମିଶ୍ର

୧୯୨୦ — ୨୦୦୦

ଓଡ଼ିଆ କାବ୍ୟ-ଜଗତରେ ନବଚେତନାର ଅନ୍ୟତମ ବାର୍ତ୍ତାବହ ଥିଲେ ମନମୋହନ ମିଶ୍ର । ପୁରୀ ଜିଲ୍ଲା ବୀର ନରସିଂହପୁର ଶାସନରେ ତାଙ୍କର ଜନ୍ମ । କଲେଜ ଜୀବନରୁ ତାଙ୍କ ପ୍ରାଣରେ ସ୍ଥିତାବସ୍ଥା ପ୍ରତି ବିଦ୍ରୋହ ଜାତ ହୋଇଥିଲା । ସେ ମୁକ୍ତି ସଂଗ୍ରାମରେ ଝାସଦେଇ ବ୍ରିଟିଶ ସରକାରଙ୍କ କୋପ ଦୃଷ୍ଟିରେ ପଡ଼ିଥିଲେ । ବିପ୍ଲବୀ କବି ହିସାବରେ ତାଙ୍କର ଯେମିତି ଖ୍ୟାତି, ଜଣେ ସୁବକ୍ତା ଭାବରେ ତାଙ୍କର ସେହିଭଳି ଜନପ୍ରିୟତା ଥିଲା । କବିତା ଆବୃତ୍ତିର ଢଙ୍ଗ ତାଙ୍କର ଚମତ୍କାରି । ତାଙ୍କ କବିତାରେ ବାମପନ୍ଥୀ ଓ ସାମ୍ୟବାଦୀ ଚିନ୍ତାଧାରା ପରିଲକ୍ଷିତ । ଛନ୍ଦ ଓ ଭାବର ଅପୂର୍ବ ସମନ୍ୱୟ ସହିତ ଚିତ୍ରକଳ୍ପ ଓ ମିଥ୍ ପ୍ରୟୋଗରେ ନୂତନତା ତାଙ୍କର କାବ୍ୟ-ସୃଷ୍ଟିର ବୈଶିଷ୍ଟ୍ୟ । ଏକ ଶୋଷଣବିହୀନ, ଶ୍ରେଣୀହୀନ ସମାଜ ପ୍ରତିଷ୍ଠାପାଇଁ ବୈପ୍ଲବିକ ଆବେଦନ ତାଙ୍କ କବିତାର ମୁଖ୍ୟ ସ୍ୱର । ତାଙ୍କ ଯଶସ୍ୱୀ ଲେଖନୀ ନିଃସୃତ କାବ୍ୟଗ୍ରନ୍ଥ ମଧ୍ୟରୁ ଆବାଜ, କୋଟିକଣ୍ଠେ, ନୂଆ ଗପଟିଏ ଲେଖ, ଜନତାର ଜୟଗାନ ଆଦି ଉଲ୍ଲେଖନୀୟ । ଅନୁବାଦ କର୍ମରେ ତାଙ୍କର ଦକ୍ଷତା ପ୍ରଶଂସନୀୟ । ଓଡ଼ିଆ ସାହିତ୍ୟର ଇତିହାସ ପୃଷ୍ଠାରେ ସେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ଏହି ବିଦ୍ରୋହୀ କାବ୍ୟ-ପୁରୁଷ ଜୀବନର ଶେଷ ସନ୍ଧ୍ୟା ପର୍ଯ୍ୟନ୍ତ ସାଲିସହୀନ-ଜୀବନକୁ ପସନ୍ଦ କରି ଆସିଥିଲେ ।

Digitized by srujan ka@gmail.com

ସାର୍ଥକ-ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି

୧୯୨୨ — ୧୯୯୨

ଯଶସ୍ୱୀ-ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି ଏକାଧାରରେ ଥିଲେ ଜଣେ ସାମ୍ବାଦିକ, ରାଜନୀତିଜ୍ଞ ଓ ବିଚକ୍ଷଣ ଚିନ୍ତାନାୟକ । କଟକ ଜିଲ୍ଲା ସାଲେପୁର ଥାନାସ୍ଥ ପୁରୁଷୋତ୍ତମପୁର ଗ୍ରାମରେ ତାଙ୍କର ଜନ୍ମ । ବି.ଏ. ଶିକ୍ଷା ଲାଭ କରିବା ପରେ ସେ ଜୀବନକୁ ଏକ ଖେଳୁଆଡ଼ ମନୋଭାବ ନେଇ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରି ଦେଇଥିଲେ । ଜୀବନର ଗଭୀର ଅନୁଭୂତି ସବୁ ଅଭିଜାତ ଶୈଳୀରେ ତାଙ୍କ ସାହିତ୍ୟ କୃତିରେ ପ୍ରତିବିମ୍ବିତ । ସେ ସାହିତ୍ୟର ଯେଉଁ ବିଭାଗରେ ଲେଖନୀ ଚଳାଇଛନ୍ତି, ସେଥିରେ ଆଶାତୀତ ଭାବେ ସଫଳ ହୋଇଛନ୍ତି । ଜୀବନୀ, ଆତ୍ମଜୀବନୀ, ଭ୍ରମଣ କାହାଣୀ, ନାଟକ, ଓ ସାହିତ୍ୟ-ଇତିହାସ ଲେଖକ ଭାବରେ ତାଙ୍କର ଅବଦାନ ଅବିସ୍ମରଣୀୟ । ଗଳ୍ପ ଓ ଉପନ୍ୟାସ ତାଙ୍କ ସଫଳତାର କୋଣାର୍କ । 'ନୀଳଶୈଳ' ଉପନ୍ୟାସପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ 'ଶତାବ୍ଦୀର ସୂର୍ଯ୍ୟ' ପାଇଁ ସାରଳା ପୁରସ୍କାର ତାଙ୍କୁ ମିଳିଥିଲା । ତାଙ୍କ ସ୍ମରଣୀୟ କୃତି ମଧ୍ୟରୁ- 'କୃଷ୍ଣଚୂଡ଼ା', 'ରୁଟି ଓ ଚନ୍ଦ୍ର', 'ମହାନଗରୀର ରାତ୍ରି', 'ମରାଳର ମୃତ୍ୟୁ', 'ମହାନିର୍ବାଣ', 'ଓ କାଲ୍‌କାଟା', 'କବି ନର୍ତ୍ତକୀ', 'ପେକିଂ ଡାଏରୀ', 'ଅନ୍ଧ ଦିଗନ୍ତ', 'ନେତି ନେତି', 'ଆଜୀବକର ଅଟ୍ଟହାସ୍ୟ', 'ଓଡ଼ିଆ ସାହିତ୍ୟର ଆଦିପର୍ବ'ଓ 'ମଧ୍ୟପର୍ବ' ଉଲ୍ଲେଖଯୋଗ୍ୟ । ସେ ରାଜ୍ୟସଭା ଓ ଲୋକସଭାର ସଦସ୍ୟ ଥିଲେ । ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ପଦ ଅଳଙ୍କୃତ କରିଥିଲେ ।

Digitized by srujan ka@gmail.com

ବ୍ରହ୍ମାନନ୍ଦ ପଣ୍ଡା

୧୯୨୨ — ୧୯୯୬

ସଂପୂର୍ଣ୍ଣ ନୂତନ ଶୈଳୀର ଗଳ୍ପ ଲେଖକ ଭାବରେ ବ୍ରହ୍ମାନନ୍ଦ ପଣ୍ଡାଙ୍କ ନାମ ସର୍ବାଗ୍ରେ ସ୍ମରଣୀୟ । ଗଞ୍ଜାମ ଜିଲ୍ଲା ସେରଗଡ଼ ଅନ୍ତର୍ଗତ ଚିକିଲି ଗ୍ରାମରେ ତାଙ୍କର ଜନ୍ମ । ସୁଶିକ୍ଷିତ ଏହି ଗାଳ୍ପିକଙ୍କ ଜୀବନଧାରା ଧର୍ମଚେତନା ଓ ରାଜନୀତିକ ଭାବଧାରା ଦ୍ୱାରା ଦୋଳାୟମାନ ହୋଇଥିଲା । ସେ ଭାରତର ପାର୍ଲିଆମେଣ୍ଟର ସଭ୍ୟହେବା ଯେପରି ଆଶ୍ଚର୍ଯ୍ୟଜନକ ଘଟଣା ନ ଥିଲା, ସାଇବାବାଙ୍କ ପରମ ଭକ୍ତ ହେବା ସେଭଳି ଚମକପ୍ରଦ ପ୍ରସଙ୍ଗ ହୋଇ ନ ଥିଲା । ଏସବୁର ଊର୍ଦ୍ଧ୍ୱରେ ଏକ ପ୍ରୟୋଗବାଦୀ କଥାକାର ଭାବରେ ତାଙ୍କ କୃତି ବୃହତ୍ତର ପାଠକ ସମାଜରେ ଆଦୃତ ହୋଇସାରିଥିଲା । ରାଜନୀତିକ, ଯୌନ-ଚେତନାମୂଳକ ଓ ଜୀବନାନୁଭୂତି-ଧର୍ମୀ ବହୁ କ୍ଷୁଦ୍ରଗଳ୍ପ ରଚନା କରି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି । ମନୋବିଜ୍ଞାନ ସାହାଯ୍ୟରେ ବ୍ୟକ୍ତି ଜୀବନର ବ୍ୟାପକତା କଳନା କରିବାରେ ସେ ଜଣେ ସୁଦକ୍ଷ ସ୍ରଷ୍ଟା । ତାଙ୍କର ଗଳ୍ପ ଗ୍ରନ୍ଥ ମଧ୍ୟରୁ 'କଳା ଓ କଳ୍ପନା', 'ପ୍ରାନ୍ତ ଯମକ', 'ଆତ୍ମପରିଚୟ', 'ଫଲ୍‌ଗୁର ତରଙ୍ଗ', 'ଭୋଳି କକା' ଓ 'ମହକ' ଆଦି ଉଲ୍ଲେଖନୀୟ । ଓଡ଼ିଆ ଗଳ୍ପ ସାହିତ୍ୟ କ୍ଷେତ୍ରରେ ତାଙ୍କର ସୃଜନଧାରା ସଂପୂର୍ଣ୍ଣ ନୂତନ । ତାଙ୍କର ସୃଷ୍ଟି ପରିମାଣ ଦୃଷ୍ଟିରୁ ଅଧିକ ନ ହେଲେ ମଧ୍ୟ ଗୁଣାତ୍ମକ ଦୃଷ୍ଟିରୁ ଖୁବ୍ ଉଚ୍ଚମାନର ।

Digitized by srujan ka@gmail.com

ଭଞ୍ଜକିଶୋର ପଟ୍ଟନାୟକ

୧୯୨୨ — ୧୯୯୯

ଓଡ଼ିଆ ନାଟ୍ୟ-ସାହିତ୍ୟର ଆଧୁନିକ ପର୍ବର ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ନାଟ୍ୟକାର ହେଲେ ଭଞ୍ଜକିଶୋର ପଟ୍ଟନାୟକ । କଟକ ଜିଲ୍ଲାର ଛାଣିପୁରଠାରେ ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ତାଙ୍କର ଜନ୍ମ । ଓଡ଼ିଶାର ଶିକ୍ଷା ନିର୍ଦ୍ଦେଶାଳୟରେ ତାଙ୍କ କର୍ମମୟ ଜୀବନ ସୀମିତ ଥିଲେ ମଧ୍ୟ ତାଙ୍କ ସାହିତ୍ୟିକ ଜୀବନ ଅତ୍ୟନ୍ତ ପରିବ୍ୟାପ୍ତ ଥିଲା । ସେ ଏକାଦଶ ଶ୍ରେଣୀରେ ଅଧ୍ୟୟନ କରୁଥିଲାବେଳେ 'ଝଡ଼ ରାତି' ନାଟକ ଲେଖା ଆରମ୍ଭ କରିଥିଲେ । ଜୀବନରେ ନାଟକ ରଚନା ଓ ନାଟ୍ୟାଭିନୟ କରିବାପାଇଁ ସେ ପାଗଳ ହୋଇ ଉଠିଥିଲେ । ତାଙ୍କରି ସମୟକୁ କବିଚନ୍ଦ୍ର କାଳୀଚରଣଙ୍କ ନେତୃତ୍ୱରେ ଓଡ଼ିଶାରେ ମଞ୍ଚ ଆନ୍ଦୋଳନ ସୂତ୍ରପାତ ହୋଇସାରିଥିଲା । ତା'ରି ସୁଯୋଗରେ ଭଞ୍ଜକିଶୋରଙ୍କ ଲେଖନୀ ହୋଇଉଠିଥିଲା ଅଜସ୍ରସ୍ରାବୀ । ତାଙ୍କର ମଞ୍ଚ ସମ୍ପର୍କ ଖୁବ୍ ନିବିଡ଼ । ମଞ୍ଚରେ ସଫଳତା ସହିତ ଅଭିନୀତ ହୋଇ ଭଞ୍ଜକିଶୋରଙ୍କୁ ସୁପରିଚିତ କରାଇଥିବା ତାଙ୍କ ନାଟକଗୁଡ଼ିକ ମଧ୍ୟରେ- ''ବେନାମୀ, ତୋଫାନ, ଗରିବ, ମାଣିକଯୋଡ଼ି, ବୈରାଗୀର ସଂସାର, ଜୟମାଲ୍ୟ, ପହିଲି ରଜ, ଅତିଥି, ଅଗ୍ନି ପରୀକ୍ଷା ଓ ଅଶୋକ ସ୍ୱପ୍ନ'' ଅନ୍ୟତମ । ଏହା ବ୍ୟତୀତ ସେ ଅନେକ ଏକାଙ୍କିକାର ସଫଳ ସ୍ରଷ୍ଟା । ନାଟ୍ୟ ରଚନାପାଇଁ ସେ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।

Digitized by srujan ka@gmail.com

ସଂଗୀତ-ସୁଧାକର ବାଳକୃଷ୍ଣ ଦାଶ

୧୯୨୩ — ୧୯୯୩

ଅସାମାନ୍ୟ ସଙ୍ଗୀତଜ୍ଞ ବାଳକୃଷ୍ଣ ଦାଶ ଭୁବନେଶ୍ୱର ନିକଟସ୍ଥ ବାଳକାଟିର ବସନ୍ତପେଡ଼ି ଶାସନରେ ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ଜନ୍ମ । ପିତା- ଦୀନବନ୍ଧୁ ଦାଶ; ମାତା- କମଳା ଦେବୀ । ଗ୍ରାମରେ ମାଇନର ସ୍କୁଲ ଶିକ୍ଷା ଶେଷକରି ବାଳକୃଷ୍ଣ ପୁରୁଣା ଭୁବନେଶ୍ୱରର ବି.ଏମ୍. ହାଇସ୍କୁଲରେ ନାମ ଲେଖାଇଥିଲେ । ଦଶମ ଶ୍ରେଣୀରେ ପଢୁଥିବାବେଳେ ସେ ସଂସ୍କୃତ ଶିକ୍ଷା ପ୍ରତି ଆକୃଷ୍ଟ ହୋଇଥିଲେ । ମାତ୍ର ତାଙ୍କର ଅସାଧାରଣ ସଂଗୀତ-ପ୍ରତିଭାରେ ଆକୃଷ୍ଟହୋଇ ବସନ୍ତପେଡ଼ିର ଜମିଦାର ସତ୍ୟପ୍ରିୟ ମହାନ୍ତି (ପୂର୍ବତନ ବାଚସ୍ପତି) ତାଙ୍କୁ ସାଙ୍ଗରେ ଧରି କଟକ ଚାଲି ଆସିଲେ । ବିଖ୍ୟାତ ସଂଗୀତଗୁରୁ ଗୋକୁଳ ଶ୍ରୀଚନ୍ଦନଙ୍କ ସହିତ ବାଳକୃଷ୍ଣଙ୍କୁ ସେ ପରିଚିତ କରାଇ ତାଙ୍କର ସଂଗୀତ ଶିକ୍ଷାର ବ୍ୟବସ୍ଥା କଲେ । ତା'ପରେ ଗୁରୁଙ୍କ ପ୍ରେରଣା ଓ ଶିକ୍ଷାଦାନରେ ସେ ସବୁକିଛି ଭୁଲି ସଙ୍ଗୀତକୁ ନିଜର କରିନେଲେ । ଏହାପରେ ସେ ଉନ୍ନତିର ଚରମ ସୋପାନକୁ ଉଠିଚାଲିଲେ । ଦେଶ ବିଦେଶରେ ତାଙ୍କର ସୁଖ୍ୟାତି ବ୍ୟାପିଲା । ଅଗଣିତ ଛାତ୍ର-ଛାତ୍ରୀ ତାଙ୍କର । ସେ ଆକାଶବାଣୀ କଟକ କେନ୍ଦ୍ରରେ 'ସଙ୍ଗୀତ ପ୍ରଯୋଜକ' ଭାବେ ୧୯୪୮ରୁ ୧୯୫୭ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ବାସ୍ତବରେ ସେ ଓଡ଼ିଶା ସଙ୍ଗୀତ ଜଗତର ଅନ୍ୟତମ ଉଜ୍ଜ୍ୱଳ ତାରକା ଏବଂ ଓଡ଼ିଶୀ ସଙ୍ଗୀତର ଅନ୍ୟତମ ମୁଖ୍ୟ ପ୍ରବର୍ତ୍ତକ ।

Digitized by srujan ka@gmail.com

ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ)

୧୯୨୫ — ୨୦୦୦

ଜଣେ ସରଳ ନିରାଡ଼ମ୍ବର ବ୍ୟକ୍ତିତ୍ୱ-ସଂପନ୍ନ ଛାତ୍ରବତ୍ସଳ ଅଧ୍ୟାପକ ଭାବରେ ଜାନକୀବଲ୍ଲଭ ମହାନ୍ତି ସୁପରିଚିତ । ସେ ପୁରୀ ଜିଲ୍ଲା ନିମାପଡ଼ାର ଡଗରା ସାହିରେ ଜନ୍ମ । ସେ ପୁରୀ ଜିଲା ସ୍କୁଲରୁ ମାଟ୍ରିକ୍ ପାସ୍‌କରି ରେଭେନ୍‌ସା କଲେଜରେ ଏମ୍.ଏ. (ଓଡ଼ିଆ) ପଢ଼ିଥିଲେ । ୧୯୪୯ ମସିହାରୁ ଅଧ୍ୟାପକ ଜୀବନ ଆରମ୍ଭ । ରେଭେନ୍‌ସା କଲେଜ ଓଡ଼ିଆ ବିଭାଗ ପ୍ରଫେସର ଭାବରେ ଅବସର ଗ୍ରହଣ । ସେ ସାହିତ୍ୟ ସଂଗଠନ ସହ ସଂପୃକ୍ତ ହୋଇ ବାଲେଶ୍ୱର 'ଫକୀରମୋହନ ସାହିତ୍ୟ ପରିଷଦ'ର ସଭାପତି (୧୯୫୦-୫୫), ଉତ୍କଳ ସାହିତ୍ୟ ସମାଜର ସଂପାଦକ ଓ ସଭାପତି ଦାୟିତ୍ୱ ବହନ କରିଥିଲେ । ନିଜର ସ୍ମରଣୀୟ ସାହିତ୍ୟ କୃତିପାଇଁ ସେ ବହୁ ଅନୁଷ୍ଠାନଦ୍ୱାରା ସମ୍ମାନିତ ହୋଇଥିଲେ । ଜଣେ କବି, ସମାଲୋଚକ, ଅନୁବାଦକ, ସଂକଳକ ଓ କିଶୋର ସାହିତ୍ୟ ଲେଖକ ଭାବରେ ତାଙ୍କର ସୁଖ୍ୟାତି ରହିଛି । ଶତାଧିକ ଗ୍ରନ୍ଥର ସ୍ରଷ୍ଟା ସେ । ତାଙ୍କର କୃତି ମଧ୍ୟରୁ (କବିତା)- ତିର୍ଯ୍ୟକ୍, ଛୋଟରୁ ବଡ଼, ବିଚିତ୍ର ବର୍ଣ୍ଣ, (ସମାଲୋଚନା)- ଓଡ଼ିଆ ସାହିତ୍ୟ ପରିକ୍ରମା, ଓଡ଼ିଆ ଗୀତିକାବ୍ୟ, ଦିବ୍ୟ ଅଦିବ୍ୟ, କଳା ଓ କଳାକାର, ଆଧୁନିକ ଓଡ଼ିଆ ସାହିତ୍ୟ, (କିଶୋର ସାହିତ୍ୟ)- ଭାରତର ଗାଉଁଲି ଗଳ୍ପ, ଦରିଆପାରିର କାହାଣୀ ଆଦି ଉଲ୍ଲେଖନୀୟ ।

Digitized by srujan ka@gmail.com

ବିଦ୍ୟୁତପ୍ରଭା ଦେବୀ

୧୯୨୬ — ୧୯୭୭

ନାରୀକବିମାନଙ୍କ ମଧ୍ୟରେ ବିଦ୍ୟୁତ୍‌ପ୍ରଭା ଦେବୀ ଏକ ବିଶେଷ ସ୍ଥାନର ଅଧିକାରିଣୀ । ସେ ସାଂପ୍ରତିକ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଥାନା ଅନ୍ତର୍ଗତ ନାଟରା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ମାତ୍ର ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ ମଧ୍ୟ ସେ ଥିଲେ ବିଶେଷ ପ୍ରଜ୍ଞାର ଅଧିକାରିଣୀ । କବିତା, ଗଳ୍ପ ଓ ଉପନ୍ୟାସ ଥିଲା ତାଙ୍କ ସୃଜନ ପରିଧିର ଉପବନ । ତାଙ୍କ କାବ୍ୟ-କବିତାରେ ପଲ୍ଲୀ ଜୀବନର ଚିତ୍ର ଅତ୍ୟନ୍ତ ସ୍ପଷ୍ଟ ଓ ଜୀବନ୍ତ । ୧୯୪୪ ମସିହାରେ ପ୍ରକାଶିତ ପ୍ରଥମ କବିତା ସଂକଳନ 'ସବିତା' ଠାରୁ ଆରମ୍ଭକରି ୧୯୭୩ ମସିହାରେ ପ୍ରକାଶିତ 'ମାଟି ପାଣି ପବନ' ସଂକଳନ ପର୍ଯ୍ୟନ୍ତ ସବୁଗୁଡ଼ିକ ପଲ୍ଲୀ ଚିତ୍ରରେ ସମୃଦ୍ଧ । କେତେକ ଲେଖାରେ ନାରୀ ମନସ୍ତତ୍ତ୍ୱ ଓ ବିପ୍ଳବର ସ୍ୱର ଉତ୍କୀର୍ଣ୍ଣ । ତାଙ୍କ ରଚନାଗୁଡ଼ିକ ମଧ୍ୟରୁ- ମରୀଚିକା, ବିହାୟସୀ, ବନ୍ଦନିକା, ଶ୍ୱେତପଦ୍ମା, ଝରା ଶିଉଳି, ସ୍ୱପ୍ନଦ୍ୱୀପ, ନୂତନ ସ୍ୱାକ୍ଷର, କଲିକତା କୁଲି, କିରାନି ବଧୂ, ଅଶ୍ରୁବାଣୀ, ଆମେ ତ ମଣିଷ ଭାଇ, ଅଭାଗୀ ଲଳିତା, ବିଧା ଉପରେ ବିଧା ଆଦି ଗ୍ରନ୍ଥ ଉଲ୍ଲେଖନୀୟ । ତାଙ୍କର ଦୁଃଖଦ ଅକାଳ ବିୟୋଗ ସାହିତ୍ୟ ଜଗତରେ ବିରାଟ ଶୂନ୍ୟତା ସୃଷ୍ଟି କରିଥିଲା । ଖୁବ୍ ପ୍ରତିଭାସଂପନ୍ନ ସ୍ରଷ୍ଟା ଭାବରେ ଓଡ଼ିଆ ସାହିତ୍ୟର ସମାଲୋଚକମାନେ ତାଙ୍କୁ ସମ୍ମାନ ଦେଇ ଆସିଛନ୍ତି ।

Digitized by srujan ka@gmail.com

ଅଖିଳମୋହନ ପଟ୍ଟନାୟକ

୧୯୨୭ — ୧୯୯୪

ଜଣେ ସ୍ୱନାମଧନ୍ୟ ଆଇନଜୀବୀ ଓ କଥାକାର ଭାବରେ ଅଖିଳମୋହନ ପଟ୍ଟନାୟକ ସୁପରିଚିତ । ସେ ଅବିଭକ୍ତ ପୁରୀ ଜିଲ୍ଲାର ଖୋର୍ଦ୍ଧାଠାରେ ଜନ୍ମଗ୍ରହଣ କରିଥିଲେ । ମଧୁସୂଦନ ଆଇନ କଲେଜରୁ ଉତ୍ତୀର୍ଣ୍ଣ ହେବାପରେ ସେ ଆଇନ ବ୍ୟବସାୟ କରିବାକୁ ଶ୍ରେୟ ମନେ କରିଥିଲେ । ଜଣେ ବିଚକ୍ଷଣ ବକ୍ତା ଭାବରେ ଛାତ୍ର ଜୀବନରୁ ତାଙ୍କର ସୁନାମ ଥିଲା । ସେ ଅନେକ ସାହିତ୍ୟ, ସଂସ୍କୃତି ଓ ଜନହିତକର ଅନୁଷ୍ଠାନର ସକ୍ରିୟ ସଦସ୍ୟ ଥିଲେ । ନିଜର ଧୀ ଓ ଧୀଷଣା ପାଇଁ ସେ ବହୁ ଦେଶ ବିଦେଶ ଭ୍ରମଣ କରିବାର ସୁଯୋଗ ଲାଭ କରିଥିଲେ । ଜଣେ ଚିନ୍ତାଶୀଳ ସାହିତ୍ୟିକ ଭାବରେ ସେ ଅନେକ ପୁସ୍ତକର ରଚୟିତା । ତାଙ୍କର ସ୍ମରଣୀୟ କୃତି ମଧ୍ୟରୁ- 'ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର', 'ଓ ଅନ୍ଧଗଳି', 'ଅନାହତ ଫାଲ୍‌ଗୁନ', 'ନଦୀର ନାମ ଗଣତନ୍ତ୍ର', 'ପ୍ରଥମ ଓ ଶେଷ', 'ବାଘରାଣୀ ଖଇରୀ' ପ୍ରଭୃତି ଉଲ୍ଲେଖଯୋଗ୍ୟ । ତାଙ୍କର 'ଓ ଅନ୍ଧଗଳି' ଗଳ୍ପ ପୁସ୍ତକପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ । ଓଡ଼ିଆ ଗଳ୍ପ ସାହିତ୍ୟର ବିକାଶଧାରାରେ ଅଖିଳମୋହନଙ୍କ ଯୋଗଦାନ ଏକ ଉଲ୍ଲେଖନୀୟ ଘଟଣା । ଗଳ୍ପର କଥ୍ୟାଂଶ ଉପରେ ଗୁରୁତ୍ୱ ଆରୋପ କରିବା ତାଙ୍କର ଏକ ନିଜସ୍ୱ ଶୈଳୀ ।

Digitized by srujan ka@gmail.com

ଶୁକଦେବ ସାହୁ

୧୯୨୭ — ୧୯୯୪

ଜଣେ ଦାନଶୀଳ ଗୁଣୀ ପ୍ରକାଶକ ଏବଂ ଜନପ୍ରିୟ କଥାକାର ରୂପେ ଶୁକଦେବ ସାହୁ ସୁପରିଚିତ । କଟକ ଜିଲ୍ଲାର ଧୂମାତ୍ ଇନ୍ଦୁପୁରଠାରେ ତାଙ୍କର ଜନ୍ମ । ଜୀବନର ଉତ୍‌ଥାନ ପତନ ଭିତରେ ସେ ବହୁ ଅଞ୍ଚଳ ବୁଲିଥିଲେ ଏବଂ ବହୁ କର୍ମରେ ହାତ ଦେଇଥିଲେ । ଶେଷରେ ସାହିତ୍ୟ ସେବା ହୋଇଥିଲା ତାଙ୍କର ପରମ ବ୍ରତ । ସେ କେବଳ ଜଣେ କବି, ଗାଳ୍ପିକ, ଔପନ୍ୟାସିକ ବା ସଙ୍କଳକ ଭାବରେ ନିଜ କର୍ମକୁ ସୀମିତ ରଖି ନ ଥିଲେ । ଦକ୍ଷ ସଂଗଠକ ଭାବରେ ସେ ବହୁ ସାହିତ୍ୟିକ ତଥା ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ହୋଇପଡ଼ିଥିଲେ । ସେ 'ଉତ୍କଳ ସାହିତ୍ୟ ସମାଜ'ର ଉପ-ସଭାପତି ରୂପେ ଛଅ ବର୍ଷ ଦାୟିତ୍ୱ ବହନ କରିଥିଲେ । ଜଣେ ଉଚ୍ଚମାନର ପ୍ରକାଶକ ଭାବରେ ତାଙ୍କର ଖ୍ୟାତି ଅନେକ । ସାହିତ୍ୟିକ ଶୁକଦେବଙ୍କ କୃତିମାନଙ୍କ ମଧ୍ୟରୁ- 'ପ୍ରେମରାଗ', 'ନବ ଜନ୍ମ', 'ବିଦେଶ ବାହୁଡ଼ା', 'ମନ ହରିଣୀ କାନ୍ଦେ', 'ଗାଆଁ ମାଟି ଡାକେ', 'ଖସଡ଼ା ପଥରେ' ଓ 'ଉତ୍ତରାୟଣ' ଗ୍ରନ୍ଥ ବିଶେଷ ଉଲ୍ଲେଖଯୋଗ୍ୟ । ଏହା ବ୍ୟତୀତ ସେ ବହୁ ଅନୁଷ୍ଠାନର ପରିଚାଳନାରେ ଆର୍ଥିକ ଓ ମାନସିକ ସହାୟତା ପ୍ରଦାନ କରୁଥିଲେ । ଜଣେ ଜନପ୍ରିୟ କଥାଶିଳ୍ପୀ ଭାବରେ ତାଙ୍କର ଖ୍ୟାତି ଅନେକ । ଦରଦୀ ବନ୍ଧୁ ରୂପେ ସାହିତ୍ୟିକ ମହଲରେ ସେ ଖୁବ୍ ପରିଚିତ ।

Digitized by srujan ka@gmail.com

ବିଚିତ୍ରାନନ୍ଦ କର

୧୯୨୮ — ୧୯୮୭

ବିଚିତ୍ରାନନ୍ଦ କର ଥିଲେ ବିଶିଷ୍ଟ ସାହିତ୍ୟିକ ତଥା ସାମ୍ବାଦିକ ବାଳକୃଷ୍ଣ କରଙ୍କ ଯଥାର୍ଥ ଉତ୍ତରଦାୟାଦ ଓ ସୁପୁତ୍ର । ସେ କଟକ ଜିଲ୍ଲାର ସାଲେପୁର ଥାନାସ୍ଥ ନିଜ ପୈତୃକ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । କୈଶୋର ଓ ଯୌବନ କାଳ ବିତିଥିଲା କଟକ ସହରସ୍ଥ ଦରଘା ବଜାରରେ ଥିବା ତାଙ୍କ ନିଜ ଘରେ । ରେଭେନ୍‌ସା କଲେଜରୁ ଓଡ଼ିଆରେ ଏମ୍.ଏ. ପାସ୍ କରିବାପରେ ପିତାଙ୍କ ପାଖରେ ରହି ସାମ୍ବାଦିକତା ଓ ସାହିତ୍ୟ ସେବା ସେ ଆରମ୍ଭ କରିଥିଲେ । ଦୈନିକ 'ମାତୃଭୂମି' ପତ୍ରିକାର ସହ-ସଂପାଦକ, ଯୁଗ୍ମ ସଂପାଦକ ଓ ପରେ ସଂପାଦକ ଦାୟିତ୍ୱ ଗ୍ରହଣକରି ସେ ନିର୍ଭୀକ ଓ ନିରପେକ୍ଷ ଲେଖନୀ ଚାଳନା କରିଥିଲେ । ସେ ମାସିକ ସାହିତ୍ୟ ପତ୍ରିକା 'ସହକାର'ର ଥିଲେ ସୁଯୋଗ୍ୟ ସଂପାଦକ । ସେ ସାରସ୍ୱତ ଅଭିନନ୍ଦନ ଉତ୍ସବ 'ମକର ମିଳନ' ଆରମ୍ଭ କରିଥିଲେ । ବିଚିତ୍ରାନନ୍ଦ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ । ସେ 'ଉତ୍କଳ ସାହିତ୍ୟ ସମାଜ' ସହିତ ନିବିଡ଼ ଭାବେ ସଂପୃକ୍ତ ଥିଲେ ଓ ଏହାର ସଭାପତି ପଦ ଗ୍ରହଣ କରିଥିଲେ । ସେ ଅନେକ ସାହିତ୍ୟିକ ତଥା ସାଂସ୍କୃତିକ ଅନୁଷ୍ଠାନ ସହ ସଂପୃକ୍ତ ଥିଲେ । ସାହିତ୍ୟିକ ସହୃଦୟତା ମାଧ୍ୟମରେ ସେ ସମଧର୍ମୀ ସୃଜନଶିଳ୍ପୀମାନଙ୍କୁ ଆପଣାର କରିପାରୁଥିଲେ । ସେ ସ୍ୱଦେଶୀ ଆନ୍ଦୋଳନର ସମର୍ଥନକାରୀ ବ୍ୟକ୍ତି ।

Digitized by srujan ka@gmail.com

ନଗେନ ବେଉରିଆ

୧୯୨୮ — ୧୯୯୫

ସାମ୍ବାଦିକତା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ନଗେନ୍ ବେଉରିଆ ସାହିତ୍ୟ ଜଗତରେ ନିଜ ଯଶସ୍ୱୀ ଲେଖନୀର ପଦାଙ୍କ ଛାଡ଼ି ଯାଇଛନ୍ତି । ସେ ଯାଜପୁର ଜିଲ୍ଲାର ମଣିନାଥପୁରଠାରେ ଜନ୍ମ । ପିତା- ରଘୁନାଥ ବେଉରିଆ; ମାତା- ସତ୍ୟଭାମା ବେଉରିଆ । ଆନୁଷ୍ଠାନିକ ଶିକ୍ଷା ପରେ ସେ 'ପ୍ରଜାତନ୍ତ୍ର ପ୍ରଚାର ସମିତି'ରେ ସାମ୍ବାଦିକ କର୍ମରେ ଯୋଗ ଦେଇଥିଲେ । ସାମ୍ବାଦିକତା ପାଇଁ ସେ ବିଧିବଦ୍ଧ ଶିକ୍ଷା ଲାଭ କରି ନ ଥିଲେ ମଧ୍ୟ ଲବ୍ଧ-ଅନୁଭୂତି ତାଙ୍କୁ ଜଣେ ବିଚକ୍ଷଣ ସାମ୍ବାଦିକ କରିପାରିଥିଲା । ସ୍ତମ୍ଭକାର ଭାବରେ ତାଙ୍କର ତିର୍ଯ୍ୟକ୍ ଦୃଷ୍ଟିଭଙ୍ଗୀ ସମସ୍ତଙ୍କୁ ଚମତ୍କୃତ କରିପାରିଥିଲା । ସେ ଗାଳ୍ପିକ ଓ ଔପନ୍ୟାସିକ ଭାବରେ ଖ୍ୟାତିଲାଭ କରିଥିଲେ ବି ଅନୁବାଦକ ରୂପେ ସେ ବେଶ୍ ପରିଚିତ । ତାଙ୍କ ବକ୍ତବ୍ୟ ଖୁବ୍ ସ୍ୱଚ୍ଛ ଓ ଭାବଗର୍ଭକ । ତାଙ୍କର ବହୁଚର୍ଚ୍ଚିତ କୃତି ମଧ୍ୟରୁ 'ଧୂଳି ଧୂସରିତ ଧରଣୀ', 'ଅସତୀ ସୀତା' ବିଶେଷ ଉଲ୍ଲେଖଯୋଗ୍ୟ । ସାମୟିକ ଭାବେ ଦୈନିକ ପତ୍ରିକାରେ ପ୍ରକାଶ ପାଇଥିବା ତାଙ୍କର ଲେଖାଗୁଡ଼ିକର ସଂଗୃହୀତ ରୂପ ପ୍ରକାଶ ପାଇବା ଏକାନ୍ତ ଆବଶ୍ୟକ । ସେ ଦୀର୍ଘକାଳ 'ଉତ୍କଳ ସାହିତ୍ୟ ସମାଜ'ର କାର୍ଯ୍ୟ ପରିଚାଳନା ସହିତ ଜଡ଼ିତରହି ସାଙ୍ଗଠନିକ ଦକ୍ଷତା ପ୍ରଦର୍ଶନ କରିଯାଇଛନ୍ତି ।

Digitized by srujan ka@gmail.com

ଡାକ୍ତର ବସନ୍ତକୁମାର ମହାପାତ୍ର

୧୯୩୦ — ୧୯୯୧

ଭଦ୍ରକ ଜିଲ୍ଲାର ପୁରୁଣା ବଜାର ବାବୁସାହିରେ ଡାକ୍ତର ବସନ୍ତକୁମାର ମହାପାତ୍ରଙ୍କ ଜନ୍ମ । ପିତା- ବୈଷ୍ଣବ ଚରଣ ମହାପାତ୍ର: ମାତା- ଇନ୍ଦୁମତୀ ଦେବୀ । ପିତା ହାଇସ୍କୁଲ ଶିକ୍ଷକ ଥିବାରୁ ବାଲ୍ୟଶିକ୍ଷା ଖୁବ୍ ଯତ୍ନରେ ଶେଷ ହୋଇଥିଲା । ୧୯୪୭ ମସିହାରେ ମାଟ୍ରିକ୍ ପାସ୍‌କରି କଲିକତାର ବଙ୍ଗବାସୀ କଲେଜରେ ଆଇ.ଏସ୍‌ସି. ପଢ଼ିଥିଲେ ସେ ଏବଂ ୧୯୫୦ ମସିହାରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଡାକ୍ତରୀ ଶିକ୍ଷା ଆରମ୍ଭ କରିଥିଲେ । ବସନ୍ତକୁମାରଙ୍କର ୧୯୫୮ରୁ ଜୀବନର ପେସା ହୋଇଥିଲା ଡାକ୍ତରୀ, ମାତ୍ର ଜୀବନର ପ୍ରଚଣ୍ଡ ନିଶା ଥିଲା ନାଟକ ରଚନା । ତାଙ୍କ ସାଂସ୍କୃତିକ ଜୀବନଧାରା ଓ କଳାପ୍ରେମ ବଡ଼ ବିଚିତ୍ର । ସେ ଏକାଧାରରେ କବି, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ଅଭିନେତା, ନିର୍ଦ୍ଦେଶକ, ଗୀତିକାର ଓ ଚିତ୍ରନାଟ୍ୟ ଲେଖକ । ରାଶି ରାଶି ଚଳଚ୍ଚିତ୍ରର କାହାଣୀ ଓ ସଂଳାପ ରଚନାକରି ସେ ଓଡ଼ିଶୀ କଳାକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ଦେଇଯାଇଛନ୍ତି । ତାଙ୍କର ଜନପ୍ରିୟ ନାଟକ ମଧ୍ୟରୁ 'ଝରା ବଉଳ', 'ସୂର୍ଯ୍ୟସ୍ନାନ', 'ପାଷାଣ କାବ୍ୟ', 'କାକ ଜ୍ୟୋସ୍ନା', 'ମୋନାଲିସାର ହସ', 'କାଚଘର', 'ମୁକ୍ତି ମଶାଲ', 'ଶେଷ ଶ୍ରାବଣ', 'ଜ୍ୱାଳା', 'ନାଲିପାନ ରାଣୀ କଳାପାନ ଟୀକା', 'ଶୃଙ୍ଗାର ଶତକ' ଆଦି ଉଲ୍ଲେଖନୀୟ । ଓଡ଼ିଆ ନାଟ୍ୟ-ସାହିତ୍ୟ କ୍ଷେତ୍ରରେ ସେ ଏକ ସ୍ୱତନ୍ତ୍ର ଆସନର ଅଧିକାରୀ ।

Digitized by srujan ka@gmail.com

ଦେବେନ୍ଦ୍ର ମହାନ୍ତି

୧୯୩୦ — ୧୯୯୧

ଦେବେନ୍ଦ୍ର ମହାନ୍ତି ଓଡ଼ିଆ ସାହିତ୍ୟର ଜଣେ ଲବ୍ଧପ୍ରତିଷ୍ଠ ସମାଲୋଚକ, ପ୍ରାବନ୍ଧିକ ଓ ସୁସାହିତ୍ୟିକ । ଅବିଭକ୍ତ କଟକ ଜିଲ୍ଲା (ବର୍ତ୍ତମାନ ଜଗତ୍‌ସିଂହପୁର ଜିଲ୍ଲା)ର ରାହାମାରେ ତାଙ୍କର ଜନ୍ମ । ମେଧାବୀ ଛାତ୍ର ରୂପେ ସେ ରେଭେନ୍‌ସା କଲେଜରୁ କୃତିତ୍ୱର ସହ ଓଡ଼ିଆରେ ଏମ୍.ଏ. ପାସ୍ କରିଥିଲେ । ତାଙ୍କର କର୍ମମୟ ଜୀବନ ଆରମ୍ଭ ହୋଇଥିଲା କଟକ ଖ୍ରୀଷ୍ଟ କଲେଜର ଅଧ୍ୟାପକ ଭାବେ । ଏହି କଲେଜରେ ଦୀର୍ଘ କାଳ ଅଧ୍ୟାପନା କରିବାପରେ ଏଠାରେ ସେ ଅଧ୍ୟକ୍ଷ ରୂପେ ନିଯୁକ୍ତ ହୋଇଥିଲେ । ଏହି ସମୟରେ ସେ ନିଜର ପ୍ରଶାସନିକ ଦକ୍ଷତା ପ୍ରଦର୍ଶନ କରିଥିଲେ । ଜଣେ ଛାତ୍ରବତ୍ସଳ ସ୍ନେହୀ ଅଧ୍ୟାପକ ରୂପେ ତାଙ୍କ ଖ୍ୟାତି ସୁବିଦିତ । ଅଧ୍ୟକ୍ଷ ପଦରୁ ଅବ୍ୟାହତି ନେବାପରେ ତାଙ୍କ ସାହିତ୍ୟିକ କାର୍ଯ୍ୟକଳାପ ଅଧିକ ସକ୍ରିୟ ହୋଇଥିଲା । ସେ ଥିଲେ ପ୍ରାଚୀନ ଓ ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ ସମାଲୋଚକ । ତାଙ୍କ କୃତି ମଧ୍ୟରୁ 'ପଞ୍ଚସଖା ସାହିତ୍ୟ', 'ପ୍ରାଚୀନ ସାହିତ୍ୟ', 'ଆଧୁନିକ ସାହିତ୍ୟ ସନ୍ଦର୍ଶନ', 'ଯୁଗଜ୍ୟୋତି ରାଧାନାଥ', 'ଓଡ଼ିଆ ସାହିତ୍ୟର ଗତି ଓ ପ୍ରକୃତି', 'ଓଡ଼ିଆ ଭାଷା ଓ ସାହିତ୍ୟ' ପ୍ରଭୃତି ଉଲ୍ଲେଖଯୋଗ୍ୟ । ଡଃ ମହାନ୍ତିଙ୍କ ଭାଷା ସରଳ, ଶୈଳୀ ହୃଦୟଗ୍ରାହୀ । ତାଙ୍କ ଆଲୋଚନା ଧାରାର ସ୍ୱାତନ୍ତ୍ର୍ୟପାଇଁ ସେ ପାଠକ ମହଲରେ ଖୁବ୍ ଜନପ୍ରିୟ ।

Digitized by srujan ka@gmail.com

ସୁଧାଂଶୁମୋହନ ରାଉତରାୟ

୧୯୩୨ — ୧୯୯୧

ସୁଧାଂଶୁମୋହନ ରାଉତରାୟ ଜଣେ ସ୍ନେହୀ, ବନ୍ଧୁବତ୍ସଳ ତଥା ରୁଚିସଂପନ୍ନ ବ୍ୟକ୍ତି । ଦକ୍ଷ ପ୍ରଶାସକ ଭାବରେ ତାଙ୍କର ଖ୍ୟାତି ଅନେକ । କଟକ ସହରରେ ଭଗତପୁରଠାରେ ତାଙ୍କର ପୈତୃକ ନିବାସ । ଆନୁଷ୍ଠାନିକ ଶିକ୍ଷା ରେଭେନ୍ସା କଲେଜରୁ ଶେଷକରି ସେ ଓଡ଼ିଶା ସରକାରଙ୍କ ଅଧୀନରେ ପ୍ରଶାସନିକ କର୍ମରେ ନିଯୁକ୍ତ ହୋଇଥିଲେ । ଛାତ୍ର ଜୀବନରୁ ସାହିତ୍ୟ ଓ ସଂସ୍କୃତି ପ୍ରତି ତାଙ୍କର ପ୍ରବଳ ନିଷ୍ଠା ରହି ଆସିଥିଲା । ପ୍ରାୟ ଅଧିକାଂଶ ପତ୍ର-ପତ୍ରିକାରେ ତାଙ୍କ କବିତା ପ୍ରକାଶିତ । ସୁଧାଂଶୁମୋହନ ଥିଲେ ଜଣେ ବଦାନ୍ୟ ଶିକ୍ଷାପ୍ରେମୀ ବ୍ୟକ୍ତି । ସେ ନିଜ ପତ୍ନୀ ପ୍ରଭାଦେବୀଙ୍କ ନାମରେ କେତେକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ଯାଇଛନ୍ତି । ତାଙ୍କର କାବ୍ୟ-ମାନସ ବୌଦ୍ଧିକ ଚେତନାରେ ଭାରାକ୍ରାନ୍ତ ନ ହୋଇ ସୁଖବୋଧ ଓ ଭାବଗର୍ଭକ ହୋଇଥିବା ଲକ୍ଷ୍ୟ କରାଯାଏ । ପ୍ରକାଶିତ କବିତା ଗ୍ରନ୍ଥ ମଧ୍ୟରେ 'ପକ୍ଷହୀନ କପୋତ', 'ସଂଜ ସକାଳ' ଓ 'ତୁମ ପାଇଁ' ବିଶେଷ ଜନପ୍ରିୟ । ଏକ ବିଦଗ୍ଧ କାବ୍ୟ-ଚେତନାର ବାର୍ତ୍ତାବହ ସୁଧାଂଶୁମୋହନ ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ଆସନ ଦାବି କରନ୍ତି । ତାଙ୍କ ସାହିତ୍ୟିକ ବ୍ୟକ୍ତିତ୍ୱ ଆକର୍ଷଣୀୟ ।

Digitized by srujan ka@gmail.com

ମୁରାରିମୋହନ ଜେନା

୧୯୩୨ — ୧୯୯୪

ଜେନାକବି ମୁରାରିମୋହନ ଜଣେ ବିଦ୍ରୋହୀ କାବ୍ୟ-ପୁରୁଷ ରୂପେ ସୁପରିଚିତ । ଉଭୟ ଆଚରଣ ଓ ଉଚ୍ଚାରଣରେ ତାଙ୍କର ଆଗ୍ନେୟ ଝଲକ ବିଚ୍ଛୁରିତ ହେଉଥିଲା । କଟକ ସହରସ୍ଥ ଭଗତପୁରରେ ତାଙ୍କର ଜନ୍ମ । ରେଭେନ୍‌ସା କଲେଜରୁ ଓଡ଼ିଆରେ ଏମ୍.ଏ. ପାସ୍ କରିବା ପରେ ସେ କଲିକତା ଯାଇ ଡି.ଏସ୍.ଡବ୍ଲ୍ୟୁ ଶିକ୍ଷା ଲାଭ କରିଥିଲେ । ଓଡ଼ିଶା ସରକାରଙ୍କ ଅଧୀନରେ ଶ୍ରମ ଅଫିସର ଭାବେ ୧୯୫୬ ମସିହାରୁ କାର୍ଯ୍ୟକରି ଉପ-ଶ୍ରମ କମିଶନର ପଦବୀରେ ଅଧିଷ୍ଠିତ ହୋଇ ସେ ଅବସର ଗ୍ରହଣ କରିଥିଲେ । ସାମାଜିକ, ସାଂସ୍କୃତିକ ଓ ସାହିତ୍ୟିକ କାର୍ଯ୍ୟକଳାପରେ ସର୍ବଦା ଜଡ଼ିତ ହୋଇ ରହିବାକୁ ସେ ଖୁବ୍ ଭଲ ପାଉଥିଲେ । ସେ 'ଉତ୍କଳ ସାହିତ୍ୟ ସମାଜ'ର ସଂଗଠନ ସଂପାଦକ ଓ ସାଧାରଣ ସଂପାଦକ ରୂପେ ଦୀର୍ଘ ବାରବର୍ଷ କାଳ କାର୍ଯ୍ୟ କରିଥିଲେ । କଟକ ରାମଲୀଳା ପ୍ରଚାର ସମିତିର ସଭାପତି ରୂପେ ସେ ବହୁବର୍ଷ ଦାୟିତ୍ୱ ଗ୍ରହଣ କରିଥିଲେ । ଜେନାକବି ଅନେକ ସାଂସ୍କୃତିକ ତଥା ସାହିତ୍ୟିକ ଅନୁଷ୍ଠାନର ପ୍ରତିଷ୍ଠାତା । ସେ ବହୁ ଅନୁଷ୍ଠାନଦ୍ୱାରା ସମ୍ମାନିତ । ଜଣେ କବି, ସମାଲୋଚକ ଓ ବାଗ୍ମୀ ରୂପେ ତାଙ୍କ ଖ୍ୟାତି ସୁବିଦିତ । ତାଙ୍କର କୃତି ୮୦ ଖଣ୍ଡରୁ ଊର୍ଦ୍ଧ୍ୱ ଗ୍ରନ୍ଥ ବେଶ୍ ଜନପ୍ରିୟ । ତାଙ୍କ ପ୍ରତିଟି ଗ୍ରନ୍ଥର ନାମକରଣରେ ବୈଚିତ୍ର୍ୟ ପରିଲକ୍ଷିତ ହୁଏ ।

Digitized by srujan ka@gmail.com

ପ୍ରଦ୍ୟୁମ୍ନ କିଶୋର ବଳ

୧୯୩୨ — ୧୯୯୯

ଓଡ଼ିଶାର ସାମ୍ବାଦିକତା, ରାଜନୀତି, ସାହିତ୍ୟ, ସଂସ୍କୃତି ଓ ସମାଜ ସେବା କ୍ଷେତ୍ରରେ ପ୍ରଦ୍ୟୁମ୍ନ କିଶୋର ବଳ ଏକ ବହୁଚର୍ଚ୍ଚିତ ନାମ । ଜନ୍ମ- କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳର କୁସୁପୁର ଗ୍ରାମରେ । ଉଚ୍ଚଶିକ୍ଷା ଲାଭକରି ସମାଜ ସେବା କ୍ଷେତ୍ରରେ ପାଦ ଦେଲା ବେଳକୁ ତାଙ୍କ ବ୍ୟକ୍ତିତ୍ୱର ସ୍ୱତନ୍ତ୍ର ପରିଚୟ ଗଢ଼ି ଉଠିଥିଲା । ରାଜନୀତିକୁ ସମାଜ ସେବାର ପବିତ୍ର ଯଜ୍ଞଭୂମି ମନେକରି ଆଗେଇ ଗଲାବେଳେ ତାଙ୍କୁ 'ତରୁଣ-ତୁର୍କ' ଆଖ୍ୟା ଦିଆଯାଇଥିଲା । କଂଗ୍ରେସର ଦଳୀୟ ରାଜନୀତିରେ ତାଙ୍କ ପଦାଙ୍କ ବେଶ୍ ସ୍ପଷ୍ଟ ହୋଇ ଉଠିଥିଲା । ମାତ୍ର ପରବର୍ତ୍ତୀ କାଳର ଆବିଳ ବର୍ତ୍ତନୀ ତାଙ୍କୁ ଏ କ୍ଷେତ୍ରରେ ବିମୁଖ କରିଥିଲା । ସେ ସାମ୍ବାଦିକତାକୁ ଦୃଢ଼ ଆୟୁଧ ରୂପେ ବ୍ୟବହାର କରିଥିଲେ । ପ୍ରଗତିବାଦୀ (ପ୍ରଥମେ ସାପ୍ତାହିକ, ପରେ ଦୈନିକ)ର ସେ ପ୍ରତିଷ୍ଠାତା ସଂପାଦକ । ଭିନ୍ନ ରୁଚିର ପତ୍ରିକା ଭାବରେ ଏହାର ସ୍ୱତନ୍ତ୍ର ଚାହିଦା ସେ ବୃଦ୍ଧି କରିଥିଲେ । ଜଣେ ସମର୍ଥ ପ୍ରାବନ୍ଧିକ ଭାବରେ ପ୍ରଦ୍ୟୁମ୍ନ କିଶୋରଙ୍କ ଭୂମିକା ଅବିସ୍ମରଣୀୟ । ତାଙ୍କର ବହୁଚର୍ଚ୍ଚିତ ଗ୍ରନ୍ଥଗୁଡ଼ିକ ହେଲା- ''ସ୍ୱପ୍ନର ଓଡ଼ିଶା, ଜୀବନ ଚର୍ଯ୍ୟା, ପ୍ରଥମ ବିଶ୍ୱ ଓ ଅନ୍ୟ ପୃଥିବୀ'' । ଦୈନିକ ପତ୍ରିକାରେ ସ୍ତମ୍ଭାକାରରେ ପ୍ରକାଶିତ ଲେଖାକୁ ସାହିତ୍ୟିକ ମର୍ଯ୍ୟାଦା ପ୍ରଦାନ ଦିଗରେ ତାଙ୍କର ଭୂମିକା ସ୍ମରଣୀୟ ।

Digitized by srujan ka@gmail.com

କୃଷ୍ଣପ୍ରସାଦ ମିଶ୍ର

୧୯୩୩ — ୧୯୯୪

ଆଧୁନିକ ଓଡ଼ିଆ କଥା-ସାହିତ୍ୟ ଜଗତର ଅନ୍ୟତମ ଉଜ୍ଜ୍ୱଳ ପ୍ରତିଭା କୃଷ୍ଣପ୍ରସାଦ ମିଶ୍ର ଥିଲେ ଜଣେ ଖ୍ୟାତନାମା ଦର୍ଶନ ପ୍ରଫେସର । ସେ ନିଜ ମାମୁ ଘରେ ଅର୍ଥାତ୍ ଗଞ୍ଜାମର ବ୍ରହ୍ମପୁର ସହରରେ ଜନ୍ମ ଗ୍ରହଣ କରିଥିଲେ ମଧ ତାଙ୍କ ବାଲ୍ୟକାଳ କଟିଥିଲା ବାଣପୁରର ନରହରିପୁର ଶାସନରେ । ତା'ପରେ ବାପା ଅନନ୍ତ ମିଶ୍ରଙ୍କ ସାଙ୍ଗରେ ଆସି କଟକ ପ୍ୟାରୀମୋହନ ଏକାଡେମୀ ଓ ପରେ ରେଭେନ୍ସା କଲେଜରେ ଅଧ୍ୟୟନ କରିଥିଲେ । ବି.ଏ. ଅନର୍ସରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଉତ୍ତୀର୍ଣ୍ଣ ହୋଇଥିଲେ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ସେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଏମ୍.ଏ. ପାସ୍ କରିଥିଲେ । ଓଡ଼ିଶା ଶିକ୍ଷାସେବାରେ ଯୋଗଦାନ କରି ଅଧ୍ୟାପନା କର୍ମ କରିବା ସମୟରେ ରାଜ୍ୟଗୋଷ୍ଠୀ ବୃତ୍ତିପାଇ କାନାଡ଼ାର ଟରେଣ୍ଟୋ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଅଧ୍ୟୟନ କରି 'ଡକ୍ଟର' ଉପାଧି ଲାଭ କରିଥିଲେ । ୧୯୬୩ ମସିହାରୁ ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଯୋଗଦେଇ ବିଭିନ୍ନ ପଦବୀରେ ରହି ଅବସର ଗ୍ରହଣ କରିଥିଲେ । ସେ ଜଣେ ପ୍ରତିଷ୍ଠିତ ଗାଳ୍ପିକ, ଉପନ୍ୟାସକାର ଓ ଭ୍ରମଣ-କାହାଣୀ ଲେଖକ । ତାଙ୍କର କୃତି- ''ମୌନାବତୀ ରାତ୍ରି, କ୍ରୀତଦାସୀର କାବ୍ୟ, ନାଏଗ୍ରା ଓ ଦେବଯାନୀ, ଅରଣ୍ୟ ଓ ଉପବନ, ଭୃଗୁ ସଂହିତା, ଚିତ୍ରିତ ଚାଦର, କାନାଡ଼ା ଡାଏରୀ, ସିଂହକଟୀ ଓ ନେପଥ୍ୟେ'' ।

Digitized by srujan ka@gmail.com

ରବି ପଟ୍ଟନାୟକ

୧୯୩୫ — ୧୯୯୧

ଓଡ଼ିଆ ସାହିତ୍ୟକୁ ରବି ପଟ୍ଟନାୟକଙ୍କ ଅବଦାନ ଅବିସ୍ମରଣୀୟ । ତାଙ୍କର ଉପସ୍ଥାପନାଗତ ଦୃଷ୍ଟିକୋଣ ଓ କାହାଣୀ ଚୟନର ପରିଧି ଅତ୍ୟାଧୁନିକ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଅନନ୍ୟ । ରବି ପଟ୍ଟନାୟକଙ୍କର ଜନ୍ମ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ । ଜଣେ ମେଧାବୀ ଛାତ୍ର ହିସାବରେ କୃତିତ୍ୱ ପ୍ରଦର୍ଶନ କରି ଜୀବନର ପ୍ରଥମ ପାହାଚକୁ ସେ ଉଚ୍ଚକିତ କରିଥିଲେ । ବୃତ୍ତିରେ ସେ ଜଣେ ଦକ୍ଷ ସୁଖ୍ୟାତି-ସଂପନ୍ନ ଭୂତତ୍ତ୍ୱବିଦ୍ । ସେଥିପାଇଁ ତାଙ୍କୁ ଓଡ଼ିଶା ଓ ଓଡ଼ିଶା ବାହାର ପ୍ରଦେଶରେ କର୍ମ ସଂପାଦନ କରିବାକୁ ପଡ଼ିଥିଲା । ଜୀବନରେ ଲବ୍ଧ ଅନୁଭୂତିକୁ କଳାତ୍ମକ ଢଙ୍ଗରେ ସେ ତାଙ୍କ ଗଳ୍ପମାନଙ୍କରେ ପରିସ୍ଫୁଟ କରିଯାଇଛନ୍ତି । ତାଙ୍କ ଗଳ୍ପ-ରାଜ୍ୟରେ ମନସ୍ତାତ୍ତ୍ୱିକ, ଦାର୍ଶନିକ ଓ ସାମାଜିକ ଭାବବୋଧର ଚମତ୍କାର ପରିପ୍ରକାଶ ଦେଖାଯାଏ । ନିଜର ଗଳ୍ପ କୃତିପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ କେନ୍ଦ୍ର ସାହିତ୍ୟ ଏକାଡେମୀଦ୍ୱାରା ପୁରସ୍କୃତ । ତାଙ୍କର ସ୍ମରଣୀୟ କୃତି ମଧ୍ୟରୁ ''ଅନ୍ଧଗଳିର ଅନ୍ଧକାର, ହିରଣ୍ୟଗର୍ଭ, ଅସାମାଜିକର ଡାଏରୀ, ରାଗତୋଡ଼ି, ବିଷୁବରେଖା, ବନ୍ଧ୍ୟା ଗାନ୍ଧାରୀ, ମେଘ ମହ୍ଲାର ଓ ଅବିନଶ୍ୱର'' ଆଦି ଉଲ୍ଲେଖଯୋଗ୍ୟ । ତାଙ୍କର ଉଲ୍ଲେଖନୀୟ ସାରସ୍ୱତ ସାଧନାପାଇଁ ମରଣୋତ୍ତର କାଳରେ ସାରଳା ସମ୍ମାନ ପ୍ରଦାନ କରାଯାଇଥିଲା ।

Digitized by srujan ka@gmail.com

କ୍ଷେତ୍ରବାସୀ ନାୟକ

୧୯୪୦ — ୧୯୮୬

ସାରସ୍ୱତ ସାଧକ କ୍ଷେତ୍ରବାସୀ ନାୟକ ଜଣେ ଅମାୟିକ ନିରଳସ ବ୍ୟକ୍ତି । ତାଙ୍କର ଜନ୍ମସ୍ଥାନ ଭଦ୍ରକ । ପିତା- ମାଗୁଣି ଚରଣ ନାୟକ; ମାତା- ଶୁକ ଦେଇ । ଆବାଲ୍ୟ ମାତୃହରା । ସେ ଭଦ୍ରକ କଲେଜରୁ ବି.ଏ. ପାସ୍‌କରି ଉଚ୍ଚତର ଶିକ୍ଷାପାଇଁ କଟକ ଆସିଥିଲେ । ରେଭେନ୍‌ସା କଲେଜରୁ ୧୯୬୩ ମସିହାରେ ଓଡ଼ିଆ ଏମ୍.ଏ. ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ତା'ପରେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅଧ୍ୟାପନା ବୃତ୍ତିକୁ ଆଦରି ନେଇଥିଲେ । ସେ ଖୁବ୍ ମେଳାପୀ ଓ ବନ୍ଧୁବତ୍ସଳ । ଛାତ୍ରାବସ୍ଥାରୁ ତାଙ୍କ ସାରସ୍ୱତ ପ୍ରୀତିର ସୂଚନା ମିଳିଥିଲା । ସେ ଜଣେ ସଫଳ ଲେଖକ, ଅଧ୍ୟାପକ, ସଂପାଦକ ଓ ସଂଗଠକ । 'ଗବେଷଣା ପରିଷଦ' ତାଙ୍କ ସ୍ୱପ୍ନର ଏକ ସଫଳ ରୂପ । ଜଣେ ନିଷ୍ଠାପର ଗବେଷକ ଓ ପ୍ରାବନ୍ଧିକ ଭାବରେ ତାଙ୍କର ସୁଖ୍ୟାତି ରହିଛି । କବିତା ଓ ଗଳ୍ପ ତାଙ୍କ ଖିଆଲି ମନର ସ୍ୱାକ୍ଷର । ତାଙ୍କ ଯଶମଣ୍ଡିତ କୃତି ମଧ୍ୟରୁ- ''ଫୁଲର କବର (ଗଳ୍ପ), ଉଚ୍ଚାରଣ (କବିତା), ସାହିତ୍ୟର ସାମାନ୍ୟକଥନ, ସାହିତ୍ୟିକ ବୀକ୍ଷା ଓ ନିରୀକ୍ଷା, କବି ନୀଳକଣ୍ଠ, କବି ଅର୍ଜୁନ ଦାସ, ନାରୀକବି ଅନ୍ନପୂର୍ଣ୍ଣା, ସାହିତ୍ୟ ଚର୍ଚ୍ଚା ଓ ଆଧୁନିକ ଓଡ଼ିଆ କାବ୍ୟ-ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ'' ଗ୍ରନ୍ଥ ଉଲ୍ଲେଖନୀୟ । ତାଙ୍କର ଅକାଳବିୟୋଗ ଓଡ଼ିଆ ସାହିତ୍ୟର ଅପୂରଣୀୟ କ୍ଷତି ଘଟାଇଲା ।

Digitized by srujan ka@gmail.com

ଓଡ଼ିଶାର ପ୍ରାୟ ଅଧିକାଂଶ ସାରସ୍ୱତ ସାଧକ ଓ ବରପୁତ୍ରଙ୍କ ତୈଳଚିତ୍ର ଉତ୍କଳ ସାହିତ୍ୟ ସମାଜର ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ସ୍ଥାନିତ । ସେମାନଙ୍କର ପରିଚୟାତ୍ମକ ବିବରଣୀ, ଜୀବନାଦର୍ଶ ଓ ଅବଦାନ ସଂପର୍କରେ ଚିତ୍ରପଟ ସହ ପ୍ରକାଶ କରିବା ଏକ ଅଭିନବ ପ୍ରୟାସ । ଓଡ଼ିଶାରେ ଏଭଳି ପ୍ରଚେଷ୍ଟା ବିରଳ । ସୀମିତ କଳେବର ଭିତରେ ସାମଗ୍ରିକ ବିଭବର ଉପସ୍ଥାପନା ନିଶ୍ଚିତ ଭାବେ ଅଭିନନ୍ଦନୀୟ । ଆମ ସାଂସ୍କୃତିକ ଓ ସାହିତ୍ୟିକ ବିଭୂତିର ଏହି ଚମତ୍କାର ପରିପ୍ରକାଶ ଜାତୀୟ ଗୌରବର ଏକ ସମାବିଷ୍ଟ ରୂପ ।

ଏହି ଗ୍ରନ୍ଥର ସଂପାଦକ ତଥା ସଂଗ୍ରାହକ ଡକ୍ଟର ରତ୍ନାକର ଚଇନି ଜଣେ ସୁଦକ୍ଷ ଅଧ୍ୟାପକ ଓ ସୁସାହିତ୍ୟିକ । ସଂପ୍ରତି ସେ ଜାତୀୟ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ'ର ସଭାପତି ।

ବିଦ୍ୟାପୁରୀ

Digitized by srujan ka@gmail.com